ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୦/୨୦୨୫ (୧୮ ପୃଷ୍ଠା) Bhubaneswar, Friday, January 10/2025 Page 18 ₹ 7.00
୫୧ଶ ଭାଗ ୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 48 ମୂଲ୍ୟ ₹୭/-


DADLS-84

18वां प्रवासी भारतीय दिवस
18TH PRAVASI BHARATIYA DIVAS
8th-10th January 2025
विकसित भारत की संकल्पना में प्रवासी भारतीयों का योगदान
DIASPORA'S CONTRIBUTION TO A VIKSIT BHARAT

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର



# ଭାରତର ବୈଶ୍ୱିକ ରାଜଦୂତଙ୍କ ଉପଲବ୍‌ଧିର ସମ୍ମାନ ସମାରୋହ



ଆମେ ସଭିଏଁ ଏକାଠି ଭାରତ, ଭାରତୀୟତା, ଆମ ସଂସ୍କୃତି, ବିକାଶର ଉତ୍ସବ ପାଳୁଛନ୍ତି ଏବଂ ଆମର ମୂଳ ସହ ସଂଯୁକ୍ତ ହେଉଛନ୍ତି
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



## ସମାପନ ଅଭିଭାଷଣ

ଏବଂ

## ପ୍ରବାସୀ ଭାରତୀୟ ସମ୍ମାନ

ପ୍ରଦାନ

## ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

ମାନ୍ୟବର ରାଷ୍ଟ୍ରପତିଙ୍କ

ଦ୍ୱାରା

୧୮ତମ

## ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ

୧୦ ଜାନୁଆରୀ ୨୦୨୫

ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍‌ପତି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ. ଏସ୍. ଜୟଶଙ୍କର**
କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ**
କେନ୍ଦ୍ର ବୈଦେଶିକ ବ୍ୟାପାର, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ

**ଶ୍ରୀ ପବିତ୍ର ମାର୍ଗେରିଟା**
କେନ୍ଦ୍ର ବୈଦେଶିକ ବ୍ୟାପାର ଏବଂ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ

### ବିଶେଷ କାର୍ଯ୍ୟକ୍ରମ

ପୂର୍ଣ୍ଣାଙ୍ଗ ଅଧିବେଶନ

ପ୍ରବାସୀ ଭାରତୀୟ ଦିବସ : ନାରୀଙ୍କ ଶକ୍ତି ଏବଂ ପ୍ରଭାବର ଉତ୍ସବ - ନାରୀଶକ୍ତି

ପ୍ରବାସୀ ଭାରତୀୟ ଆଲୋଚନା : ସଂସ୍କୃତି, ସମ୍ପର୍କ ଏବଂ ଆତ୍ମୀୟତାର ଗାଥା

କାର୍ଯ୍ୟକ୍ରମ ବିବରଣୀ ପାଇଁ ସ୍କାନ୍ କରନ୍ତୁ

OIPR-15001/13/0361/2425

ଅତିଥି ଦେବୋ ଭବ



ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଇତିହାସ ହୋଇପାରେ 'ଇଣ୍ଡିଆ'

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)କୁ କେନ୍ଦ୍ରରେ କ୍ଷମତାଚ୍ୟୁତ କରିବା ପାଇଁ ଏହାର ପ୍ରାୟ ୧୦ ମାସ ପୂର୍ବରୁ ବିରୋଧୀ ଦଳଗୁଡ଼ିକ ମେଳି ବାନ୍ଧି ଏକ ମେଣ୍ଟ ଗଠନ କରିଥିଲେ, ଯାହାର ନାମ ରଖାଯାଇଥିଲା ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ସମେତ ଛୋଟବଡ଼ ୨ ଡଜନରୁ ଊର୍ଦ୍ଧ୍ୱ ପାର୍ଟି ଏଥିରେ ସାମିଲ ହୋଇଥିଲେ। କିନ୍ତୁ ସାଧାରଣ ନିର୍ବାଚନ ପରଠାରୁ ମେଣ୍ଟ ଅବକ୍ଷୟର ଧାରା ଆରମ୍ଭ ହୋଇଯାଇଥିଲା, ଯାହାକି ଏବେ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯିବା ଅବସ୍ଥାକୁ ଚାଲିଆସିଛି। ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ ଯିଏ ଯାହା ବାଟ ବାଛିବା ଯୋଗୁ ବିରୋଧୀ ଏକତା 'ୟୁନାଇଟେଡ୍ ଓ୍ୱି ଷ୍ଟାଣ୍ଡ' ପରିବର୍ତ୍ତେ କ୍ରମଶଃ 'ଡିଭାଇଡେଡ୍ ଓ୍ୱି ଫଲ୍'ର ପରିଣାମ ଆଣୁଛି। ତେଣୁ ଇଣ୍ଡିଆ ବ୍ଲକ୍ ପରିବର୍ତ୍ତିତ ରାଜନୀତିର ସୁଅରେ ଭାସିଯାଇ ଇତିହାସ ପାଲଟିବାକୁ ଯାଉଛି ବୋଲି ବିଶ୍ଳେଷକମାନେ ଅନୁମାନ କଲେଣି।


ମମତା ବାନାର୍ଜୀ


ଅରବିନ୍ଦ କେଜ୍‌ରିୱାଲ


ଓମାର ଅବ୍‌ଦୁଲ୍ଲା


ଅଖିଲେଶ ଯାଦବ

- ଏଏପିକୁ ଟିଏମ୍‌ସି, ଏସ୍‌ପିର ସମର୍ଥନ
- ଏକଘରିକିଆ ହେଲା କଂଗ୍ରେସ
- ମେଣ୍ଟ ଭାଙ୍ଗିଦେବା କି: ଓମାର

**ନୂଆଦିଲ୍ଲୀ,୯।୧**

୨୦୨୩ରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିରୋଧୀ ମେଣ୍ଟର ମୂଳଦୁଆ ପକାଇଥିଲେ। ଜୁନ୍ ୨୩ରେ ତାଙ୍କ ଦ୍ୱାରା ଆହୂତ ପ୍ରଥମ ବିରୋଧୀ ମେଳି ପାଟନାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ)ର ନୂଆ ସଂସ୍କରଣ ଦେଖିବାକୁ ମିଳିଥିଲା। ସେହିବର୍ଷ ଜୁଲାଇରେ ବେଙ୍ଗାଲୁରୁ ବୈଠକ ପରେ ଅଗଷ୍ଟ ୩୧, ସେପ୍ଟେମ୍ବର ୧ରେ ଇଣ୍ଡିଆ ବ୍ଲକ୍‌ର ତୃତୀୟ ବଡ଼ ବୈଠକ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଏହାର ସମନ୍ୱୟ ସମିତି ବୈଠକ ନୂଆଦିଲ୍ଲୀରେ ସେପ୍ଟେମ୍ବର ୧୩ରେ କରାଯାଇଥିଲା। କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏକୁ ୨୦୨୪ରେ ହଟାଇବା ପାଇଁ ଉଦ୍ଦିଷ୍ଟ ବିରୋଧୀ ମେଣ୍ଟର ନାମ ଇଣ୍ଡିଆ ରଖାଯାଇଥିଲା। କିନ୍ତୁ ଲୋକ ସଭା ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା, ଛତିଶଗଡ଼ ଓ ମିଜୋରାମ ବିଧାନସଭା ନିର୍ବାଚନ ବେଳକୁ କେହି କାହାରିକୁ ଧରାଛୁଆଁ ନ ଦେବାରୁ ଓଲଟା ଫଳ ଆସିଥିଲା। ସେତେବେଳେ ବିରୋଧୀ ମେଣ୍ଟ ପକ୍ଷରୁ କୁହାଯାଇଥିଲା, ଇଣ୍ଡିଆ ବ୍ଲକ୍ ଲୋକ ସଭା ନିର୍ବାଚନରେ ଏକାଠି ଲଢ଼ିବ। ତେବେ ମେଣ୍ଟ ଭାଗୁଆଳିଙ୍କ ମଧ୍ୟରେ ସମନ୍ୱୟ ରହି ନ ଥିଲା। ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିରୋଧରେ କଂଗ୍ରେସ ଏବଂ ବାମଦଳ ପ୍ରାର୍ଥୀ ଦେଇଥିଲେ। ସେହିପରି କେରଳରେ ମଧ୍ୟ ସିପିଆଇଏମ୍ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଏବଂ କଂଗ୍ରେସ ନେତୃତ୍ୱରେ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ପରସ୍ପର ବିରୋଧରେ ଲୋକ ସଭା ନିର୍ବାଚନ ଲଢ଼ିଥିଲେ। କେବଳ ଉତ୍ତର ପ୍ରଦେଶରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ କଂଗ୍ରେସ ଭାଜପା ବିରୋଧରେ ଏକାଠି ଲଢ଼ି ସଫଳତା ହାସଲ କରିଥିଲେ। ଦିଲ୍ଲୀରେ କିନ୍ତୁ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏବଂ କଂଗ୍ରେସ ମେଣ୍ଟକୁ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ମିଳିଥିଲା। ଆସନ୍ତା ଫେବୃଆରୀ ୫ରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦୁଇ ଦଳ ଅଲଗା ଲଢ଼ିବାକୁ ନିଷ୍ପତ୍ତି ନେଇଥିବାବେଳେ ମମତାଙ୍କ ଟିଏମ୍‌ସି ଏବଂ ଅଖିଳେଶଙ୍କ ଏସ୍‌ପି ଆପ୍‌କୁ ସମର୍ଥନ ଘୋଷଣା କରିସାରିଛନ୍ତି। ତେଣୁ ଜାତୀୟ ରାଜଧାନୀର ଗୁରୁତ୍ୱପୂର୍ଣ୍ଣ ୭୦ ଆସନରେ ଆପ୍ ବନାମ ଭାଜପା ବନାମ କଂଗ୍ରେସ ଲଢ଼େଇ ହେବାକୁ ଯାଉଛି। ବିହାରରେ ନଭେମ୍ବର ଆଡ଼କୁ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନୀତୀଶ କୁମାରଙ୍କଠାରୁ କ୍ଷମତା ଛଡ଼ାଇନେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହିକ୍ରମରେ ଝାଡ଼ଖଣ୍ଡ ନିର୍ବାଚନରେ ଜେଏମ୍‌ଏମ୍ ଦ୍ୱାରା ଅଣଦେଖା ହୋଇଥିବା ଆର୍‌ଜେଡି ବିହାରରେ ପୂର୍ବ ଭଳି ମହାମେଣ୍ଟ ନ କରି ଏଥର ଏକୁଟିଆ ଲଢ଼ିବା ନେଇ ସଙ୍କେତ ଦେଇଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା, ଶରଦ ପାଓ୍ୱାରଙ୍କ ଏନ୍‌ସିପି ଏବଂ କଂଗ୍ରେସକୁ ନେଇ ଗଠିତ ମହାବିକାଶ ଅଘାଡ଼ି ହାରିଯିବା ପରେ ଏହି ୩ ଦଳ ପରସ୍ପରକୁ ଦୋଷ ଦେଉଛନ୍ତି।

ଦିଲ୍ଲୀରେ ଇଣ୍ଡିଆ ବ୍ଲକ୍‌ରେ ଫାଟ ସୃଷ୍ଟି ହୋଇଥିବାବେଳେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି, ଏହି ମେଣ୍ଟ ଭାଜପାକୁ ହରାଇବା ପାଇଁ କେବଳ ଲୋକ ସଭା ନିର୍ବାଚନରେ ସୀମିତ ଥିଲା। ତେଣୁ ଦିଲ୍ଲୀରେ ଆପ୍-କଂଗ୍ରେସ ଲଢ଼େଇରେ କିଛି ଅସ୍ୱାଭାବିକତା ନାହିଁ। ତେଜସ୍ୱୀଙ୍କ ମନ୍ତବ୍ୟରୁ ଏ କଥା ବୁଝିବା କଷ୍ଟକର ନୁହେଁ ଯେ, ଯଦି ଲାଲୁଙ୍କ ଆମନ୍ତ୍ରଣରେ ନୀତୀଶ ଆସନ୍ତି ତେବେ କଂଗ୍ରେସ ଏବଂ ବାମଦଳକୁ ଆର୍‌ଜେଡି ଛାଡ଼ିଦେଲେ ଆଶ୍ଚର୍ଯ୍ୟ ହେବାର ନାହିଁ। କାରଣ ପଲ୍‌ଟୁରାମ ନାମରେ ପରିଚିତ ନୀତୀଶଙ୍କ ପଚ୍ଛ ପରିବର୍ତ୍ତନ ନୂଆ କଥା ନୁହେଁ। ତେବେ ତେଜସ୍ୱୀଙ୍କ ମନ୍ତବ୍ୟ ଉପରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା କହିଛନ୍ତି, ଯେତିକି ମନେପଡୁଛି ଇଣ୍ଡିଆ ବ୍ଲକ୍‌କୁ କେବଳ ଲୋକ ସଭା ନିର୍ବାଚନରେ ସୀମିତ ରଖାଯାଇ ନ ଥିଲା। ସବୁଠୁ ଚିନ୍ତାଜନକ ବିଷୟ ହେଉଛି ଏହି ମେଣ୍ଟର କୌଣସି ବୈଠକ ବସୁନାହିଁ। ଏହାର ଏଜେଣ୍ଡା ମଧ୍ୟ ସ୍ଥିର କରାଯାଉନାହିଁ। ଯଦି ଏହା କେବଳ ସଂସଦୀୟ ନିର୍ବାଚନରେ ସୀମିତ ଥିଲା ତେବେ ମେଣ୍ଟକୁ ଭାଙ୍ଗି ଦିଆଯାଉ ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ଗ୍ରହଣ କରିପାରୁ ନ ଥିବା ମମତା ନିଜେ ଇଣ୍ଡିଆ ବ୍ଲକ୍‌ର ମଙ୍ଗ ଧରିବାକୁ ଆଗ୍ରହ ପ୍ରକାଶ କରିଥିବାବେଳେ ଆଉ କିଛି ଦଳ ତାଙ୍କୁ ସମର୍ଥନ ଜଣାଇସାରିଛନ୍ତି। ଏଭଳି ସ୍ଥଳେ ବିରୋଧୀ ମେଣ୍ଟର ନେତୃତ୍ୱକୁ ନେଇ ଆଗକୁ ବିବାଦ ବଢ଼ିବା ଆଶଙ୍କା କରାଯାଉଛି। ୧୭ ମାସ ତଳେ ଗଠିତ 'ଇଣ୍ଡିଆ'ର ଭବିଷ୍ୟତ ସମ୍ପର୍କରେ କିଛି ଭଲ ସୂଚନା ଆସୁନାହିଁ।

## ୟୁପିରେ ହାଜତ ମୃତ୍ୟୁ ଅଭିଯୋଗ

**ଲଖିମ୍‌ପୁର ଖେରି,୯।୧**

ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରି ଅଞ୍ଚଳରେ ପୋଲିସ ସୋମବାର ରାତିରେ ବେଆଇନ ମଦ କାରବାର ଅଭିଯୋଗରେ ରାମଚନ୍ଦ୍ର ନାମକ ଜଣେ ୩୫ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ହାଜତରେ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ତାଙ୍କ ପରିବାର ସଦସ୍ୟ ଦାବି କରିଛନ୍ତି। ତେବେ ହାଜତ ମୃତ୍ୟୁ ଅଭିଯୋଗକୁ ପୋଲିସ ଖଣ୍ଡନ କରିଛି। ରାମଚନ୍ଦ୍ର ଗ୍ୟାଙ୍ଗଷ୍ଟର ଆଇନରେ ଅଭିଯୁକ୍ତ ଥିଲେ। ପୋଲିସ ଚଢ଼ାଉ ବେଳେ ସେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ସଂଜ୍ଞାହୀନ ହୋଇପଡ଼ିଥିଲେ ବୋଲି ପୋଲିସ କହିଛି। ଲଖିମ୍‌ପୁର ଖେରି ଡିଏସ୍‌ପି ପି.ପି. ସିଂ ପୋଲିସ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି କହୁଥିବା ଭିଡିଓରେ ଶୁଣିବାକୁ ମିଳିଛି। ନିଘାସାନ କିମ୍ବା ମାଝଗାଇନ୍‌ର ଏସ୍‌ଏଚ୍‌ଓଙ୍କୁ ସସ୍‌ପେଣ୍ଡ କରାଯିବ ନାହିଁ କି ତୁମେ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ପାଇବ ନାହିଁ ବୋଲି ଡିଏସ୍‌ପି କହିଛନ୍ତି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଉକ୍ତ ଭିଡିଓକୁ ଶେୟାର କରିବା ସହ ଶାସକ ଭାଜପାକୁ ସମାଲୋଚନା କରିଛନ୍ତି।

## ଇସ୍ରାଏଲ୍-ହମାସ୍ ଯୁଦ୍ଧ ମୃତ୍ୟୁସଂଖ୍ୟା ୪୬ ହଜାର ଟପିଲା

**ଦେଇର୍ ଅଲ୍-ବଲାହ,୯।୧**

ଗାଜାରେ ହମାସ୍ ବିରୋଧରେ ଇସ୍ରାଏଲ୍ ୧୫ ମାସ ହେଲା ଯୁଦ୍ଧ ଚଳାଇଥିବାବେଳେ ପାଲେଷ୍ଟିନୀୟଙ୍କ ମୃତ୍ୟୁସଂଖ୍ୟା ୪୬,୦୦୦ ଅତିକ୍ରମ କରିଥିବା ବେଳେ ୧,୦୯,୩୭୮ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅର୍ଦ୍ଧାଧିକ ହେଉଛନ୍ତି ମହିଳା ଓ ଛୋଟ ପିଲା। ଆକ୍ରମଣରେ ୧୭,୦୦୦ ଆତଙ୍କବାଦୀ ନିହତ ହୋଇଥିବା ଇସ୍ରାଏଲୀ ସେନା କହୁଥିବାବେଳେ ଏହାର କୌଣସି ପ୍ରମାଣ ଦେଇନାହିଁ। ଆତଙ୍କବାଦୀମାନେ ଆବାସିକ ଅଞ୍ଚଳ ଓ ହସ୍ପିଟାଲରେ ଲୁଚିରହି ଆକ୍ରମଣ ଚଳାଇଥିବାରୁ ସାଧାରଣ ଲୋକେ ମରୁଛନ୍ତି। ସେମାନଙ୍କ ମୃତ୍ୟୁ ପାଇଁ ଇସ୍ରାଏଲ୍ ହମାସ୍‌କୁ ଦାୟୀ କରିଛି।

## ସମଲିଙ୍ଗୀ ବିବାହ ପୁନର୍ବିଚାର ଆବେଦନ ଖାରଜ

**ନୂଆଦିଲ୍ଲୀ,୯।୧**



ସମଲିଙ୍ଗୀ ବିବାହକୁ ନେଇ ସୁପ୍ରିମକୋର୍ଟରେ ଏକ ପୁନର୍ବିଚାର ଆବେଦନ ଦାଖଲ କରାଯାଇଥିଲା। ଗୁରୁବାର ଉକ୍ତ ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଅକ୍ଟୋବର ୨୦୨୩ରେ ସୁପ୍ରିମକୋର୍ଟଙ୍କ ୫ ଜଣିଆ ବିଚାରପତିଙ୍କ ସାମ୍ବିଧାନିକ ଖଣ୍ଡପୀଠ ସମଲିଙ୍ଗୀ ବିବାହକୁ ଅସାମ୍ବିଧାନିକ ଘୋଷଣା କରିଥିଲେ। ଏହି ରାୟ ଉପରେ ପୁନର୍ବିଚାର କରିବେ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ କହିଛନ୍ତି। ୨୦୨୩ରେ ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟରେ କୌଣସି ଭୁଲ୍ ମିଳିନାହିଁ। ତେଣୁ ଏହି ମାମଲାରେ ହସ୍ତକ୍ଷେପ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକାଶ ଯେ, ୨୦୨୩ ଅକ୍ଟୋବରରେ ସୁପ୍ରିମକୋର୍ଟ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବାକୁ ମନା କରିଥିଲେ। ଜଷ୍ଟିସ ବି. ଆର୍. ଗଭାଇ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବି. ବି. ନାଗରତ୍ନା, ଜଷ୍ଟିସ୍ ପି.ଏସ୍. ନରସିଂହା, ଜଷ୍ଟିସ୍ ଦୀପାଙ୍କର ଦତ୍ତାଙ୍କୁ ନେଇ ୫ ଜଣିଆ ବିଚାରପତିଙ୍କ ସାମ୍ବିଧାନିକ ଖଣ୍ଡପୀଠ ସର୍ବସମ୍ମତିକ୍ରମେ ଏହି ରାୟ ଶୁଣାଇଥିଲେ।

## ଝିଅଙ୍କୁ ପଢ଼ାଖର୍ଚ୍ଚ ଦେବାକୁ ମା'ବାପା ଆଇନତଃ ବାଧ୍ୟ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୯।୧(ପି.ଟି.)**

ମାଆବାପାଙ୍କଠାରୁ ପାଠପଢ଼ା ଖର୍ଚ୍ଚ ପାଇବା ଝିଅଙ୍କର ଅପରିହାର୍ଯ୍ୟ ଏବଂ ବୈଧ ଅଧିକାର। ମା'ବାପା ଏଥିପାଇଁ ସେମାନଙ୍କ ଆର୍ଥିକ ସମ୍ବଳ ସୀମା ମଧ୍ୟରୁ ପାଣ୍ଠି ଯୋଗାଇଦେବାକୁ ବାଧ୍ୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ବୈବାହିକ ବିବାଦ ମାମଲାରେ ଅଲଗା ରହୁଥିବା ଦମ୍ପତିଙ୍କଠାରୁ ଆୟରଲାଣ୍ଡରେ ପଢୁଥିବା ସେମାନଙ୍କ ଝିଅ ପାଠପଢ଼ା ଖର୍ଚ୍ଚ ଚାହିଁଥିଲେ। ତେବେ ତାଙ୍କ ବାପା ମାଆଙ୍କୁ ଭରଣପୋଷଣ ବାବଦରେ ଦେଇଥିବା ଅର୍ଥରୁ ପଢ଼ାଖର୍ଚ୍ଚ ବାବଦରେ ୪୩ ଲକ୍ଷ ଟଙ୍କା ଗ୍ରହଣ କରିବାକୁ ଝିଅ ମନା କରିଦେଇଥିଲେ। ଉଭୟ ମା' ବାପା ଖର୍ଚ୍ଚ ଯୋଗାଇବା ଆବଶ୍ୟକ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଥିଲେ। ଗତ ନଭେମ୍ବରରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ସ୍ୱାମୀ ଜଣକ ସ୍ତ୍ରୀ ଓ ଝିଅଙ୍କୁ ମୋଟ ୭୩ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲେ, ଯେଉଁଥିରୁ ୪୩ ଲକ୍ଷ ଝିଅଙ୍କ ପାଠପଢ଼ାରେ ଖର୍ଚ୍ଚ ହେବ ଓ ଅବଶିଷ୍ଟ ମାଆ ପାଇବେ ବୋଲି ଉଲ୍ଲେଖ ଥିଲା।

## 'ସଂରକ୍ଷଣରୁ ବାଦ୍‌ଦେବା ନିଷ୍ପତ୍ତି କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ନିଅନ୍ତୁ'

**ନୂଆଦିଲ୍ଲୀ,୯।୧**

ଯେଉଁ ଲୋକମାନେ କୋଟା ସୁବିଧା ପାଇସାରିଛନ୍ତି ଏବଂ ଏବେ ଅନ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ସ୍ଥିତିକୁ ଆସିଲେଣି, ସେମାନଙ୍କୁ ସଂରକ୍ଷଣରୁ ବାଦ୍ ଦିଆଯିବା ଉଚିତ କି ନୁହେଁ, ସେନେଇ କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ନିଷ୍ପତ୍ତି ନିଅନ୍ତୁ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଉପଜାତି ମଧ୍ୟରେ ସ୍ୱଚ୍ଛଳ ବର୍ଗଙ୍କୁ ଚିହ୍ନଟ କରିବା ପାଇଁ ରାଜ୍ୟଗୁଡ଼ିକ ନୀତି ପ୍ରସ୍ତୁତ କରିବା ଏବଂ ସ୍ପଷ୍ଟ ତଥ୍ୟ ଆଧାରରେ ଉପବର୍ଗୀକରଣ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ଗତ ୭୫ ବର୍ଷକୁ ବିଚାରକୁ ନେଇ ଯେଉଁମାନେ ସଂରକ୍ଷଣ ସୁବିଧାରୁ ଉପକୃତ ହୋଇଛନ୍ତି, ସେମାନଙ୍କୁ କୋଟା ସୁବିଧାରୁ ବିଦା କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି।

## ଶମ୍ଭୁ ସୀମାରେ ଚାଷୀଙ୍କ ଆତ୍ମହତ୍ୟା

**ପଟିଆଲା,୯।୧**

ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ଆନ୍ଦୋଳନରତ ଜଣେ ମଧ୍ୟବୟସ୍କ ଚାଷୀ ଗୁରୁବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ପଟିଆଲ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଖନୌରି ବିକ୍ଷୋଭ ସ୍ଥଳରେ ଓ୍ୱାଟର ହିଟର ହଠାତ୍ ଜଳିଉଠିବାରୁ ଜଣେ ଚାଷୀ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ ବହୁସଂଖ୍ୟାରେ କୃଷକ ଗତବର୍ଷ ଫେବୃଆରୀ ୧୩ରୁ ଶମ୍ଭୁ ଏବଂ ଖନୌରି ଆନ୍ତଃରାଜ୍ୟ ସୀମାରେ ପଡ଼ିରହିଛନ୍ତି।

## ଚାଡ୍ ରାଷ୍ଟ୍ରପତି ଭବନରେ ଆକ୍ରମଣ: ୧୯ ମୃତ

**ଏନ୍'ଜାମେନା,୯।୧**

ଆଫ୍ରିକୀୟ ଦେଶ ଚାଡ୍‌ର ରାଷ୍ଟ୍ରପତି ଭବନରେ ଗୁରୁବାର କେତେଜଣ ଅଜ୍ଞାତ ଆତତାୟୀ ଗୁଳିବର୍ଷଣ କରିଥିଲେ। ତେବେ ରାଷ୍ଟ୍ରପତି ଭବନରେ ସୁରକ୍ଷା କର୍ମୀଙ୍କ ପାଲଟା ଗୁଳିରେ ୧୮ ଜଣ ଆକ୍ରମଣକାରୀଙ୍କ ମୃତ୍ୟୁ ଘଟିଛି। ସେହିପରି ୬ ଜଣ ଆକ୍ରମଣକାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଗିରଫ କରାଯାଇଛି। ଏହି ଆକ୍ରମଣରେ ଚାଡ୍‌ର ଜଣେ ଯବାନଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଯବାନ ଆହତ ହୋଇଛନ୍ତି। ଘଟଣାକୁ ନେଇ ଚାଡ୍ ବହିର୍ବ୍ୟାପାର ମନ୍ତ୍ରୀ ଅବଦେରମନ କୋଲମଲ୍ଲାହ କହିଛନ୍ତି, ଆକ୍ରମଣ ବେଳେ ରାଷ୍ଟ୍ରପତି ଭବନ ମଧ୍ୟରେ ରାଷ୍ଟ୍ରପତି ମହମତ ଡେବ ଉପସ୍ଥିତ ଥିଲେ। ସେ ସୁରକ୍ଷିତ ଅଛନ୍ତି। ସୁରକ୍ଷା କର୍ମୀମାନେ ଖୁବ୍‌ଶୀଘ୍ର ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିବା ସେ କହିଛନ୍ତି। ତେବେ ଏହା ଏକ ଆତଙ୍କବାଦୀ ଆକ୍ରମଣ ନୁହେଁ। ଆକ୍ରମଣକାରୀମାନେ ରାଜଧାନୀ ଏନ୍'ଜାମେନାର ସ୍ଥାନୀୟ ଯୁବକ ହୋଇଥିବା ଅବଦେରମନ କହିଛନ୍ତି। ତେବେ ଆତଙ୍କବାଦୀ ସଙ୍ଗଠନ 'ବୋକୋ ହାରାମ' ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ନେଇ କିଛି ରିପୋର୍ଟ ପ୍ରକାଶ ପାଇଛି। ଏନ୍'ଜାମେନାରେ ଚାଇନାର ବୈଦେଶିକ ମନ୍ତ୍ରୀ ଓ୍ୱାଙ୍ଗ ୱି ଚାଡ୍ର ଅଧିକାରୀଙ୍କ ସହ ବୈଠକ କରିବାର କିଛି ସମୟ ପରେ ଏହି ଆକ୍ରମଣ ହୋଇଥିଲା।

## ନିଜ୍ଜାର ହତ୍ୟା ମାମଲା: ୪ ଭାରତୀୟ ଅଭିଯୁକ୍ତଙ୍କୁ ଜାମିନ

**ଓଟାଓ୍ୱା, ୯।୧**

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାରଙ୍କ ହତ୍ୟା ମାମଲାରେ କାନାଡା ସରକାରଙ୍କୁ ବଡ଼ ଝଟକା ଲାଗିଛି। ଏହି ମାମଲାରେ ଗିରଫ ହୋଇଥିବା ୪ ଭାରତୀୟ ଅଭିଯୁକ୍ତଙ୍କୁ ଗୁରୁବାର କାନାଡାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୧୧ରେ ହେବ। ପ୍ରକାଶ ଯେ, ୨୦୨୩ ଜୁନ୍‌ରେ କାନାଡାର ବ୍ରିଟିଶ୍ କଲମ୍ବିଆ ପ୍ରଦେଶର ସରେଠାରେ ନିଜ୍ଜାରଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ପାଇଁ କାନାଡା ସରକାର ୪ ଭାରତୀୟ ନାଗରିକ କରନ ବ୍ରାର, ଅମନଦୀପ ସିଂ, କମଲପ୍ରୀତ ସିଂ ଏବଂ କରନପ୍ରୀତ ସିଂଙ୍କୁ ଗିରଫ କରିଥିଲେ।

## ହିନ୍ଦୀ ଭାଷା ନୁହେଁ, ଏକ ସଂସ୍କୃତି

**ବିଶ୍ୱ ହିନ୍ଦୀ ଦିବସ**



ପ୍ରତିବର୍ଷ ୧୦ ଜାନୁଆରୀରେ ସାରା ବିଶ୍ୱରେ 'ବିଶ୍ୱ ହିନ୍ଦୀ ଦିବସ' ପାଳନ କରାଯାଏ। କେବଳ ଭାରତ ନୁହେଁ ବରଂ ଅନେକ ଦେଶ ଏହି ଉତ୍ସବରେ ଅଂଶଗ୍ରହଣ କରନ୍ତି। ଏହି ଦିବସ କାହିଁକି ଏବଂ କେବେଠୁ ପାଳନ କରାଯାଏ ଜାଣନ୍ତୁ ସେ ସମ୍ପର୍କରେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆୟୋଜନ କରିଥିଲେ। ଯେଉଁଥିରେ ୩୦ଟି ଦେଶର ୧୨୨ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ମହାରାଷ୍ଟ୍ରର ନାଗପୁରରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ହିନ୍ଦୀକୁ ବିଶ୍ୱ ସ୍ତରରେ ସର୍ବାଧିକ କଥିତ ଭାଷା ମଧ୍ୟରୁ ଗୋଟିଏ ଭାବରେ ମାନ୍ୟତା ଦେବା ଏବଂ ଅନ୍ତର୍ଜାତୀୟ ଆଲୋଚନାରେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା।

ଚଳିତବର୍ଷର ବିଷୟବସ୍ତୁ ୧୦ ଜାନୁଆରୀ ୨୦୦୬ରେ ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ପ୍ରଥମଥର ପାଇଁ ବିଶ୍ୱ ହିନ୍ଦୀ ଦିବସ ପାଳନ କରିଥିଲେ। ସେବେଠାରୁ ପ୍ରତିବର୍ଷ ଜାନୁଆରୀ ୧୦ରେ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଇଆସୁଛି। ଏଥର ବିଶ୍ୱ ହିନ୍ଦୀ ଦିବସର ବିଷୟବସ୍ତୁ 'ଏକତା ଏବଂ ସାଂସ୍କୃତିକ ଗର୍ବର ବିଶ୍ୱ ସ୍ୱର' ରଖାଯାଇଛି। ଯାହା ଭାଷାଗତ ଏବଂ ଅନ୍ତର୍ଜାତୀୟ ଆଦାନପ୍ରଦାନ ପାଇଁ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ହିନ୍ଦୀ ଭାଷାର ଗୁରୁତ୍ୱ ଭାଷାର ସମୃଦ୍ଧ ଐତିହ୍ୟ, ସାହିତ୍ୟ ଉପରେ ଏହାର ପ୍ରଭାବ ଏବଂ ଡିଜିଟାଲ ଦୁନିଆରେ ଏହାର ବୃଦ୍ଧି ପାଉଥିବା ଉପସ୍ଥିତିକୁ ପାଳନ କରିବା ପାଇଁ ଦେଶବ୍ୟାପୀ ସେମିନାର, କର୍ମଶାଳା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ହିନ୍ଦୀ କେବଳ ଏକ ଭାଷା ନୁହେଁ ବରଂ ଏକ ସଂସ୍କୃତି ମଧ୍ୟ। ଯଦିଓ ଆଜି ଇଂରାଜୀର ଲୋକପ୍ରିୟତା ଦ୍ରୁତ ଗତିରେ ବୃଦ୍ଧି ପାଉଛି, ହିନ୍ଦୀ ମଧ୍ୟ ସାରା ବିଶ୍ୱରେ ବ୍ୟାପିବାରେ ଲାଗିଛି। ହିନ୍ଦୀର ବୃଦ୍ଧି ପାଉଥିବା ଗୁରୁତ୍ୱ ଏବଂ ପ୍ରସାର ଏହି କଥାରୁ ବୁଝାପଡ଼େ ଯେ ଯେତେବେଳେ ଜାତିସଂଘ ସାଧାରଣ ସଭାରେ ହିନ୍ଦୀରେ ଭାଷଣ ଦିଆଯାଏ, ସାରା ବିଶ୍ୱ ଏହାକୁ ପ୍ରଶଂସା କରେ। ତେଣୁ ବିନା ଦ୍ୱିଧାରେ ହିନ୍ଦୀ କୁହନ୍ତୁ ଏବଂ ଜଣେ ହିନ୍ଦୀ ଭାଷୀ ବୋଲି ଗର୍ବ ଅନୁଭବ କରନ୍ତୁ।

DRiEMS UNIVERSITY
ODISHA, TANGI, CUTTACK
ପ୍ରଥମ ସମାବର୍ତ୍ତନ ଉତ୍ସବ
୧୧ ଜାନୁୟାରୀ ୨୦୨୫ (ଶନିବାର)



ମୁଖ୍ୟଅତିଥି
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କଲେଜ ସ୍କୋୟାର ଶାଖା**
ଆଇସ୍ ଫ୍ୟାକ୍ଟ୍ରି ରୋଡ, କଲେଜ ସ୍କୋୟାର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୩୦୦୩, ଇ-ମେଲ୍ : ubin0540714@Unionbankofindia.bank

**ଡିମାଣ୍ଡ ନୋଟିସ୍**

**ଆମର କଲେଜ ସ୍କୋୟାର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଲେଜ ସ୍କୋୟାର ଶାଖା**ର ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ କ୍ରୀଷ୍ଣା ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଖଣ୍ଡେଲୱାଲ,** ପିତା: ଶଙ୍କର ଲାଲ ଖଣ୍ଡେଲୱାଲ, ସା: ରାମଚନ୍ଦ୍ରପୁର, ଧାନମଣ୍ଡଳ, ଯାଜପୁର, ଓଡିଶା-୭୫୪୦୨୪, **କାର୍ଯ୍ୟାଳୟ/ୟୁନିଟ୍ ଠିକଣା (ନିଜସ୍ୱ):** ସା: ରାମଚନ୍ଦ୍ରପୁର, ପୋ: ଧାନମଣ୍ଡଳ, ଶିବ ମନ୍ଦିର ନିକଟ, ଥାନା: ବଡଚଣା, ଯାଜପୁର, ଓଡିଶା, ପିନ୍-୭୫୪୦୨୪, **ୟୁନିଟ୍/ ସପ୍ (ଭଡା):** ପ୍ଲଟ୍ ନଂ.: ୩୧୭, ଖାତା ନଂ.: ୬୫, ମୌଜା: ଖୋସାଲପୁର, ଚଣ୍ଡିଖୋଲ, ଯାଜପୁର, ଓଡିଶା, ପିନ୍-୭୫୪୨୯୬, **ଗୋଦାମ (ଭଡା):** ନିରଞ୍ଜନ ଦାସ, ପ୍ଲଟ୍ ନଂ.: ୧୭୨/୭୫୪୬୨, ଖାତା ନଂ.: ୭୭୨/୩୦୮୦, ଆଇବି ରୋଡ, ଲକ୍ଷ୍ମୀ ନାରାୟଣ ବିହାର, ଜଗତ୍‌ପୁର-ଚୌଦ୍ୱାର ରୋଡ୍, କଟକ, ଓଡିଶା, ପିନ୍-୭୫୪୦୨୧ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ସୁମିତ୍ରାଦେବୀ ଖଣ୍ଡେଲୱାଲ,** ସ୍ୱାମୀ: ମନୋଜ କୁମାର ଖଣ୍ଡେଲୱାଲ, ସା: ରାମଚନ୍ଦ୍ରପୁର, ଧାନମଣ୍ଡଳ, ଯାଜପୁର, ଓଡିଶା, ପିନ୍-୭୫୪୦୨୪, **୨) ଶ୍ରୀମତୀ ଭଉଁରୀ ଦେବୀ ଖଣ୍ଡେଲୱାଲ, ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଖଣ୍ଡେଲୱାଲଙ୍କ ମାତା,** ସା: ରାମଚନ୍ଦ୍ରପୁର, ଧାନମଣ୍ଡଳ, ଯାଜପୁର, ଓଡିଶା, ପିନ୍-୭୫୪୦୨୪ | ୧) ସିସିଜିଇଏନ୍/ ଟ.୬୫,୦୦,୦୦୦/- ୨) ୟୁଜିଇସିଏଲ୍ / ଟ.୧୦,୦୦,୦୦୦/- **ସମୁଦାୟ: ଟ.୭୫,୦୦,୦୦୦/-** | ୨୮.୧୨.୨୦୨୪ / ୦୬.୦୧.୨୦୨୫ / ୨୮.୧୨.୨୦୨୪ ସୁଦ୍ଧା ଟ.୭୧,୩୨,୬୭୬.୨୨ + (୩୦.୧୧.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) | **ସମ୍ପତ୍ତି-୧ : ଶ୍ରୀମତୀ ଭଉଁରୀ ଦେବୀ ଖଣ୍ଡେଲୱାଲ,** ପିତା: ଶଙ୍କର ଲାଲ ଖଣ୍ଡେଲୱାଲଙ୍କ ନାମରେ ଥିବା ଫ୍ରିହୋଲ୍ଡ ଘରବାରୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩, ଖାତା ନଂ.: ୧୧୨/୨୧, ମୌଜା: ରାମଚନ୍ଦ୍ରପୁର, ଥାନା: ବଡଚଣା, ନଂ.: ୯୬୯, ତହସିଲ: ଦର୍ପଣ ନଂ.: ୧୮, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୩୦ ଡିସିମିଲି (୫୬୬୨.୮ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୬, ଦକ୍ଷିଣ: ପ୍ଲଟ୍ ନଂ.: ୩୪, ପୂର୍ବ: ଧାନମଣ୍ଡଳ ରୋଡ୍, ପଶ୍ଚିମ: ଶ୍ରୀ ଏମ୍. ଅଗ୍ରୱାଲଙ୍କ ସମ୍ପତ୍ତି, **ସମ୍ପତ୍ତି-୨ : ଶ୍ରୀମତୀ ସୁମିତ୍ରା ଦେବୀ ଶର୍ମା ଓରଫ୍ ସୁମିତ୍ରା ଦେବୀ ଖଣ୍ଡେଲୱାଲ,** ସ୍ୱାମୀ: ମନୋଜ କୁମାର ଖଣ୍ଡେଲୱାଲଙ୍କ ନାମରେ ଥିବା ଖାଲି ଘରବାରୀ ପ୍ଲଟ୍‌ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୮୫, ଖାତା ନଂ.: ୭୭୨/୩୨୯୭, ମୌଜା: ନିମପୁର, ଥାନା: ଟାଙ୍ଗି ନଂ.: ୭୧, ତହସିଲ: ଟାଙ୍ଗି-ଚୌଦ୍ୱାର ନଂ.: ୧୬୭, ଲକ୍ଷ୍ମୀ ନାରାୟଣ ବିହାର, ଆଇବି ରୋଡ୍, ଜଗତ୍‌ପୁର, କଟକ, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୯୫ ଏବଂ ୪୮୪, ଦକ୍ଷିଣ: ପ୍ଲଟ୍ ନଂ.: ୪୬୫, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୪୮୬ |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ : କଟକ, ତାରିଖ : ୦୯.୦୧.୨୦୨୫** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୦/୨୦୨୫ | Bhubaneswar, Friday, January 10/2025 | ପୃଷ୍ଠା-୧




**ବ୍ୟକ୍ତିଗତ ହସ୍ତକ୍ଷେପକୁ ତ୍ରିପ୍ତିଙ୍କ ନାପସନ୍ଦ**

ଅଭିନେତ୍ରୀ ତ୍ରିପ୍ତି ଡିମ୍ରି ଗୁରୁବାର ଏକ ସାକ୍ଷାତ୍କାରରେ ସେଲିବ୍ରିଟିମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ କରାଯାଉଥିବା ହସ୍ତକ୍ଷେପକୁ ନାପସନ୍ଦ କରିଛନ୍ତି।

୧୧

୧୬

**ଜ୍ୟୋତ୍ସ୍ନା ଶବରଙ୍କୁ ସ୍ୱର୍ଣ୍ଣ ପଦକ**

ବ୍ରହ୍ମପୁରରେ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ଜାତୀୟ ଜୋନାଲ ଭାରୋତ୍ତୋଳନ ଲିଗ୍‌ରେ ଓଡ଼ିଶାର ଜ୍ୟୋତ୍ସ୍ନା ଶବର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।





ଭୁବନେଶ୍ୱର ଜନତା ମଇଦାନରେ ଗୁରୁବାର ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର ପର୍ଯ୍ୟଟକ ଟ୍ରେନ୍ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍'ର ଶୁଭାରମ୍ଭ କରିବା ଅବସରରେ ଉପସ୍ଥିତ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

# ଯୁଦ୍ଧରେ ନୁହେଁ, ବୁଦ୍ଧରେ ଭବିଷ୍ୟତ: ପ୍ରଧାନମନ୍ତ୍ରୀ

**ଓଡ଼ିଶାର ଐତିହାସିକ ବୌଦ୍ଧ ପୀଠ 'ଧଉଳି' ଶାନ୍ତିର ପ୍ରତୀକ। ସମଗ୍ର ବିଶ୍ୱ ଯେତେବେଳେ ଖଣ୍ଡାର ମାର୍ଗ ବାଛି ସାମ୍ରାଜ୍ୟ ବିସ୍ତାର କରୁଥିଲା, ସେତେବେଳେ ସମ୍ରାଟ ଅଶୋକ ଏଠାରେ ଶାନ୍ତିର ପଥ ବାଛିଥିଲେ। ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ଆଗାମୀ ଭବିଷ୍ୟତ ଯୁଦ୍ଧରେ ନୁହେଁ, ବରଂ ବୁଦ୍ଧଙ୍କ ଶାନ୍ତି ପଥରେ ନିର୍ଭର କରେ ବୋଲି ଭାରତର ଏହି ପରମ୍ପରା ବିଶ୍ୱକୁ ବାର୍ତ୍ତା ଦେଉଛି। ବର୍ତ୍ତମାନ ବିଶ୍ୱ ଭାରତର କଥାକୁ ଧ୍ୟାନର ସହ ଶୁଣୁଛି। 'ମାନବତା ପ୍ରଥମ' ମନ୍ତ୍ର ଆଧାରରେ ଭାରତ ଆଜି ବିଶ୍ୱ ଦରବାରରେ ନିଜର ଭୂମିକାକୁ ସୁଦୃଢ଼ କରିପାରିଛି। ସାରା ବିଶ୍ୱରେ ଥିବା ପ୍ରବାସୀ ଭାରତୀୟମାନେ ଭାରତର ସଦ୍‌ଭାବନା ଦୂତ ଭାବେ କାର୍ଯ୍ୟକରି ଆସିଛନ୍ତି। ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ପର୍ଯ୍ୟଟକ ଟ୍ରେନ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍'ର ଶୁଭାରମ୍ଭ କରିଛନ୍ତି।**

## ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଉଦ୍‌ଘାଟିତ

### ସ୍ୱତନ୍ତ୍ର ପର୍ଯ୍ୟଟକ ଟ୍ରେନ୍ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍'ର ଶୁଭାରମ୍ଭ

ଭୁବନେଶ୍ୱର, ୯।୧ (ଅନିଲ ଦାସ)

ଓଡ଼ିଶାର ମହାନ୍ ଭୂମି, ଯେଉଁଠାରେ ଆମେ ଏକତ୍ର ହୋଇଛୁ, ତାହା ଭାରତର ସମୃଦ୍ଧ ଐତିହ୍ୟକୁ ପ୍ରତିଫଳିତ କରୁଛି। ଓଡ଼ିଶାରେ ପ୍ରତ୍ୟେକ ପାଦ ଆଗକୁ ବଢ଼ାଇଲେ ଆମେ ଆମ ଐତିହ୍ୟକୁ ଅନୁଭବ କରିପାରିବା। ଉଦୟଗିରି ଓ ଖଣ୍ଡଗିରିର ଐତିହାସିକ ଗୁମ୍ଫା, ଚମତ୍କାର କୋଣାର୍କ ସୂର୍ଯ୍ୟମନ୍ଦିର, ତାମ୍ରଲିପି, ମାଣିକପାଟଣା ଓ ପାଲୁରର ପ୍ରାଚୀନ ବନ୍ଦର ଆଦି ସ୍ଥାନଗୁଡ଼ିକୁ ଗସ୍ତ କଲେ ଯେକେହି ଏହି ଗୌରବ ଅନୁଭବ କରିବେ। ଶହ ଶହ ବର୍ଷ ପୂର୍ବେ ଓଡ଼ିଶାର ବ୍ୟବସାୟୀ ଏବଂ ବଣିକମାନେ ବାଲି, ସୁମାତ୍ରା ଏବଂ ଜାଭା ଭଳି ସ୍ଥାନକୁ ଦୀର୍ଘ ସାମୁଦ୍ରିକ ଯାତ୍ରା କରିଥିଲେ। ଏହାର ସ୍ମୃତିରେ ଆଜି ମଧ୍ୟ ଓଡ଼ିଶାରେ ବାଲିଯାତ୍ରା ପାଳନ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଆମ ଜୀବନ ହିଁ ବିବିଧତାରେ ପରିପୂର୍ଣ୍ଣ ବୋଲି ମୋଦି ବର୍ଣ୍ଣନା କରି କହିଛନ୍ତି, ଭାରତୀୟ ଯେଉଁ ଦେଶକୁ ଯାଆନ୍ତି, ସେଠିକାର ପରମ୍ପରା, ସଂସ୍କୃତି ସହ ଯୋଡ଼ି ହୋଇଯାଆନ୍ତି। ଭାରତକୁ ସର୍ବଦା ସେମାନଙ୍କ ହୃଦୟରେ ରଖିଛନ୍ତି। ସେହି ଦେଶର ପରମ୍ପରାକୁ ଆପଣାଇ ନେବା ସହ ସମ୍ମାନ ଦେଇଥାନ୍ତି। ପ୍ରବାସୀଙ୍କ ପାଇଁ ସେ ବିଦେଶରେ ଗର୍ବ ଅନୁଭବ କରନ୍ତି। ଗଣତନ୍ତ୍ର ଓ ବିବିଧତା ଆମର ଜୀବନରେଖା। ଭାରତ କେବଳ ଗଣତନ୍ତ୍ରର ଜନନୀ ନୁହେଁ, ବରଂ ଗଣତନ୍ତ୍ର ଭାରତୀୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପ୍ରବାସୀମାନେ ଭାରତର ପ୍ରତ୍ୟେକ ଖୁସି ଏବଂ ସଫଳତାକୁ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରୁଛନ୍ତି। ୧୦ ବର୍ଷ ମଧ୍ୟରେ ଭାରତ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି। ବିଶ୍ୱର ୧୦ମ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରୁ ପଞ୍ଚମ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାକୁ ଉନ୍ନୀତ ହୋଇଛି। ଭାରତ ଖୁବ୍‌ଶୀଘ୍ର ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବ ବୋଲି ମୋଦି କହିଛନ୍ତି। ଭାରତର ପ୍ରତ୍ୟେକ କ୍ଷେତ୍ର ଅକ୍ଷୟ ଶକ୍ତି, ବିମାନ ଚଳାଚଳ, ବୈଦ୍ୟୁତିକ ଗତିଶୀଳତା, ମେଟ୍ରୋ ନେଟ୍‌ୱର୍କ ଏବଂ ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ରେକର୍ଡ ଭାଙ୍ଗି ନୂତନ ଉଚ୍ଚତାକୁ ଅଗ୍ରସର ହେଉଛି। ଭାରତ ଏବେ 'ମେଡ୍ ଇନ୍ ଇଣ୍ଡିଆ' ଯୁଦ୍ଧ ବିମାନ ଏବଂ ପରିବହନ ବିମାନ ନିର୍ମାଣ କରୁଛି। ଆଜିର ଭାରତ କେବଳ ନିଜର ଆଭିମୁଖ୍ୟକୁ ଦୃଢ଼ତାର ସହ ପ୍ରତିପାଦିତ କରୁନାହିଁ, ବରଂ ଗ୍ଲୋବାଲ ସାଉଥ୍‌ର ସ୍ୱରକୁ ମଧ୍ୟ ସୁଦୃଢ଼ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗତ ଦଶନ୍ଧି ମଧ୍ୟରେ ବିଶ୍ୱବ୍ୟାପୀ ଭାରତୀୟ ଦୂତାବାସ ଏବଂ କାର୍ଯ୍ୟାଳୟଗୁଡ଼ିକ ସମ୍ବେଦନଶୀଳ ଓ ସକ୍ରିୟ ରହି ଆସିଛି। ପୂର୍ବରୁ ପ୍ରବାସୀମାନଙ୍କୁ ଦୀର୍ଘ ଦୂର ଯାତ୍ରା କରିବାକୁ ପଡୁଥିଲା। ଦୂତାବାସ ସୁବିଧା ପାଇବା ପାଇଁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଥିଲା। ସେମାନଙ୍କର ତିକ୍ତ ଅନୁଭୂତିକୁ ଦୃଷ୍ଟିରେ ରଖି ଗତ ୨ ବର୍ଷ ମଧ୍ୟରେ ୧୪ଟି ନୂତନ ଦୂତାବାସ ଏବଂ ବାଣିଜ୍ୟ ଦୂତାବାସ ଖୋଲାଯିବା ସହିତ ଏହି ସମସ୍ୟାଗୁଡ଼ିକର ସମାଧାନ କରାଯାଉଛି। ମରିସସ୍‌ର ସପ୍ତମ ପିଢ଼ି ଏବଂ ସୁରିନାମ, ମାର୍ଟିନିକ ଏବଂ ଗୁଆଡେଲୋପର ଷଷ୍ଠ ☞ପୃଷ୍ଠା-୨

## ଓଡ଼ିଶା ବ୍ୟବସାୟର ପ୍ରକୃଷ୍ଟ ସ୍ଥାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)

ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ପ୍ରବାସୀ ଭାରତୀୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସମ୍ବୋଧନ କରିବା ସମୟରେ ମଞ୍ଚ ଉପରୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି, ବ୍ୟବସାୟ ପାଇଁ ଓଡ଼ିଶା ହେଉଛି ପ୍ରକୃଷ୍ଟ ସ୍ଥାନ। ଏଠି ଅପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ଓଡ଼ିଶାର ବିକାଶରେ ପ୍ରବାସୀ ସାମିଲ ହୁଅନ୍ତୁ ବୋଲି ସେ କହିଛନ୍ତି।

ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଗୁରୁବାର ସମ୍ବୋଧନକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ପୂର୍ବୋଦୟ ମିଶନର ଫୋକସ୍‌ରେ ଓଡ଼ିଶା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଦ୍ରୁତଗତିରେ ବଢ଼ିଚାଲିଛି। ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଚିଲିକା, ଗୋପାଳପୁର, ଶିମିଳିପାଳ ବୁଲନ୍ତୁ ଏବଂ ଓଡ଼ିଶା ବିଷୟରେ ଅଧିକ ଜାଣନ୍ତୁ। ପୁଞ୍ଜିନିବେଶ ପାଇଁ ପ୍ରବାସୀମାନେ ଓଡ଼ିଶାକୁ କାହିଁକି ପସନ୍ଦ କରିବେ ତାହା ଦର୍ଶାଇବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଦେଶର ୨ୟ ଖଣିଜ ପଦାର୍ଥ ବହୁଳ ରାଜ୍ୟ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ଓଡ଼ିଶା ଦେଶର ସବୁଠୁ ଶାନ୍ତ ରାଜ୍ୟ। ସ୍ଥିର ସରକାର ଦେବାରେ ଓଡ଼ିଶାର ଇତିହାସ ଅଛି, ଯୋଗାଯୋଗ ପାଇଁ ଓଡ଼ିଶାରେ ଆକର୍ଷଣୀୟ ଭିତ୍ତିଭୂମି ରହିଛି। ପର୍ଯ୍ୟାପ୍ତ ରେଳ, ବନ୍ଦର, ବିମାନ, ସଡ଼କ ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ବିଶେଷକରି ଶିଳ୍ପ ଉପଯୋଗୀ କୁଶଳୀ ଓ ଅଣକୁଶଳୀ ସମ୍ବଳ ରହିଛି। ଆପଣମାନେ ପୁଞ୍ଜିନିବେଶ କରିବାକୁ ଯେଉଁସବୁ ଆବଶ୍ୟକତା ଅଛି, ସେସବୁ ଓଡ଼ିଶାରେ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଭାରତ ବିଶ୍ୱରେ ୫ମ ସର୍ବବୃହତ୍ ଅର୍ଥନୀତି ହୋଇଥିବାବେଳେ ଓଡ଼ିଶା ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ(୧ ଲକ୍ଷ ୫୦ ହଜାର) ଡଲାର ଅର୍ଥନୀତିରେ ପହଞ୍ଚିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଏବେଠାରୁ ମୂଳଦୁଆ ପଡ଼ିବ। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଆମେ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଛୁ। ତେଣୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ଅର୍ଥ ଭବିଷ୍ୟତ ପାଇଁ ନିବେଶ କରିବା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରବାସୀ ଭାରତୀୟଙ୍କୁ ☞ପୃଷ୍ଠା-୨

## ବଳାତ୍କାର ଉଦ୍ୟମ ପରେ ଛାତ୍ରୀଙ୍କୁ ଛୁରାମାଡ଼

କୋରାପୁଟ, ୯।୧ (ଅମିତାଭ ବେହେରା)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଖେମୁଣ୍ଡୁଗୁଡ଼ା ପଞ୍ଚାୟତ ଅଞ୍ଚଳର ଜଣେ ଛାତ୍ରୀ ବୁଧବାର ରାତିରେ ଘର ନିକଟକୁ ଶୌଚହେବାକୁ ଯାଇଥିବା ବେଳେ ତାଙ୍କୁ ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଛନ୍ତି। ଛାତ୍ରୀଜଣକ ଦୃଢ଼ ପ୍ରତିବାଦ କରି ବଳାତ୍କାରରୁ ବର୍ତ୍ତିଯାଇଥିବାବେଳେ ତାଙ୍କୁ ଯୁବକଜଣକ ଛୁରାମାଡ଼ କରିଛନ୍ତି। ଏଥିରେ ଛାତ୍ରୀ ଗୁରୁତର ହୋଇଛନ୍ତି। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଗ୍ରାମବାସୀ ଓ ପରିବାର ଲୋକେ ଉଦ୍ଧାରକରି ପ୍ରଥମେ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ନେଇଛନ୍ତି। ଘଟଣା ପରେ ଯୁବକ ଜଣକ ଫେରାର ହୋଇଯାଇଥିବା ନନ୍ଦପୁର ଏସ୍‌ଡିପିଓ ସମ୍ବିତ କୁମାର ମାଝୀ ସୂଚନା ଦେଇଛନ୍ତି। ଗୁରୁବାର ପୀଡ଼ିତାଙ୍କ ଭାଇ ନନ୍ଦପୁର ଥାନାରେ ଏତଲା ଦେବା ପରେ ପୋଲିସ ନଂ.୪/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସର ଏକ ଟିମ୍ କୋରାପୁଟ ମେଡିକାଲକୁ ଯାଇ ଛାତ୍ରୀଙ୍କ ବୟାନ ରେକର୍ଡ କରିଛି।

ସୂଚନା ଅନୁଯାୟୀ, ବୁଧବାର ରାତିପ୍ରାୟ ୮ଟା ୩୦ରେ ନବମ ଶ୍ରେଣୀ ଡ୍ରପ୍‌ଆଉଟ୍ ଛାତ୍ରୀ ଜଣକ ଶୌଚହେବାକୁ ଘର ପାଖ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗ୍ରାମର ଲୁକୁ ଖରା(୨୫) ତାଙ୍କୁ ଏକୁଟିଆ ଦେଖି ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଏହାକୁ ବିରୋଧ କରିବାରୁ ତାଙ୍କ ମୁଣ୍ଡକୁ ପଥରରେ ଛେଚିବା ସହ ଧାରୁଆ ଛୁରିରେ ବେକ ଏବଂ ଜଙ୍ଘ ଆଦିରେ ଆଘାତକରି ରକ୍ତାକ୍ତ କରିଥିଲେ। ☞ପୃଷ୍ଠା-୨

## ଛତିଶଗଡ଼ରେ ପ୍ଲାଣ୍ଟ ଭୁଶୁଡ଼ିଲା: ଫସିଛନ୍ତି ୨୫ ଶ୍ରମିକ

ରାୟପୁର, ୯।୧

ଛତିଶଗଡ଼ର ସାରାଗାଁଓ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଏକ ନିର୍ମାଣାଧୀନ ସ୍ମେଲ୍ଟିଂ ପ୍ଲାଣ୍ଟର ସିଲୋ ଭୁଶୁଡ଼ି ପଡ଼ିବାରୁ ଅନ୍ୟୂନ ୨୫ ଶ୍ରମିକ ଭଗ୍ନାବଶେଷ ତଳେ ଫସିରହିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭଗ୍ନାବଶେଷକୁ ବାହାର କରି ଶ୍ରମିକମାନଙ୍କୁ ଉଦ୍ଧାର କାର୍ଯ୍ୟରେ ବହୁସଂଖ୍ୟାରେ କର୍ମଚାରୀ ଓ ଓଜନଦାର ମେଶିନ୍ ଲଗାଯାଇଛି। ୨ ଶ୍ରମିକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ବିଲାସପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଲୁହାରେ ନିର୍ମିତ ସିଲୋ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ବିଶାଳ ଢାଞ୍ଚା ଖସିପଡ଼ିବା ସହ ଆତଙ୍କ ଖେଳିଯାଇଥିଲା। କାର୍ଯ୍ୟରତ ଶ୍ରମିକମାନେ ଭଗ୍ନାବଶେଷ ତଳେ ରହିଯାଇଥିଲେ। ପୋଲିସ ଏବଂ ଏମର୍ଜେନ୍ସି ଟିମ୍ ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଥିବାବେଳେ ଶ୍ରମିକମାନଙ୍କୁ ଭଗ୍ନାବଶେଷ ତଳୁ ବାହାର କରିବା ପାଇଁ ଓଜନଦାର ମେଶିନ୍‌କୁ ନିୟୋଜିତ କରାଯାଇଛି।

## ୩୧ ସୁଦ୍ଧା ଇ-କେୱାଇସି ନ ହେଲେ ରାଶନ କାର୍ଡ ଅକାମୀ

ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)

ଇ-କେୱାଇସି ପ୍ରକ୍ରିୟା ଚଳିତ ମାସ ୩୧ତାରିଖ ସୁଦ୍ଧା ଶେଷ ହୋଇ ନ ଥିଲେ ହିତାଧିକାରୀଙ୍କ ରାଶନ କାର୍ଡ ଅକାମୀ ହୋଇଯିବ। ରାଶନ କାର୍ଡର ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଶେଷ କରି ନ ଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାର ଜାନୁଆରୀ ୩୧ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏହି ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଶେଷ ହେବାପରେ ହିତାଧିକାରୀଙ୍କୁ ରାଜ୍ୟ ସରକାର ନୂଆ ରାଶନ କାର୍ଡ ଯୋଗାଇବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ମନ୍ତ୍ରୀ ପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏବେ ସୁଦ୍ଧା ୪୯ ଲକ୍ଷ ରାଶନକାର୍ଡ ହିତାଧିକାରୀ ନିଜର ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଶେଷ କରିନାହାନ୍ତି। ସେମାନଙ୍କୁ ଆସନ୍ତା ୩୧ ସୁଦ୍ଧା ଏହି ଇ-କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ସମୟ ଦେଇଛନ୍ତି। ଯେଉଁମାନେ ଏହି ନିର୍ଦ୍ଧାରିତ ଅବଧି ମଧ୍ୟରେ ଇ-କେୱାଇସି ଯାଞ୍ଚ ଶେଷ କରି ନ ଥିବେ ସେମାନଙ୍କ କାର୍ଡ ରାଜ୍ୟ ସରକାର ଅକାମୀ କରିଦେବେ। ହିତାଧିକାରୀମାନେ ନିଜର ରାଶନ ସାମଗ୍ରୀ ପାଉଥିବା କେନ୍ଦ୍ର(ରାଶନ ଡିଲର) ଅବା ସ୍ଥାନୀୟ ଜନସେବା କେନ୍ଦ୍ରକୁ ଯାଇ ଏହି ଇ-କେୱାଇସି ପ୍ରକ୍ରିୟା ଶେଷ କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ବାହାର ରାଜ୍ୟରେ ରହୁଥିବା ରାଶନକାର୍ଡଧାରୀଙ୍କ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ସରକାରୀ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

**ଆଜିର ସମ୍ପାଦକୀୟ** ଅଷ୍ଟ୍ରେଲିଆ ଓ ସାମାଜିକ ଗଣମାଧ୍ୟମ

## ପ୍ରଭାବଶାଳୀ ପାସ୍‌ପୋର୍ଟ: ୫ ସ୍ଥାନ ତଳକୁ ଖସିଲା ଭାରତ

### ଶୀର୍ଷରେ ସିଙ୍ଗାପୁର

ନୂଆଦିଲ୍ଲୀ, ୯।୧

ଭାରତର ପାସ୍‌ପୋର୍ଟ ପୂର୍ବାପେକ୍ଷା ଦୁର୍ବଳ ହୋଇଛି। ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସ୍‌ପୋର୍ଟ ସୂଚକାଙ୍କରେ ଏହା ୮୦ରୁ ୮୫ତମ ସ୍ଥାନକୁ ଖସିଆସିଥିବା ହେନ୍‌ଲି ପାସ୍‌ପୋର୍ଟ ଇଣ୍ଡେକ୍ସ ୨୦୨୫ରୁ ଜଣାପଡ଼ିଛି। ଅନ୍ୟ ଦେଶରେ ପ୍ରବେଶ ଲାଗି ବିଭିନ୍ନ ପାସ୍‌ପୋର୍ଟର ଭିଜାମୁକ୍ତ ପ୍ରବେଶ ସାମର୍ଥ୍ୟକୁ ବିଚାରକୁ ନିଆଯାଇ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ସଦ୍ୟତମ ତଥ୍ୟ ଅନୁଯାୟୀ ଭାରତୀୟ ପାସ୍‌ପୋର୍ଟଧାରୀ ୫୭ଟି ଦେଶକୁ ବିନା ଭିଜାରେ ଯାଇପାରିବେ। ୨୦୨୪ରେ ଭାରତୀୟ ପାସ୍‌ପୋର୍ଟଧାରୀ ବିନା ଭିଜାରେ ୬୨ ଦେଶକୁ ଯାଇପାରୁଥିଲେ।

ସବୁଠୁ ପ୍ରଭାବଶାଳୀ ପାସ୍‌ପୋର୍ଟ ଭାବେ ସିଙ୍ଗାପୁର ତାଲିକା ଶୀର୍ଷରେ ରହିଛି। ଏହି ଦେଶର ପାସ୍‌ପୋର୍ଟ ବଳରେ ସାରା ବିଶ୍ୱର ୨୨୭ ଲକ୍ଷ୍ୟସ୍ଥଳରୁ ୧୯୫ଟି ସ୍ଥାନକୁ ବିନା ଭିଜାରେ ଯାଇହେବ। ୧୯୩ ଭିଜାଫ୍ରି ଡେଷ୍ଟିନେଶନ ସହ ଜାପାନ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ୧୯୨ ଭିଜାଫ୍ରି ଡେଷ୍ଟିନେଶନ କ୍ଷମତା ସହ ଫିନ୍‌ଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଦକ୍ଷିଣ କୋରିଆ ଏବଂ ସ୍ପେନ୍‌ର ପାସ୍‌ପୋର୍ଟ ତୃତୀୟ ସ୍ଥାନରେ ରହିଥିବାବେଳେ ୧୯୧ ଦେଶକୁ ଭିଜାଫ୍ରି ପ୍ରବେଶ କ୍ଷମତା ସହ ଅଷ୍ଟ୍ରିଆ ଏବଂ ଡେନ୍‌ମାର୍କ ଚତୁର୍ଥ ସ୍ଥାନରେ ରହିଛି।

ଚଳିତବର୍ଷ ଆଫଗାନିସ୍ତାନର ପାସ୍‌ପୋର୍ଟ ବିଶ୍ୱରେ ସବୁଠୁ ଦୁର୍ବଳ ସାବ୍ୟସ୍ତ ହୋଇ ୧୦୬ତମ ସ୍ଥାନରେ ରହିଛି। ଏହି ପାସ୍‌ପୋର୍ଟ କେବଳ ୨୬ ଦେଶକୁ ଭିଜାମୁକ୍ତ ପ୍ରବେଶ ଅନୁମତି ଦେଇଥାଏ। ଗତବର୍ଷ ଆଫଗାନିସ୍ତାନ ୨୮ ଭିଜାଫ୍ରି ଡେଷ୍ଟିନେଶନ ସହ ୧୦୪ତମ ସ୍ଥାନରେ ରହିଥିଲା। ଇରାକ୍ ପାସ୍‌ପୋର୍ଟ ୧୦୪ତମ ସ୍ଥାନରେ ଥିବାବେଳେ ସିରିଆର ୧୦୫ତମ ସ୍ଥାନରେ ରହିଛି। ସୂଚକାଙ୍କର ପ୍ରଥମ ୧୦ଟି ସ୍ଥାନରେ ଅଧିକାଂଶ ୟୁରୋପୀୟ ରାଷ୍ଟ୍ର ରହିଛନ୍ତି। କେବଳ ଅଷ୍ଟ୍ରେଲିଆ ଷଷ୍ଠ ସ୍ଥାନ, କାନାଡା ୭ମ ଏବଂ ଆମେରିକା ନବମ ସ୍ଥାନରେ ରହିଛି। ୟୁଏଇ ଏକମାତ୍ର ଆରବ ରାଷ୍ଟ୍ର ଯାହା ସୂଚକାଙ୍କର ଦଶମ ସ୍ଥାନ ଦଖଲ କରିଛି। ଏହାର ପାସ୍‌ପୋର୍ଟ ବଳରେ ୧୮୫ ଦେଶକୁ ବିନା ଭିଜାରେ ଯାଇହେବ। ୨୦୧୫ରେ ଏହି ଦେଶ ପାସ୍‌ପୋର୍ଟର ଭିଜାମୁକ୍ତ ଦେଶ ଭ୍ରମଣ କ୍ଷମତା ୭୨ ଥିଲା। ବିଶ୍ୱର ୧୯୯ ପାସ୍‌ପୋର୍ଟ ମଧ୍ୟରୁ ମାତ୍ର ୨୨ଟିର ପ୍ରଭାବ ହ୍ରାସ ପାଇଥିବା ହେନ୍‌ଲି ପାସ୍‌ପୋର୍ଟ ଇଣ୍ଡେକ୍ସ ପକ୍ଷରୁ କୁହାଯାଇଛି। ଆମେରିକା ପାସ୍‌ପୋର୍ଟ କ୍ଷମତାରେ ଦ୍ୱିତୀୟ ସର୍ବାଧିକ ହ୍ରାସ ଘଟିଛି। ଏହା ଦ୍ୱିତୀୟ ସ୍ଥାନରୁ ୯ମ ସ୍ଥାନକୁ ଖସିଆସିଛି। ଭେନେଜୁଏଲାର ପାସ୍‌ପୋର୍ଟ ର୍ୟାଙ୍କ୍ ସର୍ବାଧିକ ଖସିଛି। ୨୦୧୫ରେ ୧ ନମ୍ବର ସ୍ଥାନରେ ଥିବା ବ୍ରିଟେନ୍ ପାସ୍‌ପୋର୍ଟ ଏଥର ୫ମ ସ୍ଥାନରେ ରହିଛି।

## ଲସ୍‌ଏଞ୍ଜେଲ୍ସ ବନାଗ୍ନି ମହାକାଶରୁ ଦୃଶ୍ୟମାନ

ଲସ୍‌ଏଞ୍ଜେଲ୍ସ, ୯।୧




ଆମେରିକାର କାଲିଫର୍ନିଆସ୍ଥିତ ଲସ୍‌ଏଞ୍ଜେଲ୍ସ ଉପକୂଳ ପାସିଫିକ୍ ପାଲିସାଡେସ୍ ଜଙ୍ଗଲରେ ଲାଗିଥିବା ନିଆଁ ଏତେ ଭୟାବହ ଯେ, ଏହା ମହାକାଶରୁ ଦୃଶ୍ୟମାନ ହେଉଛି। ତୁହାକୁ ତୁହା ପବନ ବହିବାରେ ଲାଗିଥିବାରୁ ବନାଗ୍ନିକୁ ଆୟତ୍ତ କରାଯାଇପାରୁ ନାହିଁ। ୩ ହଜାରରୁ ଊର୍ଦ୍ଧ୍ୱ ଏକର ଜଙ୍ଗଲ ଜଳିପୋଡ଼ି ପାଉଁଶ ହୋଇଗଲାଣି। ଅନେକ ଲକ୍ଷ ଲୋକ ବାସଚ୍ୟୁତ ହୋଇ ସୁରକ୍ଷିତ ସ୍ଥାନକୁ ପଳାୟନ କରିଛନ୍ତି। କୋପେରନିକସ୍ ସେଣ୍ଟିନେଲ୍-୨ ମିଶନ ଜରିଆରେ ସଂଗୃହୀତ ଚିତ୍ର ବନାଗ୍ନି ବିପର୍ଯ୍ୟୟର ଭୟାବହତାକୁ ବୟାନ କରୁଛି।

ସାଣ୍ଟା ମୋନିକା ନିକଟରେ କଳାଧୂଆଁର ବହଳ ଆସ୍ତରଣ ସମ୍ପୃକ୍ତ ଅଞ୍ଚଳର ଆକାଶକୁ ଆଚ୍ଛାଦିତ କରି ରଖିଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ପ୍ରତୀୟମାନ ହୋଇଛି। କେବଳ ପାଲିସାଡେସ୍ ନୁହେଁ, ଲସ୍ ଏଞ୍ଜେଲ୍ସ କାଉଣ୍ଟିର ହର୍ଷ୍ଟ ଏବଂ ଅଲ୍ଟାଡେନା ଜଙ୍ଗଲରେ ମଧ୍ୟ ତାଣ୍ଡବ ରଚିଛି ନିଆଁ। ଅଗ୍ନିଶମ ବାହିନୀ ଏହାକୁ ଆୟତ୍ତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଫାୟାରଫାଇଟର୍ସଙ୍କ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି ଦ୍ରୁତ ବେଗରେ ବହୁଥିବା ପବନ ଏବଂ ପାଣିପାଗର ଶୁଷ୍କତା। ଏଥିଯୋଗୁ ଏକ ଅତ୍ୟନ୍ତ ବିପଜ୍ଜନକ ଝଡ଼ ସୃଷ୍ଟି ହୋଇଥିବା କାଲିଫର୍ନିଆ ଗଭର୍ନର ଗାଭିନ୍ ନ୍ୟୁସୋମ୍ ସୂଚନା ଦେଇଛନ୍ତି। ଏଭଳି ପାଗ କେବଳ ନିଆଁଲିଭା କାର୍ଯ୍ୟରେ ବାଧା ସୃଷ୍ଟି କରିନାହିଁ, ବରଂ ଜଙ୍ଗଲର ନୂଆ ଅଞ୍ଚଳକୁ ନିଆଁ ବ୍ୟାପିବାରେ ସହାୟକ ହୋଇଛି। ଦୟନୀୟ ସ୍ଥିତିରେ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ବିପନ୍ନ ହେବାରେ ଲାଗିଥିବାରୁ ☞ପୃଷ୍ଠା-୨

(ଅଧିକ ରିପୋର୍ଟ: ପୃଷ୍ଠା-୮)

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରବାସୀ ଭାରତୀୟ ଦିବସ, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ସକ୍ଷମ ଓଡ଼ିଶା ପକ୍ଷରୁ ଷ୍ଟାର୍ଟ ଅପ ଲଞ୍ଚପ୍ୟାଡ୍-୨୦୨୫ ଉଦ୍‌ଘାଟନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଜୟଅସ୍ ଟ୍ୟୁନ୍ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ଆର୍‌ଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, କଳାରାହାଙ୍ଗ, ପଟିଆ, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ କଳିଙ୍ଗ ପ୍ରତିଭା ସମ୍ମାନ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପାରାୟଣ ଓ ପଠନ କାର୍ଯ୍ୟକ୍ରମ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ନହରକଣ୍ଟା (ଖ)ସ୍ଥିତ ମାରୁତି ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।

## କଟକ

- ସୁରେଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ, ସ୍ଥାନ: ସୋମପଡ଼ା ଖେଳ ପଡ଼ିଆ, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ମା' ସରସ୍ୱତୀ ଶିକ୍ଷାମନ୍ଦିରର ପଞ୍ଚଦଶ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୩ଟା।
- ଭାଗବତ ସଂସ୍ଥାପନା ସମିତିର ୧୭ତମ ବାର୍ଷିକ ଉତ୍ସବର ଉଦ୍‌ଘାଟନ, ସ୍ଥାନ: ଶୂନ୍ୟବ୍ରହ୍ମ ଆଶ୍ରମ ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ୨୯ତମ ନିମାପଡ଼ା କପ୍ ତଥା ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ୨ୟ ସେମି ଫାଇନାଲ ମ୍ୟାଚ୍, ସ୍ଥାନ: ବାରାବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।
- ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ପ୍ରତିଭା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ପେଣ୍ଠପଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସାକ୍ଷୀଗୋପାଳ ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ମା'ଜଟିଆଣୀଙ୍କ ୪୯ତମ ବାର୍ଷିକ ଶାମ୍ବଦଶମୀ ଉତ୍ସବ ଉଦ୍‌ଯାପନୀ ଏବଂ ମେଣ୍ଢା ଲଢ଼େଇ ପ୍ରତିଯୋଗିତା, ସ୍ଥାନ: ମା'ଜଟିଆଣୀ ମନ୍ଦିର ପ୍ରାଙ୍ଗଣ, ପାତ୍ରପଡ଼ା, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ରକ୍ତଦାନ ଶିବିର,ସ୍ଥାନ: ରେମୁଣା ଭାଜପା କାର୍ଯ୍ୟାଳୟ,ବାଲିଆ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଦିବସ, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର,ସମୟ:ସକାଳ ୯ଟା ୩୦।
- ବିକ୍ଷୋଭ ଓ ଗଣଧାରଣା,ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ନୀଳଗିରି, ସମୟ:ପୂର୍ବାହ୍ନ ୧୦ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ପଞ୍ଚମ ଦିବସ,ସ୍ଥାନ:ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା,ସମୟ:ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ,ସ୍ଥାନ: ମହାପାତ୍ର ହାଇସ୍କୁଲ, ରୂପ୍‌ସା,ସମୟ:ପୂର୍ବାହ୍ନ ୧୧ଟା।
- ସାଂଗଠନିକ ସମ୍ବର୍ଦ୍ଧନା ଉତ୍ସବ,ସ୍ଥାନ:ରେମୁଣା ଭାଜପା କାର୍ଯ୍ୟାଳୟ, ବାଲିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଅଲ୍ ଓଡ଼ିଶା ମହାବୀର କପ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଆରସା ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଆରସା ହାଇସ୍କୁଲ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ, ସ୍ଥାନ: ଧାମନଗର ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କୁ ରିକ୍ସା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କେନ୍ଦୁଝର

- ହାଇସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ବାହରିପୁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ପାଟଣା ବ୍ଲକ ତୁରୁମୁଙ୍ଗା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ମା' ରାମଚଣ୍ଡୀଙ୍କ ପୀଠରେ ଏକାଦଶୀ ଉପଲକ୍ଷେ ମେଳା, ଭଜନ ସଂକୀର୍ତ୍ତନ, ସ୍ଥାନ: ପୋଡ଼ାସିଙ୍ଗିଡ଼ି, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସଦର ବ୍ଲକ୍ ନରଣପୁର ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ ଟା ୩୦।

## ମୟୂରଭଞ୍ଜ

- ସାଇ କଳା ଏକାଡେମୀର ୨୦ତମ ବାର୍ଷିକୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବାଗୁଲି ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବାଗୁଲି, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁମୁଣ୍ଡି, କରଞ୍ଜିଆ, ସମୟ: ଅପରାହ୍ନ ୩ଟା।
- ଏଡିଜେ କୋର୍ଟ ଉଦଘାଟନ, ସ୍ଥାନ: ଉଦଳା ଜୁଡିସିଆଲ କୋର୍ଟ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନର ବାର୍ଷିକୋତ୍ସବ, ସ୍ଥାନ: ଉଦଳା କଲେଜ ରୋଡ୍, ସମୟ: ଅପରାହ୍ନ ୪ଟା ୪୫।

## ଗଞ୍ଜାମ

- ସାମ୍ପ୍ରତିକ ପ୍ରେକ୍ଷାପଟରେ ସାହିତ୍ୟ ଓ ଲୋକ ସଂସ୍କୃତି ଶୀର୍ଷକ ଜାତୀୟ ପାଠଚକ୍ର, ସ୍ଥାନ:ଖେମୁଣ୍ଡି କଲେଜ, ଦିଗପହଣ୍ଡି,ସମୟ: ସକାଳ ୮ଟାରୁ ଅପରାହ୍ନ ୪ଟା।

## କନ୍ଧମାଳ

- ବନାଗ୍ନି ନିରାକରଣ ଓ ସଚେତନତା ଶିବିର, ସ୍ଥାନ: କ. ନୂଆଗାଁ ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ବଜରଙ୍ଗ କ୍ଲବ ପକ୍ଷରୁ ଆଗ୍ନେୟ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- କୃଷକ ମାନଙ୍କ ସମସ୍ୟାକୁ ନେଇ ବିକ୍ଷୋଭ, ସ୍ଥାନ: ଜିଲା କାର୍ଯ୍ୟାଳୟ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ଢେଙ୍କାନାଳ କଲେଜ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଢେଙ୍କାନାଳ କଲେଜ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବର ଶେଷ ଦିବସରେ କୃଷି ପାଠଶାଳା, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଜଳବାୟୁ ପରିବର୍ତ୍ତନ ଉପରେ ପ୍ରତିଯୋଗିତା, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ଫାଷ୍ଟଏଡ୍ ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତସିଂହପୁର

- ହିନ୍ଦୁ ଜାଗରଣ ସମିତିର ସମୁଦ୍ର ଆଳତି କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ଅପରାହ୍ନ ୫ଟା ୩୦।

## କେନ୍ଦ୍ରାପଡ଼ା

- ସଂଯୁକ୍ତ କୃଷକ ମୋର୍ଚ୍ଚାର ଚେତାବନୀ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତାଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ରାମଚରିତ ମାନସର ୫ମ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳାସ୍ଥ ଜଗନ୍ନାଥ ମନ୍ଦିର, ସମୟ: ସକାଳ ସାଢ଼େ ୭ଟା।
- ରାଜ୍ୟସ୍ତରୀୟ ଖଳିସାହି କପ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ଖଳିସାହି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ଭାପୁର ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ଆର୍ନ୍ତଜାତୀୟ ସମ୍ମିଳନୀ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।
- ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପିତ, ସ୍ଥାନ: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ସାଧାରଣ ତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ ଟା।

## ନବରଙ୍ଗପୁର

- ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ଦଲେଇଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା ପ୍ରସ୍ତୁତି ନେଇ ଗ୍ରାମସଭା, ସ୍ଥାନ: ଡାବୁଗାଁର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଉମରକୋଟ ଅଙ୍ଗନୱାଡି ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଡିଏନ୍‌କେସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳୀ, ସମୟ: ମଧ୍ୟାହ୍ନ ୧୨ଟା।
- ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ମିଶନଶକ୍ତି ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ଶ୍ରୀ ଅନ୍ନ ଯୋଜନା ଉପରେ ଅନ୍ତର୍ଜାତୀୟ ସେମିନାର, ସ୍ଥାନ: କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସୁନାବେଡ଼ା କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଜଙ୍ଗଲ ଅଧିକାର ଆଇନ ସମ୍ପର୍କିତ ଡିଏଲ୍‌ସି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା.
- ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନେଇ ଡିଏଲ୍‌ସି ବୈଠକ, ସ୍ଥାନ : କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୫ ଟା।

## ମାଲକାନଗିରି

- ଜିଲାସ୍ତରୀୟ ଜୁନିଅର ରେଡ୍‌କ୍ରସ୍ ତାଲିମ ଶିବିର, ସ୍ଥାନ: ଶହୀଦ ଲକ୍ଷ୍ମଣ ନାଏକ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଓରମାସ ଆୟୋଜିତ ପଲ୍ଲିଶ୍ରୀ ମେଳା-୨୦୨୫, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୪୫।
- ସମ୍ବଲପୁରୀ ଧନୁଯାତ୍ରା କୋର କମିଟିର ପ୍ରସ୍ତୁତି, ସ୍ଥାନ : ଗଙ୍ଗାଧର ମୁକ୍ତମଞ୍ଚ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ଲତା ଘନଶ୍ୟାମ ମଣ୍ଡଳ ପକ୍ଷରୁ ଶ୍ରୀମଦ ଭାଗବତ ପାଠ, ସ୍ଥାନ : ସାକ୍ଷୀ ଗୋପୀନାଥ ପଡା, ସମୟ : ଅପରାହ୍ନ ୩ଟା ୩୦।

## ସୁବର୍ଣ୍ଣପୁର

- ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ପୁଲ ବିର ଦ୍ୱତୀୟ ମ୍ୟାଚ୍, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ସୁବର୍ଣ୍ଣ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ସ୍ଥିତ ଫକୀର ପଟ୍ଟନାୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ତହସିଲ ଛକ, ବରପାଲି: ସମୟ: ସକାଳ ୯ଟା।
- ଲଗେଜ୍ ଟ୍ରଲି ସର୍ଭିସ୍‌ର ଶୁଭାରମ୍ଭ, ସ୍ଥାନ: ବରଗଡ଼ ରୋଡ୍ ରେଲଷ୍ଟେଶନ, ମଥୁରାନଗରୀ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ ମୀନାବଜାର ପଡ଼ିଆ, ମଥୁରାନଗରୀ, ସମୟ: ଅପରାହ୍ନ ୩ଟା।
- ବାଲ୍ ଧନୁଯାତ୍ରା ମହୋତ୍ସବ, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ମଥୁରାନଗରୀ, ସମୟ: ସନ୍ଧ୍ୟା ୫ଟା।

## ଝାରସୁଗୁଡ଼ା

- ବିଶ୍ୱଶାନ୍ତି ପାଇଁ ହୋମ, ସ୍ଥାନ: ପଣ୍ଡ୍ରି ଅଲେଖ ମଠ, ସମୟ: ପୂର୍ବାହ୍ନ ୧୦ଟା।
- ମଧୁମେହ ରୋଗ ପାଇଁ ସଚେତନତା ଶିବିର, ସ୍ଥାନ: ପଞ୍ଚଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ମକର ସଂକ୍ରାନ୍ତି ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଲୋକନାଟକ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା।
- ଶିବାନନ୍ଦ ନିଃଶୁଳ୍କ ଆକ୍ୟୁପ୍ରେସର ସେଣ୍ଟରର ରୌପ୍ୟଜୟନ୍ତୀ ଅବସରରେ ଆକ୍ୟୁପ୍ରେସର ସମ୍ମିଳନୀ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୮ଟା ୩୦।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ରାତି ୮ଟା ୧୫।
- ସିଡି ସାଇ ମନ୍ଦିର ପ୍ରତିଷ୍ଠା ଦିବସକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୮ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରକାଶ ସ୍ମାରକୀ କ୍ରିକେଟ ମ୍ୟାଚ୍, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- କବି ଓ କବିତାର ମହତ୍ତ୍ୱ ଆଲୋଚନାଚକ୍ର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ୨୧ତମ ସର୍ବଭାରତୀୟ ରାଧାକ୍ରିଷ୍ଣ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ରିଆମାଳ ବ୍ଲକ କଣ୍ଟାବାହାଲ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବାରକୋଟ ବ୍ଲକ, କଲା ଟୋଲ ଗେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ୩ ଦିନିଆ ଦଶମ ଶ୍ରେଣୀ ମେଧାବୀ ଆବାସିକ ଶିକ୍ଷାର୍ଥୀଙ୍କ ନିମନ୍ତେ ଶିକ୍ଷଣ ଶିବିର ଦ୍ୱିତୀୟ ଦିନ, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ସକାଳ ୯ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଲାଞ୍ଜିଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା, ସ୍ଥାନ: ଗୋପବନ୍ଧୁ ହାଇସ୍କୁଲ ଖେଳପଡିଆ ପରିସର ବିଶ୍ୱନାଥପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ ପୁଲ ବି ଦ୍ୱିତୀୟ ଲିଗ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡା, ସମୟ: ସକାଳ ୯ଟା।
- ମାୟାଧର ମାଝି ପ୍ରଥମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ ମିଛାପାଲି ମା' ପାଟଖଲେନ ଖେଳପଡିଆ, ସମୟ: ସକାଳ ୯ଟା।
- ୨ୟ ଆନ୍ତଃ ରାଜ୍ୟ ଆଦିବାସୀ କପ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ ବାଲିଖମାର କ୍ରିକେଟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଚତୁର୍ଥ ଦିବସ, ସ୍ଥାନ: ସ୍ଥାନୀୟ ପୋଲିସ ପଡିଆ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- କୋନାବିରା ଗ୍ରାମ ପଞ୍ଚାୟତ ଲୋକ ମହୋତ୍ସବ ଚତୁର୍ଥ ରଜନୀରେ ଆଶିଷ କୁମାର ମେଲୋଡି ଓ ପ୍ରାଚି ପାଣିଗ୍ରାହୀ ଡ୍ୟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ କୋନାବିରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଷଷ୍ଠ ଖଡଙ୍ଗ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବନ୍ଧଗୋରା, କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# କଶ୍ମୀର ଉପତ୍ୟକାରେ ଗଡ଼ିବ ବନ୍ଦେ ଭାରତ ଏକ୍ସପ୍ରେସ୍

**ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)** କଶ୍ମୀରର ସୁନ୍ଦର ଉପତ୍ୟକାରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବା ପାଇଁ ଭାରତୀୟ ରେଳ ପ୍ରସ୍ତୁତି ଶେଷ କରିଛି। ଏହି ଟ୍ରେନ୍ ଚଳାଚଳର ଶୁଭାରମ୍ଭ ଖୁବ୍‌ଶୀଘ୍ର ହେବାକୁ ଯାଉଛି। କଶ୍ମୀରର କଠିନ ପରିସ୍ଥିତି ଏବଂ ତୁଷାରପାତକୁ ବିଚାରକୁ ନେଇ ଏହି ଟ୍ରେନ୍‌କୁ ଅନେକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସହ ସଜାଯାଇଛି। ବହୁ ପ୍ରତୀକ୍ଷିତ ଉଦ୍ଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କ୍ (ୟୁଏସ୍‌ବିଆର୍‌ଏଲ୍) ପ୍ରକଳ୍ପ ଜାନୁଆରୀ ଶେଷ ସପ୍ତାହ ସୁଦ୍ଧା କାର୍ଯ୍ୟକାରୀ ହେବା ସହ କଶ୍ମୀର ଉପତ୍ୟକାର ବିଭିନ୍ନ ଅଞ୍ଚଳକୁ ଆରାମଦାୟକ ରେଳ ସୁବିଧା ଯୋଗାଇ ଦିଆଯାଇପାରିବ ବୋଲି ଆଶା କରାଯାଉଛି। ଉଦ୍ଧମପୁର-ବାରାମୁଲ୍ଲା ପ୍ରକଳ୍ପ ପ୍ରଥମେ ୧୮୯୮ ମସିହାରେ ଆରମ୍ଭ ହୋଇଥିଲା। ମାତ୍ର ପାହାଡ଼ ଉପରେ ଟ୍ରାକ୍ ଲଗାଇବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଏବଂ ଏହା ସମ୍ଭବ ହୋଇ ନ ଥିଲା। ବର୍ତ୍ତମାନ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ଏପରି ଭାବରେ ଡିଜାଇନ କରାଯାଇଛି ଯେ ତୁଷାରପାତ ଏବଂ ମାଇନସ୍ ୧୦ ଡିଗ୍ରୀ ସେଲସିୟସରେ ମଧ୍ୟ ଏହାର ଚଳାଚଳରେ କୌଣସି ଅସୁବିଧା ହେବ ନାହିଁ। ଏଥିପାଇଁ ଡ୍ରାଇଭର କୋଚ୍‌ରେ ଡ୍ରାଇଭର ସିଟ୍ ପୂର୍ବାପେକ୍ଷା ଅଧିକ ଆରାମଦାୟକ ହୋଇଛି। ଏହା ବ୍ୟତୀତ ଇଞ୍ଜିନର ୱିଣ୍ଡଶିଲ୍ଡ ଉପରେ ମଧ୍ୟ ଅନେକ କାମ କରାଯାଇଛି। ଏହି ୱିଣ୍ଡଶିଲ୍ଡ ତିନୋଟି ସ୍ତରରେ ନିର୍ମାଣ କରାଯାଇଥିବାବେଳେ ଏହା ଭିତରେ ଏକ ସ୍ତର ଅଛି ଯାହା ସବୁବେଳେ ଗ୍ଲାସ୍‌କୁ ଗରମ ରଖିବ। ଉତ୍ତାପ ହେତୁ ଏହାକୁ ଡିଫ୍ରଷ୍ଟ କରିବା ସହଜ ହେବ। ଇଞ୍ଜିନର ୱିଣ୍ଡସ୍କ୍ରିନରେ ସ୍ଥାପିତ ୱାପରର ୱାଶରରେ ଗରମ ପାଣି ଛିଞ୍ଚିବ, ଯେଉଁ କାରଣରୁ ଏଠାରେ ତୁଷାର ଜମା ହେବନାହିଁ। ଏପରିକି ଏହା ବାଷ୍ପ ସୃଷ୍ଟି କରିବ ନାହିଁ। ଫଳରେ ଟ୍ରେନ୍ ଚଳାଇବାରେ କୌଣସି ଅସୁବିଧା ହେବ ନାହିଁ। ସମସ୍ତ କୋଚ୍‌ରେ ଉତ୍ତମ ଥର୍ମୋଷ୍ଟାଟ ବ୍ୟବହାର କରାଯାଇଥିବାରୁ ଏହା ମାଇନସ୍ ତାପମାତ୍ରାରେ ମଧ୍ୟ ଲୋକଙ୍କ ଯାତ୍ରା ଆରାମଦାୟକ ରହିବ। ଜଳ ଯୋଗାଣ ପାଇପରେ ମଧ୍ୟ ଡବଲ ଟ୍ରିପଲ ଇନ୍‌ସୁଲେସନ ଅଛି। ଯେଉଁ କାରଣରୁ ପାଇପରେ ପାଣି ବରଫ ହେବ ନାହିଁ। ୱାଶରୁମ୍‌ର ଆକାର ମଧ୍ୟ ବୃଦ୍ଧି କରାଯାଇଛ। ଏହା ବ୍ୟତୀତ, ଫ୍ଲସ୍ ସିଷ୍ଟମ ମାଇନସ୍ ତାପମାତ୍ରାରେ ଜାମ୍ ନ ହେବା ପାଇଁ, ଏଠାରେ ଗରମ ପ୍ୟାଡ୍ ମଧ୍ୟ ସ୍ଥାପନ କରାଯାଇଛି। ତୁଷାରପାତ ସମୟରେ ବ୍ରେକ୍ ଠିକ୍ ଭାବରେ କାର୍ଯ୍ୟ କରିପାରିବ ବୋଲି ଧ୍ୟାନରେ ରଖି ଟେକ୍ନୋଲୋଜି ମାଧ୍ୟମରେ ଆର୍ଦ୍ରତା ଦୂର ହୋଇଯିବ।

**ପ୍ରଥମ ପୃଷ୍ଠାରୁ...**

## ଯୁଦ୍ଧରେ ନୁହେଁ...

ପିଢ଼ିର ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି(ପିଆଇଓ)ଙ୍କୁ ସାମିଲ କରିବା ଲାଗି ଓସିଆଇ କାର୍ଡର ପରିସର ବୃଦ୍ଧି କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଉ କିଛିଦିନ ମଧ୍ୟରେ ପ୍ରୟାଗରାଜରେ ମହାକୁମ୍ଭ ଆରମ୍ଭ ହେବ। ଏହାସହିତ ମକର ସଂକ୍ରାନ୍ତି, ଲୋହରୀ, ପୋଙ୍ଗଲ ଏବଂ ମାଘ, ବିହୁ ପର୍ବ ମଧ୍ୟ ଆସୁଛି। ସବୁଆଡ଼େ ଏକ ଆନନ୍ଦର ବାତାବରଣ ରହିଛି। ଏଭଳି ଏକ ଚମତ୍କାର ସମୟରେ ଭାରତରେ ପ୍ରବାସୀ ଭାରତୀୟଙ୍କ ଉପସ୍ଥିତି ଉତ୍ସବର ଉତ୍ସାହକୁ ଅନେକ ଗୁଣ ବୃଦ୍ଧି କରିଛି। ଭାରତ ଗୌରବ ଟ୍ରେନ୍ ସାରା ଦେଶର ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ ସ୍ଥଳକୁ ସଂଯୋଗ କରିଛି। ସେମି-ହାଇ-ସ୍ପିଡ୍ ବନ୍ଦେ ଭାରତ ଟ୍ରେନ୍ ଭାରତର ପ୍ରମୁଖ ଐତିହ୍ୟ କେନ୍ଦ୍ରଗୁଡ଼ିକୁ ସଂଯୋଗ କରିଛି। ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନର ପ୍ରାୟ ୧୫୦ଜଣ ଯାତ୍ରୀଙ୍କୁ ପର୍ଯ୍ୟଟନ ଏବଂ ଆସ୍ଥା ସହ ଜଡ଼ିତ ୧୭ଟି ଗନ୍ତବ୍ୟସ୍ଥଳକୁ ନେଇଯିବ। ସେ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିବା ସହ ପ୍ରୟାଗରାଜରେ ଆଗାମୀ ମହାକୁମ୍ଭରେ ଯୋଗଦେଇ ଏହି ବିରଳ ସୁଯୋଗର ଲାଭ ଉଠାଇବା ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି।

ପ୍ରବାସୀ ଭାରତୀୟମାନେ ଭାରତର ବିକାଶରେ ଯୋଗଦାନ ଜାରି ରଖିଛନ୍ତି, ଯାହାଦ୍ୱାରା ଭାରତ ବିଶ୍ୱର ସର୍ବାଧିକ ଅର୍ଥ ହସ୍ତାନ୍ତର ପ୍ରାପ୍ତ କରୁଥିବା ରାଷ୍ଟ୍ରରେ ପରିଣତ ହୋଇଛି। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରବାସୀ ଭାରତୀୟଙ୍କ ପ୍ରତ୍ୟେକ ପ୍ରୟାସ ଭାରତର ପ୍ରଗତିରେ ସହାୟକ ହୋଇଥାଏ। ପରବର୍ତ୍ତୀ ଭାରତ ଗସ୍ତରେ ଅତି କମ୍‌ରେ ୫ ଜଣ ବନ୍ଧୁଙ୍କୁ ଆଣିବାକୁ ପ୍ରଧାନମନ୍ତ୍ରୀ ପ୍ରବାସୀଙ୍କୁ ପ୍ରସ୍ତାବ ଦେଇଛନ୍ତି, ଯାହା ସେମାନଙ୍କୁ ଭାରତର ସଂସ୍କୃତି ଓ ପରମ୍ପରା ଜାଣିବା ଲାଗି ଅନୁପ୍ରାଣିତ କରିବ। ଭାରତକୁ ଭଲ ଭାବେ ବୁଝିବା ପାଇଁ 'ଭାରତ କୋ ଜାନିଏ' କୁଇଜ୍‌ରେ ଅଂଶଗ୍ରହଣ କରିବା ଲାଗି ମୋଦି ପ୍ରବାସୀ ଯୁବବର୍ଗଙ୍କୁ ନିବେଦନ କରିଛନ୍ତି। 'ଷ୍ଟଡି ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଏବଂ ଆଇସିସିଆର୍ ଛାତ୍ରବୃତ୍ତି ଯୋଜନାର ଲାଭ ଉଠାଇବା ପାଇଁ ସେମାନଙ୍କୁ ସେ ଉତ୍ସାହିତ କରିଛନ୍ତି। 'ଭାରତକୁ ଏବେ ବିଶ୍ୱବନ୍ଧୁ ଭାବେ ସ୍ୱୀକୃତି ମିଳିଛି'। ପ୍ରବାସୀ ଭାରତୀୟମାନଙ୍କୁ ସେମାନଙ୍କ ପ୍ରୟାସ ବୃଦ୍ଧିକରି ଏହି ବୈଶ୍ୱିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ସେଅନୁରୋଧ କରିଛନ୍ତି। ସ୍ଥାନୀୟ ଭାରତୀୟ ଉତ୍ପାଦକୁ ବିଶ୍ୱସ୍ତରୀୟ କରିବାରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ମେଡ୍ ଇନ୍ ଇଣ୍ଡିଆ' ଖାଦ୍ୟ ପ୍ୟାକେଟ୍, ପୋଷାକ ଏବଂ ଅନ୍ୟାନ୍ୟ ସାମଗ୍ରୀ ସ୍ଥାନୀୟ କିମ୍ବା ଅନ୍‌ଲାଇନରେ କିଣିବାକୁ ସେ ନିବେଦନ କରିଛନ୍ତି। ଏକ ବିକଶିତ ଭାରତ ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଉଦ୍‌ଘାଟିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ତ୍ରିନିଦାଦ୍ ଓ ଟବାଗୋ ଗଣରାଜ୍ୟର ରାଷ୍ଟ୍ରପତି କ୍ରିଷ୍ଟିନ୍ କାର୍ଲା କାଙ୍ଗାଲୁ ଆଭାସୀ ମାଧ୍ୟମରେ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଏସ୍. ଜୟଶଙ୍କର, ଅଶ୍ୱିନୀ ବୈଷ୍ଣବ, ପ୍ରହ୍ଲାଦ ଯୋଶୀ, ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ, କୀର୍ତ୍ତିବର୍ଦ୍ଧନ ସିଂ, ପବିତ୍ର ମାର୍ଗାରିଟାଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ।

## ଓଡ଼ିଶା ବ୍ୟବସାୟର...

ସମ୍ବୋଧିତକରି ସେ ଆହୁରି କହିଛନ୍ତି, ଓଡ଼ିଶା ହେଉଛି ଜଗନ୍ନାଥ ସଂସ୍କୃତିର ଗୃହ। ଓଡ଼ିଶାର ଓଡ଼ିଶୀ ନୃତ୍ୟ ଏବଂ ପଟ୍ଟଚିତ୍ର ବିଶ୍ୱ ପ୍ରସିଦ୍ଧ। ଏହା ଆମ ସାଂସ୍କୃତିକ ପରିଚୟକୁ ବଞ୍ଚାଇ ରଖିପାରିଛି। ସମ୍ବଲପୁର ହସ୍ତତନ୍ତ ମଧ୍ୟ ଓଡ଼ିଶାର ଏକ ପ୍ରସିଦ୍ଧ ପରିଚୟ। ଓଡ଼ିଶା ହେଉଛି ସୁଯୋଗର ଗନ୍ତାଘର। ଓଡ଼ିଶା ଦେଶରେ ପୁଞ୍ଜିନିବେଶ ଉପଯୋଗୀ ରାଜ୍ୟ ଭାବେ ପରିଗଣିତ। ଏଠାରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ରହିଛି। ତେଣୁ ଏଠାରେ ପୁଞ୍ଜିନିବେଶ କରି ରହିଥିବା ବ୍ୟାପକ ସୁବିଧାକୁ ଉପଯୋଗ କରନ୍ତୁ ବୋଲି ପ୍ରବାସୀମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବଳାତ୍କାର ଉଦ୍ୟମ...

ଛାତ୍ରୀ ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଗ୍ରାମବାସୀ ଆସିବା ଦେଖି ଲୁକୁ ଦୌଡ଼ି ପଳାଇଯାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ ବୋଲି ଏସ୍‌ଡିପିଓ ମାଝୀ ସୂଚନା ଦେଇଛନ୍ତି। ପୋଲିସ ତଦନ୍ତରୁ ଜଣାପଡ଼ିଛି, ପୀଡ଼ିତା ନବମ ଶ୍ରେଣୀର (ଡ୍ରପ୍ ଆଉଟ୍) ଛାତ୍ରୀ। ଗ୍ରାମର ବିବାହିତ ଲୁକୁ ଖରା ତାଙ୍କୁ ପ୍ରେମ ନିବେଦନକରି ବିବାହ ପ୍ରସ୍ତାବ ଦେବା ଓ ସେଥିରେ ଅରାଜି ହେବାରେ ଏଭଳି ଅଘଟଣ ଘଟାଇଥିବା ଜଣାପଡିଛି। ନନ୍ଦପୁର ଥାନାଧିକାରୀ ପାଣ୍ଡବ ଶବର, ସହକାରୀ ଥାନାଧିକାରୀ ମମତା ପଣ୍ଡା ଘଟଣାସ୍ଥଳକୁ ଯାଇ ଦେଖିବା ପରେ ସେଠାରୁ ଚିରି ଫୋପଡ଼ାଯାଇଥିବା ଛାତ୍ରୀଙ୍କ ବସ୍ତ୍ର, ଛୁରି ଓ ପଥର ଆଦି ଜବତ କରିଛନ୍ତି।

## ଲସ୍‌ଏଞ୍ଜେଲ୍ସ ବନାଗ୍ନି...

ଜରୁରିକାଳୀନ ସେବାକୁ ତ୍ୱରାନ୍ୱିତ କରାଯାଇଛି। ଲୋକଙ୍କ ଧନଜୀବନର ସୁରକ୍ଷା ପାଇଁ ଅନେକ ହଜାର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ହଲିଉଡ୍ ଅଭିନେତ୍ରୀ, ଅଭିନେତାଙ୍କ ସମେତ ବହୁ ସେଲିବ୍ରିଟିଙ୍କ ଘରଦ୍ୱାର ଜଳିଯାଇଛି। ଗଭର୍ନର ନ୍ୟୁସୋମ୍ କାଲିଫର୍ନିଆରେ ଏମର୍ଜେନ୍ସି ଜାରି କରିଛନ୍ତି। ଅଧିକାରୀମାନେ ସ୍ଥାନୀୟ ବାସିନ୍ଦାଙ୍କୁ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ଜଙ୍ଗଲ ନିଆଁ ପାଇଁ ବିଶେଷଜ୍ଞମାନେ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ ଜଳାଭାବ ଓ ବାଇଡେନ୍ ପ୍ରଶାସନର ଉଦାସୀନତାକୁ ମଧ୍ୟ ଦୋଷ ଦିଆଯାଉଛି। କାରଣ ବନାଗ୍ନି ଏଡ଼ାଇବା ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ସ୍ଥାନୀୟ ପ୍ରଶାସନ ହ୍ରାସ କରି ତାକୁ ଅନ୍ୟ କାର୍ଯ୍ୟରେ ବ୍ୟୟ କରିଥିବା ଅଭିଯୋଗ ହୋଇଛି। ଏଭଳି ସମୟରେ ଗଭର୍ନର ନ୍ୟୁସୋମ୍‌ଙ୍କ ଇସ୍ତଫା ଦାବି ଜୋର୍ ଧରିଲାଣି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କଲ୍ୟାଣ ଚନ୍ଦ୍ର ହେତୁ ଆପଣଙ୍କ ଚେଷ୍ଟା ଓ କର୍ମାନୁସାରେ ଅର୍ଥପ୍ରାପ୍ତିର ମାର୍ଗ ପ୍ରଶସ୍ତ ରହିବ। ମନରେ ଆଶଙ୍କା ଓ ସନ୍ଦେହ ଉଙ୍କିମାରୁଥିଲେ ହେଁ ସାହାଯ୍ୟ, ସହଯୋଗ ପାଇ ପାରିବେ। କିନ୍ତୁ ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ନିଜର ପ୍ରିୟବ୍ୟକ୍ତିଙ୍କ ସହ ବିତର୍କର ଆଶଙ୍କା ରହିଛି। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସଫଳତା ଅବଶ୍ୟ ମିଳିବ।

**ବୃଷ**
ମନଗଢ଼ା ଲୋଭନୀୟ ପ୍ରତିଶ୍ରୁତିଦେଇ ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସହ ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ ଏଜେନ୍ସିପ୍, ପ୍ରକାଶନ, ପ୍ରଶାସନ, ରାଜନୀତିକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅଜଣା ବ୍ୟକ୍ତି ପ୍ରତି ସତର୍କ ନ ରହିଲେ ଅସୁବିଧା ଭୋଗିବେ।

**ମିଥୁନ**
ମୁଖ ଭାବରେ କ୍ରୂରଗ୍ରହ ମଙ୍ଗଳ ଅବସ୍ଥାନ କରିଥିବାରୁ ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବ। ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି। ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ପତିଆରା ଜାହିରକରି ସଫଳ ହେବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ବଢିଯିବା କାରଣରୁ ମାନସିକ ସ୍ଥିତି ବିଗିଡି ଯାଇପାରେ।

**କର୍କଟ**
ପରିବାରର ଆବଶ୍ୟକତା ଦୃଷ୍ଟିରୁ ଖର୍ଚ୍ଚାନ୍ତ ହୋଇ ସ୍ଥାନ ପରିବର୍ତ୍ତନ କରିପାରନ୍ତି। ପୁଷ୍ୟା ନକ୍ଷତ୍ର କର୍ମକ୍ଷେତ୍ର, ପ୍ରଶାସନିକ ସ୍ତରରେ ଉଚ୍ଚପଦବୀ, ସମାଜରେ ପ୍ରତିଷ୍ଠାଲାଭ କରିବେ। ବନ୍ଧୁବର୍ଗରେ ଆଦର ସମ୍ମାନ ପ୍ରାପ୍ତି ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଘରୋଇ କଥାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ କଳହ ଘଟିପାରେ।

**ସିଂହ**
ଆଜି ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ବହୁବିଧ ସୁବିଧା ଲାଭ ସୂଚନା ରହିଛି। ବିବାଦୀୟ ଘଟଣା ଅମୀମାଂସିତ ରହିବ ଏବଂ ଆତ୍ମୀୟମାନେ ଚେର କାଟିଲା ଭଳି କାମ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଗବେଷଣା, ଅନୁସନ୍ଧାନ ଓ ବିଦେଶଯାତ୍ରାର ସୁଯୋଗ ପାଇପାରନ୍ତି।

**କନ୍ୟା**
ଆଜି ଚିତ୍ରା ନକ୍ଷତ୍ରର ଅର୍ଥଲାଭ ସାଙ୍ଗକୁ ବନ୍ଧୁଙ୍କ ସହ ସଦ୍‌ଭାବ ବୃଦ୍ଧି ଉଦ୍ଦୀପନା ସୃଷ୍ଟି କରିବ। କର୍ମକ୍ଷେତ୍ରରେ କୌଣସି କର୍ମଚାରୀଙ୍କୁ କଟୁକଥା କହି ସମାଲୋଚିତ ହେବେ। ପାରିବାରିକ ସମସ୍ୟା, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା, ଅଧ୍ୟାପନାରେ ସଫଳତା ହାସଲ କରିବେ। କାରିଗରି, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିପାରନ୍ତି।

**ତୁଳା**
ଆଜି ବିବାଦରେ ବିଜୟ, ଦୂରଯାତ୍ରା, ଧୈର୍ଯ୍ୟର ସହ ସମସ୍ୟା ସମାଧାନ କରିବେ। ବିଶାଖା ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତରେ ସୁଫଳ ପ୍ରଦାନ କରିବେ। ପାରିବାରିକ ଓ ପରିବହନରେ ଝଗଡ଼ା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟତିକ୍ରମକୁ ସୁଧାରି ନେବେ। ଶତ୍ରୁମାନେ ଖାଲରେ ପକାଇବାକୁ ଚେଷ୍ଟା କରି ବିଫଳ ହେବେ।

**ବିଛା**
ଅଭାବ ଅସୁବିଧା ନ ଥିଲେ ମଧ୍ୟ ଜ୍ୟେଷ୍ଠା ନକ୍ଷତ୍ରର ଆଜି ମନରେ ଅସ୍ଥିରତା ସୃଷ୍ଟି ହେବ। ଭୁଲ୍ ବୁଝାମଣାଜନିତ ବ୍ୟବସାୟ ଓ ପରିବହନରେ ଝଗଡା ସୃଷ୍ଟି ହୋଇପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ସମୟ ଅତିବାହିତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଅଦାଲତ ଓ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ଧନୁ**
ଆଜି ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମ, ଗଠନମୂଳକ କାର୍ଯ୍ୟ ଓ ରାଜନୈତିକ ସ୍ଥିତି ଅନୁକୂଳ ରହିବ। ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ସମାଧାନ ହୋଇଯିବ। ଭାବପ୍ରବଣତାବଶତଃ ମାନସିକ ଦୁର୍ବଳତା ପ୍ରତ୍ୟେକ କ୍ଷେତ୍ରକୁ ମନ୍ଥର କରିପାରେ। ଶେୟାରବଜାର, ପ୍ରକଳ୍ପ, ରପ୍ତାନି ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**ମକର**
ଆଜି ଚନ୍ଦ୍ର ଓ ବୃହସ୍ପତି ଶୁଭସ୍ଥାନରେ ଥିବାରୁ କୌଣସି କ୍ଷେତ୍ରରେ ଅଭାବ, ଅସୁବିଧା ରହିବ ନାହିଁ। ପାରିବାରିକ ଜୀବନ, ସାମାଜିକ ସ୍ଥିତି, ଯାନବାହନ, ଲୋକସମ୍ପର୍କ କ୍ଷେତ୍ର ଭଲ ରହିବ। ବନ୍ଧୁଙ୍କ ସହଯୋଗର ଆବଶ୍ୟକତା ଅନୁଭବ କରିପାରନ୍ତି। ପୂର୍ବପରିକଳ୍ପିତ ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**କୁମ୍ଭ**
ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିଲେ ମଧ୍ୟ ବୃତ୍ତି, ବାଣିଜ୍ୟ, କର୍ମକ୍ଷେତ୍ର ଓ ଲୋକ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ଶନିଙ୍କ ପ୍ରଭାବରୁ ସନ୍ଦେହଜନିତ ପାରିବାରିକ ଓ ସାମାଜିକ ସ୍ଥିତି ଦୁର୍ବଳ ହେବ। ମକଦ୍ଦମାରେ, ପ୍ରଶାସନିକ ସ୍ତରରେ, ସାହିତ୍ୟରେ ସୁଫଳ ପାଇବେ। ପ୍ରକାଶନ, ନିର୍ମାଣ, ରେଷ୍ଟୁରାଣ୍ଟ, ହୋଟେଲ ଶିଳ୍ପ ବହୁତ ଭଲ ରହିବ।

**ମୀନ**
ରାହୁ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିବ। ଉପରିସ୍ଥଙ୍କ ଅନୁକମ୍ପା ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବା ସହ ମନର ସ୍ଥିତିକୁ ସ୍ଥିର ରଖିବାରେ ସହାୟକ ହେବ। କାର୍ଯ୍ୟଦକ୍ଷତାଭିତ୍ତିକ କୃତି ଓ କୃତିତ୍ୱରୁ ମଧ୍ୟ ପ୍ରଶଂସିତ ହେବେ।

ଆଜି ଜାନୁଆରୀ ୧୦ ତାରିଖ, ପୌଷ ଶୁକ୍ଳପକ୍ଷର ସ୍ମାର୍ତ୍ତ ସମ୍ମତ, ପୁତ୍ରଦା (ବୈକୁଣ୍ଠ) ଏକାଦଶୀ ଶୁକ୍ରବାର। ରାଶିନକ୍ଷତ୍ର- କୃତ୍ତିକା/ବୃଷ, ଦିବା ଘ.୦୧.୪୫ ଗତେ ରୋହିଣୀ ନକ୍ଷତ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୬.୨୭ ଗତେ ଘ.୦୭.୧୧ ମଧ୍ୟେ, ଦିବା ଘ.୦୭.୫୪ ଗତେ ଘ. ୦୯.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୨ ଗତେ ଘ.୧୧.୫୪ ମଧ୍ୟେ ରାହୁ କାଳ।




# ଓଡ଼ିଶା ହେବ ମେଗା ଆଇଟି ହବ୍: ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)**

ଓଡ଼ିଶାକୁ ଏକ ମେଗା ଆଇଟି ହବ୍‌ରେ ପରିଣତ କରାଯିବ। ଏଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଅବସରରେ କହିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଓଡ଼ିଶାରେ ରେଳ ଯୋଗାଯୋଗ ଓ ଆଇଟି ଶିଳ୍ପ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି।



ଉଭୟଙ୍କ ମଧ୍ୟରେ ହୋଇଥିବା ଆଲୋଚନା ମୁତାବକ, ଓଡ଼ିଶାରେ ବର୍ତ୍ତମାନ ୪୮ଟି ନୂଆ ରେଳ ପ୍ରକଳ୍ପ ନିର୍ମାଣ କାମ ଚାଲିଛି। ଏଥିଲାଗି ୭୩,୭୨୩ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏଥିମଧ୍ୟରୁ ନିକଟରେ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ୮ଟି ନୂଆ ପ୍ରକଳ୍ପ ମଧ୍ୟ ରହିଛି। ସେଗୁଡ଼ିକ ମଧ୍ୟରେ, ଗୁଣପୁର- ଥେରୁବାଲି ନୂଆ ଲାଇନ, ଜୁନାଗଡ଼-ନବରଙ୍ଗପୁର ନୂଆ ଲାଇନ, ମାଲକାନଗିରି- ପାଣ୍ଡୁରଙ୍ଗପୁରମ (ଭାୟା ଭଦ୍ରାଚଳମ୍) ନୂଆ ଲାଇନ, ବାଦାମ ପାହାଡ଼- କେନ୍ଦୁଝରଗଡ ନୂଆ ଲାଇନ, ବାଙ୍ଗିରିପୋଷୀ-ଗୋରୁମହିଷାଣୀ ନୂଆ ଲାଇନ, ବୁଢ଼ାମରା-ଚାକୁଲିଆ ନୂଆ ଲାଇନ, ସରଡେଗା- ଭାଲୁମୁଣ୍ଡା ନୂଆ ଡବଲ ଲାଇନ ଏବଂ ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନୂଆ ଲାଇନ ରହିଛି।

ମୁଖ୍ୟମନ୍ତ୍ରୀଙ୍କୁ ଏହି ଅବସରରେ ରେଳମନ୍ତ୍ରୀ ଜଣାଇଛନ୍ତି, ଆସନ୍ତା ୫ ବର୍ଷ ମଧ୍ୟରେ ଓଡ଼ିଶାରେ ଆହୁରି ଅନେକ ନୂଆ ରେଳ ପ୍ରକଳ୍ପ ହାତକୁ ନିଆଯିବ। ସୂଚନାଯୋଗ୍ୟ, ୨୦୧୪ ରୁ ୨୦୨୪ ମଧ୍ୟରେ ଓଡ଼ିଶାରେ ୧୮୨୭ କି.ମି.ଦୀର୍ଘ ରେଳ ଲାଇନ ନିର୍ମାଣ କରାଯାଇଛି, ଯାହା ଶ୍ରୀଲଙ୍କାର ରେଳ ନେଟ୍‌ୱର୍କ ଠାରୁ ଅଧିକ ରହିଛି। ଏହି ଅବଧି ମଧ୍ୟରେ ୪୨୭ଟି ରେଳ ଅଣ୍ଡର ବ୍ରିଜ୍ ମଧ୍ୟ ନିର୍ମାଣ କରାଯାଇଛି। ଓଡ଼ିଶାରେ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଥିବା ବେଳେ ଅମୃତ ଷ୍ଟେଶନ ଯୋଜନାରେ ୫୯ଟି ଷ୍ଟେଶନର ଉନ୍ନତି କରାଯିବ ବୋଲି ଆଲୋଚନାରୁ ଜଣାଯାଇଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଆଇଟି ଷ୍ଟାର୍ଟଅପ୍‌ର ବିକାଶ ପାଇଁ ୪ଟି ବୈଷୟିକ ଅନୁଷ୍ଠାନରେ 'ଚିପ୍ ଟୁ ଷ୍ଟାର୍ଟଅପ୍' କାର୍ଯ୍ୟକ୍ରମ କରାଯାଉଛି। ଏହି ଅନୁଷ୍ଠାନଗୁଡ଼ିକ ହେଉଛି ଆଇଆଇଟି ଭୁବନେଶ୍ୱର, ଏନ୍‌ଆଇଟି ରାଉରକେଲା, ଆଇଆଇଆଇଟି ଭୁବନେଶ୍ୱର ଓ ପାରଳା ମହାରାଜ ଇଞ୍ଜିନିୟରିଂ କଲେଜ ବ୍ରହ୍ମପୁର.

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଆଇଟି ଶିଳ୍ପର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ କାମନା କରିଛନ୍ତି। ଓଡ଼ିଶାରେ ଯେପରି ଅଧିକରୁ ଅଧିକ ଆଇଟି କମ୍ପାନୀ ପୁଞ୍ଜି ବିନିଯୋଗ କରିବେ ସେଥିପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ କାମନା କରିଛନ୍ତି। ଏହାସହ

■ ଆଇଟି ଶିଳ୍ପର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ କାମନାକଲେ ମୁଖ୍ୟମନ୍ତ୍ରୀ
■ ୭୦ ହଜାର କୋଟିରୁ ଅଧିକ ଟଙ୍କାର ରେଳ ପ୍ରକଳ୍ପ ନିର୍ମାଣାଧୀନ
■ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ବିଚାରାଧୀନ

ଓଡ଼ିଶାରୁ କିପରି ଅଧିକ ଲୋକ ମହା କୁମ୍ଭମେଳା-୨୦୨୫ ଦେଖିବାକୁ ଯାଇପାରିବେ, ତାହା ସୁନିଶ୍ଚିତ କରିବା ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ପ୍ରସ୍ତାବ ବିଚାରାଧୀନ ଅଛି ବୋଲି ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିପାଇଁ ଜମି ସହ ଅନ୍ୟାନ୍ୟ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ। ଏଥିଲାଗି ସବୁ ପ୍ରକାର ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି।

# ଭାରତ ସବୁଠୁ ଶକ୍ତିଶାଳୀ ହାଇଡ୍ରୋଜେନ୍ ଟ୍ରେନ୍ ଇଞ୍ଜିନ ପ୍ରସ୍ତୁତ କରୁଛି: ରେଳମନ୍ତ୍ରୀ

**ପ୍ରବାସୀ ଭାରତୀୟ ସମ୍ମିଳନୀର ଦ୍ୱିତୀୟ ଦିନ**

**ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)**

ସ୍ଥାନୀୟ ଜନତା ମଇଦାନରେ ଆରମ୍ଭ ହୋଇଥିବା ୩ ଦିନିଆ ପ୍ରବାସୀ ଭାରତୀୟ ଦିବସର ଦ୍ୱିତୀୟ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସବୁଜ ସଂଯୋଗ: ନିରନ୍ତର ବିକାଶରେ ପ୍ରବାସୀଙ୍କ ଯୋଗଦାନ' ବିଷୟବସ୍ତୁକୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହୋଇଛି। ବ୍ୟସ୍ତବହୁଳ ଜୀବନରେ ସୁସ୍ଥ ରହିବା ଏବଂ ପରିବେଶକୁ ସୁସ୍ଥ ରଖିବା ସମସ୍ତଙ୍କ ପାଇଁ ଏକ ଆହ୍ୱାନ ନେଇ ଅତିଥିମାନେ ଆଲୋଚନା କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ହାଇଡ୍ରୋଜେନ୍ ଟ୍ରେନ୍ ଇଞ୍ଜିନ ପ୍ରସ୍ତୁତ କରୁଛି। ବିଶ୍ୱରେ ମାତ୍ର ୪ଟି ଦେଶ ହାଇଡ୍ରୋଜେନ୍ ଦ୍ୱାରା ଟ୍ରେନ୍ ଚଳାଚଳ ଲାଗି କାମ କରୁଛନ୍ତି। ସେମାନେ ସର୍ବାଧିକ ୫ ଶହରୁ ୬ଶହ ହର୍ସପାୱାର ବିଶିଷ୍ଟ ହାଇଡୋଜେନ୍ ଟ୍ରେନ୍ ପ୍ରସ୍ତୁତ କରୁଛନ୍ତି। ହେଲେ ଭାରତ ୧୨୦୦ ହର୍ସପାୱାରର ହାଇଡ୍ରୋଜେନ୍ ପ୍ରସ୍ତୁତ କରୁଛି। ବର୍ତ୍ତମାନ ଭାରତରେ ଉତ୍ପାଦିତ ହେଉଥିବା ମୋଟ୍ ବିଦ୍ୟୁତ୍‌ର ୪୫% ହେଉଛି ଅକ୍ଷୟ ଶକ୍ତି। ସେହିପରି ରେଳପଥ ମାଧ୍ୟମରେ ପରିବହନ କରିବା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ ୯୦% କମ୍ କରାଯାଇପାରିଛି। ତେଣୁ ଭାରତର ରେଳପଥକୁ ସମ୍ପୂର୍ଣ୍ଣ ବିଦ୍ୟୁତ୍ ସଂଯୋଗୀକରଣ କରିବା କାର୍ଯ୍ୟ ଜାରି ରହିଛି। ବାର୍ଷିକ ୬୦୦୦ କି.ମି. ରେଳପଥର ବିଦ୍ୟୁତ୍ ସଂଯୋଗୀକରଣ କରାଯାଉଛି। ଆମକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବାକୁ ପଡିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ୩ଟି କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ପ୍ରଥମଟି ହେଉଛି ଅକ୍ଷୟ ଶକ୍ତି ମାଧ୍ୟମରେ ଭାରତରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ବୈଷୟିକ ଜ୍ଞାନକୌଶଳର ବିକାଶ ଓ ନିରନ୍ତର ବିକାଶରେ ବିନିଯୋଗର ବୃଦ୍ଧି। ଅଧିବେଶନରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ମରିସସ୍ କନିଷ୍ଠ ବୈଦେଶିକ ବ୍ୟାପାର ମନ୍ତ୍ରୀ ହମ୍ପିରାଜେନ୍ ନରସିଂହେନ୍ ଉପସ୍ଥିତ ରହି ଭାରତ ଓ ମରିସସ୍ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଛନ୍ତି। ସେହିପରି ନରେୱରୁ ପ୍ରବାସୀ ଭାରତୀୟ ରାହୁଲ ଫଡେଦାର, ମେକ୍ସିକୋରୁ ପ୍ରବାସୀ ଜଗଦୀଶ ନୈନୱାଲ୍, ଭିଏଟ୍‌ନାମରୁ ପ୍ରବାସୀ ଇନ୍ଦ୍ରନୀଲ୍ ସେନଗୁପ୍ତା, ସୁଇଜରଲାଣ୍ଡରୁ ପ୍ରବାସୀ ୱାଇ. ଆଦିତ୍ୟ, ନାଇଜେରିଆରୁ ପ୍ରବାସୀ ଜିତେନ୍ଦ୍ର କୁମାର ସଇଦେବା, କାନାଡାରୁ ପ୍ରବାସୀ ଅଞ୍ଜୁ ବିର୍ମାନୀ ଉପସ୍ଥିତ ରହି ସ୍ୱଚ୍ଛ ଓ ସବୁଜ ଶକ୍ତି ବିକାଶକୁ ପ୍ରାଧାନ୍ୟ ଦେବା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ପ୍ରବାସୀ ଭାରତୀୟମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରବାସୀ ଭାରତୀୟ ଦିବସ ଆୟୋଜନ କରି ଓଡ଼ିଶା ବିଶ୍ୱବିଦିତ



**ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)**

ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାରୋହ ଆୟୋଜନ ଦ୍ୱାରା ଓଡ଼ିଶା ବିଶ୍ୱବିଦିତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ଜନତା ମଇଦାନଠାରେ ଆୟୋଜିତ ଏହି ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଧର୍ମେନ୍ଦ୍ର ଯୋଗଦେବା ସହ ୟୁଏସ୍, ଓମାନ ଓ କାତାରରୁ ଆସିଥିବା ପ୍ରତିନିଧି ଦଳ, ଭାରତୀୟ ପ୍ରବାସୀଙ୍କ ସହ ଆଲୋଚନା କରଛନ୍ତି। ସମାରୋହରେ ପ୍ରଧାନମନ୍ତ୍ରୀ ଉଦୟଗିରି, କୋଣାର୍କ, ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟ, ଐତିହାସିକ ବାଲିଯାତ୍ରା, ବୌଦ୍ଧ ସର୍କିଟ୍, ସମୃଦ୍ଧ ସଂସ୍କୃତି, ଗୌରବମୟ ଇତିହାସ ଓ ଅନନ୍ୟ ଐତିହ୍ୟକୁ ଉପସ୍ଥାପନ କରିଛନ୍ତି। ଭାରତ ହେଉଛି ଐତିହ୍ୟ ଓ ପରମ୍ପରାର ଏକ ଅପାର ଗନ୍ତାଘର। ଭାରତର ପରମ୍ପରା, ଐତିହ୍ୟ ଓ ଐତିହାସିକ ପୃଷ୍ଠଭୂମିକୁ ପ୍ରଦର୍ଶିତ କରିବା ତଥା ବିଶ୍ୱସ୍ତରରେ ପର୍ଯ୍ୟଟକମାନଙ୍କୁ ଏହା ଉପରେ ଅବଗତ କରାଇବା ଏହାର ଉଦ୍ଦେଶ୍ୟ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସମାରୋହ ଶିକ୍ଷା, ସାଂସ୍କୃତିକ ସଙ୍ଗଠନ ତଥା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ମତ ବିନିମୟ କରିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ, ଖାଦ୍ୟପେୟ ଏବଂ ପର୍ଯ୍ୟଟନ ଉପରେ ଅବଗତ କରାଇଛନ୍ତି। ସେ ଆହୁରି କହିଛନ୍ତି, ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରେ ବହୁ ଉତ୍ସାହ ଅଛି। ସେମାନେ ଓଡ଼ିଶାର ଭୂୟସୀ ପ୍ରଶଂସା କରିଛନ୍ତି। ଓଡ଼ିଶାର କଳା, ସଂସ୍କୃତି, ହସ୍ତତନ୍ତ ପ୍ରତି ପ୍ରବାସୀଙ୍କ ରୁଚି ବଢ଼ିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମହିଳାଙ୍କୁ ୫୦% ରିହାତିରେ ନେବ ଓଏସ୍‌ଆର୍‌ଟିସି

**ପ୍ରୟାଗରାଜରେ ୧୩ରୁ କୁମ୍ଭମେଳା**

**ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)**

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଜାନୁଆରୀ ୧୩ରୁ ହେବାକୁ ଥିବା ମହାକୁମ୍ଭ ମେଳା ପାଇଁ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରୁ ୮ଟି ବସ୍ ଗଡ଼ିବ। ଏଥିରେ ମହିଳାଙ୍କ ପାଇଁ ୫୦% ରିହାତି ରହିଥିବା ଓଏସ୍‌ଆର୍‌ଟିସି ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ ସୂଚନା ଦେଇଛନ୍ତି। ସେଠୀ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ୧୨ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୮ଟି ବସ୍ ଯିବ। ଆବଶ୍ୟକ ପଡ଼ିଲେ ଅଧିକ ବସ୍ ଚାଲିବା ବ୍ୟବସ୍ଥା ହେବ। ପ୍ରତ୍ୟେକ ଯାତ୍ରୀଙ୍କୁ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଟିକେଟ ଚାର୍ଜ ରହିଛି। ମହିଳାଙ୍କ ପାଇଁ ୫୦% ରିହାତି ବ୍ୟବସ୍ଥା ରହିଛି। ସେଠାରେ ରହିବା, ଖାଇବାର ବ୍ୟବସ୍ଥା ଓଏସ୍‌ଆର୍‌ଟିସି କରିବ। ପୁରୀ, ସମ୍ବଲପୁର, ଭବାନୀପାଟଣା, ବ୍ରହ୍ମପୁରରୁ ଅଯୋଧ୍ୟାକୁ ବସ୍ ଗଡ଼ିବ।

# ପୋଲିସ ଗୁଳିରେ ୩ ମାଓବାଦୀ ନିହତ

**ମାଲକାନଗିରି, ୯।୧ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଓ ବିଜାପୁର ଜିଲା ସୀମାନ୍ତରେ ପୋଲିସ ସହ ଗୁଳି ବିନିମୟରେ ଗୁରୁବାର ୩ ମାଓବାଦୀ ନିହତ ହୋଇଛନ୍ତି। ସୁକ୍‌ମା ଓ ବିଜାପୁର ଜିଲା ସୀମାନ୍ତରେ ଡିଆର୍‌ଜି, କୋବ୍ରା, ଏସ୍‌ଟିଏଫ୍ ଓ ସିଆର୍‌ପିଏଫ୍ ବାହିନୀର ଯବାନମାନେ କୋମ୍ବିଂ କରୁଥିବା ସମୟରେ ମାଓବାଦୀଙ୍କ ସାମ୍ନାସାମ୍ନି ହୋଇଥିଲେ। ଫଳରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ୩ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ସୂଚନା ମିଳିଛି।

# ୧୭ରେ ଓଏସ୍‌ଏସ୍‌ଟିଇଟି

**କଟକ, ୯।୧ (କାର୍ତ୍ତିକ ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଏସ୍‌ଏସ୍‌ଟିଇଟି) ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଗୁରୁବାରଠାରୁ ଉପଲବ୍ଧ ହୋଇଛି। ବୋର୍ଡ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଉକ୍ତ ଦିନ ପୂର୍ବାହ୍ଣ ୧୦ଟାରୁ ୧୨ଟା ୩୦ ପର୍ଯ୍ୟନ୍ତ ପ୍ରଥମ ସିଟିଂରେ ପେପର-୧ ପରୀକ୍ଷା ହେବ। ସେହିପରି ଅପରାହ୍ଣ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ହେବ। ରାଜ୍ୟର ମୋଟ୍ ୧୮୩ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ୫୦,୫୮୭ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ସେଥିମଧ୍ୟରୁ ପେପର-୧ ପାଇଁ ୪୭,୨୦୬ ଓ ପେପର-୨ରେ ୩୩୮୧ ଜଣ ପରୀକ୍ଷାର୍ଥୀ ଅଛନ୍ତି ବୋଲି ବୋର୍ଡ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)**

୧୮ତମ ପ୍ରବାସୀ ଭାରତୀୟ ଦିବସ ସମାରୋହରେ ଯୋଗଦେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସନ୍ଧ୍ୟାରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦର ଠାରେ ପହଞ୍ଚିଛନ୍ତି। ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେ ସିଧାସଳଖ ସେଠାରୁ ରାଜଭବନ ଅଭିମୁଖେ ଯାଇଛନ୍ତି। ରାଷ୍ଟ୍ରପତି ମୁର୍ମୁଙ୍କୁ ବିମାନବନ୍ଦର ଠାରେ ରାଜ୍ୟପାଳ ହରିବାବୁ କମ୍ଭମପଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଛନ୍ତି। ରାଷ୍ଟ୍ରପତି ରାଜଭବନରେ ରାତ୍ରିଯାପନ କରିବେ। ଶୁକ୍ରବାର ପ୍ରବାସୀ ଭାରତୀୟ ଦିବସ ଉଦଯାପନୀ ସମାରୋହରେ ରାଷ୍ଟ୍ରପତି ଯୋଗଦେଇ ପ୍ରବାସୀ ଭାରତୀୟଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ପ୍ରବାସୀ ଭାରତୀୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଏହି ସମ୍ମାନ ପାଇବାକୁ ଥିବା ବ୍ୟକ୍ତିବିଶେଷଙ୍କ ନାମ ଘୋଷଣା କରାଯାଇସାରିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନ ଯାଇ ରାଷ୍ଟ୍ରପତିଙ୍କୁ ଭେଟି ବିଭିନ୍ନ ବିଷୟରେ ଦୀର୍ଘ ସମୟ ଧରି ଆଲୋଚନା କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହି ୩ ଦିନିଆ ସମାରୋହକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ପହଞ୍ଚି ରାଜଭବନରେ ରାତ୍ରୀ ଯାପନ କରିଥିଲେ। ରାଷ୍ଟ୍ରପତି ଆସିବାର କିଛି ଘଣ୍ଟା ପୂର୍ବରୁ ପ୍ରଧାନମନ୍ତ୍ରୀ ଓଡ଼ିଶା ଛାଡିଥିବା ଜଣାପଡିଛି।



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ପ୍ରବାସୀ ଭାରତୀୟ ଦିବସ**






ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

-ପୁତ୍ରଦା ଏକାଦଶୀ
ଉପବାସ ଓ ହଳ ନିଷେଧ



# ଅଷ୍ଟ୍ରେଲିଆ ଓ ସାମାଜିକ ଗଣମାଧ୍ୟମ



ପିଟର ସିଙ୍ଗର

ଗତବର୍ଷ ଶେଷଭାଗରେ ଅଷ୍ଟ୍ରେଲିଆର ସଂସଦରେ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମ ପକାଉଥିବା ପ୍ରଭାବକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାସହ ଟିକ୍‌ଟକ୍, ସ୍ନାପଚାଟ, ଇନ୍‌ଷ୍ଟାଗ୍ରାମ ଏବଂ ଏକ୍ସ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଆକାଉଣ୍ଟ ଖୋଲିବାକୁ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ଅତି କମ୍‌ରେ ୧୬ ବର୍ଷ ବୟସ ହେବା ଆବଶ୍ୟକ ବୋଲି ଅନ୍‌ଲାଇନ ସୁରକ୍ଷା ଆଇନରେ ସଂଶୋଧନ ଅଣାଯାଇଥିଲା। ଏହି ସଂଶୋଧନ ୨୦୨୫ ଶେଷ ସୁଦ୍ଧା କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି । ଅନ୍‌ଲାଇନ ସୁରକ୍ଷା ଆଇନ ଅଷ୍ଟ୍ରେଲିଆରେ ଉଭୟ ସଂସଦରେ ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସମର୍ଥନ ପାଇଥିଲେ ମଧ୍ୟ ଏହାକୁ ସମାଲୋଚନା କରାଯାଇଛି। କେତେକେ କିଶୋରଙ୍କ କ୍ଷେତ୍ରରେ ସୋସିଆଲ ମିଡିଆ ବ୍ୟବହାର ଏବଂ ମାନସିକ-ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ଥିବା ସମ୍ପର୍କକୁ ନେଇ ବିବାଦ ଉଠାଇଛନ୍ତି। ଅନ୍ୟମାନେ ଏହି ଆଇନ ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାରର ଉଲ୍ଲଂଘନ ବୋଲି ବିଚାର କରନ୍ତି। ଏପରି କି ଯେଉଁମାନେ ଏହି ପଦକ୍ଷେପକୁ ସମର୍ଥନ କରନ୍ତି ସେମାନେ ମଧ୍ୟ ଏହାକୁ କିପରି କାର୍ଯ୍ୟକାରୀ କରାଯାଇପାରିବ ତା' ଉପରେ ପ୍ରଶ୍ନ ଉଠାଇଛନ୍ତି।

ଏହା ନିଃସନ୍ଦେହ ଯେ ସ୍ମାର୍ଟଫୋନ ବଜାରକୁ ଆସିବା ଏବଂ ସୋସିଆଲ ମିଡିଆର ଆବିର୍ଭାବ ପରଠାରୁ କିଶୋର, ବିଶେଷକରି ବାଳିକାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପ ହୋଇଯାଇଛି। ଡିଜିଟାଲ ପ୍ଲାଟ୍‌ଫର୍ମର ଲ' ଡିଜାଇନ ଆଲଗୋରିଦମ ଲୋକଙ୍କୁ ବାନ୍ଧି ରଖିବା ପାଇଁ ଉଦ୍ଦିଷ୍ଟ, କାରଣ ଅଧିକ କ୍ଲିକ୍ ଅର୍ଥ ବିଜ୍ଞାପନରୁ ମିଳିବ। ୱାଶିଂଟନସ୍ଥିତ ଗ୍ୟାଲପ୍ ସଂସ୍ଥା ଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଆମେରିକାର କିଶୋରମାନେ ଦିନକୁ ହାରାହାରି ୪.୮ ଘଣ୍ଟା ସୋସିଆଲ ମିଡିଆରେ ବିତାଉଛନ୍ତି। ତାହା ହେଉଛି କିଶୋରମାନେ ପାଉଥିବା ଫାଙ୍କା ସମୟର ଏକ ବଡ଼ ଅଂଶ, ଯେଉଁ ସମୟରେ ସେମାନେ ବନ୍ଧୁମାନଙ୍କ ସହିତ ବ୍ୟକ୍ତିଗତ ଭାବରେ କଥା ହୋଇପାରନ୍ତେ ଏବଂ ବାସ୍ତବ ଦୁନିଆରେ କୌଣସି ସ୍ଥାନ ଓ ବସ୍ତୁ ସହିତ ଯୋଗାଯୋଗରେ କଟାଇପାରନ୍ତେ। ସାମାଜିକ ମନୋବିଜ୍ଞାନୀ ତଥା 'ଦି ଆଙ୍କ୍‌ସିୟସ ଜେନେରେଶନ'ର ଲେଖକ ଜୋନାଥନ୍ ହାଇଡିଟ୍



କହିଛନ୍ତି ଯେ, ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ମାନବ ବିକାଶକୁ ପ୍ରାୟତଃ ଅକଳନୀୟ ଭାବେ ପରିବର୍ତ୍ତନ କରିଛି। କିଶୋର ବୟସରେ ମାତ୍ରାଧିକ ସୋସିଆଲ ମିଡିଆ ବ୍ୟବହାର ଯୋଗୁ ସେମାନଙ୍କଠାରେ ଅତ୍ୟଧିକ ବିଷାଦ ଓ ବ୍ୟଗ୍ରତା ପ୍ରକାଶ ପାଉଛି। ତେବେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା କେବଳ ସୋସିଆଲ ମିଡିଆ ବ୍ୟବହାର ଯୋଗୁ ସୃଷ୍ଟି ହେଉଛି ନା ଏହା ପଛରେ ଆଉ ଅଧିକ କିଛି କାରଣ ରହିଛି, ତାହାକୁ ନେଇ ବିବାଦ ଉଠିଛି। ଦୀର୍ଘ ସମୟ ସୋସିଆଲ ମିଡିଆ ବ୍ୟବହାର କମାଇବା ଯୋଗୁ ଅବସାଦ ଏବଂ ଆବେଗ ହ୍ରାସପାଏ କି ନାହିଁ ତାହା ଗୁଣାତ୍ମକ ଅଧ୍ୟୟନଭିତ୍ତିକ ପରୀକ୍ଷାରୁ ଜାଣିବା କଷ୍ଟକର ହୋଇଛି। ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ବ୍ୟବହାର କରି ନିଜ ସାଙ୍ଗମାନଙ୍କଠାରୁ ଦୂରେଇ ରହୁଥିବା ପିଲାମାନଙ୍କ ପାଇଁ ଏହା କ୍ଷତିକାରକ। ଏହା ଗୁରୁତ୍ୱପୂର୍ଣ୍ଣ ଯେ କିଶୋରବର୍ଗର ସମସ୍ତେ ଏକତ୍ର ସୋସିଆଲ ମିଡିଆକୁ ଛାଡ଼ି ଦେବା ଦରକାର, ଯାହା ଦ୍ୱାରା ବାସ୍ତବ ଦୁନିଆର ପାରସ୍ପରିକ ସମ୍ପର୍କ ରକ୍ଷାକରି ସୋସିଆଲ ମିଡିଆ ବ୍ୟବହାରରୁ ଦୂରେଇ ଯାଇହେବ। ସୋସିଆଲ ମିଡିଆର ବ୍ୟାପକ ବ୍ୟବହାର ଓ ସୃଷ୍ଟି ହେଉଥିବା ଆବେଗ ଏବଂ ବିଷାଦକୁ ନେଇ ଏଯାବତ୍ ଦୃଢ଼ ପରୀକ୍ଷଣର ଅଭାବ ରହିଛି। ତେବେ ଆମ ପାଖରେ ଯାହା କିଛି ପ୍ରମାଣ ଅଛି ତାହା ସୂଚିତ କରେ ଯେ, ସୋସିଆଲ ମିଡିଆ ବ୍ୟବହାର ବିଷାଦ ଓ ଆବେଗ ବୃଦ୍ଧିକରେ, କିନ୍ତୁ ଏହା ଶେଷ ସିଦ୍ଧାନ୍ତ ନୁହେଁ।

ତେଣୁ ଅଷ୍ଟ୍ରେଲିଆ ଏକ ଜାତୀୟ ପରୀକ୍ଷଣକୁ ପ୍ରଭାବଶାଳୀ ଭାବରେ ସଞ୍ଚାଳନ କରି ବିଶ୍ୱର ଉପକାର କରିପାରେ। ଏହା ଅଷ୍ଟ୍ରେଲିଆର କିଶୋରମାନେ ସୋସିଆଲ ମିଡିଆରେ ଅତିବାହିତ କରୁଥିବା ସମୟ ଅଧିକ ହ୍ରାସ କରିପାରେ। ନୂଆକରି ବୟସ କଟକଣା ରହିଥିବା ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ପରିଚାଳନା କରୁଥିବା କମ୍ପାନୀଗୁଡ଼ିକ ଯଦି ୧୬ ବର୍ଷରୁ କମ୍ ବୟସର ପିଲାଙ୍କୁ ଆକାଉଣ୍ଟ ଖୋଲିବାକୁ ରୋକିବା ପାଇଁ ଯୁକ୍ତିଯୁକ୍ତ ପଦକ୍ଷେପ ନେବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କ ଉପରେ ଅତ୍ୟଧିକ ଜରିମାନା ଲାଗୁ କରି ନୀତିନିର୍ଦ୍ଧାରଣକାରୀମାନେ ସେମାନଙ୍କ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିଛନ୍ତି। ଯୁକ୍ତିଯୁକ୍ତ ପଦକ୍ଷେପ ନେବା ପାଇଁ ସ୍ୱାଧୀନ ଆଇନଗତ କାର୍ଯ୍ୟାଳୟ ଭାବେ ଅଷ୍ଟ୍ରେଲିଆର ଇ-ସେଫ୍ଟି କମିଶନରଙ୍କୁ ଏହି ଆଇନ ଦାୟିତ୍ୱ ପ୍ରଦାନ କରିଛି। ହ୍ୱାଟ୍‌ସ ଆପ୍ ଏବଂ ସମାନ ପ୍ରକାର ମେସେଜିଂ ଆପ୍ ତଥା କିଛି ଅନ୍‌ଲାଇନ ସ୍ୱାସ୍ଥ୍ୟ ଏବଂ ଶିକ୍ଷାଗତ ସେବା ଏହି ଆଇନରୁ ମୁକ୍ତ ହେବ। ଯୁବକମାନେ ବିନା ଆକାଉଣ୍ଟରେ ଫେସବୁକ୍‌ରେ ବ୍ୟବସାୟ ଲ୍ୟାଣ୍ଡିଂ ପେଜ ଭଳି ସୋସିଆଲ ମିଡିଆରେ ୟୁଟ୍ୟୁବ ଭିଡିଓ କିମ୍ବା ପୃଷ୍ଠାଗୁଡ଼ିକୁ ଦେଖିବାରେ ସକ୍ଷମ ହେବେ। ଅନ୍ୟପକ୍ଷରେ, ଏକ 'ଡିଜିଟାଲ ଡ୍ୟୁଟି ଅଫ୍ କେୟାର' ସୃଷ୍ଟି କରି ଅଧିକ ଆଇନ ପ୍ରଣୟନ କରିବାକୁ ସରକାର ଘୋଷଣା କରିଛନ୍ତି, ଯେଉଁଥିରେ ଏବକାର ଜଣାଶୁଣା କିମ୍ବା ଭବିଷ୍ୟତର କ୍ଷତିକୁ ରୋକିବାରେ ଡିଜିଟାଲ ପ୍ଲାଟଫର୍ମର ଉତ୍ତରଦାୟିତ୍ୱ ରହିବ। ହେଲେ ଏହି ଆଇନ ସୋସିଆଲ ମିଡିଆ କାର୍ଯ୍ୟନିର୍ବାହୀ ତଥା ପ୍ରୋଗ୍ରାମରମାନଙ୍କୁ ଲାଭ ଦେଇପାରେ। ଆଇନ ସମସ୍ତ ପ୍ଲାଟଫର୍ମ ପାଇଁ ଏକ ସମାନ କ୍ଷେତ୍ର ସୃଷ୍ଟିକରି ସାମୂହିକ-କାର୍ଯ୍ୟ ସମସ୍ୟାକୁ ଦୂର କରିପାରିବ।

ଅଷ୍ଟ୍ରେଲୀୟ ସମ୍ବିଧାନ ଅଭିବ୍ୟକ୍ତି ଅଧିକାର ଭଳି ଅନ୍ୟ ମୌଳିକ ଅଧିକାରଗୁଡ଼ିକ ସମ୍ପର୍କରେ ବ୍ୟାପକ ବିବୃତି ଦେଇନାହିଁ। ସାଧାରଣତଃ ନିର୍ବାଚିତ ପ୍ରତିନିଧିଙ୍କ ସର୍ବୋଚ୍ଚତାକୁ କୋର୍ଟ ଗ୍ରହଣ କରନ୍ତି । ଅଷ୍ଟ୍ରେଲିଆ ହାଇକୋର୍ଟ ଏହା ମଧ୍ୟ କହିଛନ୍ତି, ପ୍ରତିନିଧି ତଥା ଦାୟିତ୍ୱପୂର୍ଣ୍ଣ ସରକାର ପ୍ରତିଷ୍ଠା କରୁଥିବା ସମ୍ବିଧାନର ନିୟମାବଳୀ ସୂଚାଇ ଦେଉଛି ଯେ ସଂସଦ ରାଜନୈତିକ ଯୋଗାଯୋଗରେ ଅଯଥା ବୋଝ ରଖିବ ନାହିଁ। ତେବେ ଏହା ସେହିମାନଙ୍କ ପାଇଁ ସମ୍ଭାବ୍ୟ ଉତ୍ତର ହୋଇପାରେ। ଯେଉଁମାନେ କହନ୍ତି ଯେ, ୧୬ ବର୍ଷରୁ କମ୍ ପିଲାମାନେ ଭୋଟ ଦେଉ ନ ଥିବାରୁ ରାଜନୈତିକ ଯୋଗାଯୋଗରେ ସେମାନଙ୍କର କମ୍ ଆବଶ୍ୟକତା ରହିଛି ଏବଂ ଏହି ନୂଆ ଆଇନ ସେହି ନୀତିକୁ ଉଲ୍ଲଂଘନ କରୁଛି। ତେବେ ଯୁକ୍ତି କରାଯାଇପାରେ ଯେ, ଏହି ବୋଝ ଅସଙ୍ଗତ ନୁହେଁ, କାରଣ ସାମାଜିକ ଗଣମାଧ୍ୟମ କାରଣରୁ ହୋଇଥିବା କ୍ଷତି ହିଁ ଆଇନରେ ଥିବା ସାମାନ୍ୟ ପ୍ରତିବନ୍ଧକର ଯଥାର୍ଥତା ପ୍ରତିପାଦନ କରିବାକୁ ଯଥେଷ୍ଟ। ଅଷ୍ଟ୍ରେଲିଆ ସରକାର ମଧ୍ୟ ରାଜନୈତିକ ଯୋଗାଯୋଗରେ ସୀମିତ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ଛାଡ଼ିପାରିବେ । କିନ୍ତୁ କେଉଁ ଯୋଗାଯୋଗ ରାଜନୈତିକ ଏବଂ କେଉଁଟି ନୁହେଁ ତାହା ସରକାର ସ୍ଥିର କରିବା ଆବଶ୍ୟକ।

**ଏମିରିଟସ ପ୍ରଫେସର ଅଫ୍ ବାୟୋଏଥିକ୍ସ, ପ୍ରିନ୍‌ଷ୍ଟନ ୟୁନିଭର୍ସିଟି**

## ସମୟକୁ ସମ୍ମାନ



ସତ୍ୟନାରାୟଣ ଦେହୁରୀ

ସମୟ ଓ ଜୁଆର କାହାକୁ ଅପେକ୍ଷା କରେ ନାହିଁ। ବର୍ତ୍ତମାନକୁ ଆଉ କିଛି କ୍ଷଣ ପରେ ଖୋଜିଲେ ପାଇବା ନାହିଁ। ସେଥିପାଇଁ ଯେତେବେଳର କାମ ସେତେବେଳେ ହିଁ କରିବା ଉଚିତ୍। ଯିଏ ସମୟକୁ ସମ୍ମାନ ଦିଏ ନାହିଁ, ସେ ସଫଳତାର ଶୀର୍ଷରେ ପହଞ୍ଚିପାରେ ନାହିଁ। ଠିକ୍ ସମୟରେ ଠିକ୍ କାମ କରିବା ପାଇଁ ମହାତ୍ମା ଗାନ୍ଧୀ ନିଜ ଅଣ୍ଟାରେ ଏକ ଘଣ୍ଟା ଝୁଲାଇ ରଖିଥିଲେ। କାରଣ ତାଙ୍କୁ ଅନେକ କାର୍ଯ୍ୟ କରିବାକୁ ପଡୁଥିଲା। ଗୋଟିଏ ଦିନ ଭିତରେ ଅନେକ ଲୋକଙ୍କୁ ସାକ୍ଷାତ୍ କରିବା, ଅନେକ ସଭା ସମିତିରେ ଯୋଗଦେବା, ନିଜର ସମସ୍ତ କାମ ନିଜେ କରିବା ଇତ୍ୟାଦି ବହୁବିଧ କାର୍ଯ୍ୟ କରିବା ପାଇଁ ସମୟର ସଦୁପଯୋଗର ଆବଶ୍ୟକତା ପଡୁଥିଲା।

ସମୟକୁ ସମ୍ମାନ ଦେବା ଅନେକ ବ୍ୟକ୍ତିଙ୍କ କ୍ଷେତ୍ରରେ ପରିଲକ୍ଷିତ ହୁଏନାହିଁ। ଅନେକ ବ୍ୟକ୍ତି ଠିକ୍ ସମୟରେ ଠିକ୍ କାମ ନ କରିବା ଫଳରେ ବହୁବିଧ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଯଦି କୌଣସି ସ୍ଥାନକୁ ଆମକୁ ଯିବାର ଅଛି, ତାହାହେଲେ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ବାହାରିଲେ ସୁରକ୍ଷିତ ଭାବରେ ପହଞ୍ଚି ହୁଏ। ଯଦି ବିଳମ୍ବ କରିବା, ତାହାହେଲେ ଛାନିଆ ହୋଇ ଯିବାକୁ ହୁଏ; ଯାହାକି ବିପଦର କାରଣ ହୋଇଥାଏ। ଏଠାରେ ଏକ ସତ୍ୟ ଘଟଣାର ଅବତାରଣା ଜରୁରୀ ମନେହୁଏ। ସହରାଞ୍ଚଳର ଗୋଟିଏ ବିଦ୍ୟାଳୟରେ ଜଣେ ନୂଆ ପ୍ରଧାନଶିକ୍ଷକ ଯୋଗ ଦେଇଥାଆନ୍ତି। ପ୍ରଧାନଶିକ୍ଷକ ଜଣକ ଖୁବ୍ ସମୟାନୁବର୍ତ୍ତିତା ଥିଲେ। ସମୟକୁ ଉଚିତ୍ ସମ୍ମାନ ଦେଉଥିଲେ। ଶିକ୍ଷା କ୍ଷେତ୍ରରେ ତାଙ୍କର ଖୁବ୍ ଦବ୍‌ଦବା ଥାଏ। ତେଣୁ ସବୁ ସହକର୍ମୀ ମଧ୍ୟ ପ୍ରଧାନଶିକ୍ଷକଙ୍କୁ ଖାତିର ପୂର୍ବକ ସମୟ ଅନୁସାରେ ବିଦ୍ୟାଳୟକୁ ଯିବା ଆସିବାରେ ତତ୍ପରତା ପ୍ରକାଶ କଲେ। ଯେଉଁମାନେ ଆଗରୁ ସମୟକୁ ସମ୍ମାନ ଦେଉ ନ ଥିଲେ, ସେମାନେ ଯଥାରୀତି ସମୟକୁ ସମ୍ମାନ ଦେବା ଆରମ୍ଭ କଲେ। କାରଣ ସାଧାରଣତଃ ବିଦ୍ୟାଳୟକୁ ଠିକ୍ ସମୟରେ ଆସିବା ଓ ଠିକ ସମୟରେ ବିଦ୍ୟାଳୟରୁ ଘରକୁ ଫେରିବାରେ ଅନେକେ ଅବହେଳା କରନ୍ତି। ଦିନକର ଘଟଣା। ସେ ଦିନ ଥାଏ ଶନିବାର ସକାଳୁଆ ସ୍କୁଲ। ସକାଳ ୬ଟା ୩୦ ମିନିଟ ସୁଦ୍ଧା ସବୁ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ବିଦ୍ୟାଳୟକୁ ପହଞ୍ଚିବାକୁ ହୋଇଥାଏ। ବିଦ୍ୟାଳୟକୁ ୨୦ କିଲୋମିଟର ଦୂରରୁ ଆସୁଥିବା ଜଣେ ଶିକ୍ଷକ ଓ ଆଉ ଜଣେ ଶିକ୍ଷୟିତ୍ରୀ ଘରୁ ବାହାରିବାରେ ସାମାନ୍ୟ ବିଳମ୍ବ ହେବାରୁ ଛାନିଆ ହୋଇ ଦ୍ରୁତ ଗତିରେ ଗୋଟିଏ ବାଇକ୍‌ରେ ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କଲେ। ଯଦି ସେମାନେ ସମୟକୁ ସମ୍ମାନଦେଇ ଜଲ୍‌ଦି ବାହାରି ଥାଆନ୍ତେ, ତାଙ୍କୁ ଛାନିଆ ହେବାକୁ ପଡ଼ି ନ ଥାନ୍ତା କି ଦୁର୍ଘଟଣାର ସମ୍ମୁଖୀନ ହୋଇ ନ ଥାଆନ୍ତେ। ଲକ୍ଷ୍ୟସ୍ଥଳରେ ନିର୍ଦ୍ଦିଷ୍ଟ ସମୟର ପୂର୍ବରୁ ପହଞ୍ଚିବା ବୁଦ୍ଧିମାନ୍‌ର କାର୍ଯ୍ୟ ଅଟେ। ସେଥିପାଇଁ ମହାତ୍ମା ଗାନ୍ଧୀ ମଧ୍ୟ କହୁଥିଲେ, ଯଦି ତୁମର କୌଣସି ସ୍ଥାନରେ ୧୦ଟାରେ ପହଞ୍ଚିବାର ଅଛି, ତେବେ ସେଠାରେ ୧୦ ପୂର୍ବରୁ ପହଞ୍ଚ, ୧୦ଟା ପରେ ନୁହେଁ।

ବର୍ତ୍ତମାନ ସମୟରେ ଦେଖାଯାଉଛି, ଅନେକ କର୍ମଜୀବୀ ପୁରୁଷ ଓ ମହିଳା ନିଜ ନିଜ କର୍ମକ୍ଷେତ୍ରରେ ଠିକ୍ ସମୟରେ ପହଞ୍ଚି ପାରନ୍ତି ନାହିଁ। ଏହାଫଳରେ ତାଙ୍କର କାମ କରିବାର ସମୟ ଅବଧି କମିଯାଉଛି। ଫଳରେ ପ୍ରତିଦିନର କାମ ଧିମେଇ ଯାଏ। ଧରାଯାଉ ଜଣେ ଶିକ୍ଷକ ପ୍ରତିଦିନ ୧୦ଟାରୁ ୪ଟା ପର୍ଯ୍ୟନ୍ତ ପାଠ ପଢ଼ାଇବା ଆବଶ୍ୟକ। କିନ୍ତୁ ସେ ଯଦି ୧୧ଟାରେ ପହଞ୍ଚି ୩ଟାରେ ପଳାଇ ଆସନ୍ତି, ତାହାହେଲେ ୨ ଘଣ୍ଟା ପାଠପଢ଼ା ବ୍ୟାହତ ହେଲା। ଏପରି ସବୁଦିନ ଯଦି ଲାଗିରହେ, ପିଲାଙ୍କର ପାଠ ସରିବ ନାହିଁ। କେବଳ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲ ଯିବା ସାର ହେବ ଓ ସରକାରଙ୍କ ରାଜକୋଷର ଅର୍ଥ ଅପବ୍ୟୟ ହେବ। ଗୋଟିଏ ଦେଶର ପ୍ରଗତି ନିର୍ଭର କରେ ସେ ଦେଶର ଶିକ୍ଷା ଉପରେ। ଗୋଟିଏ ଦେଶକୁ ଧ୍ୱଂସ କରିବା ପାଇଁ ପରମାଣୁ ବୋମାର ଆବଶ୍ୟକତା ନାହିଁ। କେବଳ ସେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିଦେଲେ ସେ ଦେଶ ଆପେ ଆପେ ଧ୍ୱଂସ ହୋଇଯିବ। ପିଲାଙ୍କର ପରୀକ୍ଷା ପରିଚାଳନାକୁ ଢିଲା କରିଦେଲେ ଲକ୍ଷ୍ୟ ହାସଲ ହୋଇଯିବ। ଅର୍ଥାତ୍ ଦେଶ ରସାତଳଗାମୀ ହୋଇଯିବା ନିଶ୍ଚିତ। ଅନ୍ୟାନ୍ୟ କାର୍ଯ୍ୟାଳୟରେ ମଧ୍ୟ କର୍ମଚାରୀମାନେ ସମୟକୁ ସମ୍ମାନ ଦିଅନ୍ତି ନାହିଁ। ସରକାରୀ କାର୍ଯ୍ୟାଳୟଗୁଡ଼ିକର କାମ କରିବାର ଧାର୍ଯ୍ୟ ସମୟ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା। କିନ୍ତୁ କର୍ମଚାରୀମାନେ କିଏ ୧୧ଟା ତ କିଏ ୧୨ଟାରେ ମଧ୍ୟ ଅଫିସକୁ ଆସନ୍ତି। ସେମାନଙ୍କର କାମ କରିବାର ସମୟ ଅବଧି ୭ ଘଣ୍ଟାରୁ ମାତ୍ର ୪ କିମ୍ବା ୫ ଘଣ୍ଟାକୁ କମିଆସେ। ଫଳରେ ଦିନକର କାମ ଦୁଇଦିନ ଲାଗେ। ଜନସାଧାରଣ କିପରି ତା'ର ସୁଫଳ ପାଇବେ ବା ଦେଶ କିପରି ପ୍ରଗତି କରିବ ଏହା ପ୍ରଶ୍ନବାଚୀ।

**ବୌଦ୍ଧ, ମୋ: ୯୪୩୭୨୯୮୭୧୪**

## ଏଇ ଭାରତରେ

ଛତିଶଗଡ଼ର ବସ୍ତର ମାଓପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲିଆ କ୍ଷେତ୍ରରେ ରହୁଥିବା ଆଦିବାସୀଙ୍କ ଜୀବନ ଜୀବିକା ଅତ୍ୟନ୍ତ କଷ୍ଟକର। କାରଣ ସେମାନେ ମାଓ ଭୟରେ ସବୁବେଳେ ରହି ନିଜ ଜୀବିକା ନିର୍ବାହ କରିପାରନ୍ତି ନାହିଁ। ସେଭଳି ଏକ ଅଞ୍ଚଳରେ ସତ୍ୟେନ୍ଦ୍ର ସିଂ ଲିହାରେ ଆଦିବାସୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛନ୍ତି। 'ବସ୍ତର ସେ ବଜାର ତକ୍' ବିଜ୍‌ନେସ୍ ଆରମ୍ଭ କରି ତା' ମାଧ୍ୟମରେ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ଉତ୍ପାଦକୁ ସିଧା ସଳଖ ମାର୍କେଟରେ ବିକିବାର ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ମଧ୍ୟସ୍ଥଙ୍କ ଆବଶ୍ୟକତା ପଡୁନାହିଁ, ଯାହାଦ୍ୱାରା ଚାଷୀମାନେ ଅଧିକ ଲାଭ ପାଇପାରୁଛନ୍ତି। ବିଶେଷକରି ଆତ, ଜାମୁକୋଳି ଏବଂ ତେନ୍ତୁଳି, ପନିପରିବା, ମାଛ ଓ ଔଷଧୀୟ ଗଛ ଆଦି ବିକ୍ରି କରାଯାଉଛି। ଏହାକୁ ସତ୍ୟେନ୍ଦ୍ର ମୁମ୍ବାଇ, ହାଇଦ୍ରାବାଦ, ପୁଣେ, ରାୟପୁର ଆଦି ସହରରେ ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ, ସେ ଏଥିରୁ ମଧ୍ୟ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟରେ ସେ ୧୫୫୦ ଆଦିବାସୀ ମହିଳାଙ୍କୁ ନିଯୁକ୍ତ କରି ସେମାନଙ୍କୁ ଆତ୍ମନିର୍ଭର କରିବାରେ ସକ୍ଷମ ହୋଇପାରିଛନ୍ତି। ଏବେ ଏହି ବିଜ୍‌ନେସ୍‌ରୁ ବର୍ଷକୁ ୧ କୋଟି ଟଙ୍କା ଆୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୦ ଜାନୁଆରୀ ୧୯୭୬

- ମୟୂରଭଞ୍ଜ ଜିଲାରେ ଏକ ଫେରୋଭାନିଜିୟମ କାରଖାନା ପ୍ରତିଷ୍ଠା ପ୍ରସ୍ତାବ ଭାରତୀୟ ଇସ୍ପାତ ସଂସ୍ଥାର ଡାଇରେକ୍ଟର ମଣ୍ଡଳୀ ଦ୍ୱାରା ମଞ୍ଜୁର ହୋଇଛି।
- ସମ୍ବିଧାନର ୧୯ ଧାରାରେ ଦିଆଯାଇଥିବା ଅଧିକାର ସାବ୍ୟସ୍ତ କରିବା ଲାଗି ଲୋକମାନଙ୍କର ବିଚାରାଳୟକୁ ଯିବା ଅଧିକାରକୁ ଦେଶରେ ଜରୁରୀ ପରିସ୍ଥିତି ବଳବତ୍ତର ଥିବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ରଦ୍ଦ କରାଯାଇଛି।
- ଚାଇନା ପ୍ରଧାନମନ୍ତ୍ରୀ ଚାଉ ଏନ୍ ଲାଇଙ୍କ ୭୮ ବର୍ଷ ବୟସରେ ପରଲୋକ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | | 9 | | 4 | 3 | 1 | |
| 4 | 8 | | 3 | | | 9 | | |
| 5 | 2 | | 1 | | | | 9 | |
| | | 7 | | | 9 | | 4 | |
| | 3 | | | | | | | 1 |
| | | | | | | | | |
| 7 | | | | 5 | | 6 | | |
| 3 | 1 | 8 | 6 | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 7 | 1 | 8 | 2 | 5 | 4 | 9 |
| 5 | 2 | 4 | 7 | 6 | 9 | 1 | 3 | 8 |
| 1 | 8 | 9 | 4 | 5 | 3 | 7 | 2 | 6 |
| 8 | 5 | 2 | 9 | 3 | 6 | 4 | 7 | 1 |
| 4 | 3 | 1 | 2 | 7 | 8 | 9 | 6 | 5 |
| 7 | 9 | 6 | 5 | 4 | 1 | 2 | 8 | 3 |
| 2 | 4 | 8 | 6 | 9 | 5 | 3 | 1 | 7 |
| 9 | 1 | 3 | 8 | 2 | 7 | 6 | 5 | 4 |
| 6 | 7 | 5 | 3 | 1 | 4 | 8 | 9 | 2 |

ଗତକାଲିର ଉତ୍ତର

# କର୍ମଫଳରେ ଆଶା



ଡ. ସତ୍ୟନାରାୟଣ ମିଶ୍ର

ଜୀବଦଶା ମଧ୍ୟରେ କୌଣସି କର୍ମ ନ କରି ଜୀବନ ନିର୍ବାହ କରିବା କୌଣସି ପ୍ରାଣୀ ପାଇଁ ସମ୍ଭବ ହୋଇ ନ ପାରେ। ହୁଏତ କେଉଁ ପ୍ରାଣୀ ଅଧିକ କର୍ମ କରିଥାଏ ତ ପୁଣି କିଏ ଅଳ୍ପ କର୍ମ କରିଥାଏ, ମାତ୍ର ସୃଷ୍ଟିରେ ମଣିଷ ହେଉଛି ଏକମାତ୍ର ପ୍ରାଣୀ ଯିଏ କର୍ମ କରିବା ପୂର୍ବରୁ ଓ ପରେ ତାହାର ଫଳ ବିଷୟରେ ଚିନ୍ତା ପ୍ରକଟ କରିଥାଏ। କର୍ମ କରିବା ଓ ତତ୍ପରେ କର୍ମରେ ଆଶା ରଖିବା ହେଉଛି ଏକ ପ୍ରୟୋଗାତ୍ମକ ବିଶ୍ଳେଷଣ। ଯଦି ଜଣେ କର୍ମ କରି ଆଶା କରେ ତାହା ସମାଲୋଚିତ ହୁଏ ବା ତାହା ଶାସ୍ତ୍ର ବିରୋଧୀ ବୋଲି ବିବେଚନା କରାଯାଏ। ଅନ୍ୟପକ୍ଷରେ କର୍ମ କରି ଯିଏ ଆଶା ନ ରଖିଲା ତେବେ ଉକ୍ତ କର୍ମ ସାମାଜିକ,ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେଲେ ମଧ୍ୟ ତାହା ଅନୁପଯୁକ୍ତ କର୍ମ ବୋଲି ପ୍ରମାଣ କରାଯାଇପାରେ। ତେବେ ବ୍ୟତିକ୍ରମ ହେଉଛି କର୍ମ ଓ ଫଳକୁ ବୁଝିବାରେ ସାମର୍ଥ୍ୟର ଦକ୍ଷତା ରହିବା ଦରକାର। ଈଶରଙ୍କୁ ସମସ୍ତ କାର୍ଯ୍ୟକଳାପର ଫଳାଫଳ ପ୍ରଦାନ କରି କର୍ମଯୋଗୀମାନେ ଅନନ୍ତ ଶାନ୍ତିପ୍ରାପ୍ତ କରନ୍ତି। ଯେଉଁମାନେ ସେମାନଙ୍କର ଇଚ୍ଛା ଦ୍ୱାରା ପ୍ରଭାବିତ ହୁଅନ୍ତି, ସେତେବେଳେ ଏକ ସ୍ୱାର୍ଥପର ଉଦ୍ଦେଶ୍ୟ ସହିତ କାର୍ଯ୍ୟ କରନ୍ତି, ଜଡ଼ିତ ହୁଅନ୍ତି, କାରଣ ସେମାନେ ସେମାନଙ୍କର କାର୍ଯ୍ୟର ଫଳ ସହିତ ସଂଯୁକ୍ତ ହୋଇଥାନ୍ତି। ସମାନ କାର୍ଯ୍ୟ କରିବା ଦ୍ୱାରା କିଛି ଲୋକ ବସ୍ତୁର ଅସ୍ତିତ୍ୱରେ ବନ୍ଧା ହୋଇଥାନ୍ତି ଓ ଅନ୍ୟମାନେ ବସ୍ତୁ ବନ୍ଧନରୁ ମୁକ୍ତ ହୋଇଥାନ୍ତି। ଯେଉଁମାନେ ସାମଗ୍ରିକ ପୁରସ୍କାର ଦ୍ୱାରା ଅବିଭକ୍ତ ଓ ଅଣସଂଗଠିତ ସେମାନେ କଦାପି ଫଳ ଦ୍ୱାରା ବନ୍ଧା ନୁହନ୍ତି। କିନ୍ତୁ ସେହି ଲୋଭନୀୟ ପୁରସ୍କାର ଓ ଭୋଗ ଉପଭୋଗ କରିବାର ଇଚ୍ଛା ସହିତ ବ୍ୟସ୍ତ ରହି କାର୍ଯ୍ୟର ପ୍ରତିକ୍ରିୟାରେ ମଣିଷ ଜଡ଼ିତ ହୋଇଯାଏ। ଅନେକ ବ୍ୟକ୍ତି ସେମାନଙ୍କର କାର୍ଯ୍ୟର ପୁରସ୍କାର ପାଇବା ପାଇଁ ଇଚ୍ଛା ତ୍ୟାଗ କରନ୍ତି ଓ ଏହା ପରିବର୍ତ୍ତେ ଆତ୍ମ-ଶୁଦ୍ଧତା ଉଦ୍ଦେଶ୍ୟରେ କାର୍ଯ୍ୟରେ ନିୟୋଜିତ ହୁଅନ୍ତି। ଉକ୍ତ ସ୍ଥିତିରେ ସୃଷ୍ଟି ହୋଇଥାଏ ଯେ କର୍ମ ଓ ଫଳ ତାହେଲେ ବ୍ୟକ୍ତି ପାଇଁ ଆବଶ୍ୟକ। ମାତ୍ର ଯେଉଁଠି କର୍ମ ସୁନିଶ୍ଚିତ, ସେଇଠି ଫଳ ମଧ୍ୟ ସୁନିଶ୍ଚିତ, ଅର୍ଥାତ ଫଳ ସଂଜ୍ଞା ସେଇଠି ଭିନ୍ନ ଭାବେ ଦୃଶ୍ୟମାନ ହୋଇଥାଏ, ଯାହା ଥାଏ ବୁଝିବାର ସାମର୍ଥ୍ୟ। ଗୀତାରେ ବର୍ଣ୍ଣନା କରାଯାଇଛି ଯେ, 'କର୍ମଣ୍ୟେ ବାଧିକାରସ୍ତେ, ମା ଫଳେଷୁ କଦାଚନ, ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋସ୍ତ୍ୱକର୍ମଣି'। ଅର୍ଥାତ ମଣିଷର କେବଳ କର୍ମ କରିବାର ଅଧିକାର ଅଛି କିନ୍ତୁ ଏହାର ଫଳ ଉପରେ ଅଧିକାର ନାହିଁ ବୋଲି ଦର୍ଶାଯାଇଥାଏ। କାର୍ଯ୍ୟର ଫଳ ମଣିଷର ଉଦ୍ଦେଶ୍ୟ ସାଧନ ହେଉ ନ ଥିଲେ ମଧ୍ୟ ମଣିଷର କର୍ମ ସଂଲଗ୍ନକୁ ନିଷ୍କ୍ରିୟ ହେବାକୁ ଦେବା ଉଚିତ ନୁହେଁ।

ଡାକ୍ତର ରୋଗୀକୁ ଯେତେବେଳେ ଚିକିତ୍ସା କର୍ମ କରିଥାନ୍ତି ସେତେବେଳେ ସେ ଗୋଟିଏ ମାତ୍ର ଫଳ ଆଶା କରିଥାନ୍ତି ରୋଗୀର ଆରୋଗ୍ୟ। ସେତେବେଳେ ସେ କର୍ମ ପାଇଁ ପାରିଶ୍ରମିକ ନେଇ ପାରନ୍ତି ମାତ୍ର ତାହା ତାଙ୍କର କର୍ମ କରିବାର ଫଳ ନୁହେଁ। ଶିକ୍ଷକ ଯେତେବେଳେ ଶିକ୍ଷାଦାନ କରିଥାନ୍ତି ସେତେବେଳେ ଉଦ୍ଦେଶ୍ୟ ଥାଏ ଛାତ୍ର ଛାତ୍ରୀମାନଙ୍କର ଅଜ୍ଞତା ଦୂର କରିବା ଓ ଜ୍ଞାନୀ ମଣିଷ ସୃଷ୍ଟି କରିବାର ଫଳ। ସେଥିରେ ଶିକ୍ଷକ ପାରିଶ୍ରମିକର ଫଳ ପାଇଥାଇପାରନ୍ତି, ମାତ୍ର ତାହା ତାଙ୍କର କର୍ମର ଫଳ ନୁହେଁ। ବୈଜ୍ଞାନିକ ଯେତେବେଳେ କୌଣସି ଉଦ୍ଭାବନ ଅନୁସନ୍ଧାନ କରିଥାନ୍ତି, ସେତେବେଳେ ତାଙ୍କର ଫଳର ଲକ୍ଷ୍ୟ ଥାଏ ଉପଯୁକ୍ତ ନିର୍ଦ୍ଧାରଣରେ ସମ୍ପୃକ୍ତି ସେତେବେଳେ



କର୍ମର ଫଳ ପାରିଶ୍ରମିକ ପାଇଁ ନଥାଏ, ଥାଏ ଉପଯୁକ୍ତ ଲକ୍ଷ୍ୟରେ ନିର୍ଦ୍ଦିଷ୍ଟ ସ୍ଥାପନ। କୌଣସି ଯାନର ଚାଳକ ଯେତେବେଳେ ଯାତ୍ରୀମାନଙ୍କୁ ନେଇ ଯାତ୍ରା କରିଥାନ୍ତି, ସେତେବେଳେ ତାଙ୍କର ଫଳ ଆଶା ଥାଏ ସୁରକ୍ଷିତ ଭାବେ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା। ସେଇଠି ଥାଏ କର୍ମର ଫଳ, ମାତ୍ର ସେଇଠି ଚାଳନା ପାଇଁ ପାରିଶ୍ରମିକର ଫଳ ଥାଏ ନିମିତ୍ତ। କର୍ମ ହେଉଛି ମନରେ ଗତି। ଯେତେବେଳେ ମନ ଗତିହୀନ ରହେ, ସେଠାରେ କର୍ମ ନଥାଏ। ପ୍ରତ୍ୟେକ କାର୍ଯ୍ୟର ପ୍ରତିକ୍ରିୟା ଅଛି ଓ ପ୍ରତ୍ୟେକ କାର୍ଯ୍ୟର ଅନୁରୂପ ପ୍ରତିକ୍ରିୟା ମଧ୍ୟ ଅଛି। ତେଣୁ କର୍ମ-କାର୍ଯ୍ୟ ଓ ପ୍ରତିକ୍ରିୟାର ପ୍ରଭାବଗୁଡ଼ିକ ସାହାଯ୍ୟକାରୀ ଭାବରେ ଶକ୍ତିଶାଳୀ କିମ୍ବା ଭୟଭୀତ ଭାବରେ ବିନାଶକାରୀ ହୋଇପାରେ। ଅତଏବ ଜ୍ଞାନୀମାନେ ସେମାନଙ୍କର କାର୍ଯ୍ୟର ଫଳାଫଳକୁ ଉପେକ୍ଷା କରି ସେମାନଙ୍କ ଜୀବନକୁ ଶାସନ କରନ୍ତି, କାରଣ ସେମାନେ ଜାଣନ୍ତି ଯେ ଏକ କାର୍ଯ୍ୟ କରିବା ସମୟରେ ସେମାନେ ଏକ ପ୍ରତିକ୍ରିୟା ସୃଷ୍ଟି କରନ୍ତି। କାର୍ଯ୍ୟ ଓ ପ୍ରତିକ୍ରିୟା ମଧ୍ୟରେ ଅନୁତାପ ଭଲ ଭାବରେ କାର୍ଯ୍ୟ କରେ, ଉଭୟକୁ ସନ୍ତୁଳିତ କରେ ଓ କର୍ମକୁ ସୁଗମ କରେ।

କର୍ମ ସାଧାରଣତଃ ନୈତିକ ମାନଦଣ୍ଡର ଏକ ରୂପ ଭାବରେ ବିଚାର କରାଯାଇଥାଏ। କର୍ମ ପ୍ରାୟତଃ ବ୍ୟକ୍ତିଗତ ଭାବରେ ନିଆଯାଏ, ଯାହା ବିଶ୍ୱାସକୁ ସ୍ଥାପନା କରେ। ପ୍ରତ୍ୟେକ କାର୍ଯ୍ୟ ଯାହା ଆମେ ଗ୍ରହଣ କରୁ, ସଚେତନ ଓ ଚେତନା ଭବିଷ୍ୟତର ଫଳାଫଳ ଉପରେ ପ୍ରଭାବ ପକାଇଥାଏ। ଆମର ବ୍ୟକ୍ତିଗତ କାର୍ଯ୍ୟ କେବଳ ଆମର ଭବିଷ୍ୟତ ପରିସ୍ଥିତିକୁ ପ୍ରଭାବିତ କରେ ନାହିଁ, ବରଂ ଆମେ ରହୁଥିବା ଦୁନିଆର ସାଧାରଣ ପରିସ୍ଥିତିକୁ ମଧ୍ୟ ପ୍ରଭାବିତ କରେ। ସାମ୍ପ୍ରତିକ ମଣିଷର ଏକ ଧାରଣା ଯେ ଆମର କାର୍ଯ୍ୟ କେବଳ ଆମର ବ୍ୟକ୍ତିଗତ ପରିସ୍ଥିତିକୁ ପ୍ରଭାବିତ କରେ, ଜଗତର ପାରସ୍ପରିକ ନିର୍ଭରଶୀଳତାକୁ ଅସ୍ୱୀକାର କରେ। ଏହି ଆନ୍ତରିକତାକୁ ଚିହ୍ନିବା ସ୍ୱାଭାବିକ ଭାବରେ ସାମାଜିକ କ୍ଷେତ୍ରରେ ସମସ୍ତ କାର୍ଯ୍ୟ ପାଇଁ ଏକ ସ୍ୱାର୍ଥପର ବିଚାରକୁ ନେଇଥାଏ। କର୍ମ ଓ ଫଳକୁ ବିଶ୍ଳେଷଣ କଲେ କର୍ମ କେତେବେଳେ ଦୃଷ୍ଟିଗୋଚର ହୋଇଥାଏ ଓ ଫଳ କେତେବେଳେ ଦୃଷ୍ଟିଗୋଚର ହୋଇ ନ ଥାଏ। ଅନ୍ୟପକ୍ଷରେ କେତେବେଳେ କର୍ମ ଦୃଷ୍ଟିଗୋଚର ହୋଇ ନ ଥାଏ ମାତ୍ର ଫଳ ସମାଜକୁ, ବ୍ୟକ୍ତିକୁ ଦୃଷ୍ଟିଗୋଚର ହୋଇଥାଏ। ଯେତେବେଳେ କର୍ମ ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଉଦ୍ଦିଷ୍ଟ ଥାଏ, ସେତେବେଳେ କର୍ମ ଥାଏ ବ୍ୟକ୍ତିଗତ ଓ ସେଠାରେ କର୍ମଫଳ ଥାଏ କେବଳ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ। ମାତ୍ର ଯେତେବେଳେ କର୍ମ ଥାଏ ସାର୍ବଜନୀନ ଉଦ୍ଦେଶ୍ୟ, ସେତେବେଳେ ଫଳ ଥାଏ ସ୍ୱାର୍ଥ ରହିତ ଓ ସେତେବେଳେ କର୍ମଫଳର ଆଶା ଥାଏ ସାମୂହିକ ମଙ୍ଗଳ। ଇତିହାସକୁ ରୋମନ୍ଥନ କଲେ ଜଣାଯାଏ ଯେ ଅତୀତରେ କର୍ମ ଦ୍ୱାରା ସୃଷ୍ଟି ହୋଇଥିବା କୀର୍ତ୍ତିରାଜି ଆଜି କେବଳ ଫଳ ହୋଇ ଦଣ୍ଡାୟମାନ ହୋଇଛି ଓ ଉକ୍ତ ଫଳର ସୃଷ୍ଟି କର୍ମର ନିଷ୍ଠାରୁ ନିର୍ଦ୍ଦିଷ୍ଟ ହୋଇ ବିଚ୍ଛୁରିତ ହୋଇଥାଏ। ସେତେବେଳେ କର୍ମ ଥାଏ ସାମୂହିକ ଫଳର ଉତ୍ତରାଧିକାରୀ। ଯେତେବେଳେ ମୃତ୍ୟୁମୁଖରୁ ରୋଗୀକୁ ଡାକ୍ତର ଚିକିତ୍ସା ଦ୍ୱାରା ଆରୋଗ୍ୟ କରି ସୁସ୍ଥ କରିଥାନ୍ତି, ସେତେବେଳେ ରୋଗୀ ଯେତେ ଅର୍ଥ ବା ଉପହାର ଦେଲେ ମଧ୍ୟ ତାହା କର୍ମରେ ଫଳର ଆଶାଠାରୁ ଅନେକ ମାତ୍ରାରେ ନ୍ୟୂନ ହୋଇଥାଏ ।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

## ଚିରନ୍ତନୀ

ସିନ୍ଧୁ ବ୍ୟବଧାନ କାଟି
ମିଳନର ଛନ୍ଦେ ମାତି
ନିଭିଯିବ କେବେ ସତେ
ଜୀବନେ ଜୀବନ
କେଉଁ ଦିନ ହୋଇବ ମିଳନ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଶୋଭନୀୟ ରାଜନୀତି

ମହାଶୟ,

ଦିଲ୍ଲୀ ନିର୍ବାଚନର ଠିକ ପୂର୍ବରୁ ଭାଜପା ବିଧାନସଭା ପ୍ରାର୍ଥୀ ଆମ୍ ଆଦମୀ ପାର୍ଟିର ବିଧାନସଭା ପ୍ରାର୍ଥିନୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶି ସିଂ ଏବଂ କଂଗ୍ରେସ ପାର୍ଟିର ମହିଳା ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ବିରୋଧରେ ଦିଲ୍ଲୀ ଭାଜପା ବିଧାନସଭା ପ୍ରାର୍ଥୀ ରମେଶ ବିଧୁଡ଼ି ଏପରି କିଛି ମନ୍ତବ୍ୟ ଦେଇଛନ୍ତି ଯାହା କୌଣସି ସଭ୍ୟ ସମାଜ ଗ୍ରହଣ କରିପାରିବ ନାହିଁ। ଭାଜପାର ଦିଲ୍ଲୀ ବିଧାନସଭା ପ୍ରାର୍ଥୀଙ୍କର ଏହି ମନ୍ତବ୍ୟ ବିରୋଧରେ ଆମ୍ ଆଦମୀ ପାର୍ଟି, କଂଗ୍ରେସ ଏବଂ ଆରଜେଡି ପ୍ରଭୃତି ରାଜନୈତିକ ଦଳ ତରଫରୁ ଆନ୍ଦୋଳନ କରାଯାଇଥିଲା ଏବଂ ବିଧୁଡିଙ୍କ ଇସ୍ତଫା ଦାବି କରି ତାଙ୍କ କୁଶ ପୁତଳିକା ଦାହ କରାଯାଇଥିଲା । ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ନିଜ ବକ୍ତବ୍ୟ ଉପରେ ଲଗାମ ଲଗାଇବା କଥା। ରାଜନୈତିକ ଦଳର ନେତାମାନେ କାହିଁକି ମନ ଇଚ୍ଛା ବକ୍ତବ୍ୟ ଦେଇଥାନ୍ତି ? ଏହି ବକ୍ତବ୍ୟଗୁଡ଼ିକ ସାମାଜିକ ସ୍ତରରେ କୌଣସି ପ୍ରକାର ସମ୍ମାନ ଦିଏ ନାହିଁ। ଏହା ଦ୍ୱାରା ଦେଶର ସମ୍ମାନ ହାନି ଘଟେ। ରାଜନୈତିକ ଦଳର ବ୍ୟକ୍ତିମାନେ ନିଜର ମନ୍ତବ୍ୟ ଓ ବିଚାରକୁ ମାର୍ଜିତ କରିବା ଉଚିତ ।

-କାଳୀ ଦାସ, ବ୍ରହ୍ମପୁର, ଖୋଦାସିଂ କଳିଙ୍ଗନଗର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶର୍ଟ ସର୍କିଟରୁ ଜଳିଗଲା ବସ୍, ବର୍ତ୍ତିଲେ ଯାତ୍ରୀ



ଭବାନୀପାଟଣା,୯।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜୁନାଗଡ଼ ଥାନା ଅନ୍ତର୍ଗତ ବଳଦିଆମାଲ ଛକ ୨୬ ନମ୍ବର ଜାତୀୟ ରାଜପଥଠାରେ ଗୁରୁବାର ରାତି ୯ଟାରେ ଶର୍ଟସର୍କିଟ ଯୋଗୁ ଏକ ଘରୋଇ ବସ୍ ଜଳିଯାଇଛି। ହେଲେ ନିଆଁ ବ୍ୟାପିବା ପୂର୍ବରୁ ସମସ୍ତ ଯାତ୍ରୀଙ୍କୁ ସ୍ଥାନୀୟ ଲୋକେ ସୁରକ୍ଷିତ ଉଦ୍ଧାର କରିଦେଇଛନ୍ତି। ବସ୍‌ଟି ଜୟପୁରରୁ ରାଉରକେଲା ଯାଉଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଜୁନାଗଡ଼ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ନାଗାବଳୀରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ

ରାୟଗଡ଼ା,୯।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠ ଝୁଲାପୋଲରେ ଗୁରୁବାର ଅଘଟଣ ଘଟିଛି । ଝୁଲାପୋଲରେ ତଳେ ଥିବା ନାଗାବଳୀ ନଦୀରେ ବୁଡ଼ି ୨ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ରାଣୀଗୁଡାର ସି.ଏଚ. ଭାର୍ଗବ ଚରଣ(୧୨) ଓ ସାଇପ୍ରିୟା ନଗରର ଶ୍ରୀନୁ କୁମାର ଯାଦବ(୧୨)। ଉଭୟ ଛାତ୍ର ସ୍ଥାନୀୟ ଦୀପ୍ତି କନ୍‌ଭେଣ୍ଟ ସ୍କୁଲର ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ପରୀକ୍ଷା ସରିବା ପରେ ୪ ଛାତ୍ର ଗୁରୁବାର ଅପରାହ୍ନରେ ନାଗାବଳୀ ନଦୀ ଝୁଲାପୋଲ ନିକଟକୁ ବୁଲିବାକୁ ଯାଇଥିଲେ। ଝୁଲା ପୋଲରେ ଖେଳୁଥିବାବେଳେ ବଲ୍ ନଦୀକୂଳରେ ପଡ଼ିଯାଇଥିଲା। ଭାର୍ଗବ ବଲ୍ ଆଣିବାକୁ ନଦୀ ଭିତରକୁ ଯିବାବେଳେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଶ୍ରୀନୁ ନଦୀ ଭିତରକୁ ଯାଇଥିବାବେଳେ ପାଣି ସ୍ରୋତରେ ଉଭୟେ ଭାସି ଯାଇଥିଲେ। ଅନ୍ୟ ୨ ଜଣ ସାଙ୍ଗ ଜନ୍ମେଜୟ ସାଉଁନ୍ତା ଓ ଏ. ଭବେଶ ଘଟଣା ସମ୍ପର୍କରେ ଦେଖି ନିକଟସ୍ଥ ମାରିଗୁଡା ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ କିଛି ଦୂରରେ ୨ ମୃତଦେହକୁ ଜବତ କରିଛନ୍ତି।

# ସୁଭଦ୍ରା ଯୋଜନା: ଅପଟ୍ ଆଉଟ୍ ହିତାଧିକାରୀଙ୍କ ପାଇଁ ନୂଆ ବ୍ୟବସ୍ଥା

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାରୁ ଅପ୍‌ଟ ଆଉଟ ହୋଇଥିବା ହିତାଧିକାରୀଙ୍କ ପାଇଁ ନୂଆ ବ୍ୟବସ୍ଥା କରାଯାଉଛି। ଯେଉଁ ହିତାଧିକାରୀମାନେ ଭୁଲ୍‌ରେ ଅପଟ୍ ଆଉଟ ହୋଇଯାଇଥିଲେ ସେମାନେ ଏଥିରେ ସୁବିଧା ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୁଭଦ୍ରା ଯୋଜନାର ପୋର୍ଟାଲରେ ଲଗ୍ ଇନ୍ କରି ବାଦ୍ ପଡ଼ିଥିବା ହିତାଧିକାରୀମାନେ ଅପଟ୍ ଇନ୍ କରିପାରିବେ। ଏହାପରେ ସେମାନେ ହିତାଧିକାରୀ ତାଲିକାରେ ପୁନଃ ଯୋଡ଼ି ହୋଇପାରିବେ।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ମଲାବେଳେ ମାଳା ଜପିଲା**
**ସନ୍ଥ ମଲାବେଳେ ଗୁଣ ଗାଇଲା।**

ମୃତ୍ୟୁ ସନ୍ନିକଟ ହେଲେ ଲୋକଙ୍କ ମନରେ ଏକପ୍ରକାର ଭାବାନ୍ତର ସୃଷ୍ଟି ହୋଇଥାଏ। ହନୁ ମଲାବେଳେ ସତ କହିଲା ଭଳି ମୃତ୍ୟୁ ବେଳାରେ ଲୋକର ଅସଲ ଚରିତ୍ର ଜଣାପଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଠାକେ ଭାଲିଆ ଗୁଣ କରେ**
**ଠାକେ ଭାଲିଆ ଖୁଣ କରେ।**

ଜଣଙ୍କ ପାଖରେ ଯେଉଁଟା ଠିକ୍ ବୋଲି ଲାଗିଥାଏ, ଅନ୍ୟ ଆଖିରେ ତାହା ଭୁଲ୍ ବୋଲି ଚିହ୍ନଟ ହୋଇଥାଏ। ସେହିପରି ଯାହା ଜଣକ ପାଖରେ ଭଲ ଲାଗିଥାଏ, ଅନ୍ୟ ପାଖରେ ତାହା ଖରାପ ଦିଶିଥାଏ। ଭୋଜନ ଗ୍ରହଣକାରୀ ବ୍ୟକ୍ତି ଭୋଜନରେ ଗୁଣ ଏବଂ ଖୁଣ ବାରିବା ଭଳି ପ୍ରତ୍ୟେକଙ୍କ ଚିନ୍ତାଧାରା ଅଲଗା ଅଲଗା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ






**ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)-ନିମାପଡ଼ା ଥାନା ଅଧୀନ ମିଟେଇପୁର ନିକଟସ୍ଥ ସାତପୁରୀ ଗ୍ରାମର ତପନ ପରିଜାଙ୍କ ଘରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୨ ବଖରା ଚାଳ ଘର ଜଳିଯାଇଛି। ଫଳରେ ଧାନ, ଚାଉଳ, ଲୁଗାପଟା, କାଠ ସାମଗ୍ରୀ ପ୍ରାୟ ୨୫ ହଜାର ଟଙ୍କା ମୂଲ୍ୟର ବିଭିନ୍ନ ଆସବାବ ପତ୍ର ନିଆଁରେ ପୋଡ଼ିଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧।୨୦୨୫

| | |
|---|---|
| ୪,୪୦,୩୦୧ ଟଙ୍କା | |
| ସୁନା | ୨.୪୦୦ ଗ୍ରାମ୍ |
| ରୁପା | ୮୯.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଉଠାଦୋକାନୀଙ୍କ ଅନଶନ ଜାରି: ୧୩ ଅସୁସ୍ଥ

ପୁରୀ, ୯।୧(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ପୁନଃ ଥଇଥାନ ଓ ଆର୍ଥିକ ସହାୟତା ପ୍ରଦାନ ଦାବିରେ ଉଠାଦୋକାନୀମାନେ ବୁଧବାରଠାରୁ ଆମରଣ ଅନଶନରେ ବସିଛନ୍ତି। ଗୁରୁବାର ସେମାନଙ୍କ ମଧ୍ୟରୁ ୧୩ ଜଣ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନିଆଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଟାୱାର ବୈଦ୍ୟୁତିକ ରୁମ୍‌ରେ ଅଗ୍ନିକାଣ୍ଡ

ଅସ୍ତରଙ୍ଗ,୯।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗରୁ ନୂଆଗଡ଼ ମୁଖ୍ୟରାସ୍ତା ବିଲୁଆମୁଣ୍ଡୁଳୀସ୍ଥ ଏକ ଟାୱାର ପରିସର ରୁମ୍‌ରେ ଗୁରୁବାର ସକାଳେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ସମସ୍ତ ସରଞ୍ଜାମ ଜଳି ପାଉଁଶ ହୋଇଯାଇଛି। ଖବର ପାଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀର ଆଗ୍ନିକ ସାରଦା ପ୍ରସନ୍ନ ସ୍ୱାଇଁ, ସୁବ୍ରତ ସାମଲ ଓ ଗାଡ଼ି ଚାଳକ ତାପସ ରାଉତ ପ୍ରମୁଖ ନିଆଁ ଲିଭାଇଥିଲେ।

### ଗାଡ଼ି ଧକ୍କାରେ ବାଇକ୍ ଚାଳକ ଗୁରୁତର

ନିମାପଡ଼ା,୯।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ଡେଣ୍ଡୁଆଁ କେନାଲ ବନ୍ଧ ରାସ୍ତାର ନାକଡିହ ଗ୍ରାମ ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ଡାକ୍ତରଖାନା ଓ ପରେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଆହତ ଜଣଙ୍କ ହେଲେ ନିମାପଡ଼ା ଥାନା ଅଧୀନ ଛେନୁଆଁ ଗ୍ରାମର ଦୀପକ ପ୍ରଧାନ(୨୫)। ସେ ଉଦ୍ୟାନ ବିଭାଗର କର୍ମଚାରୀ ବୋଲି ଜଣାପଡ଼ିଛି।ଦୀପକ ବାଇକ୍‌ରେ ନିମାପଡ଼ାରୁ ଘରକୁ ଯାଉଥିବାବେଳେ ବିପରୀତ ପଟୁ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା।

### ଭଗବତୀ ବିଦ୍ୟାନିକେତନର ବାର୍ଷିକ କ୍ରୀଡ଼ା

ପୁରୀ, ୯।୧(ଅଜିତ୍ କୁମାର ମହାନ୍ତି )

ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟା ନିକେତନର ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ପଟ୍ଟନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ କୈଳାସ ବିଶୋଇ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ବିଦ୍ୟାଳୟ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରାତଃ ବିଭାଗ ସଞ୍ଚାଳିକା ମମତା ଦାସ, ମାନସୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା।

# ‘ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ଅବଦାନ ଅତୁଳନୀୟ’

## ୨୦୩ତମ ଜୟନ୍ତୀ ପାଳିତ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)



ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ଅତିଥି ଓ ଅନ୍ୟମାନେ ମାଲ୍ୟାର୍ପଣ କରୁଛନ୍ତି ।

ଦେଶର ସୁରକ୍ଷା ଓ ଗୌରବ ପାଇଁ ବିପ୍ଳବୀ ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କ ଅବଦାନ ଅତୁଳନୀୟ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଗୁରୁବାର ସଦ୍‌ଭାବନା ସଭାଗୃହରେ ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ସହଯୋଗରେ ଚାଖି ଖୁଣ୍ଟିଆଙ୍କ ୨୦୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବେହେରା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ ଚାଖି ଖୁଣ୍ଟିଆଙ୍କ ଜନ୍ମ, କର୍ମ, ସଂଗ୍ରାମ, ଦେଶ ପ୍ରେମ, ଆଧ୍ୟାତ୍ମିକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଚାଖିଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ, ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ମାୟାଧର ମହାରଣା, ସର୍ବୋଦୟ ସମିତିର ସଭାପତି ଉମାବଲ୍ଲଭ ମହାପାତ୍ର ଚାଖିଙ୍କ ଜୀବନୀ ଓ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ। ଚାଖି ଖୁଣ୍ଟିଆ ସ୍ମୃତି ସମିତି ସମ୍ପାଦକ ଧ୍ରୁବଚରଣ କର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ମୂର୍ତ୍ତି ଶିଳ୍ପୀ ମଧୁସୂଦନ ମହାରଣା ଓ ସାଜ ଶିଳ୍ପୀ ସୋମନାଥ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ବିଶ୍ୱମ୍ଭର ବିଦ୍ୟାପୀଠର ଏୟାର ୱିଙ୍ଗ୍ସ ଟିମ୍ ଏବଂ ପୋଲିସ ହାଇସ୍କୁଲର ସିଭିଲିଆନ ଟିମ୍‌କୁ ଶୃଙ୍ଖଳା ରକ୍ଷା ପାଇଁ ପୁରସ୍କୃତ କରାଯାଇଥିଲା। ଶ୍ରୀପର୍ଣ୍ଣା କଳା ପରିଷଦ ସ୍ୱାଗତ ସଙ୍ଗୀତ ଓ ଚାଖିଙ୍କ ରଚିତ ଭଜନ ପରିବେଷଣ କରିଥିଲେ। ଅନାମ ଚନ୍ଦ୍ର ସାହୁ ଓ ଶିବସୁନ୍ଦର ସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ପ୍ରତ୍ୟୁଷରୁ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟଠାରେ ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ବେହେରାଙ୍କ ସହ ପିକେଡିଏ ସଚିବ ମାୟାଧର ବେହେରା, କୃଷ୍ଣଚନ୍ଦ୍ର ମିଶ୍ର, ଗଣେଶ୍ୱର ପ୍ରହରାଜ, ସୁକାନ୍ତ ପଣ୍ଡା, ଅଖିଳ କୁମାର ଦଳାଇ, ବିଜୟ ଦାସ, ବିଶ୍ୱନାଥ ବେହେରା, ବିଭୁଦାନନ୍ଦ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଚାଲାଣ ବେଳେ ଷଣ୍ଢ ଉଦ୍ଧାର

## ବୋଲେରୋ ଜବତ

ଡେଲାଙ୍ଗ,୯।୧(ରଶ୍ମିରଞ୍ଜନ ପ୍ରଧାନ)

ଷଣ୍ଢକୁ ନିର୍ମମ ଭାବେ ବାନ୍ଧି ନେଉଥିବା ଏକ ବୋଲେରୋକୁ ଡେଲାଙ୍ଗ ଲକ୍ଷ୍ମୀ ବଜାରରୁ ଗୁରୁବାର ପ୍ରତ୍ୟୁଷରେ ଜବତ ହୋଇଛି। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖୋର୍ଦ୍ଧା ଆଡୁ ଆସୁଥିବା ବୋଲେରୋଟିର ତେଲ ସରିଯିବାରୁ ଡେଲାଙ୍ଗ ଲକ୍ଷ୍ମୀ ବଜାରଠାରେ ଅଟକି ରହିଥିଲା। ପାଖ ଦୋକାନରେ ଚା’ ପିଉଥିବା ଲୋକଙ୍କ ସନ୍ଦେହ ହେବାରୁ ସେମାନେ ଗାଡ଼ି ପାଖକୁ ଯାଇଥିଲେ। ଲୋକଙ୍କୁ ଦେଖି ଗାଡ଼ି ଚାଳକ ଓ ତାଙ୍କ ସହଯୋଗୀ ସେଠାରୁ ଦୌଡ଼ି ପଳାଇଥିଲେ। ଖବର ପାଇ ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ଷଣ୍ଢକୁ ଉଦ୍ଧାର କରିବା ସହ ବୋଲେରୋ(ଓଆର୍ ୦୪ ଏଫ୍ ୩୪୯୯)କୁ ଜବତ କରି ଥାନାରେ ଅଟକ ରଖାଯାଇଛି। ତଦନ୍ତରୁ ଏହି ଗାଡ଼ି ନମ୍ବର ଜାଲ୍ ବୋଲି ଜଣାପଡ଼ିଛି। ଗାଡ଼ି ଚାଳକ ଓ ସହଯୋଗୀ ପଛରୁ ଆସୁଥିବା ଏକ ବାଇକ୍‌ରେ ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏନେଇ କାହାକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।

# ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

ବଳଙ୍ଗା,୯।୧(କେଦାରେଶ୍ୱର ନନ୍ଦ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅଧୀନ ମଥୁରା ଗ୍ରାମରେ ବାପ, ଝିଅ ଓ ଗ୍ରାମର ଗୋକୁଳ ମହାନ୍ତି ଓ ଉତ୍ସ ମହାନ୍ତଙ୍କୁ ଆକ୍ରମଣ ହୋଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ, ବର୍ଷା ଜେନାଙ୍କ ଅଭିଯୋଗ ଅନୁଯାୟୀ ବୁଧବାର ମଧ୍ୟାହ୍ନରେ ସେ, ତାଙ୍କ ବାପା ସୁଦର୍ଶନ ଜେନା ଓ ବୋଉ ବିଲରେ ଧାନ ଗଦା କରିବାକୁ ଯାଉଥିଲେ। ଏହି ସମୟରେ ଗ୍ରାମର ବିଭୂତି ଭୂଷଣ ପରିଡ଼ା, ବିଶ୍ୱଜିତ୍ ପରିଡ଼ା ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ବର୍ଷା ଘର ଆଗରେ ଠିଆ ହୋଇଥିବା ବେଳେ ପୁନର୍ବାର ବିଭୂତି ଓ ବିଶ୍ୱଜିତ୍ ବାଇକ୍ ଆଣି ତାଙ୍କ ପାଖରେ ରଖି ଗାଳିଗୁଲଜ କରିଥିଲେ। ସେ ବିରୋଧ କରିବାରୁ ତାଙ୍କୁ ଦୁହେଁ ଧକ୍କା ପକାଇ ମାଡ଼ ମାରିଥିଲେ। ପାଟି ଶୁଣି ସୁଦର୍ଶନ ଆସି ବାଧା ଦେବାରୁ ଦୁହେଁ ଏକ ବାଉଁଶ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସୁଦର୍ଶନ ଚେତାଶୂନ୍ୟ ହୋଇଯାଇଥିଲେ। ଏହି ସମୟରେ ତାଙ୍କୁ ଉଦ୍ଧାର କରିବାକୁ ଆସିଥିବା ଗୋକୁଳ ମହାନ୍ତି ଓ ଉତ୍ସ ମହାନ୍ତି ଆକ୍ରମଣର ଶିକାର ହୋଇଥିଲେ। ପରେ ସୁଦର୍ଶନଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାକୁ ନିଆଯାଇଥିବା ବର୍ଷା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ଓଡ଼ିଶା ଉପକୂଳ ଟ୍ରେକ୍-୧ ଆରମ୍ଭ



## ୫ ବର୍ଷ ପରେ ପୁରୀରେ ଆୟୋଜିତ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟ, ବ୍ରହ୍ମପୁର ଏବଂ ୬ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପୁରୀର ମିଳିତ ଆନୁକୂଲ୍ୟରେ ଗୁରୁବାରଠାରୁ ଓଡ଼ିଶା ଉପକୂଳ ଟ୍ରେକ୍-୧ ଆରମ୍ଭ ହୋଇଛି। ପ୍ରାୟ ପାଞ୍ଚ ବର୍ଷର ବ୍ୟବଧାନ ପରେ ପୁରୀରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଟ୍ରେକ୍ ପୁରୀରୁ ଆରମ୍ଭ ହୋଇ କୋଣାର୍କ ସୂର୍ଯ୍ୟ ମନ୍ଦିର ନିକଟରେ ଶେଷ ହେବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୧୦ କ୍ୟାଡେଟ୍ ଏବଂ ୧୫ ଆସୋସିଏଟ୍ ଏନ୍‌ସିସି ଅଧିକାରୀ ଦୁଇଟି ପର୍ଯ୍ୟାୟରେ ଅଂଶଗ୍ରହଣ କରୁଛନ୍ତି। ଏହା ଜାନୁଆରୀ ୧୭ରେ ଶେଷ ହେବ। ସମ୍ବଲପୁର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ପ୍ରସାଦ କଦମ, ଓଡ଼ିଶା ବାଟାଲିୟନ ଏନ୍‌ସିସି ପୁରୀର କମାଣ୍ଡିଂ ଅଫିସର କର୍ଣ୍ଣେଲ ସୁଦୀପ ସିହ୍ନା, ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ପ୍ରୀତିରଞ୍ଜନ ଦାସ, ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଗୌରବ ସିଂ, ପୁରୀ ଏସ୍‌ସିଏସ୍ କଲେଜର କ୍ୟାପଟେନ ସଚ୍ଚିଦାନନ୍ଦ ସାହୁଙ୍କ ସମେତ ପିଆଇମାନେ ଉପସ୍ଥିତ ଥିଲେ। କ୍ୟାଡେଟମାନଙ୍କ ମଧ୍ୟରେ ଦୁଃସାହସିକ କାର୍ଯ୍ୟ, ଅନୁସନ୍ଧାନ ଓ ବାହ୍ୟ ଜୀବନ ପ୍ରତି ପ୍ରେମ, ଆତ୍ମା ସଂରକ୍ଷଣକୁ ଜାଗ୍ରତ କରିବା ଓ ଉପକୂଳବର୍ତ୍ତୀ ବନ୍ୟପ୍ରାଣୀ, ପରିବେଶ ସନ୍ତୁଳନ ଓ ପରିବେଶ ବିଷୟରେ ଜ୍ଞାନ ବଢ଼ାଇବା ପାଇଁ ଶିବିରର ଉଦ୍ଦେଶ୍ୟ ବୋଲି କର୍ଣ୍ଣେଲ ସିହ୍ନା ସୂଚନା ଦେଇଥିଲେ। ଶିବିରରେ ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ଚଣ୍ଡୀଗଡ଼, ଉତ୍ତରପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ସିକ୍କିମ ଏବଂ ଉତ୍ତର-ପୂର୍ବାଞ୍ଚଳ ନିର୍ଦ୍ଦେଶାଳୟର କ୍ୟାଡେଟମାନେ ଅଂଶଗ୍ରହଣ କରିଛନ୍ତି।

# ବରୁଣେଇ ଜଙ୍ଗଲମୁହାଁ ଦନ୍ତା

କଣାସ,୯।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଳକ ଗଡ଼ସାନପୁଟ ଗ୍ରାମ ପଞ୍ଚାୟତରେ ଗତ ୬ ତାରିଖ ରାତ୍ରିରୁ ୨ ଦିନ ଧରି ଉତ୍ପାତ କରୁଥିବା ଦନ୍ତା ଗୁରୁବାର ଖୋର୍ଦ୍ଧା ବରୁଣେଇ ଜଙ୍ଗଲ ଆଡ଼କୁ ଚାଲି ଯାଇଥିବା ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ଲୋକେ ଦନ୍ତା ଯୋଗୁ ଭୟଭୀତ ଅବସ୍ଥାରେ ରହିଥିବାବେଳେ ପିଲାମାନେ ସ୍କୁଲ ଯାଇପାରୁ ନ ଥିଲେ। କଣ୍ଟବଣିଆ ଗ୍ରାମର ବଳରାମ ସୁନ୍ଦରାୟଙ୍କ ବାଡ଼ି ଭାଙ୍ଗି ଧାନ ଖାଇ ଯାଇଥିଲେ। ଚଉଦମୌଜା ବିଦ୍ୟୁତ୍ ମହାବିଦ୍ୟାଳୟ ମଧ୍ୟରେ ୨ ଦିନ ରହିବା ସହ ୫ଟି ସ୍ଥାନରେ ପଥର ପାଚେରି ଭାଙ୍ଗି ଦେଇଥିଲା। ସେହିପରି ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟର ୨ଟି ସ୍ଥାନରେ ପଥର ପାଚେରି ଭାଙ୍ଗି ଦେଇଥିଲା। ହାତୀକୁ ଫେରାଇ ନେବାକୁ ବନ ବିଭାଗ କର୍ମଚାରୀ ୨ ଦିନ ଧରି ଜଗିବା ସହ କଣାସ ଥାନା ପୋଲିସ ଜଗି ରହିଥିଲା।

# ପାଣି ଟାଙ୍କି ନିର୍ମାଣକୁ ନେଇ ଯୁକ୍ତିତର୍କ

## ବସିପାରିଲାନି ପଲ୍ଲି ସଭା

କାକଟପୁର/ଅସ୍ତରଙ୍ଗ,୯।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଳକ ବାଲିପନ୍ତାଳରେ ଓଭରହେଡ୍ ଟାଙ୍କି ନିର୍ମାଣକୁ ନେଇ ଗୁରୁବାର ଆୟୋଜିତ ଏକ ପଲ୍ଲିସଭାରେ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଗ୍ରାମର କେତେଜଣ ବ୍ୟକ୍ତି ପଞ୍ଚାୟତର ଅନ୍ୟ ଏକ ଜାଗାରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଡ଼ି ବସିଥିଲେ। ଏ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ପଲ୍ଲିସଭା ବସିପାରି ନ ଥିଲା।

ଅସ୍ତରଙ୍ଗ ବ୍ଳକ ଅଞ୍ଚଳବାସୀ ପାନୀୟ ଜଳ ପାଇଁ ଅନେକ ସମୟରେ ହଇରାଣ ହେଉଛନ୍ତି। ଏହି ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପୂର୍ବ ସରକାର ଜଳ ଜୀବନ ମିଶନ ଯୋଜନାରେ ଅସ୍ତରଙ୍ଗ ବ୍ଳକର ବିଭିନ୍ନ ପଞ୍ଚାୟତ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ ନଗର ଗ୍ରାମପଞ୍ଚାୟତ ଅଧୀନ ରାଜସ୍ୱ ଗ୍ରାମ ବାଲିପନ୍ତାଳରୁ ପାଇପ ପଡ଼ିବାକୁ ଆରମ୍ଭ ହୋଇଥିବାବେଳେ ଓଭରହେଡ୍ ଟାଙ୍କି ନିର୍ମାଣକୁ ନେଇ ଦ୍ୱନ୍ଦ୍ୱ ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଆରଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀ ସତ୍ୟଶଙ୍କର ମହାନ୍ତିଙ୍କ ଉପସ୍ଥିତିରେ ବାଲିପନ୍ତାଳ ଗ୍ରାମରେ ଏକ ପଲ୍ଲିସଭା ପାଇଁ ନିଷ୍ପତ୍ତି ହୋଇଥିଲା। ସଭାରେ ଉତ୍ତେଜନା ଫଳରେ ସ୍ଥାନୀୟ ସରପଞ୍ଚ ବିଜୟ ଖଣ୍ଡୁଆଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀ ମହାନ୍ତିଙ୍କ ଉପସ୍ଥିତିରେ ନଗର ରେଡକ୍ରସ୍ ନିକଟରେ ଏକ ଜରୁରିକାଳୀନ ବୈଠକ ବସିଥିଲା। ଏନେଇ ବିଡିଓଙ୍କୁ ଲିଖିତ ଦାବିପତ୍ର ଦିଆଯାଇଥିବାବେଳେ ୨ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି।

# ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଯାପିତ

## ଶ୍ରୀମନ୍ଦିରର ସ୍ୱଚ୍ଛତା ଓ ଗୋମାତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡୱାଇଡ୍ ଦ୍ୱାରା ପୁରୀ ପୌରସଦନରେ ତିନିଦିନ ଧରି ଚାଲିଥିବା ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ଦ୍ୱାରା ମଙ୍ଗଳ ଆଳତି ପରେ କଣ୍ଠଶିଳ୍ପୀ ଗୁରୁ ବଟଗୋପାଳ ତ୍ରିପାଠୀ, ମଧୁସ୍ମିତା ଦାସ ଓ ମୀନପ୍ରଭା ରଥ ପାରମ୍ପରିକ ଭଜନ ପରିବେଷଣ କରିଥିଲେ। ଡ. ଗୁରୁପ୍ରସାଦ ମହାପାତ୍ରଙ୍କ ସଂଯୋଜନା ଓ ମ୍ୟାନେଜିଂ ଟ୍ରଷ୍ଟିଙ୍କ ସ୍ୱାଗତ ଭାଷଣରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆନ୍ତର୍ଜାତିକ କ୍ରିୟାଯୋଗ ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଯୋଗଦେଇ ଶ୍ରୀମନ୍ଦିର ପରିବେଶର ସ୍ୱଚ୍ଛତା ଓ ଗୋମାତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ପୁରୀ ଝାଞ୍ଜପିଟା ମଠର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସ ବାବାଜୀ ମହାରାଜ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବର ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋକପାତ କରିଥିଲେ। ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଗବେଷକ ଡ. ଭାସ୍କର ମିଶ୍ର, ଡ. ଜଟାଧାରୀ ମିଶ୍ର ଏବଂ ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର ‘ଚିନ୍ତା ଓ ଚେତନାରେ ଶ୍ରୀଜଗନ୍ନାଥ’ ଆଲୋଚ୍ୟ ବିଷୟରେ ଆଲୋଚନା କରିଥିଲେ। ଶିବବ୍ରତ ମହାନ୍ତି ନଭିମୁମ୍ବାଇର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଏବଂ ନାଇଜେରିଆରୁ ଆସିଥିବା ହିମାଂଶୁ ଶେଖର ମହାପାତ୍ର ସେଠାରେ ଥିବା ମହାପ୍ରଭୁଙ୍କ ମନ୍ଦିର ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ସେବକ ହରେକୃଷ୍ଣ ସିଂହାରୀ, ରାଧାନାଥ ପ୍ରତିହାରୀ, ରବିନାରାୟଣ ମହାପାତ୍ର, ଭୁବନେଶ୍ୱର ପଣ୍ଡା, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, କେଦାରନାଥ ଖୁଣ୍ଟିଆ, ଗଣପତି ଦାଶ ମହାପାତ୍ର, ଡ. ଶରତ ମହାନ୍ତି, ହଜୁରୀ ସୋମଜିତ୍ ଖୁଣ୍ଟିଆ, ଲୋକନାଥ ସୁଆରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମାବେଶକୁ ସଫଳ କରାଇବାରେ ସହଯୋଗ କରିଥିବା ଜଗନ୍ନାଥପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଏବଂ ଦିବ୍ୟ ଜୀବନ ସଂଘର ଉପାଧ୍ୟକ୍ଷ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଆର୍ଶୀବଚନ ଦେଇଥିଲେ। ଅନୁଷ୍ଠାନର ଅନ୍ୟାନ୍ୟ ଟ୍ରଷ୍ଟି ତଥା କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ଡ. ଭଗବାନ ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, ସୁକାନ୍ତ ସାହୁ, ଡ. ହରପ୍ରସନ୍ନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବିଚ୍ ସ୍ପୋର୍ଟସ୍ ଦେଖିଲେ ପୁରୀବାସୀ, ପର୍ଯ୍ୟଟକ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ବିଚ୍ ସ୍ପୋର୍ଟସର ଦ୍ୱିତୀୟ ଦିନରେ ଗୁରୁବାର କବାଡ଼ି, ବିଚ୍ ଫୁଟବଲ, ଥ୍ରୋ ବଲ ଖେଳ ଅନୁଷ୍ଠିତ ହୋଇଯାଇଛି। ସିନିୟର କବାଡ଼ିରେ ପୁରୀ ଜିଲା ସ୍କୁଲ ସ୍ପୋର୍ଟସ ଜୋନ ଚାମ୍ପିୟନ ଓ ନୀତା ସ୍ପୋର୍ଟସ ଏକାଡେମୀ ରନର୍ସଅପ୍ ହୋଇଛି। ସବ୍‌ଜୁନିୟର ପ୍ରତିଯୋଗିତାରେ ନିତା ଏକାଡେମୀ ମ୍ୟାଚ୍ ଜିତିଛି। ଏହି ପ୍ରତିଯୋଗିତାକୁ ବହୁ ପର୍ଯ୍ୟଟକ ଉପଭୋଗ କରିବା ସହିତ ଛୋଟ ପିଲାଙ୍କ ଖେଳକୁ ପ୍ରଶଂସା କରିଥିଲେ।। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପ୍ରଦୀପ ନାୟକ ଏବଂ ଓମ୍‌ପ୍ରକାଶ ସୋରେନ ବିବେଚିତ ହୋଇଥିଲେ। ଥ୍ରୋ ବଲ ପ୍ରତିଯୋଗିତାରେ ବାଳକ ଓ ବାଳିକା ବିଭାଗରେ ଯଥାକ୍ରମେ ପୁରୀ ଜିଲା ଏବଂ ଝାଡ଼େଶ୍ୱରୀ କ୍ଲବ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତର ଗୌରବକୁ ପ୍ରତିଫଳିତ କରୁଛନ୍ତି ପ୍ରବାସୀ




ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାହାରିଥିବା ପଦଯାତ୍ରା ।

ସାକ୍ଷୀଗୋପାଳ,୯।୧(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ ସଭାପତିତ୍ୱ କରିଥିଲେ। ପ୍ରବାସୀମାନେ ସବୁ ସ୍ଥାନରେ ଭାରତର ଗୌରବକୁ ପ୍ରତିଫଳିତ କରୁଛନ୍ତି। ବିଦେଶରେ ସେମାନଙ୍କ ଉତ୍କର୍ଷରେ ଆମେ ଗର୍ବିତ। ପ୍ରବାସୀ ଭାରତୀୟମାନେ ବିଜ୍ଞାନ ଓ କାରିଗରି, ବୈଷୟିକ ସହଯୋଗ ଓ ସରକାରୀ ନୀତି ନିର୍ଦ୍ଧାରଣରେ ସେମାନଙ୍କ ସଫଳତା ପ୍ରଦର୍ଶନ କରିଆସିଛନ୍ତି ବୋଲି ପ୍ରଧାନ କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଅସିତ୍ କୁମାର ମହାନ୍ତି ଓ କୁଳ ସଚିବ ରଶ୍ମିରେଖା ଦାସ ଯୋଗଦେଇ ପ୍ରବାସୀ ଭାରତୀୟଙ୍କ ଉପରେ ସୁନ୍ଦର ମତାମତ ଦେଇଥିଲେ। ଏହି ଅବସରରେ ସ୍ନାତକୋତ୍ତର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧ୍ୟାପିକା ଓ ଅଧ୍ୟକ୍ଷଙ୍କ ସହ ଛାତ୍ରୀଛାତ୍ର ବିଭିନ୍ନ ସ୍ଲୋଗାନ ଦେଇ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପଦଯାତ୍ରା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଫିସର ନାରାୟଣ ପ୍ରସାଦ ବେହେରା ସଭା ସଞ୍ଚାଳନ କରିଥିଲେ। ଡ. ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ‘ଭରତଙ୍କ ନାଟ୍ୟଶାସ୍ତ୍ରରେ ରୂପକ’ ଶୀର୍ଷକ ଆଲୋଚନା

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶ୍ରୀସଦାଶିବ ପରିସରରେ ତୃତୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବ, ପୂର୍ବକ୍ଷେତ୍ରୀୟ, ଚତୁର୍ଥ ବଳୟର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ଭରତଙ୍କ ନାଟ୍ୟଶାସ୍ତ୍ରରେ ରୂପକ ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରୀସଦାଶିବ ପରିସରର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦ, ପ୍ରାକ୍ତନ ପ୍ରଫେସର ସୂର୍ଯ୍ୟମଣି ରଥ, ନାଟ୍ୟକାର ମଧୁସୂଦନ ପୂଜାପଣ୍ଡା, ବିପିନ ଚନ୍ଦ୍ର ଗୋଚ୍ଛିକାର, କଳାକାର ରାମକୃଷ୍ଣ ମହାପାତ୍ର, ଅଭିନେତା କେଦାର ମିଶ୍ର, ସତ୍ୟନାରାୟଣ ଶତପଥୀ, ପ୍ରାକ୍ତନ ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ. ନୃସିଂହ ଚରଣ ସାହୁ, ପ୍ରାକ୍ତନ ଅଧ୍ୟାପିକା ଡ. କେତକୀ ମହାପାତ୍ର ପ୍ରମୁଖ ଯୋଗଦେଇ ନାଟ୍ୟ ପ୍ରୟୋଗ, ପ୍ରାଚୀନ ଭାରତୀୟ ନାଟକ ପରମ୍ପରା, ଓଡ଼ିଆ ରଙ୍ଗମଞ୍ଚରେ ଭରତଙ୍କ ନାଟ୍ୟଶାସ୍ତ୍ରର ପ୍ରଭାବ, ନାଟକରେ ସଂଳାପ ଚାତୁରୀ, ଓଡ଼ିଆ ମଞ୍ଚ ନାଟକ ଓ ଚଳଚ୍ଚିତ୍ରର ପାର୍ଥକ୍ୟ, ନାଟ୍ୟଶାସ୍ତ୍ରରେ ଐତିହାସିକ ପୃଷ୍ଠଭୂମି, ଜଗନ୍ନାଥ ସଂସ୍କୃତିରେ ରୂପକ ପରମ୍ପରା, ହିନ୍ଦୀ ନାଟ୍ୟ ସାହିତ୍ୟରେ ଭରତଙ୍କ ନାଟ୍ୟଶାସ୍ତ୍ରର ପ୍ରଭାବ, ଆଧୁନିକ ନାଟକରେ ସଂଳାପ ଚାତୁରୀ, ଓଡ଼ିଆ ନାଟ୍ୟ ସାହିତ୍ୟରେ ଭରତଙ୍କ ନାଟ୍ୟଶାସ୍ତ୍ରର ପ୍ରଭାବ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ମଣିପୁର ପକ୍ଷରୁ ଓଗୋଟି ପରୀକ୍ଷିତ ଶର୍ମାଙ୍କ ରଚିତ ଅପରାଜିତମ୍, ଡ. ରାମଜୀ ମେହେଟା ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଜଗାନନ ବାଲକୃଷ୍ଣ ପଲସୁଲେ ପ୍ରଣିତ ସମାନମସ୍ତୁ ବୋ ମନ, କାଳିଆଚୌକ ବିକ୍ରମ କେଶରୀ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ପଶ୍ଚିମବଙ୍ଗ ପକ୍ଷରୁ ଡ. ବିମା କ୍ଷୀରସାଗରଙ୍କ ରଚିତ ଆଶ୍ଚର୍ଯ୍ୟ କରମେବ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜକ ପ୍ରଫେସର ସୁଶାନ୍ତ କୁମାର ରାଜ୍, ଯୁଗ୍ମସଂଯୋଜକ ଡ. ବିଶ୍ୱନାଥ ମିଶ୍ର ଏବଂ ସହସଂଯୋଜକ ଡ. ସୁବ୍ରତ କୁମାର ଷଡ଼ଙ୍ଗୀ ପରିଚାଳନା କରିଥିଲେ।

# ମନ ମୋହିଲେ ବିଶାଲ, ବିଗ୍‌ଡେଲ୍

## ପୁରୀ ବିଚ୍ ଫେଷ୍ଟିଭାଲ୍‌ର ୩ୟ ସନ୍ଧ୍ୟା

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)



ପୁରୀ ବିଚ୍ ଫେଷ୍ଟିଭାଲ୍‌ର ତୃତୀୟ ସନ୍ଧ୍ୟାରେ ସୁପରିଚିତ କଣ୍ଠଶିଳ୍ପୀ ବିଶାଲ ମିଶ୍ର ଏବଂ ର୍‍ୟାପର ବିଗ୍‌ଡେଲ୍‌ଙ୍କ ସଙ୍ଗୀତରେ ଝୁମିଛନ୍ତି ଦର୍ଶକ। ଶୀତୁଆ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଛନ୍ତି ପର୍ଯ୍ୟଟକ ଓ ପୁରୀବାସିନ୍ଦା। ଲୋକନୃତ୍ୟ, ମାଲଖମ୍ବ କଳା ପ୍ରଦର୍ଶନ ମଧ୍ୟ ସେମାନଙ୍କ ମନ ଛୁଇଁଥିଲା।

ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ଓଡ଼ିଶାରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ ଏକ ବଡ଼ ଉପଲବ୍ଧି। ଏହା ଆମ ପର୍ଯ୍ୟଟନ ଶିଳ୍ପକୁ ଅଧିକ ସମୃଦ୍ଧ କରିବ। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ ରୂପ ଦେବାକୁ ସ୍ୱପ୍ନ ଦେଖିଛନ୍ତି। ଆମ ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ଏହାକୁ ସଫଳ କରିବ। ପୁରୀ ବିଚ୍ ଫେଷ୍ଟିଭାଲ ଆମ ସଂସ୍କୃତି ଓ ପରମ୍ପରାର ମହାନ ଗାଥାର ନୂତନ ଫର୍ଦ୍ଦ। ସେହିପରି ସମ୍ମାନିତ ଅତିଥି ଭାବେ କେନ୍ଦ୍ରାଞ୍ଚଳ ଡିଆଇଜି ଚରଣସିଂ ମୀନା ଯୋଗଦେଇ ଏଭଳି ସୁନ୍ଦର ମହୋତ୍ସବ ଆୟୋଜନ ପାଇଁ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଜିଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ, ଡିଏଫ୍‌ଓ ବିବେକ କୁମାର ପ୍ରମୁଖ ଯୋଗଦେଇଥିଲେ। ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁପ୍ରସାଦ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ପାଠଚକ୍ର

**ଭୁବନେଶ୍ୱର,୯।୧ (ସୌମ୍ୟରଞ୍ଜନ ରାଉତ)**

କବି ଗୁରୁପ୍ରସାଦ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ବିଶ୍ୱଭାରତୀ ଶାନ୍ତିନିକେତନ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଏକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବିଶ୍ୱଭାରତୀ ଭାଷା ଭବନର ଅଧକ୍ଷ ପ୍ରଫେସର ମନୋରଞ୍ଜନ ପ୍ରଧାନ, ମୁଖ୍ୟ ଅତିଥି ଭାବେ ଓଡ଼ିଆ ସାହିତ୍ୟର ବିଶିଷ୍ଟ ସମାଲୋଚକ ଡ. ରଘୁନାଥ ମେହେର ଯୋଗଦେଇଥିବାବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବୈଷୟିକ ଅଧିବେଶନରେ ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର୍ ଡ. ରାଧାଗୋବିନ୍ଦ କୁଇଲା, ବିଶ୍ୱଭାରତୀ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ରବୀନ୍ଦ୍ର କୁମାର ଦାସ, ଡ. ପ୍ରମିଳା ପାତ୍ରୁଳିଆ ଓ ଡ. ଇନ୍ଦ୍ରମଣି ସାହୁ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସି.ଏଚ୍.ଏସ୍.ସି.ର ଉପସଚିବ ତଥା ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ସହକାରୀ ପ୍ରଫେସର ଡ. କୁଳମଣି ଓଝା ପୌରୋହିତ୍ୟ କରିଥିଲେ। ବିଶ୍ୱଭାରତୀ ହିନ୍ଦୀ ବିଭାଗର ସହକାରୀ ପ୍ରଫେସର ଡ. ଅର୍ଜୁନ କୁମାର, ଓଡ଼ିଆ ବିଭାଗ ଅଧାପିକା ଡ. ସ୍ୱପ୍ନାରାଣୀ ସିଂହ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅତିଥି ଅଧାପିକା ଡ. ସୁନୀତି ଦେବତା, ବିଭାଗର ଦୁଇ ଛାତ୍ରୀ ପୂଜାରାଣୀ ପରିଡ଼ା ଓ ଲୋପାମୁଦ୍ରା ପାଢ଼ୀ ପ୍ରବନ୍ଧ ପାଠ କରିଥିଲେ। ଡ. ଶରତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।







# ବିଭିନ୍ନ ରାଜ୍ୟର ଶାସ୍ତ୍ରୀୟ ନୃତ୍ୟ ଦେଖିଲେ ପ୍ରବାସୀ

**ଭୁବନେଶ୍ୱର,୯।୧ (ସୌମ୍ୟରଞ୍ଜନ ରାଉତ)**





ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ପକ୍ଷରୁ ପ୍ରବାସୀ ଭାରତୀୟ ଦିବସର ଗୁରୁବାର ଦ୍ୱିତୀୟ ଦିନରେ ଜନତା ମଇଦାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜ୍ୟର କଳାକାରଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ହୋଇଥିଲା। ସିନ୍ଧୁ ସଭ୍ୟତାରୁ ଆରମ୍ଭ କରି ବିଭିନ୍ନ ଦେଶଗୁଡ଼ିକ ସହିତ ଭାରତର ବାଣିଜ୍ୟିକ ସମ୍ପର୍କ ଓ ବନ୍ଧୁତ୍ୱ ସମ୍ପର୍କ ଏସବୁ ନୃତ୍ୟରେ ପ୍ରତିଫଳିତ ହୋଇଥିଲା। ପ୍ରଥମ ପରିବେଷଣରେ ସିନ୍ଧୁ, ସରସ୍ୱତୀ, ସଭ୍ୟତା, ନୌବାଣିଜ୍ୟ ଏବଂ ସାଂସ୍କୃତିକ ସଂଯୋଗକୁ ଚିତ୍ରଣ କରୁଥିବା ବିଷୟବସ୍ତୁକୁ ନେଇ ଶାସ୍ତ୍ରୀୟ କୁଚିପୁଡି ନୃତ୍ୟ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାରକନ ଉପକୂଳ, ପାରସ୍ୟ ଉପସାଗର ଏବଂ ପଶ୍ଚିମରେ ବାବିଲୋନ ପର୍ଯ୍ୟନ୍ତ ଦକ୍ଷିଣ ପୂର୍ବ ଏସିଆର ରାଷ୍ଟ୍ରଗୁଡ଼ିକ ସହିତ ଓଡ଼ିଶାର ନୌବାଣିଜ୍ୟ ଇତିହାସ ସମ୍ପର୍କରେ ଜାଣିବାକୁ ପାଇଥିଲେ ପ୍ରଭାସୀ ଭାରତୀୟ। ଦ୍ୱିତୀୟ ପରିବେଷଣ ରାମାୟଣ ଓ ବୁଦ୍ଧଙ୍କ ଆଧ୍ୟାତ୍ମିକ ଯାତ୍ରାର ଝଲକ ଉପରେ ଆଧାରିତ ଥିଲା। ବିଶ୍ୱରେ ଭାରତର ପ୍ରଜ୍ଞାର ପ୍ରଚାର ଏବଂ ଭାରତ ବିଶ୍ୱକୁ କିପରି ସାର୍ବଜନୀନ ଶାନ୍ତି ତଥା ସମନ୍ୱୟର ପଥ ପ୍ରଦର୍ଶନ କରୁଛି ତାହା ଏହି ନୃତ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ କଳାକାର। ତୃତୀୟ ପରିବେଷଣରେ ଥିଲା ଭାରତନାଟ୍ୟମ୍, ଓଡ଼ିଶୀ, କଥକ, ମଣିପୁରୀ, କଥକଲି ଏବଂ କୁଚିପୁଡ଼ି ଭଳି ଶାସ୍ତ୍ରୀୟ ନୃତ୍ୟ। ବିଭିନ୍ନ ସଙ୍ଗୀତର ମିଶ୍ରଣ ସହିତ ଗୁଜରାଟ, ରାଜସ୍ଥାନ, କଶ୍ମୀର, ମଧ୍ୟ ପ୍ରଦେଶ, ମଣିପୁର, ଅରୁଣାଚଳ ପ୍ରଦେଶ ଏବଂ ପଞ୍ଜାବର ଲୋକନୃତ୍ୟ ମନୋରଞ୍ଜନ ଯୋଗାଇଥିଲା। ଛଉନୃତ୍ୟର ତାଳେ ତାଳେ ପ୍ରବାସୀମାନେ ଆନମନା ହୋଇଥିଲେ। ଶେଷ ପରିବେଷଣରେ ୧୦ଜଣ ନୃତ୍ୟଶିଳ୍ପୀ ହାତରେ ମାଟିର ଦୀପ ଧରି ବିଶ୍ୱ କବି ରବୀନ୍ଦ୍ରନାଥ ଟାଗୋରଙ୍କ କବିତାକୁ ନେଇ 'ପ୍ରଗତିଶୀଳ' ଓ 'ବସୁଧୈବ କୁଟୁମ୍ବକମ' ଚିନ୍ତନ ଉପରେ ନୃତ୍ୟ ପ୍ରଦର୍ଶନ କରିଥିଲେ, ଯାହା ଶାନ୍ତି ଓ ସମୃଦ୍ଧିର ବାର୍ତ୍ତା ଦେଇଥିଲା।

## ବିମୋହିତ କଲା ତବଲା, ବଂଶୀ, ବେହେଲା ଧ୍ୱନି



ମୁକ୍ତାକାଶ ମଞ୍ଚରେ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର,୯।୧ (ସୌମ୍ୟରଞ୍ଜନ ରାଉତ)**

ରାଜାରାଣୀ ମନ୍ଦିର ପରିସର ମୁକ୍ତାକାଶ ମଞ୍ଚରେ 'ରାଜାରାଣୀ ସଙ୍ଗୀତ ଉତ୍ସବ' ଚାଲିଛି। ଗୁରୁବାର ତୃତୀୟ ସନ୍ଧ୍ୟାରେ ମୁକୁନ୍ଦ ଦେବଙ୍କ ଗ୍ରୁପ୍ ଦ୍ୱାରା ଧ୍ରୁପଦ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ଧ୍ୱନିରେ ଶ୍ରୋତା ବିମୋହିତ ହୋଇଥିଲେ। ଏଥିସହିତ ତବଲା ଶିଳ୍ପୀ ଓଜସ ଅଢ଼ିଆ ଏବଂ ଗ୍ରୁପ୍‌ର ତବଲା, ବଂଶୀ ଓ ବେହେଲା ବାଦ୍ୟରେ ରାଜାରାଣୀର ସାଂସ୍କୃତିକ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ଅତିଥି ଭାବେ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣୀ ଦେବୀ, ସାରସ୍ୱତ ସାଧକ ଓ ଲେଖକ ଡ. ଦାଶ ବେନହୁର, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଭାଗ୍ୟଲିପି ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବାସୀ ଭାରତୀୟ ସମ୍ମେଳନରେ 'ବନ୍ଦେ ଉତ୍କଳ ଜନନୀ'କୁ ଗୁରୁତ୍ୱ ଦିଆଯାଉ

**ଭୁବନେଶ୍ୱର,୯।୧ (ସୌମ୍ୟରଞ୍ଜନ ରାଉତ)**

ପ୍ରବାସୀ ଭାରତୀୟ ସମ୍ମେଳନ ଆୟୋଜନ ସରକାରଙ୍କ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡ଼ିଶା ସରକାର ସମସ୍ତ ସହଯୋଗ ଯୋଗାଇଦେଉଛନ୍ତି। ଏହା ଆମ ପାଇଁ ଗର୍ବର କଥା। ମାତ୍ର ଓଡ଼ିଶା ମାଟିରେ ପ୍ରଥମଥର ଆୟୋଜିତ ୧୮ତମ ପ୍ରବାସୀ ଭାରତୀୟ ସମ୍ମେଳନ ଅବସରରେ ଆମର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ ନିହାତି ଜରୁରୀ ବୋଲି ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଦ୍ୱୈତ କୁମାର ପାତ୍ର କହିଛନ୍ତି। ରାଜ୍ୟ ସଙ୍ଗୀତ ପରିବେଷଣରୁ ହିଁ ପ୍ରବାସୀ ଭାରତୀୟ ସମ୍ମିଳନୀ ଆରମ୍ଭ ହେବା କଥା। ମାତ୍ର ଏହାକୁ ଗୁରୁତ୍ୱ ଦିଆ ନ ଯିବା ଓଡ଼ିଆ ଅସ୍ମିତା ପ୍ରତି ଚରମ କୁଠାରାଘାତ ବୋଲି ଓଡ଼ିଆମାନେ ଅନୁଭବ କରୁଛନ୍ତି। ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ ପୂର୍ବରୁ ଆୟୋଜିତ ବିଭିନ୍ନ ବିଶ୍ୱ ସମ୍ମିଳନୀରେ ସ୍ଥାନୀୟ ରାଜ୍ୟର ସଙ୍ଗୀତ ଗାନ ହେବାର ନଜିର ରହିଛି। ହେଲେ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଓଡ଼ିଶାର ରାଜ୍ୟ ସଙ୍ଗୀତ ଗାନ କରା ନ ଯିବା ଗୁରୁତର ତ୍ରୁଟିବିଚ୍ୟୁତି ଭଳି ଲାଗୁଛି। ରାଜ୍ୟ ସରକାର ତୁରନ୍ତ ଏହାର ସ୍ପଷ୍ଟୀକରଣ ଦେବା ଉଚିତ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ କୁହାଯାଇଛି।

### ଓଡ଼ିଶା, ଓଡ଼ିଆଙ୍କ ପ୍ରତି ଘୋର ଅସମ୍ମାନ

**ଭୁବନେଶ୍ୱର,୭।୧ (ସୁଚିସ୍ମିତା ସାହୁ)**

ପ୍ରବାସୀ ଭାରତୀୟ ସମ୍ମେଳନରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରା ନ ଯିବା ଓଡ଼ିଶା ପ୍ରତି ଘୋର ଅସମ୍ମାନ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ଦଳର ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି, ଓଡ଼ିଶାରେ ହେଉଥିବା ଏହି ସମ୍ମିଳନୀରେ ଓଡ଼ିଆ ଏବଂ ଓଡ଼ିଶାର ଜାତୀୟତାକୁ ସମ୍ମାନ ଜଣାଇ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା କଥା। ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ଦଳ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ଭୁଲିଯିବା ନିଜର ସଂକୀର୍ଣ୍ଣ ମାନସିକତାକୁ ପ୍ରତିଫଳିତ କରିଛି। ଓଡ଼ିଶାର ଜାତୀୟତା ଏବଂ ଓଡ଼ିଆଙ୍କ ସ୍ୱାଭିମାନକୁ ଅସମ୍ମାନିତ କରିଥିବା ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଖରେ କ୍ଷମା ମାଗନ୍ତୁ ବୋଲି ପାଣିଗ୍ରାହୀ ଦାବି କରିଛନ୍ତି।

## ପ୍ରୟାଗରାଜ ମହାକୁମ୍ଭ ମେଳା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା



ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କ ଆଗମନ ଶୋଭାଯାତ୍ରା।

**ଭୁବନେଶ୍ୱର,୯।୧ (ଅନୁରାଧା ମହାରଣା)**

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବାକୁ ଥିବା ମହାକୁମ୍ଭ ମେଳାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମକୁ ଦୃଷ୍ଟି ରଖି ସେମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ପ୍ରୟାଗରାଜକୁ ସଂଯୋଗ କରୁଥିବା ୭ ପ୍ରମୁଖ ମାର୍ଗ ତଥା ୮ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୧୦୨ ଚେକ୍ ପଏଣ୍ଟରେ ୧୦୨୬ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏଥିମଧ୍ୟରେ ୭୧ଜଣ ଇନ୍ସପେକ୍ଟର, ୨୩୪ଜଣ ସବ୍ ଇନ୍ସପେକ୍ଟର, ୬୫୫ କନ୍‌ଷ୍ଟେବଲ୍, ୭୫ ମହିଳା କନ୍‌ଷ୍ଟେବଲ୍, ୧୧୩ ହୋମ୍‌ଗାର୍ଡ ଏବଂ ୩ ସେକ୍ସନ ପିଏସି ମଧ୍ୟ ନିୟୋଜିତ ହୋଇଛନ୍ତି। ଏହା ସହିତ ୫ ବଜ୍ର ବାହାନ, ୧୦ ଡ୍ରୋନ୍ ଏବଂ ୪ ଆଣ୍ଟି ସବ୍‌ଟେଜ୍ ଏଥିରେ ସାମିଲ କରାଯାଇଛି। ମହାକୁମ୍ଭରେ ଯୋଗଦେବା ପାଇଁ ସନାତନ ଧର୍ମୀଙ୍କ ସୁଅ ଛୁଟିବାରେ ଲାଗିଛି। ୪ ଧାମର ଶଙ୍କରାଚାର୍ଯ୍ୟଙ୍କ ଆଗମନ ଆରମ୍ଭ ହୋଇଛି। ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କ ଆଗମନ ଶୋଭାଯାତ୍ରାରେ ସାଧୁସନ୍ଥଙ୍କଠାରୁ ଆରମ୍ଭ କରି ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେହିପରି ୧୦୮ ସ୍ଥାନରେ ଶଙ୍କରାଚାର୍ଯ୍ୟଙ୍କୁ ଫୁଲରେ ସ୍ୱାଗତ କରାଯାଇଥିଲା। ଆଗକୁ ଭିଡ଼ ବଢ଼ିବା ଆଶଙ୍କା ରହିଛି।

## ଓଡ଼ିଶୀନୃତ୍ୟ ମନମୋହିଲା

**ପୁରୁଣା ଭୁବନେଶ୍ୱର, ୯।୧ (ସୁବାସ ଚନ୍ଦ୍ର ପ୍ରଧାନ)**

**ମୁକ୍ତେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା**

ମୁକ୍ତେଶ୍ୱର ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ସମବେତ କଣ୍ଠ ସଙ୍ଗୀତ ଶିବ ବନ୍ଦନାରୁ ମୁକ୍ତେଶ୍ୱରଙ୍କ ନାମରେ ଏହି ଆଧ୍ୟାତ୍ମିକ ସଙ୍ଗୀତରେ ଗୁଞ୍ଜରିତ ହୋଇଥିଲା ମୁକ୍ତେଶ୍ୱର ପୀଠ। ଏହାକୁ ସଙ୍ଗୀତଜ୍ଞ ସୁରେନ୍ଦ୍ର କୁମାର ତ୍ରିପାଠୀ ଏବଂ ସାଥୀଙ୍କ ଦ୍ୱାରା ଗାନ କରାଯାଇଥିଲା। ପରେ କଟକର ଗୁଞ୍ଜନ ଅନୁଷ୍ଠାନର ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା ଶ୍ରୀନିବାସ ଶତପଥୀ କରିଥିବା ବେଳେ ଗୁରୁ ମୀରା ଦାସ ବାଦ୍ୟ ସଂଯୋଜନା କରିଥିଲେ। ତୃତୀୟ ସ୍ତବକରେ ଯୁଗଳବନ୍ଦୀରେ ଦିବ୍ୟ ୱାରିର ଏବଂ ବିଦ୍ୟା ପ୍ରଦୀପ ମୋହିନୀ ନାଟ୍ୟମ ମହାଦେବ ଶିବଶମ୍ଭୁ ପରିବେଷଣ କରିଥିଲେ, ଯାହାକୁ ସଙ୍ଗୀତ ସଂଯୋଜନା କରିଥିଲେ ଡ.ନୀନା ପ୍ରସାଦ ଏବଂ ସଙ୍ଗୀତ ସଂଯୋଜନା କରିଥିଲେ ଚଂଗାନାସେରି ମାଧବନ ନମ୍ବଥିରି। ଶେଷରେ ବୃନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ସ୍ୱୟଂପ୍ରଜ୍ଞା ସାହୁ ଓ ସାଥୀଶିଳ୍ପୀମାନେ। ତୃତୀୟ ଦିବସର ଏହି ମହୋତ୍ସବରେ ନୃତ୍ୟ ସହିତ ଯୁଗଳବନ୍ଦୀରେ ଚିତ୍ରଶିଳ୍ପୀ ମାନସ ଜେନାଙ୍କ ଚିତ୍ରକଳା କାନ୍‌ଭାସରେ ରଙ୍ଗତୂଳୀର ନୃତ୍ୟକୁ ଏକ ଅପୂର୍ବ ଆଭାରେ ଆଲୋକିତ କରିଥିଲା। ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଡ.ଦେବୀ ପ୍ରସନ୍ନ ପଟ୍ଟନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଶିକ୍ଷାବିତ୍ ମାଳବିକା ରାୟ, ଓଡ଼ିଶୀ ନୃତ୍ୟ ଗୁରୁ ଦୁର୍ଗାଚରଣ ରଣବୀର ଉପସ୍ଥିତ ଥିଲେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟାଭିନୟ କରୁଛନ୍ତି।

## 'ଫିଜି ମେଁ ଭାରତୀୟୋଁ କା ଇତିହାସ ତଥା ଉନ୍‌କା ଜୀବନ' ଉନ୍ମୋଚିତ

**ଭୁବନେଶ୍ୱର,୯।୧ (ଅନୁରାଧା ମହାରଣା)**

ପ୍ରବାସୀ ଭାରତୀୟ ଦିବସ ଅବସରରେ ବିଶିଷ୍ଟ ଲେଖିକା ତଥା ଶିକ୍ଷାବିତ୍ ଡ. ରେଖା ଚତୁର୍ବେଦୀଙ୍କ ପୁସ୍ତକ 'ଫିଜି ମେଁ ଭାରତୀୟୋଁ କା ଇତିହାସ ତଥା ଉନ୍‌କା ଜୀବନ' ଉନ୍ମୋଚିତ ହୋଇଛି। ଏହି ଅବସରରେ ରେଖା ଚତୁର୍ବେଦୀ କହିଛନ୍ତି, 'ଫିଜି ମେଁ ଭାରତୀୟୋଁ କା ଇତିହାସ ତଥା ଉନ୍‌କା ଜୀବନ (୧୮୭୯ - ୧୯୪୭)'ରେ ଭାରତରୁ ଆସିଥିବା ଶ୍ରମିକଙ୍କ ଜୀବନ ଓ ଦୁଃଖ ବିଷୟରେ ଉପସ୍ଥାପନା କରାଯାଇଛି। ଡ. ଚତୁର୍ବେଦୀଙ୍କ ଏହି ଐତିହାସିକ ପ୍ରକାଶନ ପ୍ରବାସୀ ଭାରତୀୟ ଶ୍ରମିକଙ୍କ ଦୁର୍ଦ୍ଦଶାକୁ ଉନ୍ମୋଚନ କରିଛି। ପ୍ରବାସୀ ଭାରତୀୟ ଦିବସରେ ପୁସ୍ତକର ଉନ୍ମୋଚନ ଭାରତୀୟ ପ୍ରବାସୀଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି ବୋଲି ମତ ପ୍ରକାଶ ପାଇଛି।

## ଦାରୁଠେଙ୍ଗ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବାରଙ୍ଗ,୯।୧ (ଲିଙ୍ଗରାଜ ରାଉତ)**

ଭୁବନେଶ୍ୱର ବ୍ଲକ ଅଧୀନ ଦାରୁଠେଙ୍ଗ ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାକୁ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଖବରଦାତା ପ୍ରଦୀପ ସ୍ୱାଇଁ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପିଲାଙ୍କୁ ଭଲ ଶିକ୍ଷା, ଜ୍ଞାନକୌଶଳ, ଶାରୀରିକ ବ୍ୟାୟାମ ସହ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ବାଳକ ବିଭାଗ ଖେଳରେ ଜଗନ ଗୁରୁ, ବାଳିକା ବିଭାଗରେ ଝିନା ସିଂ, ଲିଟରେଚର ପ୍ରତିଯୋଗିତାରେ ମୋନାଲିସା ମହାପାତ୍ର ଚାମ୍ପିୟନ ହୋଇଥିଲେ। ପିଲାଙ୍କ ଦ୍ୱାରା ନାଚ, ଗୀତ, ଏକକ ଅଭିନୟ ପରିବେଷିତ ହୋଇଥିଲା।



ସୋ ଆମ୍ ଆଇ ଫାଉଣ୍ଡେଶନ୍ ପକ୍ଷରୁ ଭୁବନେଶ୍ୱରର ଏକ ହୋଟେଲରେ ମୀନାଜି ଫାଉଣ୍ଡେଶନକୁ ସମ୍ମାନିତ କରାଯାଉଛି। ଏହି ଅବସରରେ ପୁରୀ ମାଳତୀ ପାଟପୁରସ୍ଥିତ ଅଣ୍ଡର ୱାର୍ଲ୍ଡ ୱାଟର ପାର୍କର ମୁଖ୍ୟ ପ୍ରଶାସନିକ ଅଧିକାରୀ ଗିରିଜା ଶଙ୍କର ରଥ ସମ୍ମାନ ଗ୍ରହଣ କରୁଛନ୍ତି।

## ଉଦ୍ୟୋଗୀଙ୍କୁ ବ୍ୟବସାୟ ମଞ୍ଚ ଦେଉଛି ଫ୍ଲୀ ମାର୍କେଟ

**ଭୁବନେଶ୍ୱର,୯।୧ (ଅନୁରାଧା ମହାରଣା)**



ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ରାଜଧାନୀ ଭୁବନେଶ୍ୱର ଉତ୍ସବମୁଖର ହୋଇଉଠିଛି। ଏହାକୁ ଦ୍ୱିଗୁଣିତ କରୁଛି ଏକାମ୍ର ଉତ୍ସବର ଫ୍ଲୀ ମାର୍କେଟ। ଏହି ରାତ୍ରିକାଳୀନ ବଜାରରେ ପାରମ୍ପରିକ ହସ୍ତକଳା, କୁଟୀରଶିଳ୍ପ ସାମଗ୍ରୀର ଅପୂର୍ବ ସମ୍ଭାର ମନ ଜିଣୁଥିବାବେଳେ କିଣାକିଣି ସହ ଚିତ୍ତାକର୍ଷକ ସାଂସ୍କୃତିକ ସନ୍ଧ୍ୟାର ମଜା ନେଉଛନ୍ତି ଲୋକେ। ଏପଟେ ନିଜ ସାମଗ୍ରୀର ଚାହିଦା ବଢ଼ିବା ସହ ଭଲ ଦାମ୍‌ରେ ବିକ୍ରି କରୁଥିବାରୁ ହସ୍ତକଳା, କୁଟୀରଶିଳ୍ପର ଉଦ୍ୟୋଗୀମାନ ବେଶ୍ ଉତ୍ସାହିତ ହୋଇପଡିଥିବା ଦେଖିବାକୁ ମିଳୁଛି। ଏଥିସହ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବଜାର ସୃଜନଶୀଳତା ସହ ବ୍ୟବସାୟର ବଡ଼ ମଞ୍ଚ ପାଲଟିଛି। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ଉଦୀୟମାନ ଉଦ୍ୟୋଗୀ, ଘରୋଇ ବ୍ୟବସାୟ ଏବଂ ସ୍ଥାନୀୟ ଉଦ୍ୟୋଗ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଛି। ୩୩ ଷ୍ଟଲରେ ଟ୍ରେଣ୍ଡି ପୋଷାକ, ଫୁଟ୍‌ୱେର ଆଣ୍ଡ ଆସେସୋରିଜ, ହସ୍ତତନ୍ତ ସାମଗ୍ରୀ ସହ ହାତ ତିଆରି ଘରସଜା ସାମଗ୍ରୀ, ଅର୍ଗାନିକ ଏବଂ ସ୍ୱାସ୍ଥ୍ୟଭିତ୍ତିକ ଖାଦ୍ୟ ଉପଲବ୍ଧ ହେଉଛି। ଭଳିକି ଭଳି ଲିପନ ଆର୍ଟ, ପେଣ୍ଟିଂ, ହାତ ତିଆରି ଅଳଙ୍କାର, ଫଟୋ ଫ୍ରେମ, କ୍ୟାଣ୍ଡେଲ ହୋଲ୍ଡିଂ, ବୋଟଲ ଆର୍ଟ, ମିରର, ଛୋଟ ପିଲାଙ୍କ ପାଇଁ ବିଭିନ୍ନ ଖେଳନା ଓ ଘରସଜା ସାମଗ୍ରୀ ମନ ମୋହୁଥିବାବେଳେ ଲୋକେ ନିଜ ପସନ୍ଦ ମୁତାବକ କିଣାକିଣି କରୁଛନ୍ତି। ହାତତିଆରି ଅଳଙ୍କାର ଯୁବତୀଙ୍କ ପସନ୍ଦ ପାଲଟିଥିବାବେଳେ ପାରମ୍ପରିକ ପଟ୍ଟଚିତ୍ର ଆକର୍ଷଣ ସାଜୁଛି। ଏହିସବୁ ପେଣ୍ଟିଂ ୩ ହଜାରରୁ ୧୫ ହଜାର ଟଙ୍କା ଯାଏ ରହିଥିବାରୁ କଳାପ୍ରେମୀମାନେ ନିଜ ପକେଟକୁ ସୁହାଇବା ଭଳି ସାମଗ୍ରୀ କିଣାକିଣି କରୁଛନ୍ତି। ସେହିପରି ଆସାମ ଓ ପଶ୍ଚିମବଙ୍ଗର ହ୍ୟାଣ୍ଡଲୁମ୍ ଷ୍ଟଲରେ ମଧ୍ୟ ମହିଳାମାନେ ଶାଢ଼ିଠାରୁ ଆରମ୍ଭ କରି ବିଭିନ୍ନ ପୋଷାକ କିଣୁଥିବା ଦେଖାଯାଉଛି। ଏହାବ୍ୟତୀତ ଖାଦ୍ୟ ଷ୍ଟଲ୍‌ରେ ମାଣ୍ଡିଆ, ବାଜରା ଓ ବହୁ ପାରମ୍ପରିକ ଖାଦ୍ୟର ଚାହିଦା ରହିଛି। ଉଦ୍ୟୋଗୀମାନେ ଏସବୁ ପୁଷ୍ଟିଯୁକ୍ତ ଖାଦ୍ୟକୁ ନୂଆ ରୂପ ଓ ସ୍ୱାଦ ଦେଇ ଲୋକଙ୍କୁ ପରସି ଦେଉଛନ୍ତି। କାରିଗରଙ୍କ ଦ୍ୱାରା ଟେରାକୋଟା, ତାଳପତ୍ର ଖୋଦେଇ, ପଥର ଖୋଦେଇ, ପଟଚିତ୍ର ପେଣ୍ଟିଂ, ଆପ୍ଲିକ ୱାର୍କ, କାଠ ଖୋଦେଇ ଏବଂ ଡୋକ୍ରା ଧାତୁ କାଷ୍ଟିଂ ଆଦିର ଲାଇଭ୍ ପ୍ରଦର୍ଶନ କରୁଛନ୍ତି। ଏସବୁ ପ୍ରସିଦ୍ଧ କଳା ପଛରେ ଥିବା ଜଟିଳ ପ୍ରକ୍ରିୟାଗୁଡ଼ିକୁ ଲୋକେ ଦେଖିବାର ସୁଯୋଗ ପାଉଛନ୍ତି। ଏଥିସହ ମାଟି ତିଆରି ପାତ୍ର ଗଢ଼ିବାର ମଜା ନେଉଛନ୍ତି।

# ଏସ୍‌ସିବି, ଶିଶୁଭବନ ସ୍ୱାସ୍ଥ୍ୟସେବା ସୁଧାରିବାକୁ ଆଦେଶ

କଟକ,୯।୧(କାର୍ତ୍ତିକ ସାହୁ)

**ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା**



ଏସ୍‌ସିବି ମେଡିକାଲ ଓ ଶିଶୁଭବନରେ ସ୍ୱାସ୍ଥ୍ୟସେବା ସୁଧାରିବା ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଏସ୍. କେ. ସାହୁ ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାଗୁଡ଼ିକର ଶୁଣାଣିକରି ଆଦେଶ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ରୋଗୀସେବା ତ୍ୱରାନ୍ୱିତ କରିବା ପାଇଁ ଏସ୍‌ସିବି ମେଡିକାଲର କାର୍ଡିଓଲୋଜି ବିଭାଗରେ ୨୯ ଶଯ୍ୟାବିଶିଷ୍ଟ ଅତିରିକ୍ତ ୱାର୍ଡ ନିର୍ମାଣ, ତଳ ମହଲାରେ ୧୦ଟି ଏୟାରକଣ୍ଡିସନର ସ୍ଥାପନ ହୋଇସାରିଛି। ଜାନୁଆରୀ ଶେଷ ସୁଦ୍ଧା ପ୍ରଥମ, ୨ୟ ଓ ୩ୟ ମହଲାରେ ଅଧିକ ସଂଖ୍ୟକ ଏୟାରକଣ୍ଡିସନର ଲଗାଯିବା ସହ ଆବଶ୍ୟକ ମରାମତି ଶେଷ ହେବ ବୋଲି ଏସ୍‌ସିବି ରେଜିଷ୍ଟ୍ରାର ଡ. ଅବିନାଶ ରାଉତ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ସେହିପରି ଅଧିକ ସଂଖ୍ୟକ ନର୍ସିଂ ଅଫିସର, ଆଟେଣ୍ଡାଣ୍ଟ, ସିକ୍ୟୁରିଟି ଓ ସାନିଟାରି ୱାର୍କର ନିଯୁକ୍ତି କରାଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି। ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଧିକ ଇଲେକ୍ଟ୍ରୋ କନ୍‌ଭଲ୍‌ସିଭ୍ ଥେରାପି (ଇସିଟି) ମେଶିନ ଓ ସ୍ଥାୟୀ ଭାବେ ଆନାସ୍ଥେସିଆ ବିଶେଷଜ୍ଞ ନିଯୁକ୍ତି ଆଡ୍‌ଭୋକେଟ କମିଟିର ରିପୋର୍ଟ ଉପରେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି କୁହାଯାଇଥିଲା। ଚକ୍ଷୁ ବିଭାଗରେ ଭିଜୁଆଲ ପେରିମିଟର ମେଶିନ ମରାମତି ଅଥବା ନୂଆ ମେଶିନ କିଣା ଖୁବ୍‌ଶୀଘ୍ର ହେବ ବୋଲି ଏସ୍‌ସିବି ପକ୍ଷରୁ କୁହାଯାଇଥିଲା। ଏସ୍‌ସିବିରେ ଖାଲି ପଡ଼ିଥିବା ଅଧୀକ୍ଷକ ପଦବୀ ଆସନ୍ତା ୧୫ ଦିନ ମଧ୍ୟରେ ପୂରଣ କରାଯିବ। କାର୍ଡିଓଲୋଜି ବିଭାଗରେ ଓପିଡି ସମୟ ଶେଷ ହେବା ପରେ ଅପରାହ୍ନ ୫ଟାରୁ ପରଦିନ ସକାଳ ୯ଟା ଯାଏ ଜରୁରିକାଳୀନ ଯତ୍ନ ବିଭାଗ କାର୍ଯ୍ୟାରମ୍ଭ କରିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏସ୍‌ସିବି ପରିସରରେ ଦ୍ୱିତୀୟ ଆହାର କେନ୍ଦ୍ର ଖୋଲିବା ନିମନ୍ତେ ୧୫ ଦିନ ମଧ୍ୟରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ସିଏମ୍‌ସି କମିଶନର କହିଛନ୍ତି। ମହାନଦୀ କୋଲ୍ ଫିଲ୍ଡ ପ୍ରଦତ୍ତ ୪୬ କୋଟି ୩୪ ଲକ୍ଷ ୮୦ ହଜାର ଟଙ୍କା ଉପଯୋଗରେ ଏମ୍‌ଆର୍‌ଆଇ ଏବଂ ସିଟି ସ୍କାନ୍ ମେଶିନ ଏସ୍‌ସିବିରେ ସ୍ଥାପନ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଉଷାରାଣୀ ସାହୁ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଅପରପକ୍ଷରେ ଶିଶୁଭବନରେ ରୋଗୀ ସମ୍ପର୍କୀୟଙ୍କ ଆଶ୍ରୟସ୍ଥଳ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଦାଖଲ ପାଇଁ ଶିଶୁଭବନ ଅଧୀକ୍ଷକଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

## ସଂକ୍ଷେପରେ

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଟକ ସଦର, ୯।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କନ୍ଦରପୁର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୦୦ ଦିବ୍ୟାଙ୍ଗ ଯୋଗଦେଇଥିଲେ। ବିଶେଷକରି ହସ୍ତଲେଖା ପରିଚୟପତ୍ରକୁ ଡିଜିଟାଲରେ ରୂପାନ୍ତର କରିବା ପାଇଁ ବେଶ୍ ଭିଡ଼ ଜମିଥିଲା। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଶିବିରକୁ ଉଦ୍‌ଘାଟନ କରି ଦିବ୍ୟାଙ୍ଗମାନଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରତୀକ କୁମାର ସାହୁ, ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଲୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ମହାପାତ୍ର ଉପସ୍ଥିତ ଥିଲେ। କନ୍ଦରପୁର କଲେଜ ଛାତ୍ରୀଛାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ପେଟାଲ୍ସ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ

ଫୁଲନଖରା,୯।୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ କୁଶକଣ୍ଠସ୍ଥିତ ପେଟାଲ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଟାଟା ଷ୍ଟିଲ୍ ଇଞ୍ଜିନିୟରିଂ ଆଣ୍ଡ ଟ୍ରେନିଂ ମ୍ୟାନେଜର ବିଜୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି, ଖଣ୍ଡଗିରି ପେଟାଲ୍ସ ପବ୍ଲିକ ସ୍କୁଲ୍‌ର ପ୍ରିନ୍ସିପାଲ କେ. କାତ୍ୟାୟନୀ ଯୋଗଦେଇଥିଲେ। ବିଦ୍ୟାଳୟର ଟ୍ରଷ୍ଟି ଡକ୍ଟର ପ୍ରିୟଦର୍ଶିନୀ ରଥ ଉପସ୍ଥିତ ଅତିଥିଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧକ୍ଷା ସୌଦାମିନୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

କଟକ ସଦର,୯।୧(ସୁଶାନ୍ତ କୁମାର ଜେନା)



କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର ଅଞ୍ଚଳର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧ୍ରୁବଚରଣ ପ୍ରଧାନ(୮୫)ଙ୍କର ଗୁରୁବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ମାଳତି ମଞ୍ଜରୀ ପ୍ରଧାନ, ପୁତ୍ର ଦିଲୀପ, ମିହିର, ସ୍ମୃତିରଞ୍ଜନଙ୍କ ସମେତ ବୋହୂ ଓ କନ୍ୟା ଉପସ୍ଥିତ ଥିଲେ। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଦିଲୀପ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଧ୍ରୁବଚରଣ ସ୍ଥାନୀୟ ଅଞ୍ଚଳରେ ପିଲାଙ୍କୁ ପାଠ ପଢ଼ାଇ ସୁନାମ ଅର୍ଜନ କରିଥିଲେ।

### ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବ

ଚୌଦ୍ୱାର,୯।୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଡ଼ସାମନ୍ତରାପୁର ପଞ୍ଚାୟତ ସର୍ଦ୍ଧାରଖରିଦାସ୍ଥିତ ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ହୋଇଯାଇଛି। ରୋଟାରି କ୍ଲବ୍ କଟକ ଅଭିନବ ସଭାପତି ବିଶ୍ୱନାଥ ପଣ୍ଡା ଓ ସୁଧାଂଶୁ ଶେଖର ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରମାନନ୍ଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ୍ ମାଝୀ, ବାଲିଚତୁରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ବେହେରା, ମାନସ କୁମାର ରାଉତ, ଶିକ୍ଷାବିତ୍ ନାରାୟଣ ନାୟକ, ଅଖିଳ ପାଣିଗ୍ରାହୀ, ଶିବାଜୀ ରାଉତ, ଦେବେନ୍ଦ୍ର ରାଉତ, ବୈକୁଣ୍ଠ ରାଉତ, ଲକ୍ଷ୍ମଣ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ସାହୁ ବିବରଣୀ ପାଠ କରିଥିଲେ। ସରସ୍ୱତୀ ଦେଉରୀ ଧନ୍ୟବାଦ ଦେଇଥିଲେ।




ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ କଟକ ସିଲ୍‌ଭର୍ ସିଟି ବୋଟ୍ କ୍ଲବ୍ ପରିସରରେ କଳାକାରଙ୍କ ଦ୍ୱାରା ପରିବେଷିତ ମାହାରୀ ନୃତ୍ୟ।

## କଟକରେ ପ୍ରଥମଥର ପାଳନ ହେବ ପରାକ୍ରମ ଦିବସ

କଟକ,୯।୧(ଶିଳ୍ପା ପ୍ରିୟଦର୍ଶିନୀ)

**ନେତାଜୀ ସଂଗ୍ରହାଳୟ ପରିଦର୍ଶନ କଲେ ସ୍ୱତନ୍ତ୍ର ଟିମ୍**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଆସନ୍ତା ୨୩ ତାରିଖରୁ ୩ ଦିନ ଧରି କଟକ ବାରବାଟୀ କିଲ୍ଲା ନିକଟ ସତ୍ୟବ୍ରତ ଷ୍ଟାଡିୟମରେ ପ୍ରଥମଥର ପରାକ୍ରମ ଦିବସ ପାଳନ କରାଯିବ। ଏଥିପାଇଁ ଗୁରୁବାର ସନ୍ଧ୍ୟାରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଏଡିଜି ଆନନ୍ଦ ମଧୁକର, ସଂସ୍କୃତି ବିଭାଗର ଯୁଗ୍ମସଚିବ ଗୁର୍‌ମିତ୍ ସିଂ ଚାୱଲାଙ୍କ ସମେତ ସ୍ୱତନ୍ତ୍ର ଟିମ୍ ବାରବାଟୀ କିଲ୍ଲା ନିକଟ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଏନେଇ ଏଡିଜି ଆନନ୍ଦ ମଧୁକର କହିଛନ୍ତି, ନେତାଜୀଙ୍କ ସ୍ମୃତି ଉଜ୍ଜୀବିତ କରିବା ପାଇଁ ପ୍ରୟାସ କରାଯାଉଛି। କଟକରେ ପ୍ରଥମଥର ଏହି ଦିବସ ପାଳନ କରାଯିବ। ଅବସରପ୍ରାପ୍ତ ବ୍ରିଗେଡିଅର, ଆଇଏନ୍‌ଏସ୍‌ର ସଦସ୍ୟମାନେ ଏଥିରେ ଯୋଗଦେବେ। ସେହିପରି ଯୁଗ୍ମସଚିବ ଗୁର୍‌ମିତ୍ ସିଂ ଚାୱଲା କହିଛନ୍ତି, ୨୦୨୧ରୁ ପରାକ୍ରମ ଦିବସ ପାଳନ କରାଯାଉଛି। ଗତବର୍ଷ ଲାଲ୍‌କିଲ୍ଲାରେ ଏହି ଦିବସ ପାଳନ କରାଯାଇଥିଲା। ଚଳିତବର୍ଷ କଟକରେ ଏହା ପାଳନ କରାଯିବ। ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଏହି କାର୍ଯ୍ୟକ୍ରମ ପରିଚାଳନା କରିବ। ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏଥିସହ ଏକ କର୍ମଶାଳା ଆୟୋଜନ କରାଯାଇ ନେତାଜୀଙ୍କ ଜୀବନୀ କାହାଣୀକୁ ଦର୍ଶାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ, ଲଳିତକଳା ଏକାଡେମୀ ପକ୍ଷରୁ ନେତାଜୀଙ୍କ ଜୀବନୀକୁ ନେଇ ୫୦ ଫୁଟ୍ ଉଚ୍ଚ ବିଶିଷ୍ଟ ବାଲୁକା କଳା ପ୍ରଦର୍ଶନ, ନେତାଜୀଙ୍କ ସମ୍ପର୍କିତ ତଥ୍ୟ ନେତାଜୀ ସ୍ମାରକୀ ସଂଗ୍ରହାଳୟରେ ପ୍ରଦର୍ଶନ କରାଯିବ। ଏହାସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ସ୍ପଷ୍ଟ ହୋଇ ନ ଥିବା ନେଇ ଚାୱଲା କହିଛନ୍ତି।



ପରାକ୍ରମ ଦିବସ ପାଳନ ଉପଲକ୍ଷେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ସ୍ୱତନ୍ତ୍ର ଟିମ୍।

### 'ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା'

କଟକ,୯।୧(କାର୍ତ୍ତିକ ସାହୁ)

କଟକ ନୂଆବଜାର ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଛନ୍ତି, ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ଏହି କାରଖାନାରୁ ଭଲ ମଣିଷ ଗଢ଼ି ତୋଳିବାରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରୀଛାତ୍ର ସୁସ୍ଥ ରହିବା ପାଇଁ ପ୍ରତିଦିନ ଖେଳ କସରତ କରିବା ଦରକାର। ଏଥିରେ ବିଦ୍ୟାଳୟ ଆଲୁମ୍ନି କମିଟିର ସଭାପତି ଉମେଶ ଚନ୍ଦ୍ର ସାହୁ, ପରିଚାଳନା କମିଟି ସଭାପତି ପ୍ରଭାତୀ ମଲ୍ଲିକ, ସ୍ମୃତି ରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଚଳିତବର୍ଷର କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜୁନିୟର ବିଭାଗରେ ରାଜା କୁମାର, କର୍ମୀ ମୁର୍ମୁ, ସବ୍ ଜୁନିୟର ବିଭାଗରେ ଆରାଧ୍ୟା ସାହୁ, ଜୟନ୍ତୀ ଜେନା ଚାମ୍ପିଅନ ହୋଇଥିଲେ। ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ଗୀତାଞ୍ଜଳି ଛାଟୋଇ, ନମିତା ତ୍ରିପାଠୀ, ଶିକ୍ଷକ ମନୋଜ କୁମାର ସାହୁ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନମ୍ରତା ଚାନ୍ଦ ଧନ୍ୟବାଦ ଦେଇଥିଲେ।

### ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର

ଖୁଣ୍ଟୁଣୀ,୯।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ରବି ନାରାୟଣ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ପେଣ୍ଟୋଇ ଏବଂ କ୍ରୀଡ଼ା ଶିକ୍ଷକ ସୁଧାକର ମାଳିଆଙ୍କ ପରିଚାଳନାରେ ଆୟୋଜିତ ସଭାରେ ଅଧ୍ୟାପକ ଶିଶିର କୁମାର ଦାସ ଅତିଥି ଭାବରେ ଯୋଗଦେଇଥିଲେ। ବିକାଶ କୁମାର ସାହୁ, ସୁରେନ୍ଦ୍ର କୁମାର ସେନାପତି, ବଟକୃଷ୍ଣ ବେହେରା, ଦଣ୍ଡଧର ଗଡ଼ପଲା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଙ୍କୁ ଦୃଢ଼ମନା ହେବାକୁ ପରାମର୍ଶ ଦେଇଥିଲେ। କଲେଜ ପରିସରରେ ୮ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଯୁକ୍ତ ୨ ପ୍ରଥମ ବର୍ଷର ୧୨୨ ଜଣ ଛାତ୍ରୀ ସାମିଲ ହୋଇଛନ୍ତି। ଅଧ୍ୟାପକ ଗୋବର୍ଦ୍ଧନ ବେଉରା ଧନ୍ୟବାଦ ଦେଇଥିଲେ।

## ନକଲି ଟାୟାରରେ ଅସଲି ଲୋଗୋ



ବ୍ୟବସାୟିକ ପ୍ରତିଷ୍ଠାନରେ ପୋଲିସ ଟାୟାର ଯାଞ୍ଚ କରୁଛି।

ମଙ୍ଗୁଳି-ଜଗତ୍‌ପୁର, ୯।୧ (ମାନସ ସାମଲ)

**ଉତ୍କଳ ଡିଷ୍ଟ୍ରିବ୍ୟୁଟର ସିଲ୍, ମାଲିକ ଅଟକ**

କଟକ ଜିଲା ଜଗତ୍‌ପୁର ଥାନା ଅଧୀନ ଖଇରା ପୋଲ ନିକଟରେ ଥିବା ଉତ୍କଳ ଡିଷ୍ଟ୍ରିବ୍ୟୁଟର ନାମକ ଏକ ବ୍ୟାବସାୟିକ ପ୍ରତିଷ୍ଠାନରେ ଗୁରୁବାର ପୋଲିସ ଚଢ଼ାଉ କରି ନକଲି ସାଇକେଲ ଟାୟାର ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏହି ଘଟଣାରେ ପ୍ରତିଷ୍ଠାନ ମାଲିକ ପ୍ରଦୀପ କୁମାର ଚାମୋଲିଙ୍କୁ ପୋଲିସ ଅଟକ ରଖିଛି। ଏଥିସହ ଉକ୍ତ ପ୍ରତିଷ୍ଠାନକୁ ସିଲ୍ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପ୍ରତିଷ୍ଠାନର ଗୋଦାମରୁ ନକଲି ତଥା ବେନାମୀ କମ୍ପାନୀର ସାଇକେଲ ଟାୟାରରେ ପ୍ରତିଷ୍ଠିତ ହିନ୍ଦୁସ୍ଥାନ କମ୍ପାନୀର ଲେବଲ ଓ ଷ୍ଟିକର ଲଗାଯାଇ ବିକ୍ରି ପାଇଁ ବଜାରକୁ ପଠାଯାଉଥିଲା। ଏନେଇ ହିନ୍ଦୁସ୍ଥାନ କମ୍ପାନୀର କଟକ ଶାଖା ଆଞ୍ଚଳିକ ମ୍ୟାନେଜର ଆଦିତ୍ୟ କୁମାର ଦାସ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭/୨୫) ରୁଜୁ କରିଥିଲା। ଜଗତ୍‌ପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ, ଏଏସ୍‌ଆଇ ତପନ ସ୍ୱାଇଁ, ମିହିର ରାଉତଙ୍କ ସମେତ ପୋଲିସର ଏକ ଟିମ୍ ଉକ୍ତ ବ୍ୟବସାୟ ପ୍ରତିଷ୍ଠାନରେ ଚଢାଉ କରିଥିଲା। ଯାଞ୍ଚ ପରେ ଜବତ ଟାୟାରଗୁଡ଼ିକ ନକଲି ବୋଲି ଜଣାପଡ଼ିଛି। ଉକ୍ତ ନକଲି ଟାୟାରରେ ହିନ୍ଦୁସ୍ଥାନ ଟାୟାର କମ୍ପାନୀର ଲୋଗୋ ଥିବା ଦେଖିବାକୁ ମିଳିଥିଲା। ଏପରି କି ଡିଜାଇନକୁ ମଧ୍ୟ ଅବିକଳ କରାଯାଇଥିଲା। ଅପରପକ୍ଷରେ ଏହା ନକଲି ନୁହେଁ ବରଂ ଶସ୍ତା ଟାୟାର ବୋଲି ପ୍ରଦୀପ ସଫେଇ ଦେଇଛନ୍ତି।

## ତାରକସି କାର୍ଯ୍ୟ ଦେଖି ମୁଗ୍ଧ ହେଲେ ପ୍ରବାସୀ ଭାରତୀୟ




ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ବୁଲିବାକୁ ଆସିଥିବା ପ୍ରବାସୀ ଭାରତୀୟ।

କଟକ,୯।୧(କାର୍ତ୍ତିକ ସାହୁ)

ପ୍ରବାସୀ ଭାରତୀୟଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସଜେଇ ହୋଇଛି କଟକ ସହର। ଆଗମନୀର ଗୁରୁବାର ଦ୍ୱିତୀୟ ଦିବସରେ ପ୍ରବାସୀ ଭାରତୀୟମାନେ କଟକର ତାରକସି କାରୁକାର୍ଯ୍ୟ ଦେଖି ମୁଗ୍ଧ ହୋଇଛନ୍ତି। ବିଶେଷକରି ହସ୍ତତନ୍ତ, ଚିତ୍ରକଳାର ସୂକ୍ଷ୍ମ କାରୁକାର୍ଯ୍ୟଯୁକ୍ତ ଉତ୍ପାଦଗୁଡ଼ିକ ମନକୁ ବେଶ୍ ଛୁଇଁଥିଲା। ସେମାନେ ପାରମ୍ପରିକ ସାମଗ୍ରୀଗୁଡ଼ିକ କ୍ରୟ କରିବା ସହ ଠୁଙ୍କାପୁରି, ଦହିବରା ଆଦି ସୁସ୍ୱାଦୁ ଖାଦ୍ୟର ମଜା ଉଠାଇଥିଲେ। ସୂଚନାନୁସାରେ, କାନାଡ଼ାରୁ ୨ଜଣ, ଦୁବାଇରୁ ୫ଜଣ ଓ ମରିସସ୍‌ରୁ ଜଣେ ପ୍ରବାସୀ ଭାରତୀୟ ଆସି ଗୁରୁବାର କଟକର ବିଭିନ୍ନ ପର୍ଯ୍ୟଟନସ୍ଥଳ, ନେତାଜୀ ଜନ୍ମପୀଠ ଓ ସଂଗ୍ରହାଳୟ, ନୌବାଣିଜ୍ୟ ସଂଗ୍ରହାଳୟ, ନ୍ୟାୟିକ ସଂଗ୍ରହାଳୟ ବୁଲି ଦେଖିଥିଲେ। ସେମାନଙ୍କ ବ୍ୟତୀତ ବିଦେଶ ମନ୍ତ୍ରଣାଳୟର ଅଧିକାରୀ ମଧ୍ୟ ପରିଭ୍ରମଣରେ ଆସିଥିଲେ। ସନ୍ଧ୍ୟାରେ ସିଲ୍‌ଭର୍ ସିଟି ବୋଟ କ୍ଲବରେ ଚାଲିଥିବା ମହାନଦୀ ଫେଷ୍ଟିଭାଲର ପାରମ୍ପରିକ ନୃତ୍ୟ ଉପଭୋଗ କରିଥିଲେ। ସେମାନଙ୍କ ପ୍ରତି ଆତିଥ୍ୟ ଓ ଅଭ୍ୟର୍ଥନା ନିମନ୍ତେ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତିକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ତଦାରଖ କରିବା ସହ ବିଭାଗୀୟ ଅଧିକାରୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବାସୀ ଭାରତୀୟଙ୍କ ଆଗମନ ସମୟରେ ମହାନଦୀ ଫେଷ୍ଟିଭାଲରେ ଜିଲାପାଳ ନିଜେ ଉପସ୍ଥିତ ଥିଲେ।

## ଝୋଟେଶ୍ୱର ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଚୌଦ୍ୱାର,୯।୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ମୁଣ୍ଡମାଳସ୍ଥିତ ଝୋଟେଶ୍ୱର ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମେନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭକ୍ତବତ୍ସଳ ରଥ, ପ୍ରିୟମ୍ବଦା ପଣ୍ଡା, ମାନସୀ କର, ପୂର୍ଣ୍ଣଚନ୍ଦ୍ର କର, ପବିତ୍ର କୁମାର ମହାନ୍ତି, କିଶୋର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶୈବାଳିନୀ ପଣ୍ଡା, ସୋନାଲିକା ନାୟକ, କବିତା ବାରିକ, ସ୍ନେହସ୍ମିତା ମଲ୍ଲିକ, ଦେବପ୍ରିୟା ଦାସ, ପ୍ରଣତି ପାତ୍ର, ମିନତି ମିଶ୍ର, ସୁମତି ମୁର୍ମୁ, ତନୁଲତା ରାଉତ, ମାନସୀ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ନେହସ୍ମିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

## କଟକଣା ସତ୍ତ୍ୱେ ବିକ୍ରି ହେଉଛି ମାଞ୍ଜାସୂତା

କଟକ,୯।୧(ଶିଳ୍ପା ପ୍ରିୟଦର୍ଶିନୀ)

**ଜଣେ ଆହତ ପରେ ପୋଲିସର ଚେତା ପଶିଲା**

ମକର ସଂକ୍ରାନ୍ତି ଆସିଲେ କଟକର ବିଭିନ୍ନ ସ୍ଥାନରେ ଗୁଡ଼ିଉଡା ଦେଖିବାକୁ ମିଳିଥାଏ। ବିଶେଷକରି ନଦୀପଠା, ଖୋଲାସ୍ଥାନ ଓ ଛାତ ଉପରେ ପିଲାମାନେ ଗୁଡ଼ି ଉଡାଇ ମଜା ନେଇଥାନ୍ତି। ହେଲେ ଗୁଡ଼ିରେ ବ୍ୟବହାର ମାଞ୍ଜାସୂତା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଗତ କିଛିବର୍ଷ ଧରି ଗୁଡ଼ିଉଡା ସମୟରେ ମାଞ୍ଜାସୂତା ଲାଗି ଅନେକ ଲୋକ ଆହତ ହୋଇଥିବା ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସହରରେ ମାଞ୍ଜାସୂତା ବିକ୍ରି ଉପରେ କଟକଣା ଜାରି କରାଯାଇଛି। ଏପରି କି ହାଇକୋର୍ଟ ମଧ୍ୟ ଏଥିରେ ହସ୍ତକ୍ଷେପ କରି ମାଞ୍ଜାସୂତାରେ ଗୁଡ଼ି ନ ଉଡ଼ାଇବା ଓ ବିକ୍ରି ନ କରିବା ପାଇଁ କହିଛନ୍ତି। ହେଲେ ଏହି କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯାଉନାହିଁ। ଚଳିତବର୍ଷ କଟକର ପ୍ରମୁଖ ସ୍ଥାନ ଚୌଧୁରୀ ବଜାର, ପିଠାପୁର, ଝୋଲାସାହି, ନନ୍ଦିସାହି, କେଉଟ ସାହି, ହରିପୁର ଅଞ୍ଚଳର ଦୋକାନରେ ଚାଇନିଜ୍ ଓ ମାଞ୍ଜାସୂତା ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ହେଲେ ପୋଲିସ ତାହାକୁ ଜବତ ନ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଗୁରୁବାର କଟକ ୪୨ମୌଜା ଅଞ୍ଚଳ ରାସ୍ତାରେ ସୀତାରାମ ତାଣ୍ଡି ନାମକ ବ୍ୟକ୍ତି ଯାଉଥିବାବେଳେ ଗୁଡ଼ି ମାଞ୍ଜାସୂତା ତାଙ୍କ ବେକରେ ଲାଗିଯାଇଥିଲା। ଫଳରେ ସେ ସାମାନ୍ୟ ଆହତ ହୋଇଛନ୍ତି। ଏହାପରେ ପୋଲିସର ଚେତାପଶିଛି। ଗୁରୁବାର ପୁରୀଘାଟ ଓ ୪୨ମୌଜା ଅଞ୍ଚଳର କେତେକ ଦୋକାନରେ ଚଢ଼ାଉ କରି ମାଞ୍ଜାସୂତା ଜବତ କରିଛି। ଆଗକୁ ମକର ସଂକ୍ରାନ୍ତି ଆସୁଥିବାରୁ ସହରରେ ମାଞ୍ଜାସୂତା ବିକ୍ରି ରୋକିବା ପାଇଁ ପୋଲିସ ଜୋର୍‌ଦାର୍ ଚଢ଼ାଉ କରିବାକୁ ସହରବାସୀ ଦାବି କରିଛନ୍ତି।

ଏନେଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, ମାଞ୍ଜାସୂତାରେ କେହି ଗୁଡ଼ି ଉଡାଇପାରିବେ ନାହିଁ। ଆଗାମୀ ଦିନରେ ଗୁଡ଼ି ଉଡାଇବା ପାଇଁ ସ୍ଥାନ ଚିହ୍ନଟ କରାଯିବ। ପ୍ରବାସୀ ଭାରତୀୟ ଦିବସ ପରେ ଆସନ୍ତା ୧୧ ତାରିଖରେ ଏନେଇ ଏକ ବୈଠକ କରାଯାଇ ଆଲୋଚନା ହେବ। ଅପରପକ୍ଷରେ ଡିସିପି ଜଗମୋହନ ମୀନା କହିଛନ୍ତି, ମାଞ୍ଜାସୂତା ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ଗୁରୁବାର ପୁରୀଘାଟ ଓ ୪୨ମୌଜା ଅଞ୍ଚଳରେ ଚଢ଼ଉ କରାଯାଇଛି। ସମସ୍ତ ଥାନାୱାରି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସହରର ପ୍ରତ୍ୟେକ ଜାଗାରେ ନଜର ରଖାଯିବ। ଯଦି କୌଣସି ବ୍ୟବସାୟୀ ମାଞ୍ଜାସୂତା ବିକ୍ରି କରନ୍ତି କିମ୍ବା କେହି ମାଞ୍ଜାସୂତାରେ ଗୁଡ଼ି ଉଡ଼ାଇବା ଜଣାପଡ଼େ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗ୍ରାମ୍ୟବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ

**ବେଗୁନିଆ (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅଧୀନ ସିକୋଚ୍ଛିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ବ୍ୟାଙ୍କ ପକ୍ଷରୁ ୧୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶାଖା ପରିଚାଳକ ପଙ୍କଜ ବେରା, କୋଷାଧ୍ୟକ୍ଷ ବସନ୍ତ ମଞ୍ଜରୀ କର, କର୍ମଚାରୀ ସଞ୍ଜୟ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବ୍ୟାଙ୍କର ପ୍ରତିଷ୍ଠା ଦିବସ ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଇଥିଲେ। ବ୍ୟାଙ୍କ ପ୍ରତି ଗ୍ରାହକଙ୍କ ସହଯୋଗ ରହିଲେ ବ୍ୟାଙ୍କ ଠିକ୍ ଭାବେ କାର୍ଯ୍ୟ କରିବା ସହ ଲୋକଙ୍କ ସେବାରେ ଲାଗିପାରିବ ବୋଲି ଶାଖା ପରିଚାଳକ କହିଥିଲେ। ସଞ୍ଜୟ ବାହୁବଳେନ୍ଦ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରବୀନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସାହୁ, ସାଜିତା ବେଗମ ପ୍ରମୁଖ ସହଯୋଗ କରିଥିଲେ।

# ୧୬,୪୫୫.୭୭୧ ହେକ୍ଟର ଫସଲ ନଷ୍ଟ

ଖୋର୍ଦ୍ଧା,୯।୧ (ପ୍ରଭାତ ପାଣିଗ୍ରାହୀ)

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ କ୍ଷତିପୂରଣ ବାବଦ ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଏବଂ କୃଷକ ପୋର୍ଟାଲ, ଟୋଲ ଫ୍ରି ନମ୍ବର(୧୪୪୪୭)ରେ କରିଥିବା ପଞ୍ଜୀକରଣ ଆଧାରରେ କ୍ଷତିପୂରଣ ଦିଆଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଭାଗୀୟ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲାରେ ୧୬,୪୫୫.୭୭୧ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଏ ବାବଦକୁ ୨୦କୋଟି ୪ଲକ୍ଷ ୨୦ହଜାର ୪୯୭ ଟଙ୍କା ଅର୍ଥ ମଞ୍ଜୁର କରାଯାଇଥିବା ଜଣାପଡିଛି।

**ପାଇବେ ୨୦କୋଟି ୪ଲକ୍ଷ ୨୦ହଜାର ୪୯୭ ଟଙ୍କା**

ଗୁରୁବାରଠାରୁ ଜିଲାରେ ବୀମା କମ୍ପାନୀ ଏବଂ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଟଙ୍କା ଦେବା ଆରମ୍ଭ ହୋଇଛି। ଏଥିରୁ ବାଲିଅନ୍ତା ବ୍ଲକରେ ୨୭୦୩.୬ ହେକ୍ଟର ଚାଷଜମିରେ ଫସଲ ନଷ୍ଟ ହୋଇଥିବା ବେଳେ ୪,୫୯,୬୧,୨୦୦ ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ସେହିପରି ବାଲିପାଟଣା ବ୍ଲକରେ ୩୩.୦୭.୮୧ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୫,୬୨,୩୨,୭୭୦ ଟଙ୍କା, ଭୁବନେଶ୍ୱର ବ୍ଲକରେ ୧୧୭.୬୬୧ ହେକ୍ଟରକୁ ୧୬,୦୭,୦୨୭ ଟଙ୍କା, ଜଟଣୀ ବ୍ଲକରେ ୩୯୦ ହେକ୍ଟରକୁ ୩୬,୭୨,୦୦୦ ଟଙ୍କା, ଖୋର୍ଦ୍ଧା ବ୍ଲକରେ ୨୬୫୭ ହେକ୍ଟରକୁ ୨,୩୩,୬୬,୫୦୦ ଟଙ୍କା, ବେଗୁନିଆ ବ୍ଲକରେ ୨୨୮୨ ହେକ୍ଟରକୁ ୧,୯୩,୯୭,୦୦୦ ଟଙ୍କା, ବୋଲଗଡ଼ ବ୍ଲକରେ ୧୪୦୭ ହେକ୍ଟରକୁ ୧,୨୪,୬୬,୧୦୦ ଟଙ୍କା, ଟାଙ୍ଗୀ ବ୍ଲକରେ ୧୯୮୭ ହେକ୍ଟରକୁ ୧,୬୮,୮୯,୫୦୦ ଟଙ୍କା, ଚିଲିକା ବ୍ଲକରେ ୯୪୫.୬ ହେକ୍ଟରକୁ ୧,୧୨,୮୯,୭୦୦ ଟଙ୍କା ଏବଂ ବାଣପୁର ବ୍ଲକରେ ୬୫୮.୧ ହେକ୍ଟର ଚାଷଜମି ଫସଲ କ୍ଷତିଗ୍ରସ୍ତ ହୋଇଥିବା ଏ ବାବଦକୁ ୯୫,୩୮,୭୦୦ ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି।

ପ୍ରକାଶ ଯେ, ପ୍ରତିବର୍ଷ ଚାଷୀ ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ମଧ୍ୟରେ ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହୋଇ ଚାଷୀ ଚାଷ କରିଥାଏ। ତେବେ ପ୍ରତ୍ୟେକ ବର୍ଷ ଫସଲ ଅମଳ ସମୟରେ ବାତ୍ୟା କିମ୍ବା ବର୍ଷା ପ୍ରଭାବର ସମ୍ମୁଖୀନ ହୋଇଥାଏ ଚାଷୀ। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ଅନାବୃଷ୍ଟି, ସ୍ୱଳ୍ପ ବୃଷ୍ଟି, ବିଳମ୍ବିତ ମୌସୁମୀ, ଜଳସେଚନ ଅଭାବଜନିତ ସମସ୍ୟା ସତ୍ତ୍ୱେ ଫସଲ କରିଥିଲେ। ଅଦିନିଆ ବର୍ଷା ଯୋଗୁ ବିଲରେ ପାଚିଲା ଧାନ ପଚିଷଡି ନଷ୍ଟ ହୋଇଗଲା। ବର୍ଷସାରା ପରିଶ୍ରମ ଫଳ ଧାନବିଲରେ ଫସଲ ଲୋଟୁଥିବା ଦେଖି ଚାଷୀ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ମାନସିକ ସ୍ତରରେ ଏକପ୍ରକାର ଭାଙ୍ଗି ପଡିଛନ୍ତି। ଏଭଳି ସମୟରେ ଫସଲ ବୀମା ଏବଂ ସରକାରଙ୍କୁ କ୍ଷତିପୂରଣକୁ ଚାଷୀ ଭରସା କରିଛି।

## ୨୮ ଗୋରୁ ଉଦ୍ଧାର, ୫ ଗିରଫ

ଖୋର୍ଦ୍ଧା/ବୋଲଗଡ଼,୯।୧ (ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)



ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ନିକଟରେ ଗୋରୁ ବୋଝେଇ କଣ୍ଟେନର(ଆରଜେ୫୧ଜିଏ ୩୬୨୪)କୁ ପୋଲିସ ଜବତ କରିଛି। ଏଥିରୁ ୨୮ଗୋରୁଙ୍କୁ ଉଦ୍ଧାର ସହ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶ ଅଞ୍ଚଳର ସଲିମ (୬୦) ଓ ଅଫସର (୩୫), ରାଜସ୍ଥାନ ଜୟପୁର ଜିଲା ମେହେନ୍ଦାନଗରର ଏ.ଏସ୍.ମହମ୍ମଦ (୩୭), ସାଓପୁରିଆ ବାୱିଡିର ହେମରାଜ ସିଂହ(୩୨) ଏବଂ ଟୋଙ୍କ ଜିଲା ଇସଲାମପୁରର ହାକିମ (୪୦)। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୧/୨୫) ରୁଜୁକରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗୁରୁବାର ଭୋରୁ ଏକ କଣ୍ଟେନରରେ ଗୋରୁ ମହାରାଷ୍ଟ୍ରରୁ କୋଲକାତା ଚାଲାଣ ହେଉଥିବା ଖବରପାଇ ଗୋସୁରକ୍ଷା କର୍ମୀ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ନିକଟରେ ଜଗିଥିଲେ। ଦ୍ରୁତଗତିରେ କଣ୍ଟେନର ଆସୁଥିବାରୁ ସନ୍ଦେହ ହେବାରୁ ଅଟକାଇଥିଲେ। ଗୋରୁ ବୋଝେଇ ହୋଇଥିବା ଜାଣିବା ପରେ ପୋଲିସ ଜିମା ଦେଇଥିଲେ। ପୋଲିସ କଣ୍ଟେନର ଜବତ କରି ଥାନାକୁ ଆଣିଥିଲା। ଯାଞ୍ଚ ବେଳେ କଣ୍ଟେନରରେ ୨୮ଗୋରୁ ଥିବା ପାଲିସ ଜାଣିବାକୁ ପାଇଥିଲା। ଉଦ୍ଧାର ଗୋରୁଙ୍କୁ ବୋଲଗଡ଼ ସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

## ସଂକ୍ଷେପରେ

### ଦୀପରୁ ନିଆଁ ଲାଗି ମହିଳା ଗୁରୁତର

**ଟାଙ୍ଗୀ,୯।୧(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମ ମନ୍ଦିରରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମ ମନ୍ଦିରରେ ଦୀପ ଲଗାଇବା ବେଳେ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ରେଣୁକା ନାଇଡୁ। ତାଙ୍କ ଶରୀରର ୭୦ପ୍ରତିଶତ ପୋଡ଼ିଯାଇଥିବା ଜଣାପଡ଼ିଛି। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ଦଳେଇପୁଟ କ୍ଲବ କ୍ୱାର୍ଟର ଫାଇନାଲରେ

**ବାଘମାରୀ, ୯।୧(ମିହିର ରଞ୍ଜନ ମହାପାତ୍ର):** ସିମୋର ପଞ୍ଚାୟତ ମା'ଗହ୍ଣେଇଁ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଲିଗ୍ ମ୍ୟାଚ୍ ଗୁରୁବାର ଡୁମୁଡୁମା କ୍ଲବ ଓ ଦଳେଇପୁଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଡୁମୁଡୁମା ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଦଳେଇପୁଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ଓଭରରେ ୯ଉଇକେଟ ବିନିମୟରେ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଡୁମୁଡୁମା ଟିମ୍ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା।ଫଳରେ ଦଳେଇପୁଟ ଟିମ୍ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିକ୍ରମ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ତରୁଣ ପ୍ରହରାଜ ଏବଂ ଦୀପ୍ତିରଞ୍ଜନ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ଚିନ୍ମୟ ମହାନ୍ତି ଏବଂ ଦାଶରଥି ପ୍ରଧାନ ମ୍ୟାଚର ଧାରା ବିବରଣୀ, ଦେବାଶିଷ ଜେନା ଓ ପବିତ୍ର ମହାନ୍ତି ସ୍କୋରର ଦାୟିତ୍ୱ ତୁଲାଇଥିଲେ।

### ଦେଶୀମଦ, ସ୍କୁଟି ଜବତ: ୩ ଗିରଫ

**ବେଗୁନିଆ,୯।୧(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୨୧ଲିଟର ଦେଶୀ ମଦ ଏବଂ ଗୋଟିଏ ସ୍କୁଟି ଜବତ କରାଯାଇଛି। ଏହି ଘଟଣାରେ ବେଗୁନିଆ ଗ୍ରାମର ଲଳିତା ସାହୁ, ଡିଙ୍ଗର ଗ୍ରାମର ଲତା ଖୁଣ୍ଟିଆ ଏବଂ ପିଚୁକୁଳି ଗ୍ରାମର ଅଶୋକ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଆର୍ପା ମାରାଣ୍ଡି କହିଛନ୍ତି।

### ପାଳଗଦାରେ ନିଆଁ



**ବେଗୁନିଆ,୯।୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ଥାନା ଅନ୍ତର୍ଗତ ମୁଗମଣ୍ଡା ଗ୍ରାମର ରାଜ କିଶୋର ଦଳେଇଙ୍କ ପାଳଗଦାରେ ନିଆଁ ଲାଗି ଜଳିଯାଇଛି। ସ୍ଥାନୀୟ ଲୋକେ ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟକୁ ଜଣାଇବା ପରେ ଅଧିକାରୀ ତପନ କୁମାର ନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ୨୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ପାଳ ପୋଡ଼ିଯାଇଥିବା ଜଣାପଡ଼ିଛି।

### ୧୨ଚାଷୀ ଦେଲେ ୩୦୦ କୁଇଣ୍ଟାଲ ଧାନ

**ଟାଙ୍ଗୀ,୯।୧(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ କୁହୁଡ଼ି ପ୍ରାଥମିକ କୃଷି ସମବାୟ ସମିତି ଆନୁକୂଲ୍ୟରେ ଗୁରୁବାର ସମବାୟ ସମିତି ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସମିତି ସମ୍ପାଦକ ବିଭୂତି ଭୂଷଣ ଚମ୍ପତି, ସହ ସମ୍ପାଦକ ସୁମନ୍ତ ବେହେରା, ସଭାପତି ରଘୁନାଥ ବେହେରା, ଚଣ୍ଡିହର ଦେବ ରାଇସ ମିଲର ପ୍ରିୟରଞ୍ଜନ ପାତ୍ର, ନିୟନ୍ତ୍ରିତ ବଜାର କମିଟି ବାଲୁଗାଁର ସୁବାସ ଚନ୍ଦ୍ର ପରିଡ଼ା ଏବଂ କାର୍ତ୍ତିକ କୁମାର ପ୍ରଧାନ ଚାଷୀଙ୍କୁ ଟୋକନ ଦେବା ସହ ଚାଷୀଙ୍କଠାରୁ ଧାନ କିଣିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ବନ୍ଦୋବସ୍ତ କରିଥିଲେ। ଉଦ୍‌ଘାଟନ ଦିବସରେ ସମବାୟ ସମିତି ଅଧୀନ ୧୨ଚାଷୀଙ୍କଠାରୁ ୩୦୦ କୁଇଣ୍ଟାଲ ୨୦କେଜି ଧାନ କ୍ରୟ କରାଯାଇଛି। ଅକ୍ଷୟ ନାୟକ, ନରେନ୍ଦ୍ର ପ୍ରତାପସିଂହ, ହରିବନ୍ଧୁ ସାମନ୍ତରାୟ, ପ୍ରଦୀପ ସାମନ୍ତସିଂହାର, ନବ ପାତାଳସିଂହ, ଦିଲୀପ ସାହୁ, ପବିତ୍ର ଭୁଜବଳ, ଦିଲୀପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଦେଉଳିସ୍ଥିତ ଶ୍ରୀରାଧାମାଧବ ସଂସ୍କୃତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ଏନ୍ଏସ୍ଏସ୍‌ର ସ୍ୱତନ୍ତ୍ର ଶିବିର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

ବୋଲଗଡ଼,୯।୧ (ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଦେଉଳି ସ୍ଥିତ ଶ୍ରୀରାଧାମାଧବ ସଂସ୍କୃତ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିବିରାର୍ଥୀମାନେ ସପ୍ତାହେ ପର୍ଯ୍ୟନ୍ତ ଚାରାରୋପଣ, ରକ୍ତଦାନ ଶିବିର, ନିଶା ନିବାରଣ ସଚେତନତା ଏବଂ ଗ୍ରାମ ପରିମଳ ଆଦି କାର୍ଯ୍ୟ କରିଥିଲେ। ସମାପନ ଦିବସରେ ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସାମନ୍ତସିଂହାର, ଅଧ୍ୟାପକ ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ସମାଜରେ ସକାରାତ୍ମକ ପରିବର୍ତ୍ତନ କରୁଛି ଜାତୀୟ ସେବା ଯୋଜନା ଅନ୍ତର୍ଗତ ଏହି ସ୍ୱତନ୍ତ୍ର ଶିବିର ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ବଟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ଅଧ୍ୟାପକ ପ୍ରଦୀପ ସାହୁ ପରିଚାଳନା କରିଥିଲେ।

## ଗୁରୁଜଙ୍ଗ ଶିଶୁ ବିହାର ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ



ଖୋର୍ଦ୍ଧା,୯।୧ (ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗ ଶିଶୁ ବିହାର ପବ୍ଲିକ୍ ସ୍କୁଲର ୪୦ତମ ବାର୍ଷିକ ଉତ୍ସବ ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ିବା ସହ ଭଲ ମଣିଷ ହେବା ଆବଶ୍ୟକ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ଭବିଷ୍ୟତର ଭାରତ ମାତାର ସେବା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ରାକେଶ କୁମାର ସାହାଣୀ, ଗୁରୁଜଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକ, କାଉନସିଲର ଲିନା ସ୍ୱାଇଁ, ସମାଜସେବୀ ନିରୁପମା ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ମମତା ଷଡ଼ଙ୍ଗୀ ବିଭିନ୍ନ ଦାବି ଉପସ୍ଥାପିତ କରିଥିଲେ। ମୁଖ୍ୟ ଅତିଥି ଜଗଦ୍ଦେବ ଏ ଦିଗରେ ପଦକ୍ଷେପ ନେବା ପାଇଁ ଘୋଷଣା କରିଥିଲେ। ଶିକ୍ଷୟିତ୍ରୀ ଆହ୍ଲୁତିରାଣୀ ମିଶ୍ର ଅତିଥି ପରିଚୟ, ଶିକ୍ଷୟିତ୍ରୀ ଯମୁନା ପ୍ରଧାନ ଧନ୍ୟବାଦ ଦେଇଥିଲେ। ସୁଜାତା ଭୁଜବଳ ଏବଂ ରଶ୍ମିତା ବାରିକ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ରୋଜାଲିନ ସାହୁ ଓ ସୁବିନା ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ପୁରାତନ ଛାତ୍ର, ଅଭିଭାବକ ଉପସ୍ଥିତ ଥିଲେ।

## ବାଲୁଗାଁରେ ତୃତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ ଆଜି

ବାଲୁଗାଁ,୯।୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବଜାର ଦେଇ ଯାଇଥିବା ୫ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ କରାଯାଉଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ ନିମନ୍ତେ ରାସ୍ତାପାର୍ଶ୍ୱ ବେଆଇନ ନିର୍ମାଣ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ପ୍ରଶାସନ ପକ୍ଷରୁ ଜାରି ରହିଛି। ପୂର୍ବରୁ ଦୁଇ ଥର ତଥା ଅକ୍ଟୋବର ୪ତାରିଖ ପ୍ରଥମ ପର୍ଯ୍ୟାୟ ଏବଂ ଜାନୁଆରୀ ୫ରେ ଦ୍ୱିତୀୟ ପର୍ଯ୍ୟାୟରେ ବାଲୁଗାଁ ରାସ୍ତାପାର୍ଶ୍ୱର ଜବରଦଖଲ ଉଚ୍ଛେଦ କରାଯାଇଥିଲା। ୫ତାରିଖରେ ସରଳାପଦର ଛକଠାରୁ ବାଲୁଗାଁ ବଜାର ଗାନ୍ଧୀଛକ ଏବଂ ଦକ୍ଷିଣପାର୍ଶ୍ୱ ସୋମନାଥ ବସ୍‌ଷ୍ଟାଣ୍ଡଠାରୁ ଗୁଣ୍ଡୁରୁପୁର ଛକ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିଲା। ରାତି ହୋଇଯିବା ଯୋଗୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହିଥିଲା। ତେବେ ପୁନଃ ଶୁକ୍ରବାର ତଥା ୧୦ତାରିଖ ପୂର୍ବାହ୍ନ ୧୦ଟାରୁ ଅବଶିଷ୍ଟ ଅଞ୍ଚଳରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିବ ବୋଲି ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ କହିଛନ୍ତି। ଆଇନଶୃଙ୍ଖଳା ଦୃଷ୍ଟିକୋଣରୁ ପୋଲିସ ଫୋର୍ସ ମୁତୟନ ହେବେ। ଏନେଇ ବୁଧବାର ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଛି।

## ବେଗୁନିଆ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ

ବେଗୁନିଆ,୯।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସଭାପତି ପ୍ରଭାତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହ ସାମନ୍ତ ମୁଖ୍ୟ ଅତିଥି, ବିଡିଓ ଲକ୍ଷ୍ମୀଧର ସାହୁ ମୁଖ୍ୟ ବକ୍ତା, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓ ସାରଥି ଶତପଥୀ, ଏଜିଏମ ସନ୍ଦୀପ ପଟ୍ଟନାୟକ, ବେଗୁନିଆ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଶୁଭାଶିଷ ରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ସୁମତି ଶତ୍ରୁଶଲ୍ୟ, ପଦ୍ମିନୀ ପ୍ରଭା ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ମଣ୍ଡିର ସୁ ପରିଚାଳନା ସହ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବାକୁ କହିଥିଲେ। ସେବା ସମବାୟ ସମିତିର ସମ୍ପାଦକ ବସନ୍ତ କୁମାର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କର୍ମଚାରୀ ଲଡୁ କିଶୋର ପଟ୍ଟନାୟକ ସହଯୋଗ କରିଥିଲେ। ପରେ ଚାଷୀ ଲୋକନାଥ ସାହୁଙ୍କଠାରୁ ୨୭ କୁଇଣ୍ଟାଲ ୨୪କେଜି ଧାନ ସଂଗ୍ରହ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ

ବୋଲଗଡ,୯।୧ (ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ବାର୍ଷିକ ଉତ୍ସବ ବୁଧବାର ସଙ୍ଘ କାର୍ଯ୍ୟାଳୟ ସ୍ଥିତ ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ନବକିଶୋର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ରଙ୍କ ବେଦପାଠ ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଶିକ୍ଷାବିତ୍ ଗୋପୀନାଥ ଖାଡଙ୍ଗା ଉତ୍ସବର ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ରଥ ଆବାହନୀ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ରଘୁନାଥ ଦଳବେହେରା ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ଐତିହାସିକ ରବୀନ୍ଦ୍ର ପରିଡା ମୁଖ୍ୟବକ୍ତା, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ଏବଂ ଶିକ୍ଷାବିତ୍ ସୁମନ୍ତ ଛୋଟରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅବସପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ସରକାର ସମ୍ବେଦନଶୀଳ ହେବା ଜରୁରି ବୋଲି କହିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଦିବାକର ପରମଗୁରୁ , ଗୋପୀନାଥ ଖାଡ଼ଙ୍ଗା, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ସାବିତ୍ରୀ ସୁବୁଦ୍ଧି, ନବକିଶୋର ପାଇକରାୟ, ବାନାମ୍ବର ଗୋଛି, ପ୍ରଫୁଲ୍ଲ ମାନସିଂହ, ଗୋଦାବରୀଶ ମିଶ୍ର, କେଶବ ଚନ୍ଦ୍ର ଭୋଳ, ସୁରଥ ମହାରଣା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀ ମାନପତ୍ର ପାଠ କରିଥିଲେ। ଶେଷରେ ଶିକ୍ଷାବିତ୍ ହରିବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ। ଡା.ଅଚ୍ୟୁତ ସାହୁ, ଅଇଁଠୁ ରଣସିଂହ, ଗଙ୍ଗାଧର ଜେନା, ସେବତୀ ପରିଡା, ଲଛମନ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

## ସଡ଼କ ନିରାପତ୍ତା ସପ୍ତାହ ପାଳିତ

ବେଗୁନିଆ,୯।୧ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଭୂଆସୁଣୀପାଟଣା ହାଇସ୍କୁଲରେ ସଡ଼କ ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡ.ଗଣେଶ୍ୱର ସାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ପୂର୍ବତନ ପୋଲିସ ଅଫିସର ବିଶ୍ୱନାଥ ଜାଲି ବକ୍ତାଭାବେ ଯୋଗଦେଇ ରାସ୍ତାରେ ଗାଡି ଚାଳନା କଲାବେଳେ ଟ୍ରାଫିକ ନିୟମ ସମ୍ପର୍କରେ ଆଲୋଚନା କରିବା ସହ ସଚେତନ କରିଥିଲେ। 'ଦ୍ରୁତ ଗତି ମହାବିପତି' ଏବଂ 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ବାର୍ତ୍ତା ସମ୍ପର୍କରେ ଆଲୋଚନା କରଯାଇଥିଲା। ରାସ୍ତାରେ ଗାଡି ଚାଳନା ସମୟରେ ମୋବାଇଲଫୋନ ବ୍ୟବହାରକୁ ବାରଣ, ମାଦକ ଦ୍ରବ୍ୟ ସେବନ ନିଷିଦ୍ଧ, ହେଲମେଟ ବ୍ୟବହାର ବାଧ୍ୟତାମୂଳକ, ଗମନାଗମନ ବେଳେ ଟ୍ରାଫିକ ନିୟମକୁ ମାନି ନିଜର ମୂଲ୍ୟବାନ ଜୀବନକୁ ବଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ପଣ୍ଡିତ ଆଦିତ୍ୟ ପ୍ରସାଦ ରଥ, ବିଜ୍ଞାନ ଶିକ୍ଷକ ପ୍ରମୋଦ ଜେନା, ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡା, ରାଜ କିଶୋର ଗଡବାଡ, ଗୁରେଇ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଚ୍ୟୁତ ଆନନ୍ଦ ବେହେରା ଏବଂ ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ଲୋଗାନ ଓ ପ୍ଲାକାର୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟ ସୌମେନ୍ଦ୍ର ସାହୁ ପ୍ରଥମ ସ୍ଥାନ ଓ ସୁଶ୍ରୀ ଶାଶ୍ୱତୀ ପରିଡ଼ା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

## ସେମିରେ ଖୋର୍ଦ୍ଧା କ୍ରିକେଟ କ୍ଲବ

ଖୋର୍ଦ୍ଧା,୯।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍ ଦ୍ୱିତୀୟ ସଂସ୍କରଣର ଗୁରୁବାର ଖୋର୍ଦ୍ଧା କ୍ରିକେଟ କ୍ଲବ ଏବଂ ରାଇଜିଂ ଷ୍ଟୁଡେଣ୍ଟସ କ୍ଲବ କଟକ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଖୋର୍ଦ୍ଧା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୬ଉଇକେଟ ବିନିମୟରେ ୧୩୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦେବବ୍ରତ ପ୍ରଧାନ ୫୬ରନ ସଂଗ୍ରହ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟସ କ୍ଲବ ୧୭.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଗିରିଜା ଶଙ୍କର ବାରିକ ୪୦ରନ କରିଥିଲେ। ଫଳରେ ଖୋର୍ଦ୍ଧା କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ଖେଳାଳି ସୁମିତ ମହାରଣା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ରାଜ କୁମାର ମୋଦି, ରବି ନାରାୟଣ ରାଉତରାୟ, ବିଭାଂଶୁ ମହାନ୍ତି, ଡ.ରତନ ପ୍ରସାଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରୀତିରଞ୍ଜନ ବିଜୟସିଂହ ଏବଂ ଚନ୍ଦ୍ରମୋହନ ବରାଳ ମ୍ୟାଚ୍ ପରିଚାଳନା, ଜନ୍ମେଜୟ ଏବଂ ରବି ନାରାୟଣ ପରିଡ଼ା ସ୍କୋରବୋର୍ଡ ପରିଚାଳନା କରିଥିଲେ।



## ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ସେମିଫାଇନାଲରେ



ଟାଙ୍ଗୀ,୯।୧ (ରଘୁନାଥ ସାହୁ)

**ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ବିହାର ଏବଂ ୟୁନିକ୍ ସ୍ପୋର୍ଟ୍ସ କ୍ଲବ ରାୟପୁର ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ଟିମ୍ ୪ଟି ଗୋଲ ଦେଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟ କୁମାର ମଙ୍ଗରାଜ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି, ଜିତୁ ପାତ୍ର ଏବଂ ନନ୍ଦ କିଶୋର ସ୍ୱାଇଁ ସହଯୋଗ କରିଥିଲେ। ଅତିଥିଭାବେ ରାସ୍ତା ଓ ଗୃହ ବିଭାଗ ଏସ୍‌ଡିଓ ସାଇଦୀପ ସାହୁ, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ନୂଆଗଡ଼ ସରପଞ୍ଚ ରଘୁନାଥ ମାଝୀ, ମଙ୍ଗଳାଯୋଡ଼ି ସରପଞ୍ଚ ବିକାଶ ରଞ୍ଜନ ସାମନ୍ତରାୟ, ସମିତିସଭ୍ୟା କସ୍ତୁରୀ ପାଣିଗ୍ରାହୀ, ସୁମିତ୍ରା ବରିସଲ, ମମତା ରାଉତ, ସୂର୍ଯ୍ୟମଣି ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ କମିଟି ସଭାପତି କିଶୋର ବେହେରା, କୋଷାଧ୍ୟକ୍ଷ ସୁନୀଲ ମହାନ୍ତି, ନରେନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ବିଜୟ ରାଉତ ମଞ୍ଚ ସଂଯୋଜନା କରିଥିଲେ। ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବର ୧୩ ନମ୍ବର ଖେଳାଳି ଫେଲିପଙ୍କୁ ଶ୍ରେଷ୍ଠ ଖେଳାଳି ଟ୍ରଫି ପ୍ରଦାନ କରାଯାଇଥିଲା।

## ଆଡ଼ିଆପଡ଼ା ପ୍ରିମିୟର କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ

ଟାଙ୍ଗୀ,୯।୧ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଆଡ଼ିଆପଡ଼ା ଗ୍ରାମର ମା'ମଙ୍ଗଳା ଷ୍ଟାର କ୍ଲବ ଆନୁକୂଲ୍ୟରେ ଗୁରୁବାର ଆଡ଼ିଆପଡ଼ା ପ୍ରିମିୟର କ୍ରିକେଟ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଶୁଭମ ୱାରିୟରକୁ ହରାଇ ଆଡ଼ିଆପଡ଼ା ଲିଜେଣ୍ଡ ଟିମ୍ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଅତିଥିଭାବେ ଭାଜପା ଜିଲା ସମ୍ପାଦକ ହେମନ୍ତ ବେହେରା, ଇଂ.ଶିବ ନାରାୟଣ ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ଆଡ଼ିଆପଡ଼ା ଲିଜେଣ୍ଡ ଟିମ୍‌ର ସନ୍ତୋଷ ସୁବୁଦ୍ଧିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଦୀପକ ମହାରଥୀ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଶାନ୍ତ ମହାରଥୀ ଏବଂ ଆକାଶ ଯାଦବ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ପବିତ୍ର ବେହେରା, ଯୋଗେନ୍ଦ୍ର ମହାରଥୀ, ଯଦୁମଣି ମହାରଥୀ ପ୍ରମୁଖ ସହଯୋଗ କରିଥିଲେ।

# ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

କଣାସ,୯।୧(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀଜିଲା କଣାସ ବ୍ଲକ ପାଟଯୋଶୀପୁର ଗ୍ରାମର ପ୍ରଶାନ୍ତ ସେଠୀ(୪୦) ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇ ନିଖୋଜ ହୋଇଯାଇଥିବା ତାଙ୍କ ପତ୍ନୀ ଇତିଶ୍ରୀ ସେଠୀ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବେଙ୍ଗାଲୁରୁରେ କାମ କରାଇବାକୁ ପ୍ରଶାନ୍ତଙ୍କୁ ବାଲିଗାଁ ଅଞ୍ଚଳର ଜଣେ ବ୍ୟକ୍ତି ଗତ ୨୫ ତାରିଖରେ ନେଇଯାଇଥିଲେ। ପ୍ରଶାନ୍ତ ଏବଂ ଉକ୍ତ ବ୍ୟକ୍ତିଙ୍କୁ ଇତିଶ୍ରୀ ବାରମ୍ବାର ଫୋନ କରିଥିଲେ ମଧ୍ୟ ଦୁହେଁ ଫୋନ ଉଠାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ପ୍ରଶାନ୍ତଙ୍କ କୌଣସି ସନ୍ଧାନ ନ ମିଳିବାରୁ ଇତିଶ୍ରୀ ଗତ ୩୧ ତାରିଖରେ ଥାନାରେ ଏତଲା ଦେଇଛନ୍ତି। ଗଡ଼ିଶାଗୋଦା ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। କୌଣସି ବ୍ୟକ୍ତି ପ୍ରଶାନ୍ତଙ୍କ ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା ମୋବାଇଲ ନଂ. ୮୯୧୭୨୨୧୩୮୬ରେ ଯୋଗାଯୋଗ କରିବାକୁ ଇତିଶ୍ରୀ ନିବେଦନ କରିଛନ୍ତି।

# 'ସମୁଦ୍ରତଟକୁ ସୁରା, ସୁନ୍ଦରୀଙ୍କ କେନ୍ଦ୍ର କରା ନ ଯାଉ'

## ମହୋଦଧି ଆଳତି କଲେ ଶଙ୍କରାଚାର୍ଯ୍ୟ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)



ପୌଷ ମାସ ଶୁକ୍ଳ ଏକାଦଶୀ ଅବସରରେ ଗୁରୁବାର ପୁରୀ ଗୋବର୍ଦ୍ଧନ ପୀଠ ଆନୁକୂଲ୍ୟରେ ତୀର୍ଥରାଜ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆରତିର ୧୯ତମ ବାର୍ଷିକ ଉତ୍ସବ ସ୍ୱର୍ଗଦ୍ୱାର ସମ୍ମୁଖସ୍ଥ ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ହୁଳହୁଳି, ଘଣ୍ଟଘଣ୍ଟା ଓ ବେଦମନ୍ତ୍ର ପାଠରେ ପ୍ରକମ୍ପିତ ହୋଇଉଠିଥିଲା ସମୁଦ୍ରତଟ। କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସମେତ ବିଧାୟକ, ଏମ୍‌ପି, ବହୁ ସାଧୁସନ୍ଥ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆରତି କରିଥିଲେ।

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଥିଲେ, ଆଳତି କରିବା ଦ୍ୱାରା ଦୁଃଖନାଶ ହୋଇଥାଏ। ସାଗର ଭଗବାନଙ୍କ ଉଦ୍ଦେଶ୍ୟରେ ଏହି ଆଳତି କରାଯାଉଛି। ମହୋଦଧି ଆଳତିକୁ ଅନୁସରଣକରି ନଦୀ ଓ ସମୁଦ୍ରର ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଏବେ ଆଳତି କରାଯାଉଛି। ମହୋଦଧି ଆଳତିର ପ୍ରଚାର ଲାଗି ହିନ୍ଦୁମାନେ ଯତ୍ନବାନ୍ ହେବା ଆବଶ୍ୟକ। ସମୁଦ୍ରତଟକୁ ସୁରା ଓ ସୁନ୍ଦରୀଙ୍କ କେନ୍ଦ୍ର କରା ନ ଯାଉ। ଦର୍ଶନ, ବିଜ୍ଞାନ ଓ ବ୍ୟବହାର ଦୃଷ୍ଟିକୋଣରୁ ସନାତନ ଧର୍ମ ହିଁ ଶ୍ରେଷ୍ଠ। ବେଦ, ଶାସ୍ତ୍ର, ଉପନିଷଦ ଓ ବୈଦିକ ମୂଲ୍ୟବୋଧ ଉପରେ ଆଧାରିତ ସନାତନ ଧର୍ମର ସୁରକ୍ଷା କରିପାରିଲେ ସମଗ୍ର ବିଶ୍ୱ ଏହାକୁ ଆପଣାଇବ। ଓଡ଼ିଶାରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ ହେବା ଖୁସିର କଥା। ସେମାନେ ମହାନ୍ ଭାରତୀୟ ସଂସ୍କୃତି, ପରମ୍ପରା ଓ ସନାତନ ଧର୍ମର ପ୍ରସାରପ୍ରଚାର କରିବେ। ରାଜତନ୍ତ୍ର ଅନୁଯାୟୀ, ମନ୍ତ୍ରିମଣ୍ଡଳରେ ଶିକ୍ଷା କ୍ଷେତ୍ରରେ ୪ ବ୍ରାହ୍ମଣ, ରକ୍ଷା ଦୃଷ୍ଟିରୁ ୮ କ୍ଷତ୍ରିୟ, କୃଷି ଓ ବାଣିଜ୍ୟ ତଥା ଅର୍ଥନୈତିକ କ୍ଷେତ୍ର ମଜଭୁତ ନିମନ୍ତେ ୨୧ ବୈଶ୍ୟ, ଉଦ୍ୟୋଗ ଓ ସେବା ସଂସ୍ଥା ସଞ୍ଚାଳନ ପାଇଁ ୩ ଶୁଦ୍ର, ଜଣେ ସାଂସ୍କୃତିକ ମନ୍ତ୍ରୀ ସୂତ ସହ କ୍ୟାବିନେଟ ମନ୍ତ୍ରୀ ୭ ଜଣ ରହିବା କଥା। ପୂର୍ବରୁ ରାଜନୀତିରେ ସମସ୍ତଙ୍କ ସହଭାଗିତା ରହୁଥିଲା। ଏବେ ଲୋକତନ୍ତ୍ର ବା ପ୍ରଜାତନ୍ତ୍ର ବୋଲି ଯାହା କୁହାଯାଉଛି, ସେଥିରେ ଉନ୍ମାଦନା ଓ ପରାକାଷ୍ଠା ରହିଛି। ଶ୍ରୀମନ୍ଦିର ନାଟମଣ୍ଡପରେ ହେବାକୁ ଥିବା ର୍‍ୟାମ୍ପ ବ୍ୟବସ୍ଥା ଓ ଧାଡ଼ି ଦର୍ଶନ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଶାସନତନ୍ତ୍ର ପକ୍ଷରୁ ତାଙ୍କୁ କୌଣସି ପରାମର୍ଶ ଲୋଡ଼ାଯାଇନାହିଁ ବୋଲି ସେ କହିଥିଲେ। ଏହି ଅବସରରେ ପୂର୍ବରୁ ଗୋରକ୍ଷକଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଏକ ଟିପ୍ପଣୀକୁ ସେ ନାପସନ୍ଦ କରିଥିଲେ। ସ୍କୁଲ ସ୍ତରରୁ ବୈଦିକ ଏବଂ ଆଧ୍ୟାତ୍ମିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ପାଇଁ ସାଧୁସନ୍ଥ ପରାମର୍ଶ ଦେଇଥିଲେ। ପୂର୍ବାହ୍ନରେ ଅଭିଷେକ ଓ ନଗର କୀର୍ତ୍ତନ, ସୁନ୍ଦରାକାଣ୍ଡ ଓ ନାମ ସଂକୀର୍ତ୍ତନ ପରେ ସନ୍ଧ୍ୟାରେ ଧର୍ମସଭା ଆୟୋଜିତ ହୋଇଥିଲା। ପ୍ରତିବର୍ଷ ପୌଷପୂର୍ଣ୍ଣିମା ଅବସରରେ ମହୋଦଧି ଆଳତି ଆୟୋଜନ ହେଉଥିବାବେଳେ ଚଳିତବର୍ଷ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ପ୍ରୟାଗରାଜ ଯାଉଥିବାରୁ ଶାମ୍ବଦଶମୀରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ବାଲିଯାତ୍ରା ତଳପଡ଼ିଆରେ ପିକ୍‌ନିକ୍ ମନା

## କଟକଣା ଲଗାଇଲା ସିଏମ୍‌ସି

କଟକ,୯।୧(କାର୍ତ୍ତିକ ସାହୁ)

ମହାନଦୀ ପଠାରେ ଥିବା କଟକ-ଇନ୍-କଟକ, ବାଲିଯାତ୍ରା ତଳପଡ଼ିଆରେ ପିକ୍‌ନିକ୍ ଓ ଭୋଜି କରିବା ଉପରେ କଟକ ମହାନଗର ନିଗମ(ସିଏମ୍‌ସି) କଟକଣା ଲଗାଇଛି। କଟକଣାକୁ ଅବମାନନା କଲେ ୫ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ଆଦେଶ ପାଳନ କରିବା ପାଇଁ ସିଏମ୍‌ସି ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାନୁସାରେ, ବିଭିନ୍ନ ସମୟରେ ମହାନଦୀ ପଠା ପ୍ରଦୂଷିତ ହେବା ସହ ଆବର୍ଜନା ପଡ଼ିରହୁଛି। ଅସାମାଜିକ ବ୍ୟକ୍ତିମାନେ ସେଠାରେ ଆଡ୍ଡା ଜମାଇବା ସହ ପରିବେଶ ପ୍ରଦୂଷଣର କାରଣ ସାଜୁଛନ୍ତି। ସେଥିପାଇଁ ସିଏମ୍‌ସି ଏଭଳି ନିର୍ଦ୍ଦେଶନାମା ଜାରି କରିଛି। ସାଇନେଜ ଲଗାଯାଇ ପିକ୍‌ନିକ୍ ଓ ଭୋଜିଭାତ ବାରଣ ଉପରେ ଲୋକଙ୍କୁ ସଚେତନ କରାଯିବ ବୋଲି ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର କହିଛନ୍ତି।

# ଅର୍କକ୍ଷେତ୍ରରେ ଗଡ଼ିଲା ସୂର୍ଯ୍ୟରଥ



କୋଣାର୍କ,୯।୧(ଜ୍ୟୋତିରାଜ ମହାନ୍ତି)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତଥା ଅର୍କକ୍ଷେତ୍ର କୋଣାର୍କରେ ଗୁରୁବାର ପବିତ୍ର ଶାମ୍ବଦଶମୀରେ ସୂର୍ଯ୍ୟରଥ ଗଡ଼ିଛି। ସ୍ଥାନୀୟ ଅନନ୍ତ ଅବଧୂତ ମଠ ପରିସରରୁ ସୂର୍ଯ୍ୟରଥ ବାହାରି ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା କରିଥିଲା। ଶତାଧିକ ଶ୍ରଦ୍ଧାଳୁ ଭଗବାନ ସୂର୍ଯ୍ୟ ନାରାୟଣଙ୍କ ଏହି ରଥକୁ ଭକ୍ତିର ସହ ଟାଣିନେଇଥିଲେ। ଚନ୍ଦ୍ରଭାଗାସ୍ଥିତ ଛୋଟାରାମ ଦାସ ଆଶ୍ରମଠାରୁ ଏହି ରଥରେ ବିରାଜମାନ ସୂର୍ଯ୍ୟନାରାୟଣଙ୍କ ପ୍ରତିମାଙ୍କୁ ପବିତ୍ର ମାଘସପ୍ତମୀ ପର୍ଯ୍ୟନ୍ତ ଦୀର୍ଘ ୨୭ଦିନ ପୂଜାର୍ଚ୍ଚନା କରାଯିବ। ପରେ ରଥ ମାଘସପ୍ତମୀ ଦିନ ଅନନ୍ତ ଅବଧୂତ ମଠ ପ୍ରତ୍ୟାବର୍ତ୍ତନ କରିବ ବୋଲି ଅନନ୍ତ ଅବଧୂତ ମଠର ମଠାଧୀଶ ଅବଧୂତ ଆଦିତ୍ୟ ଚରଣ ଦାସ କହିଛନ୍ତି।

ସୂଚନା ଅନୁଯାୟୀ, କୋଣାର୍କସ୍ଥିତ ବିଶ୍ୱ କଲ୍ୟାଣ ସୌର ମହାଯଜ୍ଞ ପରିଚାଳନା ସମିତି ଏବଂ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ କଲ୍ୟାଣ ସୌର ମହାଯଜ୍ଞ ଗୁରୁବାର ଶେଷ ହୋଇଛି। ସୌର ମହାଯଜ୍ଞର ବିଭିନ୍ନ ଦିବସରେ ଭଗବାନ ସୂର୍ଯ୍ୟନାରାୟଣଙ୍କ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଆଦି କାର୍ଯ୍ୟ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ସମ୍ପାଦନ କରାଯାଇଥିଲା। ଶାମ୍ବଦଶମୀ ଅବସରରେ ମହାଯଜ୍ଞର ପୂର୍ଣ୍ଣାହୁତି ଦିବସରେ ଶ୍ରଦ୍ଧାଳୁମାନେ ସାମିଲ ହୋଇ ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କୋଣାର୍କ ସୁରକ୍ଷା ସମିତିର ସଭାପତି ସୌମ୍ୟ ସୌରଭ ଦାଶ ଏବଂ ସମ୍ପାଦକ ରାମକୃଷ୍ଣ ମହାନ୍ତିଙ୍କ ସମେତ ସୌର ମହାଯଜ୍ଞ ପରିଚାଳନା ସମିତିର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ଇକୋ-ରିଟ୍ରିଟ୍‌ରେ ପର୍ଯ୍ୟଟକଙ୍କ ପସନ୍ଦ ଶ୍ରୀଅନ୍ନ ପ୍ରସ୍ତୁତ ଖାଦ୍ୟ




ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ରୁ ଆରମ୍ଭ ହୋଇଥିବା ଇକୋ-ରିଟ୍ରିଟ ଆସନ୍ତା ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟଟକମାନେ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ପର୍ଯ୍ୟଟନ ସ୍ଥଳୀର ମଜା ନେବା ସହ ଆମୋଦପୂର୍ଣ୍ଣ ରହଣି, ଜଳ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ରାଜ୍ୟର କୋଣାର୍କ, ପୁଟସିଲ, ସୋନାପୁର, ଦାରିଙ୍ଗବାଡ଼ି, ଭିତରକନିକା, ସାତକୋଶିଆ ଓ ହୀରାକୁଦ ଆଦି ୭ଟି ସ୍ଥାନରେ ଇକୋ ରିଟ୍ରିଟର ଆୟୋଜନ କରାଯାଇଛି। ତେବେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶ୍ରୀଅନ୍ନ ଅଭିଯାନ ଏବଂ ଓଡ଼ିଶା ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ କୋଣାର୍କ, ଦାରିଙ୍ଗବାଡ଼ି, ସୋନାପୁର ଓ ପୁଟସିଲରେ ଆୟୋଜିତ ଇକୋ-ରିଟ୍ରିଟରେ ଶ୍ରୀଅନ୍ନ (ପୁଷ୍ଟିଶସ୍ୟ)ରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ପ୍ରଚାର ଓ ପ୍ରସାର କରାଯାଉଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ପୋଡପିଠା, ମାଣ୍ଡିଆ ଲଡୁ, କାକରାପିଠା, ମଣ୍ଡାପିଠା ଓ ମାଲପୁଆ ସାଙ୍ଗକୁ ମାଣ୍ଡିଆରୁ ପ୍ରସ୍ତୁତ ଚାଓମିନ, ସ୍ୟାଣ୍ଡୱିଚ, ମିଲେଟ ନନ୍ ଭେଜ ଫ୍ରିଟର୍ସ ଓ ଦହିବାର ଆଦି ଉପଲବ୍ଧ ହେଉଛି । ଏହାସହିତ ଶୁଖିଲା ଖାଦ୍ୟରେ ମାଣ୍ଡିଆରୁ ପ୍ରସ୍ତୁତ ବିସ୍କୁଟ, ନିମ୍‌କି, ଜହ୍ନା ସେଉ, ମାଣ୍ଡିଆ ମିକ୍ସଚର ଓ ମୁଡ଼କି ବିକ୍ରି କରାଯାଉଛି। ଦାରିଙ୍ଗବାଡ଼ି ଓ ପୁଟସିଲରେ ମାଣ୍ଡିଆରୁ ପ୍ରସ୍ତୁତ ସୁଆଁ ଖିରି, ମାଣ୍ଡିଆ ଉପମା ଆଦିକୁ ପର୍ଯ୍ୟଟକମାନେ ଖୁବ୍ ପସନ୍ଦ କରୁଥିବାବେଳେ କ୍ଷୁଦ୍ରଶସ୍ୟ ଓ ଏହାର ସ୍ୱାସ୍ଥ୍ୟ ଉପକାରିତା ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି।

# ଆରପିଏଫ୍ ଏଏସ୍ଆଇଙ୍କ ଅସଦାଚରଣ ଘଟଣା: ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଖୋର୍ଦ୍ଧା,୯।୧(ପ୍ରଭାତ ପାଣିଗ୍ରାହୀ)

ଯୁବତୀଙ୍କୁ ସହଯୋଗ ଆଳରେ ଅସଦାଚରଣ ଏବଂ ଏକ ପରିତ୍ୟକ୍ତ ଘରେ ବନ୍ଦ ରଖିବା ମାମଲାରେ ଭୁବନେଶ୍ୱର ଜିଆର୍‌ପି ପୋଲିସ ଅଭିଯୁକ୍ତ ଆରପିଏଫ୍ ଏଏସ୍ଆଇ ନିରଞ୍ଜନ ଜେନାଙ୍କୁ ଗିରଫ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ଶୀଘ୍ର ବିଚାର ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାର୍ଜଶିଟ ଦାଖଲ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କ ମାନସିକ ଯନ୍ତ୍ରଣା, ଶାରୀରିକ ଆଘାତ ଏବଂ ସମ୍ମାନର କ୍ଷତି ପାଇଁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରନ୍ତୁ ଏବଂ ଏକ କିସ୍ତିରେ ଅଭିଯୁକ୍ତଙ୍କଠାରୁ ଏହି ଅର୍ଥ ଆଦାୟ କରାଯାଉ। ଏଥିସହିତ ରେଳ ଷ୍ଟେଶନରେ ଆରପିଏଫ୍ କର୍ମଚାରୀଙ୍କ ଆଚରଣ ଉପରେ ନଜର ରଖିବା, ରେଲ୍‌ୱେ ଷ୍ଟେଶନରେ ମହିଳାଙ୍କ ସୁରକ୍ଷା ପାଇଁ ସିସିଟିଭି ନିରୀକ୍ଷଣକୁ ତ୍ୱରାନ୍ୱିତ ପାଇଁ ନିବେଦନ କରିଛନ୍ତି।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ରଞ୍ଜିତ୍



@ ସିପୁନ



@ ସ୍ମୃତିରଞ୍ଜନ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା'ଭଗବତୀଙ୍କ ଦର୍ଶନ କଲେ ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି



ବାଣପୁର,୯।୧(ଦିଲୀପ କୁମାର ସ୍ୱାଇଁ)

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଗୁରୁବାର ଖୋର୍ଦ୍ଧା ଜିଲା ବାଣପୁର ଗସ୍ତ କରି ମା'ଭଗବତୀଙ୍କ ମନ୍ଦିର ପରିଦର୍ଶନ କରିଛନ୍ତି। ଅପରାହ୍ନରେ ମୁଖ୍ୟ ବିଚାରପତି ପରିବାର ସହ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି (ଜେଏମ୍‌ଏଫ୍‌ସି) ସ୍ନାତକି ଦାଶଙ୍କ ସମେତ ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା ଏବଂ ବାଣପୁର ଓକିଲ ସଂଘ ପକ୍ଷରୁ ମୁଖ୍ୟ ବିଚାରପତିଙ୍କୁ ସ୍ୱାଗତ କରାଯାଇଥିଲା। ମନ୍ଦିରରେ ମୁଖ୍ୟ ବିଚାରପତି କିଛି ସମୟ ଅତିବାହିତ କରିବା ସହ ମା'ଙ୍କ ନୀତିକାନ୍ତି ସମ୍ପର୍କରେ ସେବାୟତଙ୍କଠାରୁ ପଚାରି ବୁଝିଥିଲେ।

# ପାଇକ ରେଜିମେଣ୍ଟ ଗଠନ, ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର

ଭୁବନେଶ୍ୱର,୯।୧(ସୁଚିସ୍ମିତା ସାହୁ)



କେନ୍ଦ୍ର ସରକାରଙ୍କ ପକ୍ଷରୁ ପାଇକ ରେଜିମେଣ୍ଟ ଗଠନ ଓ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ କରିବାକୁ ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଇମେଲ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଚାଲିଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ଆସିଥିବାବେଳେ ମହାସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହଙ୍କ ନେତୃତ୍ୱରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ମହାସଂଘ ଉପଦେଷ୍ଟାଙ୍କ ନିର୍ଦ୍ଦେଶକ୍ରମେ ପାଇକମାନେ ବୀରବାଦ୍ୟର ତାଳେ ତାଳେ ପ୍ରଧାନମନ୍ତ୍ରୀଙ୍କୁ ଖଣ୍ଡା, ଢାଲ ମାଧ୍ୟମରେ ସାମରିକ ଅଭିବାଦନ ପ୍ରଦାନ କରିଥିଲେ। ଏହି ଅବସରରେ ମହାସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖାଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟ ସରକାର ପାଇକ ଏକାଡେମୀର କାର୍ଯ୍ୟ ତଥା ପାଇକ ସ୍ମାରକୀକୁ ତ୍ୱରାନ୍ୱିତ କରିବା, ପ୍ରତ୍ୟେକ ସ୍କୁଲ କଲେଜରେ ପାଇକ ଆଖଡ଼ାକୁ ସାମିଲ କରିବା ଓ ରାଜ୍ୟ କ୍ରୀଡ଼ାର ମାନ୍ୟତା ଦେବାକୁ ଦାବି ହୋଇଛି। ମହାସଂଘ ସାଧାରଣ ସମ୍ପାଦକ ଡ. ଗାୟନ ସାମଲ, ରାଜ୍ୟ ସଂଯୋଜକ କେଦାର ଦାସ, ଖୋର୍ଦ୍ଧା ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀ, ଗୁରୁ ଭାସ୍କର ସୁନ୍ଦରାୟ, ପାଇକ ସର୍ଦ୍ଦାର ବିଜୟ କୁମାର ଆଇଚ, ଦଳବେହେରା ମନୋରଞ୍ଜନ ପଶ୍ଚିମକବାଟ, ମୁଖପାତ୍ର ରାଜୀବ ନୟନ ରଥ, ଡ. ଶଶାଙ୍କ ଚୁଡ଼ାମଣି, କଟକ ଜିଲା ସଭାପତି ରାଜକିଶୋର ବେହେରା ପ୍ରମୁଖ ସରକାରଙ୍କ ନିକଟରେ ଦାବି ରଖିବା ସହ ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

# ଟାଭି-ଇନ୍ ଟାଭି ଚିକିତ୍ସାରେ ନୂଆ ଜୀବନ ପାଇଲେ ହୃଦ୍‌ରୋଗୀ ମହିଳା

## ମଣିପାଲ ହସ୍ପିଟାଲର ସଫଳତା

ଭୁବନେଶ୍ୱର,୯।୧ (ଅନୁରାଧା ମହାରଣା)



ମହିଳା ରୋଗୀଙ୍କ ସହ ଚିକିତ୍ସା କରିଥିବା ଡାକ୍ତରୀ ଟିମ୍।

ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଅତ୍ୟାଧୁନିକ ଟାଭି ଇନ୍ ଟାଭି ପଦ୍ଧତିରେ ହୃଦ୍‌ରୋଗୀଙ୍କ ଚିକିତ୍ସା କରାଯାଉଛି। ଓଡ଼ିଶାରେ ଏହା ପ୍ରଥମ ହୋଇଥିବାବେଳେ ଏହି ଚିକିତ୍ସା ଦ୍ୱାରା ଜଣେ ବୟସ୍କା ମହିଳା ନୂଆ ଜୀବନ ପାଇଛନ୍ତି। ଏ ସମ୍ପର୍କରେ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ଆଓର୍ଟିକଷ୍ଟେନୋସିସ୍ ରୋଗରେ ଆକ୍ରାନ୍ତ ଜଣେ ବୟସ୍କା ମହିଳାଙ୍କର ଭାଲବ୍-ଇନ୍ ଭାଲବ୍ ପଦ୍ଧତିରେ ଟ୍ରାନ୍ସ କ୍ୟାଥେଟର୍ ଏଓର୍ଟିକ ଭାଲ୍‌ବ ଇମ୍ପ୍ଲାଣ୍ଟେଶନ (ଟାଭି) ପ୍ରକ୍ରିୟାରେ ଚିକିତ୍ସା କରାଯାଇଥିଲା। ଆଓର୍ଟିକ ଷ୍ଟେନୋସିସ୍ ଏକ ହୃଦ୍‌ରୋଗ ଯେଉଁଥିରେ ଏକ ଭାଲବ୍ ଠିକ୍ ଭାବରେ କାମ କରି ନ ଥାଏ। ଏହି ରୋଗରେ ଆକ୍ରାନ୍ତ ରୋଗୀ ସାଧାରଣତଃ ଅଳ୍ପ ପରିଶ୍ରମ କଲେ ଦୁର୍ବଳ ଅନୁଭବ କରିଥାନ୍ତି। ଠିକ ଭାବରେ ରକ୍ତ ସଞ୍ଚାଳନ ନ ହେବାରୁ ରୋଗୀ ବେହୋସ ହେବା ସହିତ ମୃତ୍ୟୁର ମଧ୍ୟ ସାମ୍ନା କରିଥାନ୍ତି। ଏହି ରୋଗରେ ତୁରନ୍ତ ଚିକିତ୍ସା କରାଯିବା ଆବଶ୍ୟକ ରହିଛି। ଖରାପ ହୋଇଥିବା ଆଓର୍ଟିକ ଭାଲ୍‌ବକୁ ଆଓର୍ଟିକ ଭାଲବ୍ ରିପ୍ଲେସ୍‌ମେଣ୍ଟ ସାହାଯ୍ୟରେ ପରିବର୍ତ୍ତନ କରାଯାଉଥିଲା। ଏଥିପାଇଁ ପୂର୍ବରୁ ଓପନ ହାର୍ଟ ସର୍ଜରି କରାଯାଉଥିଲା। ଏଥିରେ ଅଧିକ ରକ୍ତସ୍ରାବ ହେବା ସହିତ ଅଧିକ ଦିନ ହସ୍ପିଟାଲରେ ରହିବା, ସଂକ୍ରମଣ ଭୟ ଓ ବିଫଳ ହେବାର ସମ୍ଭାବନା ମଧ୍ୟ ଅଧିକ ଥିଲା। ମାତ୍ର ଅତ୍ୟାଧୁନିକ ଟାଭି ପଦ୍ଧତିରେ ସଫଳତାର ସହ ଚିକିତ୍ସା କରାଯାଇପାରୁଛି। ବୟସ୍କ ବ୍ୟକ୍ତି ବା ଯେଉଁମାନଙ୍କର ଅନ୍ୟ କିଛି ଗୁରୁତର ରୋଗ ଥିବ ସେମାନଙ୍କର ଓପନ ହାର୍ଟ ସର୍ଜରି କରିବା ବିପଦପୂର୍ଣ୍ଣ ଥାଏ। ତେଣୁ ସେମାନଙ୍କ କ୍ଷେତ୍ରରେ ଏହି ଅତ୍ୟାଧୁନିକ ଟାଭି ପଦ୍ଧତିରେ ଚିକିତ୍ସା ବେଶ୍ ଫଳପ୍ରଦ ହୋଇଥାଏ। ତେବେ ମଣିପାଲ ହସ୍ପିଟାଲରେ ଏହି ପଦ୍ଧତିରେ ଚିକିତ୍ସା ସଫଳ ହୋଇଥିବାରୁ ହସ୍ପିଟାଲର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଡାକ୍ତର ଦିବ୍ୟରଞ୍ଜନ ବେହେରା ଓ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଗତ ୬ ମାସ ତଳେ ମହିଳା ଜଣକ ଚିକିତ୍ସା ହୋଇଥିଲେ ଓ ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏହି ଚିକିତ୍ସାରେ ହାର୍ଟ ସର୍ଜନ ଡା. ଜିତେନ୍ଦ୍ରନାଥ ପଟ୍ଟନାୟକ, ଡା. ବିଶ୍ୱଜିତ୍ ମହାପାତ୍ର, କାର୍ଡିଆକ୍ ଆନେସ୍ଥେସିଓଲୋଜିଷ୍ଟ ଡା. ବିବେକ ଚୌଧୁରୀ, ଡା. ବ୍ରଜ ରଥ ଏବଂ ଡା. ରାଜଶ୍ରୀ ନନ୍ଦୀଙ୍କ ଅବଦାନ ରହିଛି।

ଲସ୍‌ଏଞ୍ଜେଲ୍ସ ଜଙ୍ଗଲ ନିଆଁ ବ୍ୟାପିବା ପଛରେ ସରକାରୀ ଓ ପ୍ରଶାସନିକ ଉଦାସୀନତାକୁ ଦାୟୀ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ବଜେଟରେ ଲସ୍‌ଏଞ୍ଜେଲ୍ସ ବନ ବିଭାଗ ଏଲ୍‌ଏଡିଏଫ୍ ପାଣ୍ଠିରୁ ମେୟର କରେନ୍ ବାସ୍ ୧୭.୬ ନିୟୁତ ଡଲାର ଖର୍ଚ୍ଚକାଟ କରିଥିଲେ। ସେ ସେହି ଅର୍ଥକୁ ଅପ୍ରବାସୀ ଏବଂ ବାସହୀନଙ୍କ ସହାୟତା ନିମନ୍ତେ ଆବଣ୍ଟନର ନିର୍ଦ୍ଦେଶ ଦେଇଥିଲେ। ସମାଲୋଚକଙ୍କ ଯୁକ୍ତି ହେଲା, ବଜେଟ ହ୍ରାସ ଯୋଗୁ ସଦ୍ୟ ବନାଗ୍ନି ଭଳି ବିପର୍ଯ୍ୟୟ ଓ ଜରୁରୀ ପରିସ୍ଥିତିର ମୁକାବିଲା ସାମର୍ଥ୍ୟ ସହ ସାଲିସ କରାଯାଇଛି। ଏଭଳି ସଙ୍କଟ ବେଳେ ଘାନା ଗସ୍ତରେ ଥିବା ମେୟରଙ୍କ ଅନୁପସ୍ଥିତି ଜନସାଧାରଣଙ୍କ ଅସନ୍ତୋଷ ବୃଦ୍ଧିର କାରଣ ହୋଇଛି।

**ଆମେରିକା କାଲିଫର୍ନିଆ ରାଜ୍ୟର ଲସ୍‌ଏଞ୍ଜେଲ୍ସ ଜଙ୍ଗଲରେ ମଙ୍ଗଳବାର ସକାଳଠାରୁ ଲାଗିଥିବା ନିଆଁ ଭୟଙ୍କର ରୂପ ଧାରଣ କଲାଣି। ପାସିଫିକ୍ ପାଲିସାଡେସ୍ ଓ ପାସାଡେନା ଉପକୂଳରେ ପବନର ତୀବ୍ରତା ଏବଂ ବାୟୁମଣ୍ଡଳରେ ଶୁଷ୍କତା ବୃଦ୍ଧି ସାଙ୍ଗକୁ ଘୂର୍ଣ୍ଣିଝଡ଼ ଯୋଗୁ ନିଆଁ ବ୍ୟାପିବାରେ ଲାଗିଛି। ପ୍ରାୟ ୪୦,୦୦୦ ଏକର ଜଙ୍ଗଲ ପାଉଁଶ ହୋଇଗଲାଣି। ୧୫ ହଜାର ଅଗ୍ନିଶମ କର୍ମଚାରୀଙ୍କ ନିରନ୍ତର ଉଦ୍ୟମ ସତ୍ତ୍ୱେ ବନାଗ୍ନିକୁ ଆୟତ୍ତ କରାଯାଇପାରି ନାହିଁ। ୩ ଲକ୍ଷ ବାସଗୃହ ଜଳିପୋଡ଼ି ଛାରଖାର ହୋଇଯାଇଥିବାବେଳେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି, ଯାହାକି ଅଧିକ ବି ହୋଇପାରେ। ସ୍ଥାନୀୟ ଅଞ୍ଚଳରେ ଘୋର ଜଳାଭାବ ଅଗ୍ନି ନିର୍ବାପନରେ ବାଧା ସୃଷ୍ଟି କରିଛି। କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସୋମ୍ ରାଜ୍ୟରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ତେବେ ନ୍ୟୁସୋମ୍ ଏବଂ ଲସ୍‌ଏଞ୍ଜେଲ୍ସ ମେୟର କରେନ୍ ବାସ୍‌ଙ୍କ ଭୂମିକାକୁ ନେଇ ବିବାଦ ଉଠିଛି। ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିପାଇଁ ଡେମୋକ୍ରାଟ୍ ଗଭର୍ନରଙ୍କ ଅବହେଳାକୁ ଦାୟୀ କରି ସେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି।**



# ମନୁଷ୍ୟକୃତ ବିପତ୍ତି

## ଅଗ୍ନିଶମ ପାଣ୍ଠି ହ୍ରାସ କରିଥିଲେ ୧୭.୬ ନିୟୁତ ଡଲାର

- ବୀମାକରଣରୁ କୋଠାବାଡ଼ିକୁ ବାଦ୍ ଦିଆଯାଇଛି
- ଡେମୋକ୍ରାଟ୍ ଗଭର୍ନର, ମେୟର ଇସ୍ତଫା ଦିଅନ୍ତୁ: ଟ୍ରମ୍ପ



## ୫୭ ବିଲିୟନ ଡଲାର ଆର୍ଥିକ କ୍ଷତି

● ସେଲିବ୍ରିଟି ବାସଚ୍ୟୁତ, ଲକ୍ଷାଧିକ ସ୍ଥାନାନ୍ତରିତ

ଲସ୍‌ଏଞ୍ଜେଲ୍ସ ଜଙ୍ଗଲ ନିଆଁରେ ହଲିଉଡ଼ର ବହୁ ସେଲିବ୍ରିଟିଙ୍କ କୋଠାବାଡ଼ି ଜଳି ଧ୍ୱଂସ ହୋଇଯାଇଛି। ଗୁରୁବାର ବିଲି କ୍ରିଷ୍ଟାଲ, ପ୍ୟାରିସ୍ ହିଲ୍‌ଟନ୍ ଓ ମେଣ୍ଡି ମୁରିଙ୍କ ସମେତ ଅନେକ ଅଭିନେତ୍ରୀ ଅଭିନେତା ବାସଚ୍ୟୁତ ହୋଇ ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ଲକ୍ଷାଧିକ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବନାଗ୍ନି ଯୋଗୁ ୫୭ ବିଲିୟନ୍ ଡଲାର ମୂଲ୍ୟର କ୍ଷତି ସାଧିତ ହୋଇଥିବା ପ୍ରାରମ୍ଭିକ ଆକଳନ କରାଯାଇଛି। ଏହାକୁ କାଲିଫର୍ନିଆ ଇତିହାସରେ ସବୁଠୁ ଭୟଙ୍କର ବିପର୍ଯ୍ୟୟ ବୋଲି କୁହାଯାଉଛି।

ନିଆଁ ଲିଭାଇବା ପାଇଁ ଅତ୍ୟନ୍ତ ଆବଶ୍ୟକ ଜଳର ଉପଯୁକ୍ତ ବ୍ୟବସ୍ଥା କରାଇବାରେ କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସୋମ୍ ବିଫଳ ହୋଇଥିବାରୁ ତାଙ୍କୁ ମଧ୍ୟ ରାଜ୍ୟ ସାରା ସମାଲୋଚନା କରାଯାଉଛି। ସ୍ମେଲ୍ଟ ପ୍ରଜାତିର ମାଛକୁ ବଞ୍ଚାଇବା ପାଇଁ ନ୍ୟୁସୋମ୍ ଜଳ ସଂରକ୍ଷଣ ବ୍ୟବସ୍ଥା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିବାରୁ ଘୋର ଜଳାଭାବ ସୃଷ୍ଟି ହୋଇଥିବା କୁହାଯାଉଛି। ଏହିସବୁ ବିଷୟ ସହ ବଜେଟ ହ୍ରାସ ନେତୃବୃନ୍ଦଙ୍କ ଅନୁପସ୍ଥିତି ଏବଂ ସମ୍ବଳ ପରିଚାଳନା ପ୍ରସଙ୍ଗ ମହାନଗରୀର ପ୍ରସ୍ତୁତି ସମ୍ପର୍କିତ ବିତର୍କକୁ ବ୍ୟାପକ କରିଦେଇଛି। ସାଧାରଣ ଜନତାଙ୍କଠାରୁ ନେଇ ରାଜନୈତିକ ବ୍ୟକ୍ତିବିଶେଷ ଏହା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗଭର୍ନର ନ୍ୟୁସୋମ୍‌ଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଆମେରିକାର ଅନ୍ୟତମ ସୌନ୍ଦର୍ଯ୍ୟପୂର୍ଣ୍ଣ ଲସ୍‌ଏଞ୍ଜେଲ୍ସ ଜଳିପୋଡ଼ି ପାଉଁଶ ହୋଇଯାଉଛି। ନ୍ୟୁସୋମ୍‌ଙ୍କ ଭୁଲ୍ ଯୋଗୁ ଏହି ମାନବକୃତ ବିପତ୍ତି ମାଡ଼ି ଆସିଛି। ଏଣୁ ନ୍ୟୁସୋମ୍ ତୁରନ୍ତ ଗଭର୍ନର ପଦରୁ ଇସ୍ତଫା ଦିଅନ୍ତୁ ବୋଲି ୧୦ ଦିନ ପରେ ଦେଶର ନୂଆ ରାଷ୍ଟ୍ରପତି ହେବାକୁ ଯାଉଥିବା ଟ୍ରମ୍ପ ଦାବି କରିଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲ୍‌ରେ ଟ୍ରମ୍ପ ବନାଗ୍ନିରେ ଲୋକଙ୍କ ପ୍ରାଣହାନିକୁ ନେଇ ଶୋକବ୍ୟକ୍ତ କରିବା ସହ ବିଦାୟୀ ଡେମୋକ୍ରାଟ ସରକାରଙ୍କ ସ୍ଥାଣୁତାକୁ ନିନ୍ଦା କରିଛନ୍ତି। ଫେଡେରାଲ ଏମର୍ଜେନ୍ସି ମ୍ୟାନେଜ୍‌ମେଣ୍ଟ ଏଜେନ୍ସି (ଏଫ୍‌ଇଏମ୍‌ଏ) କାଲିଫର୍ନିଆ ନିଆଁ ନିରୋଧୀ ଅଭିଯାନ ପାଇଁ ସଂଘୀୟ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବା ପାଇଁ ଅନୁମତି ଦେଇଛି। ବନାଗ୍ନିରେ ହୋଇଥିବା କ୍ଷତିର ୭୫ ଭାଗ ଆର୍ଥିକ ସହାୟତା ଅଗ୍ନି ପ୍ରଶମନ ସହାୟତା ଅନୁଦାନରୁ ଦିଆଯାଇପାରିବ ବୋଲି କହିଛି।



ଗଭିନ୍ ନ୍ୟୁସୋମ୍



ଡୋନାଲ୍ଡ ଟ୍ରମ୍ପ

ରାଜ୍ୟରେ ବାରମ୍ବାର ଏଭଳି ବିପର୍ଯ୍ୟୟ ଦେଖାଯାଉଥିବାରୁ କିଛି ମାସ ତଳେ ବୀମା କମ୍ପାନୀଗୁଡ଼ିକ କାଲିଫର୍ନିଆ ପାଇଁ ପୂର୍ବରୁ ରହିଥିବା ବୀମା କଭରେଜ୍‌କୁ ବନ୍ଦ କରିଦେଇଥିଲେ। ଏବେ ଲସ୍‌ଏଞ୍ଜେଲ୍ସରେ ଜଙ୍ଗଲ ନିଆଁ ଘରଗୁଡ଼ିକୁ ଜାଳିଦେଇଛି। ବନାଗ୍ନିରେ ଧ୍ୱଂସ ହୋଇଯାଇଥିବା ବହୁ କୋଠାବାଡ଼ି ଓ ବ୍ୟବସାୟିକ ପ୍ରତିଷ୍ଠାନର ବୀମାକରଣ କରାଯାଇ ନ ଥିଲା। ବାସହରା ହୋଇଥିବା ବହୁ ଘର ମାଲିକ ବୀମା କରି ନ ଥିବାରୁ କ୍ଷତିପୂରଣ ପାଇବେ ନାହିଁ। ୨୦୨୩ରେ ଷ୍ଟେଟ୍ ଫାର୍ମ କମ୍ପାନୀ ଘର ମାଲିକମାନଙ୍କଠାରୁ ଇନ୍ସ୍ୟୁରାନ୍ସ ଆବେଦନ ଗ୍ରହଣ କରିବା ବନ୍ଦ କରିଦେଇଥିଲା। ଏପରିକି ୭୨,୦୦୦ ଘର ଓ ଆପାର୍ଟମେଣ୍ଟର କଭରେଜ୍ ଶେଷ କରିଦେଇଥିଲା।






**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
No.CAD-2123 WEB: www.ohpcltd.com ☎ (0663) 2460661, Email-hpschiplima@yahoo.in, Fax No. (0663) 2460505

No.-CHEP/TW-202 (Vol.-V)/104 Date: 08.01.2025

**TENDER CALL NOTICE NO.-CHEP-56/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors meeting Eligibility Criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of DC Milli Ampere Digital Clamp Meter for P&C Division of CHEP, Chiplima | Rs.472/- (Rs.400/- + GST @18%) | Rs.730/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.13.01.2025 up to 12:30 PM of dtd.27.01.2025.
OIPR-04006/11/0054/2425 Sd/- C & P Head, CHEP, Chiplima

**NOTICE**

No.C-1439: The following contractor, who were registered as "C" Class Contractor under S.E.P.H Circle, Bhubaneswar. (Now Addl. Chief Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn.No. & Class | This Office order No. & Date |
|---|---|---|---|
| 1) | Smt. Sujata Mohapatra W/o. Samarendra Mohapatra At-Ward No.19, Dhenkanal PS-Dhenkanal, Dist.-Dhenkanal | Regd.No. 1065 of 2007-08 'C' Class | S.E.P.H. Circle, BBSR No.5102, Dt.10.07.2007 |
| 2) | M/S A.R. CONSTRUCTION Prop- Sri. Ramesh Chandra Moharana S/o. Maheswar Moharana At-Girima, Po-Biritunga, Ps-Gop, Dist.-Puri | Regd.No.1304 of 2014-15 'C' Class | S.E.P.H. Circle, BBSR, No.2309, Dt.05.06.2014 |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30(Thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.
Sd.- Additional Chief Engineer, P.H.Circle, Bhubaneswar
OIPR-13039/11/0012/2425

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
No.CAD-2124 WEB: www.ohpcltd.com ☎ (0663) 2460661, Email-hpschiplima@yahoo.in, Fax No. (0663) 2460505

No.-CHEP/TW-320/98 Date: 08.01.2025

**TENDER CALL NOTICE NO.-CHEP-55/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors / Channel Partners / Reputed Suppliers meeting Eligibility Criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of 11KV Resin Cast Current Transformers & Potential Transformers for CHEP, Chiplima | Rs.2,360/- (Rs.2,000/- + GST @18%) | 3,300/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.13.01.2025 up to 12:30 PM of dtd.27.01.2025.
OIPR-04006/11/0056/2425 Sd/- C & P Head, CHEP, Chiplima

**OFFICE OF THE MUNICIPAL COUNCIL, BRAJRAJNAGAR**
**CORRIGENDUM**

No.C-1433 : With reference to the Tender Call Notice No.4643/ Dt.13.12.2024, Bid Identification No.BRJNRM-5/2024-25, Tender ID No.2025_ORULB_108954. Due to technical issues the last date of Online submission of Bid Closing date has been rescheduled as on Dt.20.01.2025 at 5.00 P.M. instead of dt.13.01.2025 at 5.00 P.M. and Online Bid Opening Dt.21.01.2025 at 11.00 A.M. instead of dt.15.01.2025 at.11.00 A.M. All other term and conditions remain same. Further details please visit: - www.tendersodisha.gov.in
Sd./- Executive officer Brajrajnagar, Municipality
OIPR-13099/11/0022/2425

**ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକଙ୍କ କାର୍ଯ୍ୟାଳୟ**
ଗଣ୍ଡରପୁର, କଟକ - ୭୫୩୦୦୩
ଇ-ମେଲ: sedrainagecirclectc@gmail.com
ସଂଖ୍ୟା: DCC-ESTR-CORR-01/2024-୫୪ ଦିନାଙ୍କ: ୦୯.୦୧.୨୦୨୫

**ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା-ACEDC-CTC-03/2024-25ର ଶୁଦ୍ଧିପତ୍ର**

No.A-864:- ଓଡ଼ିଆ ଦୈନିକ ଧରିତ୍ରୀ ଓ ସମାଜର ଦିନାଙ୍କ ୦୮.୦୧.୨୦୨୫ ସଂସ୍କରଣରେ ପ୍ରକାଶିତ ଏହି କାର୍ଯ୍ୟାଳୟର ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-03/2024-25ର ଶୁଦ୍ଧିପତ୍ରରେ ପ୍ରକାଶିତ ହୋଇଥିବା ବାକ୍ୟ "ଅନ୍ୟ ସମସ୍ତ ସର୍ତ୍ତାବଳୀ ପରିବର୍ତ୍ତିତ ରହିଛି ।" ସ୍ଥାନରେ "ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଛି ।" ପଢ଼ାଯାଇପାରେ ।
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜଳନିକାସ ମଣ୍ଡଳ, କଟକ
OIPR-32174/11/0008/2425

**ODISHA LIVESTOCK RESOURCES DEVELOPMENT SOCIETY (OLRDS) OBPI CAMPUS, BHUBANESWAR-751003**
Tel No. : 0674-2397985, email : olrdsahd@gmail.com, website : olrds.odisha.gov.in
**Invitation For Expression of Interest For SUPPLY OF A-HELP TRAINING MATERIALS (A-HELP KIT) UNDER ODISHA LIVESTOCK RESOURCES DEVELOPMENT SOCIETY (OLRDS)**

No.M-62 : Odisha Livestock Resources Development Society, (OLRDS) invites **EXPRESSION OF INTEREST** for supply of A-HELP Training materials (A-HELP Kit) from manufacturers, Wholesalers, Stockist, Distributers, Retailers in prescribed format in sealed cover superscribing "supply of A-HELP Training materials (A-HELP Kit)" **Last date of receipt of EoI is 29.01.2025 up to 5.00 P.M.** The details in this regard can be downloaded from the OLRDS website: olrds.odisha.gov.in, Directorate of Animal Husbandry & Veterinary Services, Odisha : **dahvs.odisha.gov.in** and NIC, Khordha : **khordha.odisha.gov.in**
Sd./-
OIPR-06061/11/0005/2425 Chief Executive Officer, OLRDS

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
No.O-1196 (E-Mail: serwbpr2004@yahoo.com, Tel. No.-0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/23-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 23-2024-25/BPR | Road Works under MMSY-TRIP & MMSY-CMRL | 05 Nos. | From Rs.426.92 Lakhs to Rs.896.33 Lakhs | "A" Class & "Special" Class as applicable | Period of Completion as provided as per Col.No. 5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/23-2024-25/BPR | 17.01.2025 at 10.00 A.M. | 31.01.2025 upto 5.30 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0037/2425 Sd./- Chief Construction Engineer, R.W.Circle, Berhampur

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
No. Tender-Online-BBSR Divn.-27, Date:-04.01.2025
Ph.No.-0674-2301787, Fax No.-0674-2300965, E.Mail I.D.-eerw_bbsr@yahoo.co.in
**e-Procurement Notice**

No.O-1187: 1.Name of the Work: Repair/ Maintenance of Road Work. 2. Total No. of Road : 15 Nos. of Roads. 3. Class of Contractor: a) Above Rs.20 Lakh and upto 3 Crore : 'B' Class (of Odisha PWD) or equivalent class of other licensing authorities. b) Upto Rs.40.00 Lakh : 'C' Class (of Odisha PWD) or equivalent class of other licensing authorities. c) Upto Rs.20.00 Lakh: 'D' Class (of Odisha PWD) or equivalent class of other licensing authorities. 4. Estimate Cost of Individual Project: Rs.6.00 Lakh to 33.00 Lakh. 5. Time of Completion: 2 (Two) Calendar Months. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-27 | 09.01.2025 at 11.00 A.M. | 17.01.2025 upto 5.00 P.M. | 18.01.2025 at 11.00 A.M. |

Further details can be seen from the website www.tendersorissa.gov.in
OIPR-25189/11/0025/2425 Sd./- Superintending Engineer, Rural Works Divn. BBSR

**OFFICE OF THE NOTIFIED AREA COUNCIL, BALLIGUDA**
**QUOTATION CALL NOTICE**
**No.29/ Date 09.01.2025**

No.C-1444: Sealed Quotation is invited from the Regd. Companies/Suppliers/ Authorized dealers for supply of the following Sanitation Materials to this Office for the year 2024-25. The prescribed tender schedule can be obtained from the N.A.C., Balliguda during office hours except Govt. holidays on payment of Rs.5,000/- (Rupees Five thousand) only (Non-refundable] in shape of cash/ bank draft drawn in favour of the Executive Officer, N.A.C., Balliguda payable at Balliguda from any nationalized bank from dt 10 .01.2025 to dt 21 .01.2025 up to 1.00 P.M. The tender paper along with GST Registration Certificate, PAN Card, Authorization Certificate/Supplier Certificate & Income Tax Clearance Certificate must be submitted the Executive Officer, N.A.C., Balliguda either through Regd. Post /Speed Post or by Courier on or before dt 21.01.2025 up to 5.00P.M. The bids will be opened on dt 22.01.2025 at 11.00 A.M. in presence of the bidders or their authorized representatives. The undersigned will not be responsible for any postal delay at all. **The undersigned reserves the right to reject any or all the bids or cancel the bid without assigning any reason thereof.**

| | | | |
|---|---|---|---|
| 1 | Bleaching Power (Grade-1) | Per Kg | Rs. |
| 2 | Phenyle(White) | Per Ltr. | Rs. |
| 3 | Phenyle(Black) | Per Ltr. | Rs. |
| 4 | Lime Power | Per Kg. | Rs. |
| 5 | Mosquito Oil | Per Ltr. | Rs. |
| 6 | Wheel Barrow | Per Piece | Rs. |

Sd./- Executive Officer, N.A.C., Balliguda
OIPR-13097/11/0007/2425

**OFFICE OF THE DIVISIONAL FOREST OFFICER GHUMSUR SOUTH FOREST DIVISION, BHANJANAGAR**
E-mail: dfo.ghumsursouth@odisha.gov.in
**Tender Notice No.04 of 2024-2025 Date:07.01.2025**
No.MM-412 for
**"Erection of Iron Angle Chain Link Wire Mesh Fencing at Padareisuni AR plantation in Ghumsur South Forest Division for length of 1600 Running Meters of Surada Range".**

| Sl.No. | PARTICULARS | DATE & TIME/ DETAILS | LOCATION/ DETAILS |
|---|---|---|---|
| 1 | RFP No. & Date | Tender Notice No. **04 of 2024-25** | |
| 2 | Commencement of Download of RFP Document | Dt.10.01.2025 Time 10.00 AM | www.Odishaforest.in/ www.ganjam.nic.in |
| 3 | Last Date of Bid Submission (By Messenger/ Courier/ Post) | Dt.20.01.2025 Time 05.00 PM | Office of the Divisional Forest Officer, Ghumsur South Forest Division, At/ PO-Bhejiput, Bhanjanagar, 761126 |
| 4 | Date of General and Technical and Financial Bid Opening | Dt.22.01.2025 3.30 P.M. | Office of the Divisional Forest Officer, Ghumsur South Forest Division, At/ PO-Bhejiput, Bhanjanagar, 761126 |
| 6 | Address of Bid Submission | Office of the Divisional Forest Officer, Ghumsur South Forest Division, At/PO-Bhejiput, Bhanjanagar, 761126 | |

Sd./- Divisional Forest Officer, Ghumsur South Division
OIPR-08051/11/0008/2425

**OFFICE OF THE SUPERINTENDING ENGINEER (MECH.) PORTS & INLAND WATER TRANSPORT MECHANICAL DIVISION C.D.A., SECTOR-6, CUTTACK-14**
Phone-0671-2504177, Email:-portsniwtm@gmail.com
No.45/ Date 07.01.2025
**TENDER CALL NOTICE No.-33/S.E.(M)/ PIWT/2024-25**

No.JJ-44: 1. Office of the Superintending Engineer (Mechanical), Ports & IWT, Mechanical Division on behalf of Government of Odisha invites sealed Quotation/tenders from reputed and registered transport service providers or Private Individuals for hiring of 01 (One) no. vehicle for official use of office of the Superintending Engineer (Mechanical), Ports & IWT Mechanical Division, CDA, Sec-6, Cuttack-14 on behalf as per the details given below.

| Sl. No. | Type of Vehicle & Model | Seating arrangements | Minimum Average Fuel Mileage | Maximum Hire Charges per Month (excluding taxes) |
|---|---|---|---|---|
| (1) | (2) | (3) | (4) | (5) |
| 1 | BS-VI variant Petrol Commercial AC vehicles-Swift Dzire/ Bolero (Neo)/ Sumo Gold/ Ertiga (Petrol), etc. {N.B.- Preference shall be given to the vehicles of model like Ertiga (Petrol)} with A.C. | 07 Nos. including Driver | 10 Kms./ Liter | Rs.31,000/- |

2. The tender documents can be collected from the office of Superintending Engineer (Mechanical) from 13.01.2025 to 20.01.2025 upto 03.00 P.M. The Agency who wishes to participate shall deposit the document cost for an amount of Rs.100 (Rupees One Hundred) only in shape of Demand Draft from any Scheduled/ Nationalized Bank & EMD for Rs.5,000/- (Rupees Five Thousand) only in shape of Term Deposit from any Nationalized / Scheduled Bank/National Savings Certificate (NSC) drawn in favour of Superintending Engineer (Mechanical), Ports & Inland Water Transport, Mechanical Division, CDA, Sec-6, Cuttack-14 payable at Cuttack. 3. The last date for receipt of Bid is 20.01.2025 upto 03.00 PM and will be opened on the same day at 03.30 PM in the presence of participants or authorized representatives who wish to attend. The authority, in no way shall be responsible for any postal/ courier delay. 4. Any addendum/ corrigendum made for this assignment will be hosted in the above website only. 5. The authority reserves the right to cancel any or all bids without assigning any reason thereof.
Sd./- Superintending Engineer (Mech.) Ports & IWT, Mechanical Division, CDA, Sector-6, Cuttack-14
OIPR-38042/11/0004/2425


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରବାସୀ ଭାରତୀୟ ଦିବସ ସମାରୋହ ସ୍ଥଳରେ ଆୟୋଜିତ ପ୍ରଦର୍ଶନୀକୁ ବୁଲିଦେଖୁଛନ୍ତି ।







ଭୁବନେଶ୍ୱର ଜନତା ମଇଦାନଠାରେ ଆରମ୍ଭ ହୋଇଛି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ । ଗୁରୁବାର ସମାରୋହର ଦ୍ୱିତୀୟ ଦିବସକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିସହ ପ୍ରବାସୀମାନେ ଓଡ଼ିଶାର ଐତିହ୍ୟ, କଳା ସଂସ୍କୃତିର ଝଲକ ଦେଖିବାକୁ ପାଇଛନ୍ତି। **-ଫଟୋ: ବିକାଶ ନାୟକ**


ରିକି କେଜ୍‌ଙ୍କ ସଙ୍ଗୀତ କାର୍ଯ୍ୟକ୍ରମ






## ପ୍ରବାସୀ କୁହନ୍ତି

### ଭୁବନେଶ୍ୱରକୁ ଆଇଟି ହବ୍ କରାଯାଇପାରିବ



ପ୍ରବାସୀ ଭାରତୀୟ ସମ୍ମିଳନୀ ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ସହାୟତା ଯୋଗାଇବ। ଓଡ଼ିଶାରେ ଅନେକ ସମ୍ଭାବନା ରହିଛି। ପ୍ରବାସୀମାନେ ଏସବୁ କ୍ଷେତ୍ରରେ ନିଜର ଅଭିଜ୍ଞତାକୁ ଭିତ୍ତିକରି ରାଜ୍ୟର ବିକାଶରେ ସହାୟତା କରିପାରିବେ। ମୁଁ ଜଣେ ଆଇଟି ପ୍ରଫେଶନାଲ। ଆମେରିକାର ସେଣ୍ଟପିଟର୍ସବର୍ଗରେ ଗତ ୧୦ ବର୍ଷ ଧରି କାର୍ଯ୍ୟ କରୁଛି। ଭୁବନେଶ୍ୱରରେ ବହୁ ଆଇଟି କମ୍ପାନୀ କାର୍ଯ୍ୟ କରୁଛନ୍ତି। ଏହାକୁ ବିକଶିତ କରିବାରେ ପ୍ରବାସୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ରାଜ୍ୟ ସରକାରଙ୍କ ସହଯୋଗରେ ଭୁବନେଶ୍ୱରକୁ ଆଇଟି ହବ୍‌ରେ ପରିଣତ କରାଯାଇପାରିବ ।

**-ଶୁଭମ୍ ଗୁପ୍ତା(ଆଇଟି ପ୍ରଫେଶନାଲ), ୟୁଏସ୍‌ଏ**

### ପରିବେଶ ପାଇଁ ଟେକ୍ନୋଲୋଜି ବ୍ୟବହାର ଜରୁରୀ



ସମଗ୍ର ବିଶ୍ୱ ପାଇଁ ପରିବେଶ ଚିନ୍ତାର କାରଣ ହୋଇଛି। ଏହାକୁ ନେଇ ବିଭିନ୍ନ ଦେଶରେ କାର୍ଯ୍ୟ ଚାଲିଛି। ଜଣେ କନ୍‌ଷ୍ଟ୍ରକ୍ସନ ଇଞ୍ଜିନିୟର ଭାବେ ଦୀର୍ଘ ୨୫ ବର୍ଷ ହେବ ଦୋହାରେ କାର୍ଯ୍ୟରତ ଅଛି। ନିର୍ମାଣ ସମୟରେ ପରିବେଶକୁ କିପରି ସୁସ୍ଥ ରଖିବା ଲାଗି ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରାଯାଇ ପାରିବ, ସୁଯୋଗ ମିଳିଲେ ଓଡ଼ିଶାରେ ମଧ୍ୟ ଟେକ୍ନୋଲୋଜିର ବ୍ୟବହାର କରାଯାଇପାରିବ। ସେଦିଗରେ ଆମେ ବୈଷୟିକ ସହାୟତା ଯୋଗାଇ ଦେଇପାରିବୁ।

**-ଗୁରୁ ପ୍ରସାଦ କାଞ୍ଚନମ୍ (କନ୍‌ଷ୍ଟ୍ରକ୍ସନ ଇଞ୍ଜିନିୟର), କତାର**





କଟକରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ (ଫଟୋ: ରାଜକିଶୋର ମହାନ୍ତି)


ଭୁବନେଶ୍ୱରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ








## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ହୋଣ୍ଡାର ନୂତନ ମଡେଲ



ଭୁବନେଶ୍ୱର,୯।୧

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ ନ୍ୟୁ ହୋଣ୍ଡା ଆକ୍ଟିଭା ୧୨୫ ଏବଂ ଏସ୍‌ପି ୧୨୫ବାଇକ୍‌ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ (ଏଚ୍‌ଏମ୍‌ଏସ୍‌ଆଇ)ର ସ୍ୱୀକୃତିପ୍ରାପ୍ତ ଡିଲର ଉତ୍କଳ ହୋଣ୍ଡା କଟକ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏପରିକି କଟକର କ୍ୟାଣ୍ଟୋନମେଣ୍ଟସ୍ଥିତ ଉତ୍କଳ ହୋଣ୍ଡା ଶୋ'ରୁମ୍‌ଠାରେ ଆୟୋଜିତ ଅନାବରଣ ଉତ୍ସବରେ ଯୋଗଦେଇ ଉତ୍କଳ ହୋଣ୍ଡାର ଏମ୍‌ଡି ଅଖିଳ ପୋଦ୍ଦାର ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚ୍‌ଏମ୍‌ଏସଆଇର ଏଏସ୍‌ଏମ୍(ଆଇ) ଅଭିଷେକ ହୋତାଙ୍କ ସମେତ ଯଶୋବନ୍ତ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ହୋଣ୍ଡା ଆକ୍ଟିଭା ୧୨୫ ଏବଂ ଏସ୍‌ପି ୧୨୫ ବାଇକ୍‌ରେ ସମସ୍ତ ପ୍ରକାର ଆଧୁନିକ ଫିଚର ଉପଲବ୍ଧ ରହିଛି। ଏପରିକି ହୋଣ୍ଡା ଆକ୍ଟିଭା ୧୨୫ର ଡିଜାଇନ ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ ୬ଟି କଲରରେ ଏହି ମଡେଲ ଉପଲବ୍ଧ ରହିଛି। ସେହିଭଳି ହୋଣ୍ଡା ଏସ୍‌ପି ୧୨୫ର ଡିଜାଇନ ଏବଂ ଫିଚର ବେଶ୍ ଆକର୍ଷଣୀୟ ହୋଇଥିବାବେଳେ ୫ଟି କଲରରେ ଏହି ମଡେଲ ଉପଲବ୍ଧ ରହିଛି। ଏପରିକି ଉଭୟ ମଡେଲ ଓବିଡି୨ ବି ନିୟମାବଳୀ ଓ ପରୀକ୍ଷଣ ସହ ବଜାରରେ ସବୁ ମର୍ଗର ଗ୍ରାହକଙ୍କ ପସନ୍ଦର ମଡେଲ ପାଲଟିଛି ବୋଲି ଉତ୍କଳ ହୋଣ୍ଡାର ଏମ୍‌ଡି ଅଖିଳ ପୋଦ୍ଦାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଏଲ୍‌ଆଇସି ଇଣ୍ଡିଆର ନୂଆ ମାଇଲଖୁଣ୍ଟ

ମୁମ୍ବାଇ,୯।୧

ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍‌ଆଇସି ଇଣ୍ଡିଆ)କୁ ନିକଟରେ ଆଉ ଏକ ବଡ ସଫଳତା ମିଳିଛି। ଏପରିକି ନିଗମର ନୂଆ ଯୋଜନା 'ଏଲ୍‌ଆଇସି ବୀମା ସଖୀ'କୁ କମ୍ ଦିନରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଡିସେମ୍ବର ୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହରିୟାଣର ପାନିପଥଠାରେ 'ଏଲ୍‌ଆଇସି ବୀମା ସଖୀ' ଯୋଜନାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ।


ସିଦ୍ଧାର୍ଥ ମହାନ୍ତି

ଏପରିକି ମାସକ (୨୦୨୪ ଡିସେମ୍ବର ୯ରୁ ୨୦୨୫ ଜାନୁଆରୀ ୯) ମଧ୍ୟରେ ନିଗମର ଏହି ନୂତନ ଯୋଜନା ୫୦,୦୦୦ରୁ ଅଧିକ ପଞ୍ଜୀକରଣ

### ମାସକରେ ୫୦,୦୦୦ରୁ ଅଧିକ ପଞ୍ଜୀକରଣ

ହୋଇଛି। ଏହି ଯୋଜନା ଜରିଆରେ ଦେଶର ମହିଳାମନଙ୍କୁ ସଶକ୍ତୀକରଣ କରିବା ସହ ସେମାନଙ୍କ ପରିବାରଜନଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ପ୍ରସ୍ତୁତ କରାଯାଇଛି। ବିକଶିତ ଭାରତ ପରିଯୋଜନାରେ ମହିଳାମାନଙ୍କର ଯୋଗଦାନ ଓ ସଶକ୍ତ ରାଷ୍ଟ୍ର ଗଠନରେ ସମସ୍ତଙ୍କର ଯୋଗଦାନକୁ ଗୁରୁତ୍ୱ ଦିଆଯାଉଛି। ଏପରିକି ଏହି ଯୋଜନା ଜରିଆରେ ମୋଟ ୫୨,୫୧୧ ଜଣ ବୀମା ସଖୀ ପଞ୍ଜୀକରଣ କରିଥିଲାବେଳେ ସେଥିମଧ୍ୟରୁ ୨୭,୬୯୫ଜଣଙ୍କୁ ନିଯୁକ୍ତି ପତ୍ର ନିଗମ ପକ୍ଷରୁ ଦିଆଯାଇଛି। ଏ ସମ୍ପର୍କରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଛନ୍ତି, ଆମେ କମ୍ ଦିନ ମଧ୍ୟରେ ଏକ ବଡ ସଫଳତା ହାସଲ କରିଛୁ। ଏପରିକି ଦେଶର ଶେଷ ପଞ୍ଚାୟତସ୍ତରରେ ଆମେ ଆମର ବୀମା ସଖୀଙ୍କୁ ଏହି ବର୍ଷ ଶେଷ ସୁଦ୍ଧା ନିଯୁକ୍ତି ଦେବୁ ଏବଂ ଉତ୍ପାଦ ବିକ୍ରି କରିବା ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ସହ ଆବଶ୍ୟକ ପ୍ରଶିକ୍ଷଣ ମଧ୍ୟ ଯୋଗାଇଦେବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଖସିଲା ଶେୟାର ବଜାର

ମୁମ୍ବାଇ,୯।୧

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨୮ (୫୨୮.୨୮) ପଏଣ୍ଟ କମି ୭୭,୬୨୦(୭୭,୬୨୦.୨୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୬୨ (୧୬୨.୪୫) ପଏଣ୍ଟ ହ୍ରାସ ଘଟି ୨୩,୫୨୬ (୨୩,୫୨୬.୫୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ୩୧ଜଣଙ୍କୁ ରୁଚି ବାଲିଯାତ୍ରା ଉପହାର



ଭୁବନେଶ୍ୱର,୯।୧ (ଅଭୟ ଦାଶ)

ରୁଚି ଫୁଡ୍ ଲାଇନର ବହୁ ପ୍ରତୀକ୍ଷିତ ଲକି ଡ୍ର 'ବାଲିଯାତ୍ରା ଉପହାର ଯୋଜନା'ର ଭାଗ୍ୟଶାଳୀ ବିଜେତାଙ୍କ ନାମ ଗୁରୁବାର ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଏପରିକି ରୁଚି ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଭାଗ୍ୟଶାଳୀ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ଏବଂ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର କୁମାର ଷଡ଼ଙ୍ଗୀ ଯୋଗଦେଇ ଲକି ଡ୍ର ଜରିଆରେ ଘୋଷିତ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ, ରୁଚି ବାଲିଯାତ୍ରା ଉପହାର ଯୋଜନାର ପ୍ରଥମ ବିଜେତା କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇର ଛାତ୍ରୀ ମାନ୍ୟତା ସାହୁ ହୋଇଥିଲାବେଳେ ସେ ପୁରସ୍କାର ସ୍ୱରୂପ ବୁଲେଟ ମୋଟରସାଇକେଲ ଜିତିଥିବା ରୁଚି ପକ୍ଷରୁ ଘୋଷଣା କରାଯାଇଥିଲା। ସେହିଭଳି ୧୦ଜଣ ଗ୍ରାହକଙ୍କୁ ଦ୍ୱିତୀୟ ଭାଗ୍ୟଶାଳୀ ବିଜେତା ଭାବେ ଟ୍ରଲି ବ୍ୟାଗ୍ ଦିଆଯାଇଥିଲାବେଳେ ୨୦ଜଣ ଗ୍ରାହକଙ୍କୁ ତୃତୀୟ ଭାଗ୍ୟଶାଳୀ ବିଜେତା ଭାବେ ନନ୍‌ଷ୍ଟିକ ଫ୍ରାଇଙ୍ଗ ପ୍ୟାନ୍ ପୁରସ୍କାର ସ୍ୱରୂପ ଉପହାର ପ୍ରଦାନ କରାଯାଇଥିଲା।

ଏ ସମ୍ପର୍କରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ କହିଥିଲେ, ଗ୍ରାହକମାନଙ୍କ ପାଇଁ ଆମେ ସର୍ବଦା କିଛି ନା କିଛି ସୁବିଧା ପ୍ରଦାନ କରିଥାଉ। ଏପରିକି 'ରୁଚି'ର ପ୍ରତିବଦ୍ଧତା ଓ ସେବା ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ରୁଚିର ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ ଗ୍ରାହକମାନଙ୍କ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମତପ୍ରକାଶ କରିଥିଲେ।

# ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ

ଭୁବନେଶ୍ୱର,୯।୧

### 'କାଜାରିଆ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଉଦ୍‌ଘାଟିତ

ବର୍ତ୍ତମାନ ଗ୍ରାହକ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ପାଇବା ସହିତ ଆବଶ୍ୟକ ସହାୟତା ମଧ୍ୟ ସହଜରେ ପାଇପାରିବେ ବୋଲି କାଜାରିଆ ଟାଇଲ୍ସର ଓଡ଼ିଶା ମୁଖ୍ୟ ତ୍ରିବିକ୍ରମ ନନ୍ଦ କହିଛନ୍ତି। ଏପରିକି ଉତ୍ପାଦର ଗୁଣବତ୍ତା ଓ ବ୍ୟବହାର ଉପରେ ମଧ୍ୟ ଶତପ୍ରତିଶତ ସହାୟତା ସହ କାଜାରିଆର ଗୁଣବତ୍ତା, ପ୍ରତିଯୋଗିତାମୂଳକ ମୂଲ୍ୟ, ଲୋକପ୍ରିୟତା ବୃଦ୍ଧି ଦିଗରେ ମଧ୍ୟ ନନ୍ଦ ଗୁରୁତ୍ୱ ଦେଇଥିବାବେଳେ ଗ୍ରାହକ ସନ୍ତୁଷ୍ଟି ଓ ଉତ୍ତମ ଗ୍ରାହକ ସେବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ, ମନ୍ତ୍ରୀ ଷ୍ଟୋନ୍ ଇଣ୍ଟରନ୍ୟାଶନାଲ ଆନୁକୂଲ୍ୟରେ 'କାଜାରିଆ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଗୁରୁବାର ରସୁଲଗଡ଼ର ପଳାଶୁଣୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଷ୍ଟୋନ୍ ଇଣ୍ଟରନ୍ୟାଶନାଲର ଏମ୍‌ଡି ଶ୍ୟାମସୁନ୍ଦର ମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଜଗଦୀଶ ମାହେଶ୍ୱରୀ, ରୋନକ ମାନ୍ଧନା ଓ ନୀତେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ଷ୍ଟୋନ୍ ଇଣ୍ଟରନ୍ୟାଶନାଲର ଏମ୍‌ଡି ଶ୍ୟାମସୁନ୍ଦର ମନ୍ତ୍ରୀ କାଜାରିଆ ଟାଇଲ୍ସର ଗୁଣବତ୍ତା ଏବଂ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିପରି ଭୁବନେଶ୍ୱରର ବିଲ୍ଡର, ଆର୍କିଟେକ୍ଟ ଏବଂ ସାମାଜିକ ସଂସ୍ଥା ଓ ପୁରୁଣା ଗ୍ରାହକମାନେ ନୂତନ ଭାବେ ଶୁଭାରମ୍ଭ ହୋଇଥିବା କାଜାରିଆ ଶୋ'ରୁମ୍‌ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବକୁ ଅରୁଣ ରାଠୀ, ସୁନୀଲ ମୁନ୍ଦ୍ରା, ସୁନୀଲ ରାଠୀ, ଅଭିଷେକ ମନ୍ତ୍ରୀ, ଅଶୋକ ଶାରଦା ଏବଂ ଅନିଲ ରାଠୀ ପ୍ରମୁଖ ସଫଳ କରାଇଥିଲେ।


# Classified Everyday
0674-2580101, 9692975378


REAL ESTATE
SALE

**4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399.** D-2494

*Prime Property for Sale, Cuttack* East Facing 3820sft plot on main road Sikharpur, Cuttack suitable for hospital, show room, office, restaurant etc@ Rs. 5 cr. Serious buyers contact: ceo@markshel.com or mohanty88@hotmail.com. D-2531

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769.** D-2373

**(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452.** D-76406

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact-6370277334.** D-2530




To-Let 3000 sqft godown on Pandra bypass. Mob: 8917413629. D-2528




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2491

Newly open health benefits spa special offer @799, Bapujinagar, 8018429809. D-76183

Newly open Jyoti Spa Positively Health benefits (Expert Therapist). 8458067955 D-76184

Newly open Spa Health benefits relax refresh good therapist. 9040286886 D-76185

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବା ଠିକଣା:- classifieddharitri@gmail.com

Newly open health benefits spa by experience lady therapist. 8117972440. D-76182

## LOST

କୋରାପୁଟ ଜିଲ୍ଲା, ବୋରିଗୁମ୍ମା ତହସିଲ Mouza- Jhilimili, Khata No.- 155/1317, Plot No.-119/1649, Area-AC0.02 Cents, ଦଲିଲ No.- 11181800422, Book No.- 1, Vol. No.- 9, Sheets-10, dtd. 27.06.2018 ଶ୍ରୀମତୀ R.ସୁଜାତାଙ୍କ ନାମରେ ଥିବା ଦଲିଲଟି ହଜିଯାଇଅଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲଟି ପାଇଥାନ୍ତି ଦୟାକରି ନିମ୍ନ ଫୋନ୍ ନମ୍ବରରେ ଜଣାଇବେ। ଶ୍ରୀମତୀ R. ସୁଜାତା, Mob. No.- 09866809691. D-2527

## AFFIDAVIT

By virtue of affidavit before Notary Public Bhubaneswar Dt: 07.01.2025 my son's actual name is Narayan Swain recorded in school certificate. But his name has been recorded as Narayani Swain instead of Narayan Swain in Aadhaar No.xxxxxxxx8157. Narayani Swain and Narayan Swain is one person. Henceforth he will be known as Narayan Swain for all purpose.
Prahallad Swain D-2523

I, Sashi Rath, S/o Birabar Rath,R/o plot No.- C1/30, Banaja Apartment, Unit 6, Ganganagar, Bhubaneswar hereby declare by this affidavit that now onwords I shall be known as Sashi Ranjan Rath for all future purposes. D-2524

By virtue of an affidavit in the Court of Executive Magistrate, Puri, I Subhashree Nanda, D/o- Prahallad Nanda, Puri hereby State that my Father's actual name is Prahallad Nanda as shown in my H.S.C.E Certificate but wrongly mentioned as Prahalad Nanda in my passport No- J0401377. Henceforth my Father's name be correctly mentioned as Prahallad Nanda Instead of Prahalad Nanda for all future purposes.
Deponent
Subhashree Nanda D-2529

By virtue of an affidavit sworn before Executive Magistrate, Sukinda, Jajpur, dated 16.12.2024, I Rinarani Rautaray, Address: Village/P.O.-Duburi, P.S.-Kalinganagar, Dist.-Jajpur, Odisha-755026 declare that I have changed my name from Rasmirekha Rautray to Rinarani Rautaray. Henceforth, I Shall be known as Rinarani Rautaray for all purposes.
Rinarani Rautaray D-2526

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit before Executive Magistrate of Bhadrak on date 2.11.2024, I Dilip Kumar Sahoo, S/o- Pravakar Sahoo, At/P.O.- Goramati, P.S.- Sabarang, Dist.- Bhadrak declare that the Aadhaar Card of my son Priyranjan Sahoo bearing No.- 893635645730 on it's the name of his father is wrongly mentioned Rajanirani Patra instead of Dillip Kumar Sahoo which is need to be correct. D-2532

I, Kunilata Nayak (40 years), W/o- Surendra Nayak, At/P.O.- Sukleswar, P.S.- Chandbali, Dist.- Bhadrak, Odisha declare that I have changed my name of the RPLI Policy Bond bearing No.- R-OR-BN- EA-153217 and Postal Saving Account No. 010041405416 from Parbati Senapati to Kunilata Nayak. From now I shall be known as Kunilata Nayak for all purposes. D-2533

I, Radhakanta Nath, S/o- Late Bharat Thakur, resident of N.S.C.B. Road, Putibandh, P.O.-/P.S.- Dhanupali, Dist.- Sambalpur, PIN-768005, Odisha declare by this affidavit No.-221 dated 07.01.2025 that now onwards I shall be known as Radhakanta Thakur for all future purposes. D-2534

Affidavit No.- 1607, dated 26.12.2024 before Executive Magistrate, Tangi, Dist.- Khordha my name has changed from Minati Nayak to Binati Nayak. Henceforth I shall be known as Binati Nayak, D/o- Pitabas Nayak, At/P.O.- Pariorada, P.S.- Tangi, Dist.- Khordha for all purposes. D-2535

By virtue of an affidavit sworn before the Executive Magistrate, Hemgir, Sundargarh, I, Bishnu Bhurasagar, S/o- Sam Kumar Bhurasagar, R/o- Village- Khapurikachhar, P.S.-Hemgir, Dist.- Sundargarh, Odisha declare that in my Bank Pass Book of PNB, Hemgir branch and in my HDFC Life Insurance Company Limited vide Policy No.-21765346 my name is mentioned as Bishnu Bhurasagar. That in my Aadhaar Card my name is mentioned as Bishnu Bhoosasagar, S/o- Sam Kumar Bhurasagar. That in my PAN Card my name is mentioned as Bishnu Bhoosasagar, S/o- Sam Bhoosasagar. That Bishnu Bhurasagar and Bishnu Bhoosasagar is same and one person. And Sam Kumar Bhurasagar and Sam Bhoosasagar is same and one person. D-2536

## ମନେ ପଡ଼ନ୍ତି

### ୩୦ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କାର୍ତ୍ତିକ ନାୟକ**
**ସୁବେଦାର ମେଜର (ଆର୍ମି)**
ଇଟାମାଟି, ଦେଉଳ ସାହି, ନୟାଗଡ଼
ଆବିର୍ଭାବ: ୦୭।୧୦।୧୯୪୧
ତିରୋଧାନ: ୨୪।୦୧।୧୯୯୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ- ତୁମର ହତଭାଗ୍ୟ ପତ୍ନୀ: କାଞ୍ଚନ, ପୁତ୍ର: ବାପି, ପପୁ, ଝିଅ: ରୀନା, ସୁଧା, ଇତି, ନାତି: ଦୀପକ, ନାତୁଣୀ: ଆସ୍ଥା, କଣ୍ଟେଇ, ଶିଖା, ଲିକା, ଲିପା, ଲିଜା, ପୁତବଧୂ: ସନ୍ଧ୍ୟା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୫୨୫

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ବ୍ୟକ୍ତିଗତ ଶତ୍ରୁତାରୁ ଯୋଜନାବଦ୍ଧ ହତ୍ୟା

## ରାଜଧାନୀ ରାସ୍ତାରେ ହତ୍ୟା ଘଟଣାରେ ୨ ମହିଳାଙ୍କ ସମେତ ୫ ଗିରଫ

ଭୁବନେଶ୍ୱର,୯।୧(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱର ରୁସୁଲଗଡ଼ ଓଭରବ୍ରିଜ ଉପରେ ବୁଧବାର ସକାଳେ ପୂର୍ବତନ ପୋଲିସ ମିତ୍ର ତଥା ସଫେଇ କର୍ମଚାରୀ ସଂଘ ସଭାପତି ସହଦେବ ନାୟକ(୩୫)ଙ୍କୁ ଅତିନିର୍ମମ ଭାବେ ହତ୍ୟା ଘଟଣାରେ ମଞ୍ଚେଶ୍ୱର ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଘଟଣାରେ ଏଯାବତ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କେଦାରପଲ୍ଲୀ ବସ୍ତିରେ ରହୁଥିବା ନୟାଗଡ଼ ଶରଣକୂଳ ଅଞ୍ଚଳର ଲକ୍ଷ୍ମୀଧର ନାୟକ ଓ ତାଙ୍କ ସ୍ତ୍ରୀ ଲିପିକା ନାୟକ ଏବଂ ଫତେଗଡ଼ ଥାନା ଅଞ୍ଚଳର ରାକେଶ ନାୟକ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନାୟକ ଓରଫ ଲକି। ସେହିପରି ଅନ୍ୟ ଜଣେ ହେଲେ ଖଣ୍ଡଗିରି ପାତ୍ରପଡ଼ାରେ ରହୁଥିବା ଖୋର୍ଦ୍ଧା ବାଘମାରୀ ଥାନା ଅଞ୍ଚଳର ରକି ନାୟକ। ଏନେଇ ଗୁରୁବାର ଖବରଦାତା ସମ୍ମିଳନୀ କରି ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି। ନିଶା କାରବାରକୁ ବିରୋଧ ସହ ବ୍ୟକ୍ତିଗତ ଶତ୍ରୁତା ଯୋଗୁଁ ଅପରାଧୀମାନେ ଏହି ହତ୍ୟାକାଣ୍ଡ ଭିଆଇଥିବା କହିଛନ୍ତି। ଲକ୍ଷ୍ମୀଧର ଓ ଲିପିକା ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ଏହି ହତ୍ୟାକାଣ୍ଡ ସହିତ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ତାହା ଉପରେ ଅଧିକ ତଦନ୍ତ କରାଯାଇ ସମସ୍ତଙ୍କୁ ଗିରଫ କରାଯିବ ବୋଲି ଡିସିପି କହିଛନ୍ତି। ଏହାସହ ଡିସିପି ଆହୁରି ମଧ କହିଛନ୍ତି, ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା। ଅଭିଯୁକ୍ତମାନେ ସହଦେବଙ୍କୁ ହତ୍ୟା କରିବା ପାଇଁ ଗତ ୭ ତାରିଖ ଦିନ ଯୋଜନା କରିଥିଲେ। ଯୋଜନାର ୨୪ ଘଣ୍ଟା ନ ପୂରୁଣୁ ଏହି କାଣ୍ଡ ଭିଆଇଥିଲେ। ସହଦେବଙ୍କୁ ହତ୍ୟା କରିବା ପାଇଁ ଘଟଣାସ୍ଥଳକୁ ୨ଟି ବାଇକ୍‌ରେ ଆସିଥିଲେ। ଗୋଟିଏ ବାଇକରେ ମୁଖ୍ୟ ଅଭିଯୁକ୍ତ ଦମ୍ପତି ଥିବାବେଳେ ଆଉ ଗୋଟିଏ ବାଇକରେ ଅନ୍ୟ ୩ ଜଣ ଅଭିଯୁକ୍ତ ପହଞ୍ଚିଥିଲେ। ସେମାନେ ପୂର୍ବ ଯୋଜନା ଅନୁସାରେ ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେମାନଙ୍କଠାରୁ ୨ଟି ବାଇକ୍, ୪ଟି ମୋବାଇଲ ଫୋନ ଓ ୨ଟି ବ୍ୟାଗ୍ ମଧ ଜବତ କରାଯାଇଛି। ଜବତ ସାମଗ୍ରୀକୁ ଆଧାର କରି ଅଭିଯୁକ୍ତମାନଙ୍କଠାରୁ ଅଧିକ ତଥ୍ୟ ସଂଗ୍ରହ କରାଯିବ। ଅନ୍ୟପଟେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ନିଶା କାରବାରରେ ସମ୍ପୃକ୍ତ ଥିବାରୁ ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ବୁଧବାର ସକାଳେ ସହଦେବ ୯ବର୍ଷର ଝିଅକୁ ରାମ ମନ୍ଦିର ନିକଟରେ ଥିବା ଏକ ଘରୋଇ ସ୍କୁଲରେ ଛାଡ଼ି ରସୁଲଗଡ଼ ଅଭିମୁଖେ ଯାଉଥିଲେ। ସମୟ ପାଖାପାଖି ୮ଟା ସମୟରେ ରସୁଲଗଡ଼ ରେଲୱେ ଲାଇନ ଓଭରବ୍ରିଜ ଉପରେ ପିଛା କରୁଥିବା ଲକ୍ଷ୍ମୀଧର ନାୟକ, ତାଙ୍କ ସ୍ତ୍ରୀ ଲିପିକା, ସହଯୋଗୀ ରକି ଓ ଫେରାର ହୋଇଯାଇଥିବା ସୁଶାନ୍ତ ଦୁଇଟି ବାଇକରେ ଆସି ପ୍ରଥମେ ପଛପଟରୁ ସହଦେବଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଏହାପରେ ସହଦେବ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଅଭିଯୁକ୍ତମାନେ ମାରଣାସ୍ତ୍ରରେ ସହଦେବଙ୍କ ବେକକୁ ହାଣି ପକାଇଥିଲେ। ଫଳରେ ତାଙ୍କ ବେକର ୯୦ପ୍ରତିଶତ ଛିଡ଼ିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଖବର ପାଇ ମଞ୍ଚେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସହଦେବଙ୍କୁ ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ସହଦେବଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସହଦେବଙ୍କ ସ୍ତ୍ରୀ ସୁନୀତା ନାୟକ ଅଭିଯୋଗ କରିବାରୁ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ୩ଜଣଙ୍କୁ ନୟାଗଡ଼ ଶରଣକୂଳ ଏବଂ ଅନ୍ୟ ୨ଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା।



ଗିରଫ ୫ ଅଭିଯୁକ୍ତ।

### ଜାନୁଆରୀ ୫ରେ ଜେଲରୁ ଜାମିନରେ ବାହାରିଥିଲେ ମାଷ୍ଟରମାଇଣ୍ଡ ଲିପିକା

ସହଦେବ ନାୟକ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଲିପିକା ନାଏକ ଏକ ବ୍ରାଉନ୍‌ସୁଗାର ମାମଲାରେ ଅବକାରୀ ପୋଲିସ ଦ୍ୱାରା ଗିରଫ ହୋଇ ୬ ମାସ ପୂର୍ବରୁ ଜେଲ ଯାଇଥିଲେ। ସେ ଗତ ୫ତାରିଖରେ ଜାମିନରେ ଜେଲରୁ ବାହାରିଥିଲେ। ଜେଲରୁ ବାହାରି ପ୍ରତିଶୋଧ ପାଇଁ ଚିନ୍ତା କରିଥିଲେ ଏବଂ ଦୁଇ ଦିନ ଭିତରେ ଯୋଜନାକୁ ଫଳବତୀ କରିଥିଲେ। ଏଥିପାଇଁ ସେ ତାଙ୍କ ସ୍ୱାମୀ ଓ ଅନ୍ୟ ସହଯୋଗୀଙ୍କ ସହ ହାତ ମିଳାଇଥିଲେ।

### ଯୋଜନାର ଦିନକ ପରେ ହତ୍ୟା

ଲିପିକା ଏବଂ ଲକ୍ଷ୍ମୀଧରଙ୍କୁ ବିଏମ୍‌ସି ସୁଇପର କାମରୁ ସହଦେବ କୌଣସି କାରଣରୁ ବାହାର କରିଦେବାରୁ ସେମାନଙ୍କ ସହ ଶତ୍ରୁତା ବଢ଼ିଥିଲା। ସେହିପରି ପ୍ରାୟ ଏକ ବର୍ଷ ପୂର୍ବେ କୌଣସି କାରଣ ପାଇଁ ଅଭିଯୁକ୍ତ ରାକେଶଙ୍କ ସ୍ତ୍ରୀ ଲକିଙ୍କୁ ସହଦେବ ଆକ୍ରମଣ କରିଥିଲେ, ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ତେଣୁ ସହଦେବଙ୍କୁ ହତ୍ୟା କରିବାକୁ ଅଭିଯୁକ୍ତମାନେ ଯୋଜନା କରିଥିଲେ। ଦୀର୍ଘ ଦିନର ବ୍ୟକ୍ତିଗତ ଶତ୍ରୁତା ହେତୁ ସମସ୍ତ ଅଭିଯୁକ୍ତ ଗତ ୭ତାରିଖରେ ଡୁମୁଡୁମାରେ ଫେରାର ଥିବା ଅଭିଯୁକ୍ତ ସୁଶାନ୍ତ ନାୟକଙ୍କ ଘରେ ସହଦେବଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରି ସଫଳ ହୋଇଥିଲେ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

### କ୍ରାଇମ ସିନ୍ ରିକ୍ରିଏଶନ ବେଳେ ଦୟାନଦୀରୁ ମିଳିଲା ମାରଣାସ୍ତ୍ର



ସହଦେବ ନାୟକଙ୍କୁ ବୁଧବାର ହତ୍ୟା ପରେ ଅଭିଯୁକ୍ତମାନେ ଦୟାନଦୀକୁ ଯାଇ ସେଠାରେ ମାରଣାସ୍ତ୍ର ଏବଂ ରକ୍ତଭିଜା ପୋଷାକ ଫିଙ୍ଗି ଲିପିକାଙ୍କ ଘର ନୟାଗଡ଼ ପଳାଇ ଯାଇଥିଲେ। ତେବେ ସେମାନଙ୍କୁ କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ ଗିରଫ କରିବା ପରେ ସହଦେବଙ୍କୁ କେମିତି ହତ୍ୟା କଲେ ଏବଂ ହତ୍ୟା ପରେ କେଉଁଠାରେ ମାରଣାସ୍ତ୍ର ଲୁଚାଇ ଥିଲେ ସେନେଇ ଖୋଳତାଡ଼ ହୋଇଥିଲା। ଗୁରୁବାର ଅପରାହ୍ଣରେ ପୋଲିସର ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତ ଲକ୍ଷ୍ମୀଧର ଓ ରକିଙ୍କୁ ଦୟାନଦୀ କୂଳକୁ ନେଇ କ୍ରାଇମ୍ ସିନ ରିକ୍ରିଏଶନ କରିଛି। ଏହି ସମୟରେ ଦୟାନଦୀରୁ ଏକ ବ୍ୟାଗରେ ଭର୍ତ୍ତି ଥିବା ମାରଣାସ୍ତ୍ର ଜବତ କରିଥିଲା।

# ସର୍ଭିସ୍ ପିସ୍ତଲରୁ ଗୁଳିକରି ଯବାନଙ୍କ ଆତ୍ମହତ୍ୟା

ରାଉରକେଲା,୯।୧(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ରେ ନିୟୋଜିତ ଜଣେ ସିଆଇଏସ୍‌ଏଫ୍ ଯବାନ ବୁଧବାର ବିଳମ୍ବିତ ରାତିରେ ନିଜ ସର୍ଭିସ ପିସ୍ତଲରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଅଭିନନ୍ଦ ପିକେ(୨୨) ଏବଂ ସେ କେରଳ ରାଜ୍ୟ କୁନ୍ନୁର ଜିଲା ଥାଲାସେରୀ ଥାନା ଥିରୁଭାଙ୍ଗାଡୁ ଗ୍ରାମର ବାସିନ୍ଦା ଅଟନ୍ତି। ମୃତଦେହକୁ ଡାକ୍ତରଖାନା ମର୍ଗ ହାଉସ୍‌ରେ ରଖାଯାଇଛି। ଶୁକ୍ରବାର ପରିବାର ଲୋକେ ଆସିଲେ ବ୍ୟବଚ୍ଛେଦ କରାଯିବ। ଏ ନେଇ ଟାଙ୍ଗରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୫) ରୁଜୁ ହୋଇଛି। ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଅଭିନନ୍ଦ ପ୍ରାୟ ବର୍ଷେ ହେଲା ରାଉରକେଲା ଇସ୍ପାତ କାରଖାନାରେ ସିଆଇଏସ୍‌ଏଫ୍ ଯବାନ ଭାବେ ନିୟୋଜିତ ଥିଲେ ଏବଂ ବାରାକ୍‌ରେ ରହୁଥିଲେ। ୨ଦିନ ତଳେ ସେ ପୈତୃକ ଗ୍ରାମରୁ ରାଉରକେଲା ଫେରିଥିଲେ। କୌଣସି କାରଣରୁ ବୁଧବାର ରାତିରେ ସେ ନିଜ ସର୍ଭିସ ପିସ୍ତଲରୁ ଗୁଳି ଫୁଟାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌କୁ ନେଇଥିଲେ। ସେଠାରେ ଡାକ୍ତରମାନେ ଅଭିନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାରବର୍ଗଙ୍କୁ ସୂଚନା ଦିଆଯାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ତଦନ୍ତ ଜାରି ରହିଛି ବୋଲି ଡିଏସ୍‌ପି ମହାପାତ୍ର କହିଥିଲେ।

# ଗର୍ଭବତୀ ସ୍ତ୍ରୀଙ୍କ ବେକ କାଟିଲେ ସ୍ୱାମୀ

ପାତ୍ରପୁର, ୯।୧(ଉମା ଚରଣ ନେପାକ)

ଜରଡା ଥାନା ସାମନ୍ତିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡକେରି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି । ସାମାନ୍ୟ କଥାକୁ ନେଇ ଛଅ ମାସର ଗର୍ଭବତୀ ସ୍ତ୍ରୀ ପ୍ରମିତାଙ୍କ ବେକ କାଟି ଦେଇଛନ୍ତି ସ୍ୱାମୀ। ସ୍ତ୍ରୀ ସ୍ୱାମୀ ଦୁହେଁ ଘରେ ମଧ୍ୟାହ୍ନଭୋଜନ ଖାଇ ବସିଥିବା ବେଳେ ସାମାନ୍ୟ କଥାକୁ ନେଇ ସ୍ୱାମୀ ଅନନ୍ତ ବେହେରା ଉତ୍ୟକ୍ତ ହୋଇ ଗର୍ଭବତୀ ସ୍ତ୍ରୀଙ୍କ ବେକକୁ ଧାନକଟା ଦା'ରେ କାଟି ଦେଇଥିଲେ। ତୁରନ୍ତ ପରିବାର ଲୋକେ ପ୍ରମିତାଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ଆହତ ମହିଳାଙ୍କ ଭାଇ ଘଟଣା ବିଷୟରେ ଫୋନ ମାଧ୍ୟମରେ ଜରଡା ଥାନା ପୋଲିସକୁ ଜଣାଇବା ପରେ ପୋଲିସ ପାତ୍ରପୁର ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଅନନ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ସରିଲା ରିମାଣ୍ଡ, ଜେଲଗଲେ ଟ୍ରକ୍ ଚାଳକ

ସମ୍ବଲପୁର,୯।୧(ପ୍ରମୋଦ ବହିଦାର)

### ଟ୍ରକ୍ ମଡ଼ାଇ ୨ ଭାଜପା ନେତାଙ୍କୁ ହତ୍ୟା ଘଟଣା

ବୁର୍ଲା ଥାନା ଅନ୍ତର୍ଗତ ଆ.କଟାପାଲିରେ ଗତ ୪ତାରିଖ ବିଳମ୍ବିତ ରାତିରେ ଟ୍ରକ ମଡ଼ାଇ ୨ ଭାଜପା ନେତାଙ୍କ ହତ୍ୟା ମାମଲାର ଅଭିଯୁକ୍ତଙ୍କ ୩ଦିନିଆ ରିମାଣ୍ଡ ଅବଧି ଗୁରୁବାର ଶେଷ ହୋଇଛି। ରିମାଣ୍ଡ ଅବଧି ଶେଷ ହେବା ପରେ ଅଭିଯୁକ୍ତ ଚାଳକ ପ୍ରସନ୍ନ ଜେନାମଣିଙ୍କୁ ବୁର୍ଲା ଥାନା ପୋଲିସ ଜିଲା ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀଙ୍କ ଅଦାଲତରେ ହାଜର ପରେ ଜେଲ ହାଜତ ପଠାଇ ଦିଆଯାଇଛି। ତେବେ ରିମାଣ୍ଡ ସମୟରେ ମଧ ସେ କୌଣସି ନୂଆ କଥା କହି ନ ଥିବା ଜଣାପଡିଛି। ପୂର୍ବଭଳି ତାଙ୍କ ବୟାନରେ କୌଣସି ତାଳମେଳ ରହୁନାହିଁ ବୋଲି କହିଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ। ବରିଷ୍ଠ ଓ ଅଭିଜ୍ଞ ପୋଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଚାଳକଙ୍କ ପଲିଗ୍ରାଫ ଟେଷ୍ଟ ସହିତ ମାନସିକ ସ୍ଥିତିର ମଧ ପରୀକ୍ଷା କରାଯିବ। ଏଥିପାଇଁ ତାଙ୍କୁ ପୁଣଥରେ ରିମାଣ୍ଡରେ ନେବାକୁ ପୋଲିସ ପକ୍ଷରୁ ଅଦାଲତରେ ଆବେଦନ କରାଯାଇଛି ବୋଲି ଆଇଜି ଲାଲ କହିଛନ୍ତି।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ମାମଲା

# ଜେଲ ଗଲେ ୨ ଯନ୍ତ୍ରୀ, ଚାକିରିରୁ ନିଲମ୍ବିତ

ବଲାଙ୍ଗୀର/ଟିଟିଲାଗଡ଼, ୯।୧ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡରେ କାର୍ଯ୍ୟରତ ୩ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଦ୍ୟୁତ୍ ବିଭାଗର ଜଣେ ଏସ୍‌ଡିଓ ଏବଂ ଜଣେ ଯନ୍ତ୍ରୀ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିବା ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ କଣ୍ଟାବାଞ୍ଜି ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଜଗନ୍ନାଥ ପତି ଓ ମୁରିବାହାଲ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଚିନ୍ମୟ ସାହୁ । ସେମାନଙ୍କୁ ଚାକିରିରୁ ମଧ ନିଲମ୍ବନ କରାଯାଇଛି।

ପ୍ରକାଶ ଯେ, ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ଅଧିକାରୀଙ୍କ ମତାମତ ନେବାକୁ ଗଣମାଧ୍ୟମ ପ୍ରତିନିଧିମାନେ ଯାଇଥିବା ସମୟରେ ୨ ଅଭିଯୁକ୍ତ ଟିଟିଲାଗଡ଼ର ଗଣମାଧ୍ୟମ ପ୍ରତିନିଧି ଅବିନାଶ ନନ୍ଦ, ସଞ୍ଜୟ ବେହେରା ଓ ତରୁଣ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଆକ୍ରମଣର ଭିଡିଓ ମଧ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ଟିଟିଲାଗଡ଼ ପୋଲିସ ମାମଲା ରୁଜୁକରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟ ଯନ୍ତ୍ରୀଙ୍କୁ ଜେଲ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ପ୍ରତିବାଦରେ ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ଉପସଭାପତି ବଳରାମ ମିଶ୍ର ଓ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜିଲାପାଳ ଗୌରବ ଶିଓାଜୀ ଇସ୍‌ଲୱାରଙ୍କୁ ଭେଟି ଦାବିପତ୍ର ଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଜିଲା ସାମ୍ବାଦିକ ସଂଘ କୋଷାଧ୍ୟକ୍ଷ ସୁନୀଲ ମହାନ୍ତି, ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ଶରତ ମହାକୁର, ବୀରେନ୍ଦ୍ର ଝାଙ୍କର, ଚନ୍ଦ୍ରଭାନୁ ମୋଲାନା, ଚିତ୍ତରଞ୍ଜନ ମିଶ୍ର, ଘଟେଶ୍ୱର ମିଶ୍ର, ମହେନ୍ଦ୍ର ଦର୍ଜୀ, ରାଜା ମିଶ୍ର, ରଘୁନନ୍ଦନ ସିଂ, ପଓନ ଅଗ୍ରୱାଲ, ଶ୍ରୀମନ୍ତ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫସାଇ ଦିଆଯାଇଛି କହିଲେ ହଂସିତା,ଅନିଲ

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ, ଜ୍ୱାଇଁ କହି ଠକେଇ ଘଟଣା

ଭୁବନେଶ୍ୱର,୯।୧ (ସୂର୍ଯ୍ୟକାନ୍ତ ବେହେରା)

ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକୁଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭୀଲିପ୍‌ସା(ବିଷ୍ଣୁପ୍ରିୟା ଚାନ୍ଦ ଓରଫ ରାକ୍ଷୀ) ଓ ଅନିଲ କୁମାର ମହାନ୍ତିଙ୍କୁ ଗୁରୁବାର କମିଶନରେଟ ପୋଲିସ ସ୍ପେଶାଲ କ୍ରାଇମ ୟୁନିଟ ଝାରପଡ଼ା ଜେଲରୁ ଦିନିକିଆ ରିମାଣ୍ଡରେ ଆଣି ଠକେଇ ଗୁମର ଖୋଲିବାକୁ ମାରାଥନ ଜେରା କରିଛି। ତେବେ ଖବରଦାତାଙ୍କୁ ଦେଖି ହଂସିତା କାନ୍ଦି ପକାଇବା ସହ ଛଳ ଛଳ ଆଖିରେ କହିଥିଲେ, ଆମକୁ ଫସାଇ ଦିଆଯାଇଛି। ମୁଁ ଜଣେ ନାରୀ ହୋଇଥିବା ସତ୍ତ୍ୱେ ମୋ' ଚରିତ୍ରକୁ ସଂହାର କରାଯାଉଛି ବୋଲି ସେ କହିଥିଲେ। ଠିକ ସମାନ୍ ଢଙ୍ଗରେ ଅନୀଲ ମଧ କହିଥିଲେ, ଆମକୁ ଫସାଇ ଦିଆଯାଇଛି। ତେବେ କିଏ ଓ କାହିଁକି ଫସାଇଥିଲେ, ସେ ନେଇ ହୋଇଥିବା ପ୍ରଶ୍ନର ଉତ୍ତର କିନ୍ତୁ ଉଭୟ ଦେଇ ନ ଥିଲେ। ସେପଟେ ରିମାଣ୍ଡରେ ଆଣିବାପରେ ଉଭୟଙ୍କୁ ଦୀର୍ଘ ସମୟ ଧରି ଜେରା କରିଥିଲା ଆୟକର ବିଭାଗ ଓ କମିଶନରେଟ ପୋଲିସ। ଜେରାବେଳେ ନନ୍ଦନକାନନ ବିହାର ରଘୁନାଥପୁରରେ ଥିବା ଏକ ଆପାର୍ଟମେଣ୍ଟରେ ହଂସିତାଙ୍କ ୩ଟି ଫ୍ଲାଟ ଥିବା ଜାଣିବାକୁ ପାଇଛି। ଏହାପରେ ଉଭୟଙ୍କୁ ଧରି ଉକ୍ତ ଫ୍ଲାଟକୁ ଆୟକର ବିଭାଗ ଓ କମିଶନରେଟ ପୋଲିସ ଯାଇ ଖୋଳତାଡ଼ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଥିବା ଜଣାପଡ଼ିଛି । ତେବେ ଗୋଟିଏ ଦିନ ରିମାଣ୍ଡରେ ଉଭୟେ ବହୁ ତଥ୍ୟ ଲୁଚାଇଥିବାରୁ ସେମାନଙ୍କୁ ପୁଣି ରିମାଣ୍ଡରେ ଆଣି ଜେରା କରିବାକୁ ପୋଲିସ ଯୋଜନା କରିଛି। ଶୁକ୍ରବାର ପୋଲିସ ତାଙ୍କୁ କୋର୍ଟରେ ହାଜର କରିବ। ପୂର୍ବରୁ ବୁଧବାର ହଂସିତାଙ୍କ ଆଉ ଜଣେ ସ୍ୱାମୀଙ୍କୁ ପୋଲିସ ଆୟକର ବିଭାଗର ମିଳିତ ଚଢ଼ାଉରେ ଠାବ କରିଥିଲା। ସେହିଭଳି ଅନ୍ୟ ଜଣେ ସ୍ୱାମୀ ତଥା କଂଗ୍ରେସ ନେତା ମନୋଜ ଆଚାର୍ଯ୍ୟଙ୍କୁ ବୁଧବାର ଦୀର୍ଘ ସମୟ ଧରି ପଚରାଉଚରା କରିଥିଲା। କେବଳ ମନୋଜ ନୁହେଁ, ତାଙ୍କ ବାପା ଓ ଭାଇଙ୍କୁ ମଧ ଆୟକର ବିଭାଗ ଜେରା ଚଳାଇଛି।



ହଂସିତା ଏବଂ ଅନିଲଙ୍କୁ ଡାକ୍ତରୀମାଇନା ପାଇଁ ନିଆଯାଉଛି।

# ଛିନ୍‌ତାଇ ମାମଲାରେ ୨ଅଭିଯୁକ୍ତଙ୍କୁ ଜେଲ

ଭୁବନେଶ୍ୱର,୯।୧(ସୂର୍ଯ୍ୟକାନ୍ତ ବେହେରା): ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଏକ ସୁନା ଚେନ୍ ଲୁଟ ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୫ରେ ବୁଧବାର ପ୍ରକାଶ ପାଇଛି। ଏହି ମାମଲାର ବିଚାରକରି ଇତିଶ୍ରୀ ମହାପାତ୍ର ଅଭିଯୁକ୍ତ ଆୟୁଷ ମୋହନ ତ୍ରିପାଠୀ ଓ ଶିବ ପ୍ରସାଦ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରି ଦେଢ଼ ବର୍ଷର ଜେଲଦଣ୍ଡ ଶୁଣାଇଛନ୍ତି। ଏହାସହ ଏକ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୭ ଜଣ ସାକ୍ଷୀ ଓ ୨୨ଗୋଟି ଦସ୍ତାବିଜ୍‌କୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

ଘଟଣା ଅନୁଯାୟୀ ଗତ ବର୍ଷ ମାର୍ଚ୍ଚରେ ଅଭିଯୋଗକାରିଣୀ ରାଜଶ୍ରୀ ଦୀପ୍ତିମୟୀ ମଧୁସ୍ମିତା କଳିଙ୍ଗ ନଗରସ୍ଥିତ ଏକ ପାର୍କକୁ ଦୁଇ ପୁତୁରା ଏବଂ ପୁଅକୁ ବୁଲାଇ ସାରିବା ପରେ ସନ୍ଧ୍ୟାରେ ନିଜ ଗାଡ଼ିରେ ଘରକୁ ଫେରୁଥିଲେ। ଏହି ସମୟରେ ସୁବୁଦ୍ଧିପୁର ମଦ ଦୋକାନ ନିକଟ ଓଏଚ୍‌ଏଚ୍ ବେବି ଶପ୍ ସମ୍ମୁଖରେ ଅଭିଯୁକ୍ତଦ୍ୱୟ ମୋଟରସାଇକେଲରେ ଆସି ଦୀପ୍ତିମୟୀ ପିନ୍ଧିଥିବା ସୁନାଚେନ୍‌ଟିକୁ ଛିଣ୍ଡାଇ ନେଇଯିବାରୁ ସେ ତଳେ ପଡି ଆହତ ହୋଇଥିଲେ। ଏନେଇ ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଭୁବନେଶ୍ୱରରେ ମୋଟ ୩୭ ଜଣ ମହିଳାଙ୍କ ନିକଟରୁ ସୁନା ଚେନ୍ ଲୁଟ ମାମଲାରେ ସେମାନଙ୍କ ନାମରେ ବିଭିନ୍ନ ଅଦାଲତରେ ଶୁଣାଣି ଚାଲୁଥିବା ନେଇ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିଜ ଯୁକ୍ତିରେ ଦର୍ଶାଇଥିଲେ। ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

# ବଡ଼ଭାଇଙ୍କୁ ହାଣିଲେ ସାନ

## ପୂର୍ବରୁ ମା' ଓ ବାପାଙ୍କୁ ହତ୍ୟା କରିଥିଲେ

ସାତମାଇଲ, ୯।୧ (ସୁଶାନ୍ତ କୁମାର ପତି): ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅନ୍ତର୍ଗତ ମୁଣ୍ଡହତା (ୱାର୍ଡ ନଂ.୨) ଗ୍ରାମର ସ୍ୱର୍ଗତ ଗୋଲକ ନାୟକଙ୍କ ମଝିଆଁ ପୁଅ ଗୋବିନ୍ଦଙ୍କୁ ବୁଧବାର ରାତି ପ୍ରାୟ ୧୧ଟା ବେଳେ ତାଙ୍କ ସାନପୁଅ ସୁନନ୍ଦ କଟୁରିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ରାତିରେ ଖାଇସାରି ଗୋବିନ୍ଦ ଘରେ ବସିଥିବା ବେଳେ ସୁନନ୍ଦ ନିଶାସକ୍ତ ଅବସ୍ଥାରେ ଆସି ଗୋବିନ୍ଦଙ୍କ ସହ ଝଗଡ଼ା କରିଥିଲେ। ପରେ ସୁନନ୍ଦ ଏକ କଟୁରିରେ ଗୋବିନ୍ଦଙ୍କୁ ହାଣି ଫେରାର ହୋଇଯାଇଥିଲେ। ଗୁରୁତର ଆହତ ଗୋବିନ୍ଦଙ୍କୁ ପରିବାର ଲୋକେ ହିନ୍ଦୋଳ ଡାକ୍ତରଖାନା ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଗୁରୁବାର ସକାଳେ ଗୋବିନ୍ଦଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହିନ୍ଦୋଳ ପୋଲିସ ଗୁରୁବାର ସକାଳେ ଅଭିଯୁକ୍ତ ସୁନନ୍ଦଙ୍କୁ ଗିରଫ କରିବା ସହ କେସ୍ ନଂ. ୮/୨୫, ଦଫା ୧୦୩(୧) ବିଏନଏସରେ ମାମଲା ରୁଜୁ କରିଛି। ଢେଙ୍କାନାଳ ଅତିରିକ୍ତ ଏସ୍‌ପି ଓ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଛନ୍ତି। ଅତିରିକ୍ତ ଏସ୍‌ପି କହିଛନ୍ତି, ହତ୍ୟାକାରୀର ବଡ଼ଭାଇ ଗୋପାଳ ନାୟକଙ୍କ ବୟାନ ଅନୁଯାୟୀ, ସୁନନ୍ଦ ପୂର୍ବରୁ ବାପାଙ୍କୁ କରେଣ୍ଟ ଲଗାଇ ଓ ବର୍ଷେ ତଳେ ମା'ଙ୍କୁ ପିଟିପିଟି ମାରିଦେଇଥିଲେ। କିନ୍ତୁ ପରିବାର ଲୋକେ ଘଟଣାକୁ ଚପେଇ ରଖିଥିଲେ।

# ଫଟୋ ଭାଇରାଲ ହେବାରୁ ଝୁଲିପଡ଼ିଲେ ଯୁବତୀ

## ଅଭିଯୁକ୍ତ ଗିରଫ

ନିଶ୍ଚିନ୍ତକୋଇଲି,୯।୧(ଅଶୋକ କୁମାର ମହାପାତ୍ର)

କଟକ ଜିଲା ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରୁ ଜଣେ ଯୁବତୀ ରଶିଦେଇ ଝୁଲିପଡ଼ିଥିବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନାହାଙ୍ଗ ପଞ୍ଚାୟତ ଡିହିଗୋପ ଗ୍ରାମର ଅନିଲ କୁମାର ସେଠୀ(୨୮) । ସମ୍ପୃକ୍ତା ଯୁବତୀ ୨ ବର୍ଷ ପୂର୍ବେ ଏହି ଥାନା ଅଞ୍ଚଳର ଏକ ମହାବିଦ୍ୟାଳୟରେ ଯୁକ୍ତ ୩ ପଢୁଥିବା ବେଳେ ଅନିଲଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଯୁବତୀଙ୍କ ସହ ଅନିଲ ଶାରିରୀକ ସମ୍ପର୍କ ରଖିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ମୋବାଇଲରେ ଉତ୍ତୋଳନ କରି ନେଇଥିଲେ। ଏହାପରଠୁ ଅନିଲ ଅନେକ ସମୟରେ ତାଙ୍କୁ ବ୍ଲାକମେଲ କରି ଶାରିରୀକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ଦୁହିଁଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ପୀଡ଼ିତାଙ୍କ ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ପାରାଦୀପରେ ରହୁଥିବା ଭାଇଙ୍କ ନିକଟକୁ ପଠାଇ ଦେଇଥିଲେ। ଏଥିରେ ଅନିଲ ପ୍ରତିଶୋଧ ପରାୟଣ ହୋଇ ସାମାଜିକ ଗଣମାଧ୍ୟମରେ ଉକ୍ତ ଫଟୋ ଛାଡ଼ି ଦେଇଥିଲେ। ଫଳରେ ମାନସିକ ଭାରସାମ୍ୟ ହରାଇ ପାରାଦୀପସ୍ଥିତ ଭାଇଙ୍କ ବାସଭବନରେ ପୀଡ଼ିତା ଦଉଡି ଦେଇ ଝୁଲି ପଡ଼ିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାପରେ ପାରାଦୀପ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଭଦ୍ରେଶ୍ୱର ଥାନାରେ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ. ୪/୨୫)ରୁଜୁ କରିଛି।

# ଜଙ୍ଗଲରୁ ମହିଳାଙ୍କ କଙ୍କାଳ ଜବତ

- ମୃତଦେହ ଅଣ୍ଟା ତଳକୁ ଜଙ୍ଗଲୀ ଜନ୍ତୁ ଖାଇଦେଇଥିବା ସନ୍ଦେହ
- ମୃତ ମହିଳାଙ୍କ ପରିଚୟ ଖୋଜୁଛି ପୋଲିସ

ଉମରକୋଟ, ୯।୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ହୀରାପୁର ପଞ୍ଚାୟତ ସଦର ଗାଁ ସ୍ଥିତ ବୁଦ୍ଧାକେନ୍ଦୁ ଜଙ୍ଗଲ ଭିତରୁ ଗୁରୁବାର ଜଣେ ମହିଳାଙ୍କ କଙ୍କାଳ ମିଳିଛି। ମୃତକଙ୍କ ପରିଚୟ ମିଳିନାହିଁ। ମୃତଦେହର ଅଧା କଙ୍କାଳ ହୋଇ ଅଣ୍ଟା ତଳକୁ ଜଙ୍ଗଲୀ ଜନ୍ତୁ ଖାଇଦେଇଥିବା ସନ୍ଦେହ କରାଯାଉଛି। ତେବେ କଙ୍କାଳର ହାତରେ ଚୁଡ଼ି ଥିବାରୁ ତାହା ଜଣେ ମହିଳାଙ୍କର ହୋଇପାରେ ବୋଲି ପୋଲିସ କହିଛି। ଘଟଣାସ୍ଥଳରେ ଉମରକୋଟ ଥାନା ସବ୍‌ଇନ୍ସପେକ୍ଟର ଶିବଜୀ ପଣ୍ଡା, ଅକ୍ଷୟ ମିଶ୍ର ଏବଂ ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିଥିଲେ। ମହିଳାଙ୍କ କଙ୍କାଳ ଜଙ୍ଗଲ ମଧ୍ୟକୁ କେମିତି ଆସିଲା, ମହିଳାଙ୍କୁ କିଏ ହତ୍ୟା କରିଛି, ତାଙ୍କୁ ବଳାତ୍କାର କରାଯାଇଛି କି ନାହିଁ ସେ ନେଇ ପୋଲିସ ତଦନ୍ତ କରୁଛି। ଉମରକୋଟ ପୋଲିସ କେସ୍ ନଂ. ୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୂଚନାନୁଯାୟୀ ଗୁରୁବାର ସକାଳେ ଗ୍ରାମର କେତେଜଣ ମହିଳା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଜଙ୍ଗଲ ଭିତରକୁ ଯାଇଥିଲେ। ହଠାତ୍ ସେମାନେ କଙ୍କାଳଟିକୁ ଦେଖି ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏହାପରେ ଗ୍ରାମବାସୀ ଉମରକୋଟ ପୋଲିସକୁ ଏ ନେଇ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ମୃତଦେହର ମୁଣ୍ଡରୁ ଅଣ୍ଟା ଯାଏ କଙ୍କାଳ ଦେଖାଯାଉଥିବାବେଳେ ଅଣ୍ଟା ତଳକୁ କୌଣସି ଜଙ୍ଗଲୀ ଜନ୍ତୁ ଖାଇ ଯାଇଥିବା ସନ୍ଦେହ କରାଯାଉଛି। କଙ୍କାଳରେ ଥିବା ବାମ ହାତରେ ନୀଳରଙ୍ଗର ଦୁଇଟି ଚୁଡ଼ି ରହିଛି। କଙ୍କାଳଠାରୁ ଅନତି ଦୂରରେ କିଛି ସାମଗ୍ରୀକୁ ନିଆଁରେ ପୋଡ଼ାଯାଇଛି। ଏଥିରେ ଗୋଟିଏ ମୋବଇଲ ଚାର୍ଜର, ଦର୍ପଣ ଥିବା ଅନୁମାନ କରାଯାଉଛି। ତେବେ ସେ ଅଞ୍ଚଳରେ କୌଣସି ମହିଳା ନିଖୋଜ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉମରକୋଟ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ମାଜିଷ୍ଟ୍ରେଟଭାବେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହ ପଞ୍ଚନାମା କରାଇଛନ୍ତି। ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ କଙ୍କାଳକୁ ରଖାଯାଇଛି।



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଜଙ୍ଗଲରେ ତଦନ୍ତ କରୁଛନ୍ତି।

# ସାଇକ୍ଲିଂରେ ନୂଆ ସମ୍ଭାବନା

ରାଜ୍ୟରେ ଅନେକ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ରହିଛି। ଏବେ ଏଥିରେ ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୮ ତାରିଖରେ ଉଦ୍‌ଘାଟିତ ହୋଇଛି ଓଡ଼ିଶାର ପ୍ରଥମ ସାଇକେଲ ଭେଲୋଡ୍ରୋମ। ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା ମହିଳା ସାଇକ୍ଲିଷ୍ଟ ମିନତି ମହାପାତ୍ରଙ୍କ ନାମରେ ଏହି ଭେଲୋଡ୍ରୋମ ନାମିତ କରାଯାଇଛି। ଏହା ଭାରତର ପ୍ରଥମ ୨୫୦ ମିଟର ବିଶିଷ୍ଟ କଂକ୍ରିଟ୍ ଭେଲୋଡ୍ରୋମ। କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଏହି ଭେଲୋଡ୍ରୋମ ଉଦ୍‌ଘାଟିତ ହୋଇଛି। କିଟ୍ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସାଇକ୍ଲିଷ୍ଟ ମିନତି ମହାପାତ୍ର, ସାଇକ୍ଲିଂ ଫେଡେରେଶନ୍ ଅଫ୍ ଇଣ୍ଡିଆର ମହାସଚିବ ମନିନ୍ଦର ପାଲ ସିଂ, ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ସମ୍ପାଦକ ପ୍ରସନ୍ନ କୁମାର ରାଉତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଏହି ଐତିହାସିକ କ୍ଷଣର ମୂକସାକ୍ଷୀ ରହିଛନ୍ତି। ରାଜ୍ୟରେ ପ୍ରଥମଥରପାଇଁ ଭେଲୋଡ୍ରୋମ ଉପଲବ୍ଧ ହେବାଦ୍ୱାରା ଓଡ଼ିଶା ସାଇକ୍ଲିଂ ମହଲରେ ଖୁସିର ବାତାବରଣ ଦେଖାଦେଇଛି। ନିଜେ ମିନତିଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ତାରକା ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କ ପର୍ଯ୍ୟନ୍ତ ସମସ୍ତେ ଖୁସି ଜାହିର କରିଛନ୍ତି। ରାଜ୍ୟରେ ଏପରି ଏକ ଭିତ୍ତିଭୂମୀ ଉପଲବ୍ଧ କରାଇଥିବାରୁ ସମସ୍ତେ ଅଚ୍ୟୁତ ସାମନ୍ତଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି।

## ସ୍ୱପ୍ନ ସାକାର

ଓଡ଼ିଶା କ୍ରୀଡ଼ାର ଲିଭିଂ ଲିଜେଣ୍ଡ ତଥା ରାଜ୍ୟର ପ୍ରଥମ ଅର୍ଜୁନ ପୁରସ୍କାର ବିଜୟିନୀ ମିନତି ମହାପାତ୍ରଙ୍କ ନାମରେ ଭେଲୋଡ୍ରୋମକୁ ନାମିତ କରାଯାଇ ତାଙ୍କପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଇଛି। ଏଥିରେ ମିନତି ଯେତିକି ଆଶ୍ଚର୍ଯ୍ୟ ହୋଇଛନ୍ତି ସେତିକି ଆନନ୍ଦିତ ମଧ୍ୟ। ଏହି ଅବସରରେ ଅତୀତର କଥାକୁ ମନେ ପକାଇଛନ୍ତି ଏହି କିମ୍ବଦନ୍ତୀ ସାଇକ୍ଲିଷ୍ଟ। ''୧୯୭୦ରେ କଟକରେ ଯେତେବେଳେ ଜାତୀୟ କ୍ରୀଡ଼ା ହୋଇଥିଲା ସେତେବେଳେ ସତ୍ୟବ୍ରତ ଷ୍ଟାଡିୟମରେ ଏକ ୪୦୦ ମିଟର ଗ୍ରାସ୍ ଟ୍ରାକ୍ ନିର୍ମିତ ହୋଇଥିଲା। ତା' ଉପରେ ସାଇକ୍ଲିଂ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏବେ ସେ ଟ୍ରାକ୍ ଆଉ ନାହିଁ। ସେତେବେଳେ ରାଜ୍ୟରେ ଏକ ଭେଲୋଡ୍ରୋମ ପରିକଳ୍ପନା ସ୍ୱପ୍ନପରି ଥିଲା। ମାତ୍ର ଏବେ ତାହା ସାକାର ହୋଇଛି। ଦେଶର ପ୍ରଥମ ୨୫୦ ମିଟର କଂକ୍ରିଟ ଟ୍ରାକ୍ ନିର୍ମାଣ କରି କିଟ୍ ଉଦାହରଣ ସୃଷ୍ଟି କରିଛି'' ବୋଲି ପ୍ରକାଶ କରିଛନ୍ତି କଟକ ଜାତୀୟ କ୍ରୀଡ଼ାର ଜୁନିୟର ମହିଳା ୧୦୦୦ ମିଟର ମାସ୍ ଷ୍ଟାର୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିବା ମିନତି। ଏହା ପୂର୍ବରୁ ପିଲାମାନେ କୌଣସି ପ୍ରତିଯୋଗିତା ଆସିଲେ ବାହାର ରାଜ୍ୟକୁ ଯାଇ ଅଭ୍ୟାସ କରୁଥିଲେ। ସେଠାରେ ୩-୪ ଦିନ ଅଭ୍ୟାସ କରିବା ଏବଂ ନିଜ ରାଜ୍ୟରେ ବର୍ଷ ସାରା ଅଭ୍ୟାସ କରିବାରେ ବହୁତ ପ୍ରଭେଦ ରହିବ। ନିଶ୍ଚିତ ଭାବେ ଓଡ଼ିଶା ସାଇକ୍ଲିଂ ଆଗକୁ ଯିବ। ଏଥିରେ ଦ୍ୱିମତ ନାହିଁ। ଆଗକୁ ଏହି ଭେଲୋଡ୍ରୋମ୍‌ରେ ରାଜ୍ୟ ମିଟ୍ ହୋଇପାରିବ। ପିଲାମାନେ ଅଭ୍ୟାସ କରିବାପରେ ଏଥିରେ ଯଦି କିଛି ତ୍ରୁଟି ରହିଥିବ ତେବେ ଜଣାପଡ଼ିବ। ତାହାକୁ ସଂଶୋଧନ କରାଗଲେ ଏବଂ ଟେକ୍ନିକାଲ କମିଟି ଅନୁମୋଦନ କଲେ ଏଥିରେ ଆଗକୁ ଜାତୀୟ ଇଭେଣ୍ଟ ହୋଇପାରିବ। ରାଜ୍ୟରେ ଏବେ ବିଭିନ୍ନ କ୍ରୀଡ଼ାର ଏକାଡେମୀ ଅଛି। ତେଣୁ ଏବେ ସାଇକ୍ଲିଂ ଏକାଡେମୀ ପାଇଁ ମଧ୍ୟ ପଥ ଉନ୍ମୁକ୍ତ ହେବ। ସାଇକ୍ଲିଂକୁ କ୍ୟାରିୟର କରୁଥିବା ଏବଂ କରିବାକୁ ଯାଉଥିବା ପିଲାଙ୍କ ପାଇଁ ଏହା ବହୁ ଉପାଦେୟ ହୋଇପାରିବ ବୋଲି ମିନତି କହିଛନ୍ତି। ନିଜ ନାମରେ ଏହି ଭେଲୋଡ୍ରୋମ ନାମିତ ହେବା ସମ୍ପର୍କରେ ସେ କହିଛନ୍ତି ଯେ, ଏଥିରେ ମୁଁ ନିଜେ ବିସ୍ମିତ। ସାଇକ୍ଲିଂକୁ କ୍ୟାରିୟର କରି ରାଜ୍ୟର ପ୍ରଥମ ଅର୍ଜୁନ ପୁରସ୍କାର ବିଜୟିନୀ ହୋଇପାରି ଥିବାରୁ ମୁଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏକ ଭେଲୋଡ୍ରୋମ ନିର୍ମାଣ ପାଇଁ ଅନୁରୋଧ କରିଥିଲି। ମାତ୍ର ଏହା ଏତେଶୀଘ୍ର ପ୍ରତିଷ୍ଠା ହେବ ଏବଂ ତା' ପୁଣି ମୋ ନାମରେ ହେବ ବୋଲି କେବେ ଭାବି ନ ଥିଲି। ଏଥିରେ ମୁଁ ବହୁତ ଖୁସି। ମୁଁ ଏବେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ସଭାପତି ଅଛି। ଦୀର୍ଘ ୫୪ ବର୍ଷ ପରେ ଓଡ଼ିଶାରେ ଜାତୀୟ ସାଇକ୍ଲିଂ ପ୍ରତିଯୋଗିତା ଗତ ଡିସେମ୍ବରରେ ପୁରୀରେ ୨୯ତମ ନ୍ୟାଶନାଲ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏବେ ଭେଲୋଡ୍ରୋମ ଉପଲବ୍ଧ ହେବାଦ୍ୱାରା ଓଡ଼ିଶାରେ ସାଇକ୍ଲିଂ କ୍ରୀଡ଼ା ନିଶ୍ଚିତ ସମୃଦ୍ଧ ହେବ ଏବଂ ପିଲାମାନଙ୍କ ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି ସେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି।


ମିନତି ମହାପାତ୍ର

**ରାଜ୍ୟରେ ଅନେକ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ରହିଛି। ଏବେ ଏଥିରେ ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି ଓଡ଼ିଶାର ପ୍ରଥମ ସାଇକେଲ ଭେଲୋଡ୍ରୋମ। ଏହା ଭାରତର ପ୍ରଥମ ୨୫୦ ମିଟରବିଶିଷ୍ଟ କଂକ୍ରିଟ୍ ଭେଲୋଡ୍ରୋମ ହୋଇଥିବାରୁ ରାଜ୍ୟ ସାଇକ୍ଲିଂରେ ନୂଆ ସମ୍ଭାବନା ସୃଷ୍ଟି ହୋଇଛି...**

ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

## ଭାରତର ପ୍ରଥମ ୨୫୦ ମିଟର ଟ୍ରାକ୍

କିଟ୍ ପରିସରରେ ଭେଲୋଡ୍ରୋମ ଟ୍ରାକ୍ ଉଦ୍‌ଘାଟନ ହୋଇଥିବାରୁ ସ୍ୱାଭାବିକ ଭାବେ ବହୁତ ଖୁସି ଅଛନ୍ତି ଓଡ଼ିଶାର ତାରକା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ଆମ ରାଜ୍ୟରେ ପୂର୍ବରୁ ଭେଲୋଡ୍ରୋମ ନ ଥିଲା। ମୋ ଭଳି ସାଇକ୍ଲିଂକୁ କ୍ୟାରିୟର କରିଥିବା ପିଲାମାନେ ଟ୍ରେନିଂ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଭାବୁଛି ଏବେ ସେ ଅସୁବିଧା ଆଉ ରହିବନି। ପୂର୍ବରୁ ଆମ ପିଲାମାନେ କୌଣସି ପ୍ରତିଯୋଗିତା ପୂର୍ବରୁ ଭେନ୍ୟୁକୁ ଯାଇ ଅଳ୍ପକିଛି ଅଭ୍ୟାସ ସୁବିଧା ପାଉଥିଲେ। ଏବେ ସେମାନେ ଭଲଭାବେ ଅଭ୍ୟାସ କରି ପ୍ରତିଯୋଗିତାରେ ଭାଗ ନେଇପାରିବେ। ଏହା ହେଲେ ପ୍ରଦର୍ଶନ ମଧ୍ୟ ଭଲ ହୋଇ ପାରିବ। ମୁଁ କିଟ୍‌ରେ ଅଧ୍ୟୟନ କରୁଥିବାରୁ ଏପରି ଭେଲୋଡ୍ରୋମ୍‌ରେ ସବୁଠୁ ବେଶି ଖୁସି। କେତେକ ସ୍ଥାନରେ ୩୩୩ ମିଟର ଭେଲୋଡ୍ରୋମ ଅଛି। ମାତ୍ର ମୁଁ ଜାଣିବାରେ ୨୫୦ ମିଟର କଂକ୍ରିଟ ଭେଲୋଡ୍ରୋମ ଦେଶରେ ପ୍ରଥମ। ଆପାତତଃ ଏବେ ଆମକୁ ଆଉ ଦିଲ୍ଲୀ, ପଟିଆଲା କିମ୍ବା ଗୁଆହାଟୀ ଯାଇ ଅଭ୍ୟାସ କରିବାକୁ ପଡ଼ିବନି। ଏହା ବ୍ୟତୀତ ଏବେ କିଟ୍ ଭେଲୋଡ୍ରୋମ୍‌ରେ ଜାତୀୟ ସ୍ତରୀୟ ପ୍ରତିଯୋଗିତା ମଧ୍ୟ ହୋଇପାରିବ ବୋଲି ସ୍ୱସ୍ତି ପ୍ରକାଶ କରିଛନ୍ତି।




ସ୍ୱସ୍ତି ସିଂ

## ଶୁଭ ସଙ୍କେତ


ସୁଶୀଲ କୁମାର ଦାସ

ଓଡ଼ିଶାରେ ଭେଲୋଡ୍ରୋମ ଉପଲବ୍ଧ ହେବା ଏକ ଶୁଭ ସଙ୍କେତ। ଏହା ଆମମାନଙ୍କର ବହୁ ଦିନର ସ୍ୱପ୍ନ ଥିଲା। ଏଥିରେ ବର୍ଷ ସାରା ପିଲାମାନେ ଅଭ୍ୟାସ କରିପାରିବେ। ବ୍ୟକ୍ତିଗତ ପର୍ଶ୍ୟୁଟ ଆଦି କେତେକ ଇଭେଣ୍ଟ ମଧ୍ୟ ଏଥିରେ ହୋଇପାରିବ। ବୈଷୟିକ ଦୃଷ୍ଟିରୁ ଯଦି ଏଥିରେ କିଛି ତ୍ରୁଟି ରହିଥିବା ଜଣାପଡ଼ିବ ତେବେ ସେଥିରେ ସୁଧାର ଅଣାଯାଇ ପାରିବ। ଫଳରେ ଆଗାମୀ ଦିନରେ ଏଠାରେ ବଡ଼ ପ୍ରତିଯୋଗିତା ମଧ୍ୟ ସମ୍ଭବ ହୋଇପାରିବ। ମୋଟାମୋଟି କହିଲେ ସାଇକ୍ଲିଂରେ ରୁଚି ରଖୁଥିବା ଆମମାନଙ୍କ ପରି ବ୍ୟକ୍ତିଙ୍କ ପାଇଁ ଏହା ଏକ ଶୁଭ ସଙ୍କେତ ବୋଲି ପ୍ରତିଷ୍ଠିତ ସାଇକ୍ଲିଂ କୋଚ୍ ସୁଶୀଲ କୁମାର ଦାସ ପ୍ରକାଶ କରିଛନ୍ତି।

# ଅଲିମ୍ପିକ୍ ପାର୍କ, ମାର୍କ ସ୍ପିଜ୍ ଏବଂ ଡୋପିଙ୍ଗ୍


ଅଶୋକ ମହାନ୍ତି

**୧୯୭୨ରେ ଅଲିମ୍ପିକ୍ ପାର୍କରେ ଅନୁଷ୍ଠିତ ହୋଇଥିଲା ବିଂଶତମ ଅଲିମ୍ପିକ୍ କ୍ରୀଡ଼ା। ପ୍ରାୟ ପାଞ୍ଚଦଶକରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆଜି ଏହା ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ ଭାବେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇରହିଛି। ସ୍ୱତନ୍ତ୍ର ଶୈଳୀରେ ଉଚ୍ଚମାନର ସ୍ଥାପତ୍ୟ ସହିତ ପ୍ରାକୃତିକ ଦୃଶ୍ୟରାଜିର ମିଶ୍ରଣରେ ନିର୍ମିତ ଭିତ୍ତିଭୂମି ଅଲିମ୍ପିକ୍ ପାର୍କକୁ ଏକ ଅନନ୍ୟ କ୍ରୀଡ଼ାଙ୍ଗନ ଭାବେ ପରିଚୟ ଦେଇଛି...**

ଜର୍ମାନୀର ଅନ୍ୟତମ ପ୍ରସିଦ୍ଧ ଓ ପୁରାତନ ରାଜ୍ୟ ବାଭାରିଆର ରାଜଧାନୀ ମ୍ୟୁନିକ ସହର ଲୋକସଂଖ୍ୟା (୧୬ ଲକ୍ଷ) ଅନୁସାରେ ଜର୍ମାନୀର ତୃତୀୟ ବୃହତ୍ତମ (ବର୍ଲିନ ଓ ହାମବର୍ଗ ପରେ) ସହର ମ୍ୟୁନିକ ଆଲପ୍ସ ପର୍ବତମାଳାର ଉତ୍ତର ଭାଗରେ ଥିବା ଇସାର ନଦୀ କୂଳରେ ଅବସ୍ଥିତ। ବର୍ଲିନ ସହରଠାରୁ ପ୍ରାୟ ୬ ଘଣ୍ଟାର ରେଳ ଯାତ୍ରା ପରେ ଏହି ଲେଖକ ପହଞ୍ଚିଥିଲା ମ୍ୟୁନିକ୍ ସହରରେ। ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ତାଲିକାରେ ସର୍ବାଗ୍ରେ ରହିଥିଲା ''ଅଲିମ୍ପିକ୍ ପାର୍କ'' ଯେଉଁଠାରେ ୧୯୭୨ ମସିହାରେ ଅନୁଷ୍ଠିତ ହୋଇଥିଲା ବିଂଶତମ ଅଲିମ୍ପିକ୍ କ୍ରୀଡ଼ା ସମାରୋହ। ଜଣେ କ୍ରୀଡ଼ା ମନସ୍କ ବ୍ୟକ୍ତି ଭାବେ ଏହି ଲେଖକଙ୍କର ସର୍ବାଧିକ ଆକର୍ଷଣ ଥିଲା ଏହି ଐତିହାସିକ ସ୍ଥାନ ପରିଦର୍ଶନ କରିବା। ବିଶ୍ୱ ପ୍ରସିଦ୍ଧ କାର୍ ନିର୍ମାତା ବିଏମ୍‌ଡବ୍ଲ୍ୟୁର ମୁଖ୍ୟ କାର୍ଯ୍ୟାଳୟ ପାଖରେ ଅବସ୍ଥିତ ଅଲିମ୍ପିକ୍ ପାର୍କରେ ପ୍ରବେଶ କରିବା ସମୟରେ ୫୨ ବର୍ଷ ତଳର ସ୍ମୃତିକୁ ମନେପକାଇ ଏକ ଅଜଣା ପୁଲକରେ ଦେହ ଓ ମନ ଭିତରେ ଏକ ଶିହରଣ ଜାଗ୍ରତ ହୋଇଥିଲା।

୧୯୭୨ରେ ଏହି ଅଲିମ୍ପିକ୍ ପାର୍କରେ ଅନୁଷ୍ଠିତ ହୋଇଥିଲା ବିଂଶତମ ଅଲିମ୍ପିକ୍ କ୍ରୀଡ଼ା। ପ୍ରାୟ ପାଞ୍ଚଦଶକରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆଜି ଏହା ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ ଭାବେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇରହିଛି। ସ୍ୱତନ୍ତ୍ର ଶୈଳୀରେ ଉଚ୍ଚମାନର ସ୍ଥାପତ୍ୟ ସହିତ ପ୍ରାକୃତିକ ଦୃଶ୍ୟରାଜିର ମିଶ୍ରଣରେ ନିର୍ମିତ ଭିତ୍ତିଭୂମି ଅଲିମ୍ପିକ୍ ପାର୍କକୁ ଏକ ଅନନ୍ୟ କ୍ରୀଡ଼ାଙ୍ଗନ ଭାବେ ପରିଚୟ ଦେଇଛି। ପ୍ରାୟ ୮ ଲକ୍ଷ ୫୦ ହଜାର ବର୍ଗମିଟର ସ୍ଥାନରେ ପ୍ରସ୍ତୁତ ହୋଇଥିବା ଏହି ପାର୍କ ମଧ୍ୟରେ ରହିଛି ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂଶାବିଶେଷରୁ ପ୍ରସ୍ତୁତ ଛୋଟ ଛୋଟ ପାହାଡ଼ମାଳା ଏବଂ ଏକ ପ୍ରାକୃତିକ ହ୍ରଦ। ଏପରି ଏକ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ସ୍ଥାନ ପାଇଛି ଅଲିମ୍ପିକ୍ ଷ୍ଟାଡିୟମ, ହଲ୍, ସନ୍ତରଣାଗାର, ଅଲିମ୍ପିକ ଟାୱାର ଏବଂ ଅନ୍ୟ ଛୋଟବଡ଼ କୋଠାବାଡ଼ି।

ସର୍ବୋତ୍ତମ ସ୍ଥାପତ୍ୟ କଳାର ନିଖୁଣ ପ୍ରୟୋଗରେ ନିର୍ମିତ ଅଲିମ୍ପିକ୍ ଷ୍ଟାଡିୟମର ଛାତ ନିର୍ମାଣ ପାଇଁ ପ୍ରଥମ ଥର ଷ୍ଟିଲ୍ କେବୁଲ ଦ୍ୱାରା ସୁଦୃଢ଼ ଆକ୍ରେଲିକ୍ କାଚ ବ୍ୟବହାର କରାଯାଇଥିଲା।

ପ୍ରତୀକାତ୍ମକ ଭାବେ ଆଲପ୍ସ ପର୍ବତମାଳାର ଢାଞ୍ଚାରେ ଏହି ୮୦,୦୦୦ ବର୍ଗ ମିଟର ଛାତ ପ୍ରସ୍ତୁତ ହୋଇଥିଲା। ୧୯୭୨ ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ ପରେ ଏହି ଐତିହାସିକ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ୧୯୭୪ ଫିଫା ବିଶ୍ୱକପ୍ ଫାଇନାଲ । ୧୯୭୯, ୧୯୯୩, ୧୯୯୭ରେ ୟୁରୋପିଆନ କପ୍ ଫାଇନାଲ୍ସ ଏବଂ ୧୯୮୮ ୟୁଫା ୟୁରୋ ଫାଇନାଲ। ଏବେ ମଧ୍ୟ ପ୍ରତ୍ୟେକ ଦିନ ସହସ୍ରାଧିକ ଯୁବତୀ ଯୁବକ, ବୟସ୍କ ଚାଲିବା, ଜଗିଂ ଏବଂ ଦୌଡ଼ିବା ବ୍ୟତୀତ ବହୁ ସଂଖ୍ୟାରେ ପର୍ଯ୍ୟଟକ ଅଲିମ୍ପିକ୍ ପାର୍କକୁ ଭ୍ରମଣ ପାଇଁ ଯାଉଛନ୍ତି। ଏହି ପାର୍କରେ ଥିବା ଅଲିମ୍ପିକ ହଲ୍ ଏବଂ ଷ୍ଟାଡିୟମରେ ପ୍ରାୟ ନିୟମିତ ଭାବେ ସଙ୍ଗୀତ କନ୍‌ସର୍ଟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

୧୯୭୨ ଅଲିମ୍ପିକ୍ କ୍ରୀଡ଼ାର ୩ଟି ଘଟଣା ସ୍ମୃତିପଟରେ ସଜାଗ ହୋଇରହିଛି। ଅଲିମ୍ପିକ୍ ପାର୍କ ଭ୍ରମଣ ସମୟରେ ସେହି ସ୍ମୃତି ଉଜ୍ଜୀବିତ ହୋଇଛି।

### ଆତଙ୍କବାଦୀ ଆକ୍ରମଣ ବା ''ମ୍ୟୁନିକ୍ ମାସାକର''

ଅଲିମ୍ପିକ୍ କ୍ରୀଡ଼ାର ୧୨୮ ବର୍ଷ ଇତିହାସରେ ସବୁଠାରୁ ଦୁଃଖଦ ଭୟାନକ ଏବଂ ଲୋମହର୍ଷଣକାରୀ ଘଟଣା ଘଟିଥିଲା ୧୯୭୨ ମସିହା ମ୍ୟୁନିକ୍ ଅଲିମ୍ପିକ କ୍ରୀଡ଼ାଗ୍ରାମରେ। ସେପ୍ଟେମ୍ବର ୫ ତାରିଖ, ସମୟ ଭୋର ୪.୩୦, ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ''ବ୍ଲକ ସେପ୍ଟେମ୍ବର'' ୮ ସଦସ୍ୟ କ୍ରୀଡ଼ାଗ୍ରାମରେ ରହୁଥିବା ଇସ୍ରାଏଲର ଦୁଇଜଣ ଆଥଲେଟଙ୍କୁ ଗୁଳି ମାରି ହତ୍ୟା କରିବା ପରେ ଅନ୍ୟ ୯ ଜଣଙ୍କୁ ବନ୍ଦୀ ଭାବେ ବନ୍ଧକ ରଖି ଇସ୍ରାଏଲ ଜେଲରେ ବନ୍ଦୀ ଥିବା ପ୍ରାୟ ୨୩୪ ଜଣ ପାଲେଷ୍ଟାଇନଙ୍କ ମୁକ୍ତି ପାଇଁ ଦାବି ରଖିଥିଲେ। ପଶ୍ଚିମ ଜର୍ମାନୀ ପୋଲିସଙ୍କ ରେସ୍‌କ୍ୟୁ ଅପରେଶନରେ ୮ଜଣ ଆତଙ୍କବାଦୀଙ୍କ ମଧ୍ୟରୁ ୫ଜଣଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ଇସ୍ରାଏଲ ଆଥଲେଟସ୍‌ମାନେ ଆତଙ୍କବାଦୀଙ୍କ ଗୁଳିର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ସାରା ବିଶ୍ୱରେ ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଏବଂ ପଶ୍ଚିମ ଜର୍ମାନୀ ସରକାର ସମାଲୋଚିତ ହୋଇଥିଲେ। ବିଭିନ୍ନ ସୂତ୍ରରୁ ଜଣାଯାଏ ଯେ, ପରବର୍ତ୍ତୀ ସମୟରେ ଇସ୍ରାଏଲର ପ୍ରଖ୍ୟାତ ଗୁପ୍ତଚର ସଂସ୍ଥା ''ମୋସାଦ୍'' ଏହି ଆକ୍ରମଣ ପରିକଳ୍ପନା, ଯୋଜନା ଏବଂ ସମ୍ପାଦନ କରିବାରେ ସମ୍ପୃକ୍ତ ଥିବା ସଦସ୍ୟଙ୍କୁ ହତ୍ୟା କରି ବର୍ବର ଆକ୍ରମଣର ପ୍ରତିଶୋଧ ନେଇଥିଲେ।



### ସନ୍ତରଣ କିମ୍ବଦନ୍ତୀ ମାର୍କସ୍ପିଜ୍

ବିଶ୍ୱର ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ କ୍ରୀଡ଼ା ସାମରୋହ 'ଅଲିମ୍ପିକ୍ସ'ରେ ପଦକ ଜିତିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର ହୋଇଥାଏ। ତା' ସହିତ କୌଣସି ଇଭେଣ୍ଟରେ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ସେଇ ଇଭେଣ୍ଟରେ ବିଶ୍ୱର ସର୍ବଶ୍ରେଷ୍ଠ ଆଥଲେଟ୍‌ର ମାନ୍ୟତା ମିଳିଥାଏ। ମ୍ୟୁନିକ୍ ଅଲିମ୍ପିକ କ୍ରୀଡ଼ାରେ ଏପରି ଜଣେ କ୍ରୀଡ଼ାବିତ୍‌ଙ୍କ ଆବିର୍ଭାବ ହୋଇଥିଲା, ଯାହାଙ୍କ ଅବିଶ୍ୱସନୀୟ କ୍ରୀଡ଼ା ପ୍ରଦର୍ଶନ ବିଶ୍ୱବାସୀଙ୍କୁ ସ୍ତମ୍ଭୀଭୂତ କରିଥିଲା, ସେ ହେଲେ ଆମେରିକାର ବିସ୍ମୟ ସନ୍ତରଣକାରୀ ମାର୍କ ସ୍ପିଜ୍। ଅଲିମ୍ପିକ ସନ୍ତରଣ ପ୍ରତିଯୋଗିତାରେ ୭ଟି ଇଭେଣ୍ଟ ୧୦୦ମି. ଫ୍ରିଷ୍ଟାଇଲ, ୨୦୦ମି. ଫ୍ରିଷ୍ଟାଇଲ, ୧୦୦ମି. ବଟରଫ୍ଲାଏ, ୨୦୦ମି. ବଟରଫ୍ଲାଏ, ୪x୧୦୦ମି. ମିଡ୍‌ଲେ ରିଲେରେ ମୋଟ ୭ ସ୍ୱର୍ଣ୍ଣପଦକ ଜିତି ପ୍ରତ୍ୟେକ ଇଭେଣ୍ଟରେ ନୂତନ ବିଶ୍ୱ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ଗୋଟିଏ ଅଲିମ୍ପିକ୍ସରେ କୌଣସି ଜଣେ ଆଥ୍‌ଲେଟ ୭ଟି ସ୍ୱର୍ଣ୍ଣପଦକ ଜିତିବା ଥିଲା ଏକ ବିରଳତମ ପ୍ରଦର୍ଶନ, ଯାହାକୁ ଆଉ ଜଣେ ଆମେରିକୀୟ ସନ୍ତରଣକାରୀ ମାଇକେଲ ଫେଲପ୍ସ ଦୀର୍ଘ ୩୬ବର୍ଷ ପରେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ୮ ସ୍ୱର୍ଣ୍ଣପଦକ ଜିତି ଅତିକ୍ରମ କରିଥିଲେ। ଇସ୍ରାଏଲର ଆଥ୍‌ଲେଟ୍‌ସମାନଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଜୀଉ ବଂଶଜ ହୋଇଥିବାରୁ ପଶ୍ଚିମ ଜର୍ମାନୀ ସରକାର ଅଲିମ୍ପିକ କ୍ରୀଡ଼ା ସମାପ୍ତି ପୂର୍ବରୁ ମାର୍କଙ୍କୁ ନିଜ ଦେଶ ଫେରିଯିବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇ ଦେଇଥିଲେ।

ସେଇ ଐତିହାସିକ ସନ୍ତରଣାଗାରରେ କିଛିସମୟ ବିତାଇବା ଅବସରରେ ୫୨ବର୍ଷ ତଳର ମାର୍କ ସ୍ପିଜଙ୍କ କୀର୍ତ୍ତିମାନଭରା ପ୍ରଦର୍ଶନର ସ୍ମୃତି ମନ ଭିତରେ ରୋମାଞ୍ଚ ଭରିଦେଇଥିଲା।

### ଡୋପିଙ୍ଗ୍ ଏବଂ ପୂର୍ବ ଜର୍ମାନୀ ଆଥ୍‌ଲେଟ୍‌ସ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୫ ମେ ୮ରେ ପରାଜିତ ଜର୍ମାନୀ ମିତ୍ରଶକ୍ତିଙ୍କ ପାଖରେ ଆତ୍ମସମର୍ପଣ କରିବା ପରେ ୧୯୪୯ରେ ଦୁଇଭାଗରେ ପୂର୍ବ ଓ ପଶ୍ଚିମ ଜର୍ମାନୀ ଭାବେ ବିଭକ୍ତ ହୋଇଥିଲା। ଏହାର ୪୧ ବର୍ଷ ପରେ ୩ ଅକ୍ଟୋବର ୧୯୯୦ରେ ପୁନଶ୍ଚ ଦୁଇ ଜର୍ମାନୀର ମିଶ୍ରଣ ହୋଇଥିଲା। ପ୍ରଥମ ଅଲିମ୍ପିକ୍ସ (୧୮୯୬)ରୁ ୧୯୩୬ ବର୍ଲିନ କ୍ରୀଡ଼ା ପର୍ଯ୍ୟନ୍ତ ଜର୍ମାନୀ ଏକକ ଦେଶ ଭାବେ ସମସ୍ତ କ୍ରୀଡ଼ାରେ ଭାଗ ନେଇଥିଲେ ମଧ୍ୟ ଦ୍ୱିତୀୟ

**ମ୍ୟୁନିକ୍ ଡାଏରି**

ବିଶ୍ୱଯୁଦ୍ଧ ସମାପ୍ତି ପରେ ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଭାଗନେବା ପାଇଁ ଅନୁମତି ମିଳି ନ ଥିଲା। ୧୯୫୨ରେ କେବଳ ପଶ୍ଚିମ ଜର୍ମାନୀର ଆଥଲେଟ୍‌ମାନେ ଭାଗ ନେଇଥିଲେ। ପରବର୍ତ୍ତୀ ୧୯୫୬ରୁ ୧୯୬୪ ଟୋକିଓ କ୍ରୀଡ଼ା ପର୍ଯ୍ୟନ୍ତ ଦୁଇ ଦେଶର କ୍ରୀଡ଼ାବିତ୍‌ମାନେ ''ୟୁନାଇଟେଡ୍ ଟିମ୍ ଅଫ୍ ଜର୍ମାନୀ'' ବ୍ୟାନରରେ ଭାଗ ନେଇଥିବାବେଳେ ୧୯୬୮ରୁ ୧୯୮୮ ପର୍ଯ୍ୟନ୍ତ ସମସ୍ତ କ୍ରୀଡ଼ାରେ ସ୍ୱତନ୍ତ୍ର ଭାବେ ପୂର୍ବ ଜର୍ମାନୀ ଅଂଶ ଗ୍ରହଣ କରିଥିଲା। ସାରା ବିଶ୍ୱରେ ସାମ୍ୟବାଦୀ ଚିନ୍ତାଧାରାର ବିଲୟ ସହିତ ଶୀତଳ ଯୁଦ୍ଧର ପରିସମାପ୍ତି ପରେ ୧୯୯୦ରେ ଦୁଇ ଜର୍ମାନୀର ପୁନର୍ମିଳନ ହୋଇ ୧୯୯୨ଠାରୁ ଏକକ ଦେଶ ଭାବେ ଜର୍ମାନୀ ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେଇଆସୁଅଛି।

୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ କ୍ରୀଡ଼ାରେ ପୂର୍ବ ଜର୍ମାନୀ କ୍ରୀଡ଼ାବିତ୍‌ମାନଙ୍କର ଅଭୂତପୂର୍ବ ସଫଳତା ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଆଲୋଡନ ସୃଷ୍ଟି କରିଥିଲା। ମାତ୍ର ୧୭ ଲକ୍ଷ ଲୋକସଂଖ୍ୟା ଦେଶର କ୍ରୀଡ଼ାବିତ୍‌ମାନେ ୨୦ ସ୍ୱର୍ଣ୍ଣ, ୨୩ ରୌପ୍ୟ ଓ ୨୩ ବ୍ରୋଞ୍ଜ ପଦକ ଜିତି ମେଡାଲ ଟେବୁଲରେ ସୋଭିଏଟ୍ ରୁଷ ଏବଂ ଆମେରିକା ପଛକୁ ୩ୟ ସ୍ଥାନରେ ରହିବା କ୍ରୀଡ଼ା ବିଶେଷଜ୍ଞମାନଙ୍କୁ ବିସ୍ମିତ କରିଥିଲା। ତୁଳନାତ୍ମକ ଭାବେ ୪ ଗୁଣ ଅଧିକ ଲୋକ ସଂଖ୍ୟାର ଦେଶ ପଶ୍ଚିମ ଜର୍ମାନୀ ୪୦ ପଦକ ସହ ୪ର୍ଥ ସ୍ଥାନରେ ରହିଥିଲା।

ପୂର୍ବ ଜର୍ମାନୀ ଆଥଲେଟ୍‌ଙ୍କର ଏପରି ଉନ୍ନତ ପ୍ରଦର୍ଶନ ପଛରେ ରହିଥିଲା ଏକ ସୁଚିନ୍ତିତ ଯୋଜନା। ବହୁ ବର୍ଷ ଧରି ପୂର୍ବ ଜର୍ମାନୀ ସରକାର ଦେଶର ଏଲିଟ୍ ଆଥଲେଟମାନଙ୍କୁ ଶକ୍ତିବର୍ଦ୍ଧକ ନିଷିଦ୍ଧ ଷ୍ଟେରଏଡଯୁକ୍ତ ଔଷଧମାନ ସେବନ କରିବା ପାଇଁ ପ୍ରୋତ୍ସାହନ ଦେଇ ଆସୁଥିଲେ। ମ୍ୟୁନିକ୍ କ୍ରୀଡ଼ାରେ ଆଶାତୀତ ସଫଳତା ହାସଲ କଲାପରେ ପରବର୍ତ୍ତୀ ୧୯୭୬ (ମଣ୍ଟ୍ରିଲ୍) ଏବଂ ୧୯୮୦ (ମସ୍କୋ)ରେ ମଧ୍ୟ ପୂର୍ବ ଜର୍ମାନୀର କ୍ରୀଡ଼ାବିତ୍‌ମାନେ ଉନ୍ନତ ପ୍ରଦର୍ଶନ ଜାରି ରଖି ପଦକ ତାଲିକାରେ ୨ୟ ସ୍ଥାନରେ ରହିଥିଲେ। ୧୯୬୦ ଦଶକରୁ ଆରମ୍ଭ ହୋଇଥିବା ଏହି ସରକାର ପ୍ରୋତ୍ସାହିତ ଯୋଜନାର ଉଦ୍ଦେଶ୍ୟ ଥିଲା ଅନ୍ତର୍ଜାତୀୟ କ୍ଷେତ୍ର ତଥା ଅଲିମ୍ପିକ୍ କ୍ରୀଡ଼ାରେ ଉନ୍ନତ ପ୍ରଦର୍ଶନ ମାଧ୍ୟମରେ ନିଜ ଦେଶର ସମ୍ମାନ ଓ ଛବିକୁ ଅନ୍ୟ ଦେଶମାନଙ୍କ ତୁଳନାରେ ଅଧିକ ପ୍ରତିଷ୍ଠା କରିବା। କିନ୍ତୁ ପରବର୍ତ୍ତୀ ସମୟରେ 'ଡୋପିଙ୍ଗ୍' ପ୍ରୋଗ୍ରାମ ଦ୍ୱାରା ବହୁ କ୍ରୀଡ଼ାବିତ୍‌ଙ୍କୁ ଏହାର କୁପରିଣାମ ଭୋଗିବାକୁ ପଡ଼ିଥିଲା ଏବଂ ପୂର୍ବଜର୍ମାନୀ ଏଥିପାଇଁ ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ନିନ୍ଦିତ ହୋଇଥିଲା। ୧୯୯୦ ଦଶକରେ ଦୁଇ ଜର୍ମାନୀର ମିଶ୍ରଣ ପରେ ଏହି କୁଖ୍ୟାତ 'ଡୋପିଙ୍ଗ୍' ପ୍ରୋଗ୍ରାମର ପରିସମାପ୍ତି ଘଟିଥିଲା। ମ୍ୟୁନିକ୍ ଅଲିମ୍ପିକ୍ ପାର୍କ ଭ୍ରମଣ ଏକ ଅଭୁଲା ସ୍ମୃତି ଭାବେ ଉଜ୍ଜୀବିତ ରହିବ।

# ଆଜି କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ

ଝାରସୁଗୁଡ଼ା,୯।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ ଶୁକ୍ରବାର ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳେ ସମିତି ସଭ୍ୟ, ସରପଞ୍ଚ ଲୁଚିଥିବା ସନ୍ଦେହରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ପୁଅ ବିଶାଳ ଦାସଙ୍କ ଘରେ ଝାରସୁଗୁଡ଼ା ପୋଲିସ ଚଢ଼ାଉ କରିଛି। ସୂଚନା ଅନୁସାରେ କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁଙ୍କ ବିରୋଧରେ ଶୁକ୍ରବାର କିର୍ମିରା ପଞ୍ଚାୟତ ସମିତିଠାରେ ଅନାସ୍ଥା ଭୋଟ ହେବ। ଏହାକୁ ନେଇ ଦୀର୍ଘ ୫ ମାସ ହେବ ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଚାଲିଥିଲା। ହାଇକୋର୍ଟ ଅନାସ୍ଥା ପ୍ରସ୍ତାବ ଭୋଟ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଭୋଟ ଶୁକ୍ରବାର ହେବା ପାଇଁ ଉପଜିଲାପାଳ ସବ୍ୟସାଚୀ ପଣ୍ଡା ବିଜ୍ଞପ୍ତି ଓ ସମସ୍ତ ପ୍ରତିନିଧିଙ୍କୁ ନୋଟିସ ଜାରି କରିଥିଲେ।

ଏହି ଅନାସ୍ଥା ପ୍ରସ୍ତାବ ପ୍ରକ୍ରିୟା ଚାଲୁ ହେବା ଦିନଠାରୁ ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ ଆଜ୍ଞାତବାସରେ ଅଛନ୍ତି।

**ବିଶାଳ ଦାସଙ୍କ ହୋଟେଲରେ ପୋଲିସର ଚଢ଼ାଉ**

ପୂର୍ବତନ ବିଧାୟିକା ଦୀପାଳି ଦାସ ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ ଓଡ଼ିଶା ପୋଲିସର ଜଣେ ହାବିଲଦାର ତାଙ୍କ ବାପା ନବ ଦାସଙ୍କୁ ଗୁଳିକରି ହତ୍ୟା କରିଥିଲେ। ପୁଣି ଗୁରୁବାର ସକାଳ ୯ଟାରେ ଲଇକେରା ଆଇଆଇସି ଦିଲୀପ ବେହେରା ବିନା ସର୍ଚ୍ଚ ୱାରେଣ୍ଟରେ ତାଙ୍କ ବଡ଼ ଭାଇ ବିଶାଳ ଦାସଙ୍କ ସମ୍ବଲପୁର ମାଝିପାଲିସ୍ଥିତ ହୋଟେଲ ଡି ଲାଉଞ୍ଜରେ ପ୍ରବେଶ କରି ହୋଟେଲ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ସେଠାରେ ଚଢ଼ାଉ କରିଥିଲେ। ସେ କହିଛନ୍ତି, ଓଡ଼ିଶା ପୋଲିସର ଏପରି ଘଟଣା ଆମକୁ ମର୍ମାହତ କରିଛି। ଏ ନେଇ ବିଶାଳ ଦାସ ଆଇଜି ହିମାଂଶୁ ଲାଲଙ୍କୁ ଭେଟିତାଙ୍କ ପରିବାର ପାଇଁ ସୁରକ୍ଷା ମାଗିଛନ୍ତି। ଶୁକ୍ରବାର କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ ସମୟରେ କୌଣସି ଅସୁବିଧା ତଥା ଦୁର୍ଘଟଣା ହେଲେ ସ୍ଥାନୀୟ ବିଧାୟକ, ଜିଲା ପ୍ରଶାସନ ଓ ପୋଲିସ ଦାୟୀ ରହିବେ ବୋଲି ବିଶାଳ ସୂଚନା ଦେଇଛନ୍ତି।



କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ବିରୋଧରେ ଭାଜପା ନେତା ରମେଶ ବିଧୁରି ଦେଇଥିବା ବିବାଦୀୟ ମନ୍ତବ୍ୟ ପ୍ରତିବାଦରେ କୋଲକାତାରେ କଂଗ୍ରେସ କର୍ମକର୍ତ୍ତାମାନେ ଗୁରୁବାର ପ୍ରତିବାଦ କରୁଛନ୍ତି। ସୂଚନା ଦିଆଯାଇପାରେ, କାଲକାଜି ବିଧାନସଭା ଆସନରୁ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଧୁରି କହିଥିଲେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ଜିତିଲେ ସେ ତାଙ୍କ ନିର୍ବାଚନମଣ୍ଡଳୀର ରାସ୍ତାଗୁଡ଼ିକୁ କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କ ଗାଲ ଭଳି ଚିକ୍କଣ କରିଦେବେ।

# ଦିଲ୍ଲୀରେ ମାଗଣା ବିଜୁଳି, ଲାଡ୍‌ଲି ବେହନା ସ୍କିମ୍ ଆଣିପାରେ ଭାଜପା

ନୂଆଦିଲ୍ଲୀ,୯।୧

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭୋଟରମାନଙ୍କୁ ପ୍ରଲୋଭିତ କରିବା ପାଇଁ ଶାସକ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଏବଂ ବିରୋଧୀ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜୋର୍‌ଦାର ହୋଇଛି। ଆପ୍‌ର ନିର୍ବାଚନୀ ପ୍ରତିଶ୍ରୁତିକୁ ଟକ୍କର ଦେବା ଲାଗି ଭାଜପା ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ମାଗଣା ପାନୀୟ ଜଳ ଏବଂ ମହିଳାମାନଙ୍କୁ ଆକୃଷ୍ଟ କରିବା ପାଇଁ ଲାଡଲି ବେହନା ଭଳି ଯୋଜନାର ପ୍ରତିଶ୍ରୁତି ଦେଇପାରେ ବୋଲି ଜଣାପଡ଼ିଛି। ଏଥିସହିତ ଭାଜପା ମନ୍ଦିର, ଗୁରୁଦ୍ୱାରା ଆଦି ଧର୍ମୀୟ ସ୍ଥଳଗୁଡ଼ିକୁ ୫୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣା ଦେବା ପାଇଁ ଯୋଜନା କରିଛି। ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରତିଶ୍ରୁତି ଦେଇ ଭାଜପା ସଫଳତା ପାଇଥିବାବେଳେ ଦିଲ୍ଲୀରେ ମଧ୍ୟ ଅନୁରୂପ ଯୋଜନାର ପ୍ରତିଶ୍ରୁତି ଦେଇପାରେ ବୋଲି କୁହାଯାଉଛି। ସମ୍ପ୍ରତି ମହିଳାମାନେ ନୂଆ ଭୋଟବ୍ୟାଙ୍କ ଭାବେ ଉଭା ହୋଇଛନ୍ତି। ତେଣୁ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତ୍ୟେକ ଦଳ ଉଦ୍ୟମ କରୁଛନ୍ତି। ଆପ୍ ଏବଂ କଂଗ୍ରେସ ମଧ୍ୟ ମହିଳାଙ୍କ ହାତକୁ ସିଧାସଳଖ ଟଙ୍କା ଦେବା ପାଇଁ ଯୋଜନା ଆଣିବାକୁ କହିଛନ୍ତି। ତୃତୀୟ ଥର ପାଇଁ କ୍ଷମତା ବଜାୟ ରଖିବାକୁ ଲକ୍ଷ୍ୟ ରଖିଥିବା ଆପ୍ ମହିଳା ସମ୍ମାନ ଯୋଜନାକୁ ଏହାର ମୁଖ୍ୟ ଗେମ୍ ପ୍ଲାନ୍ କରିଛି। ଏହି ଯୋଜନାରେ ଦିଲ୍ଲୀର ମହିଳାମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ମାସିକ ୧,୦୦୦ ଟଙ୍କା ଓ ପରେ ୨,୧୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଶାସକ ଦଳ ସଞ୍ଜୀବନୀ ଯୋଜନାର ପ୍ରତିଶ୍ରୁତି ଦେଇଛି। ଦିଲ୍ଲୀର ଅଟୋ ଡ୍ରାଇଭରମାନଙ୍କ ପାଇଁ ଆପ୍ ନେତା ଅରବିନ୍ଦ କେଜ୍‌ରିୱାଲ ୧୫ ଲକ୍ଷ ଟଙ୍କାର ଜୀବନ ବୀମା ସହ ଝିଅ ବାହାଘର ପାଇଁ ଲକ୍ଷେ ଟଙ୍କା ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

**ପୋଲିସ ମିତ୍ରଙ୍କ ହତ୍ୟା ଘଟଣା**

# ପରିବାରକୁ ୧କୋଟିର କ୍ଷତିପୂରଣ ଦେବାକୁ ବିଜେଡିର ଦାବି

ଭୁବନେଶ୍ୱର,୯।୧(ଅନିଲ ଦାସ)

ସଫେଇ କର୍ମଚାରୀ ସଂଘ ସଭାପତି ସହଦେବ ନାୟକଙ୍କ ବୀଭତ୍ସ ହତ୍ୟା ଘଟଣାରେ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀଙ୍କୁ ପୋଲିସ ଖୋଜି ବାହାର କରିବା ସହିତ ମୃତକଙ୍କ ପରିବାରକୁ ୧କୋଟି ଟଙ୍କାର କ୍ଷତିପୂରଣ ସହ ତାଙ୍କ ପତ୍ନୀଙ୍କୁ ଚାକିରି ପ୍ରଦାନ କରିବା ପାଇଁ ଭୁବନେଶ୍ୱର(ମଧ୍ୟ)ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଏବଂ ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ ରାଉତ ଦାବି କରିଛନ୍ତି।

ଗୁରୁବାର ଶଙ୍ଖଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଅନନ୍ତ କହିଛନ୍ତି, ରାଜଧାନୀ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଚାଲିଥିବା ବେଳେ, ଜଣେ ପୋଲିସ ମିତ୍ରଙ୍କ ବୀଭତ୍ସ ହତ୍ୟାକାଣ୍ଡ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି। ଜଣେ ପୋଲିସ ମିତ୍ରଙ୍କୁ ସୁରକ୍ଷା ପ୍ରଦାନ କରିବାରେ ପୋଲିସ ବିଫଳ ହେବା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବିଷୟ। ଏଠାରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ଯଦି ଜଣେ ପୋଲିସ ମିତ୍ରଙ୍କୁ ସୁରକ୍ଷା ଦେବାରେ ପୋଲିସ ବିଫଳ ହେଉଛି ତେବେ ସାଧାରଣ ଲୋକଙ୍କୁ କିପରି ସୁରକ୍ଷା ପ୍ରଦାନ କରିବ। ଏହି ହତ୍ୟାଘଟଣାରୁ ରାଜ୍ୟରେ ବ୍ରାଉନସୁଗାର ବେପାର ଅହେତୁକ ଭାବେ ବୃଦ୍ଧି ପାଇଛି ବୋଲି ସ୍ପଷ୍ଟ ହେଉଛି। ବୁଧବାର ହତ୍ୟାରେ ବ୍ରାଉନସୁଗାର ବେପାରରେ ସେହି ବ୍ୟକ୍ତିମାନଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଛି। ପୋଲିସ ଜଣେ ପୋଲିସ ମିତ୍ରକୁ ସୁରକ୍ଷା ଦେବାରେ ବିଫଳ ହୋଇଛି, ଯେଉଁଥିପାଇଁ ରାଜ୍ୟବାସୀଙ୍କ ମନରେ ପୋଲିସ ପାଇଁ ଥିବା ଭରସା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତକ ସହଦେବଙ୍କ ପରିବାରକୁ ରାଜ୍ୟ ପୋଲିସ ତରଫରୁ ୧କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉ ବୋଲି ବିଜେଡି ଦାବି କରିଛି।

ସୁଲୋଚନା ଦାସ କହିଛନ୍ତି, ଏଭଳି ଏକ ବୀଭତ୍ସ ଘଟଣା ରାଜଧାନୀ ଭୁବନେଶ୍ୱରରେ ଘଟିଥିବାରୁ ଭୁବନେଶ୍ୱର ମେୟର ଭାବେ ସେ ଲଜ୍ଜିତ। ସହଦେବ ନାୟକ ସଫେଇ କର୍ମଚାରୀ ସଂଘର ସଭାପତି ଭାବେ ଭୁବନେଶ୍ୱରକୁ ପରିଷ୍କାର ପରିଚ୍ଛନ୍ନ ରଖିବା କାର୍ଯ୍ୟରେ ନେତୃତ୍ୱ ନେଉଥିଲେ। ତାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉ ଓ ତାଙ୍କ ପତ୍ନୀଙ୍କୁ ଚାକିରି ଦିଆଯାଉ ବୋଲି ସେ ଦାବି କରିଛନ୍ତି।

ସେହିପରି ବିଧାୟକ ସୁଶାନ୍ତ ରାଉତ କହିଛନ୍ତି, ସହରକୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଆସିବାକୁ ଥିବାବେଳେ ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ସମୟରେ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଘଟିବା ଆମ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ପୋଲିସ ଘଟଣାର ରହସ୍ୟକୁ ଉନ୍ମୋଚନ କରିବା ସହିତ ଷଡ଼ଯନ୍ତ୍ରକାରୀଙ୍କୁ ମଧ୍ୟ ଲୋକଲୋଚନକୁ ଆଣୁ ବୋଲି ସେ ଦାବି କରିଛନ୍ତି।

# ବିଜେଡି-ଭାଜପା କର୍ମୀ ମୁହାଁମୁହିଁ

କେନ୍ଦୁଝର,୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଟ୍ରାଫିକ୍ ଜାମ୍‌କୁ ନେଇ ରାଜନୈତିକ ହିଂସା**

କେନ୍ଦୁଝର ସହରରେ ଟ୍ରାଫିକ୍ ସମସ୍ୟାକୁ ନେଇ ବିଜେଡି ଓ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ଉଭୟ ପକ୍ଷ ହାତାହାତି ହୋଇଥିବା ଜଣାପଡ଼ିଛି। ଘଟଣାରେ ୨ ଜଣ ଆହତ ହୋଇଥିବା ବେଳେ ଟାଉନ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ପୃଥକ୍ ୪ଟି ମାମଲା ରୁଜୁକରି ତଦନ୍ତ କରୁଛି।

ବୁଧବାର ରାତିରେ ମାଇନିଂ ରୋଡ୍‌ରେ ସବୁଦିନ ଭଳି ଭିଡ଼ ରହିଥିଲା। ସ୍ଥାନୀୟ କୃଷକ ବଜାର ନିକଟରେ ଗାଡ଼ିପାର୍କିଂ କରିବାକୁ ନେଇ ଭାଜପା ନେତା ସିଣ୍ଟୁ ସାହୁ ଓ ବିଜେଡି ନେତା ରାଜା ଚକ୍ରଙ୍କ ସମର୍ଥକଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ମାରପିଟ ହୋଇଥିଲା। ଘଟଣାରେ ରାଜା ଚକ୍ରଙ୍କ ଭାଇ ଆହତ ହୋଇଥିବା ବେଳେ ସିଣ୍ଟୁ ସାହୁଙ୍କ ସମର୍ଥକ ବିଶ୍ୱନାଥ ରାଉଳ ଆହତ ହୋଇଛନ୍ତି। ଟାଉନ ଥାନା ପୋଲିସ ସ୍ଥିତିକୁ ନିୟନ୍ତ୍ରଣ କରିବା ସହ କେତେଜଣଙ୍କୁ ଥାନାକୁ ନେଇଥିଲା। ପରେ ବିଜେଡି ସମର୍ଥକମାନେ ଟାଉନ ଥାନା ଘେରାଉ କରିବା ପରେ ଉତ୍ତେଜନା ଦେଖାଦେଇଥିଲା। ପରେ ଉଭୟ ଗୋଷ୍ଠୀ ପରସ୍ପରକୁ ଦୋଷାରୋପ କରି ୨ଟି ଲେଖାଏ ଏତଲା ଦେଇଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ୪ଟି ମାମଲା ରୁଜୁକରିଛି।

## ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୫

# ଲୋକକଳା, ସାହିତ୍ୟ ଓ ସଂସ୍କୃତିର ମିଳନ କ୍ଷେତ୍ର

ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀ ଅବବାହିକାରେ ଗଢ଼ିଉଠିଛି ସୁବର୍ଣ୍ଣପୁର। ମନ୍ଦିରମାଳିନୀ ଏହି ସହରର ଐତିହାସିକ ପୃଷ୍ଠା ଯେତିକି ସୁଦୀପ୍ତ, ଐତିହାସିକ ଦୃଷ୍ଟିକୋଣରୁ ସେତିକି ଚର୍ଚ୍ଚିତ। ଏଠାକାର ଜନଜୀବନରେ ରହିଛି ନିଜର ସ୍ୱତନ୍ତ୍ରତା। ଚିରସ୍ରୋତା ମହାନଦୀ, ତେଲ୍‌ନଦୀ, ଅଙ୍ଗନଦୀ ସହ ଅନେକ ନଦୀ, ଉପନଦୀ ଓ ହରିହରଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ ଯୋଗୁ ମଧୁର ଜଳର ଭଣ୍ଡାର ହେଉଛି ଏହି ଜିଲା। ଏକ ସମୃଦ୍ଧ କୃଷି ପରମ୍ପରା, ସୁସଂହତ ସାମାଜିକ ଜୀବନଚର୍ଯ୍ୟା ଓ ସଂହତି, ଶୃଙ୍ଖଳା ସହ ମାନବ ପ୍ରେରିତ ଚିନ୍ତନ ସୁବର୍ଣ୍ଣପୁରର ଅନନ୍ୟ ପରିଚୟ। ମହାନଦୀର ଉଭୟ ପାର୍ଶ୍ୱରେ ନୀଳ ପାହାଡ଼ ସହ ନଦୀର ନୀଳ ଜଳରାଶି ପୃଥିବୀ ଓ ଆକାଶ ମଧ୍ୟରେ ମଧୁର ମିଳନ କରିଛି। ମହାନଦୀର ପ୍ରବାହିତ ଜଳଧାରା ବହୁଧା ଧର୍ମୀୟ ରଙ୍ଗରେ ପ୍ରତିବିମ୍ବିତ। ପୁରାତନ ନଦୀ ସଭ୍ୟତାରେ ଗଢ଼ିଉଠିଛି ଶୈବ, ଶାକ୍ତ, ବୈଷ୍ଣବ, ବୌଦ୍ଧ ଓ ମହିମା ଧର୍ମର ପ୍ରସିଦ୍ଧ ପୀଠ। ମାଟିର ମହକରେ ଉଦ୍‌ଭାସିତ ଜଗତ କଲ୍ୟାଣର କଥାମୃତ। ସାଧକ ଓ ସାଧନାର ମନ୍ତ୍ରିତ ମାଟି ସୁବର୍ଣ୍ଣପୁର। ଏ ମାଟିର ବର୍ଣ୍ଣିଳ ଲୋକସଂସ୍କୃତି, ଲୋକକଳା, ସାହିତ୍ୟ ଓ ବୟନ ଶିଳ୍ପ ତଥା ଗ୍ରାମୀଣ କୁଟୀର ଶିଳ୍ପ ପ୍ରସିଦ୍ଧି ଲାଭ କରିଛି। ବିଶେଷତଃ ଉର୍ବର ମାଟିରୁ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ଧାନ, ମୁଗ ଓ ଉନ୍ନତ କପାର ବେଶ୍ ଚାହିଦା ରହିଛି।

**୩୧ବର୍ଷର ଲୋକ ମହୋତ୍ସବ**

ଓଡ଼ିଆ ଭାଷା ଓ ସାହିତ୍ୟକୁ ସୁବର୍ଣ୍ଣପୁର ରାଜ ଦରବାରର ବଡ଼ ଅବଦାନ ରହିଛି। ଏହି ମାଟିର ଶାସକ ମହାରାଜା ବୀର ମିତ୍ରୋଦୟ ସିଂହଦେଓ ସଂସ୍କୃତ, ଓଡ଼ିଆ, ବଙ୍ଗଳା ଓ ଇଂଲିଶ୍ ଭାଷାରେ ଲିଖିତ ଶତାଧିକ ପୁସ୍ତକ ପ୍ରକାଶନ କରି ଭାଷା-ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ତାଙ୍କ ପୃଷ୍ଠପୋଷକତାରେ ପ୍ରଥମ କରି ୧୯୧୯ରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଏମ୍.ଏ. ଶ୍ରେଣୀ ଖୋଲିଥିଲା। ଓଡ଼ିଆ ଭାଷାକୁ ସେ ସର୍ବଭାରତୀୟ ସ୍ତରରେ ପରିଚିତ କରାଇଥିଲେ। ସେହିଭଳି ରେଭେନ୍ସା କଲେଜରେ ଇଂଲିଶ୍ ଏମ୍.ଏ. ଶ୍ରେଣୀ ଖୋଲି ଓଡ଼ିଶାରେ ଇଂଲିଶ୍ ଉଚ୍ଚ ଶିକ୍ଷାର ପ୍ରସାର ସେ କରାଇପାରିଛନ୍ତି।

ସ୍ୱତନ୍ତ୍ର ଜିଲା ଗଠନ ପରେ ଏଠାରେ ଲୋକ ମହୋତ୍ସବ ପାଳନ୍ତିଛି ଲୋକକଳା, ସାହିତ୍ୟ ଓ ସଂସ୍କୃତିର ମିଳନ କ୍ଷେତ୍ର। ଏହି ମହୋତ୍ସବ ଚଳିତଥର ୩୧ ବର୍ଷରେ ପଦାର୍ପଣ କରିଛି। ଅତୀତକୁ ମନେପକାଇବା ସହିତ ଐତିହ୍ୟକୁ ସାଉଁଟି ଆଣିବାରେ ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଓ ଜନସାଧାରଣ ଉଦ୍ୟମ କରିଆସୁଛନ୍ତି। ମହୋତ୍ସବ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ପ୍ରଦର୍ଶନ ଜନସାଧାରଣଙ୍କୁ ଆକୃଷ୍ଟ କରେ। ଏହି ପାଞ୍ଚଦିନିଆ ମହୋତ୍ସବ ଦ୍ୱାରା ଲୁପ୍ତପ୍ରାୟ ଲୋକକଳା, ଲୋକସଙ୍ଗୀତ ଓ ସଂସ୍କୃତିର ପୁନର୍ବିନ୍ୟାସ ହୋଇପାରୁଛି। ପାରମ୍ପରିକ ଲୋକକଳାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଓ କଳା ନୈପୁଣ୍ୟ ପ୍ରଦର୍ଶନ ପାଇଁ ଲୋକ ମହୋତ୍ସବ ଏକ ମାଧ୍ୟମ ହୋଇଛି।

ଉପସ୍ଥାପନା:
ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର

**ଶୁଭେଚ୍ଛା ବାର୍ତ୍ତା**

ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ-ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ-ସଭ୍ୟା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମରତ ବିଭାଗୀୟ ଅଧିକାରୀବୃନ୍ଦ ଓ ଅଧ୍ୟୟନରତ ଛାତ୍ର-ଛାତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଚଳିତ ବର୍ଷ ୨୦୨୫-୨୬ ଓଡ଼ିଶାରେ ପି.ଏମ୍.ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କର ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ କଳା, ସାହିତ୍ୟ ସୃଜନଶୀଳତା ବଢ଼ାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢ଼ାଇବା ଦିଗରେ ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଭୁକ୍ତ କରାଯିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ପ୍ରସ୍ତାବିତ ୧୧୩ଗୋଟି (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସରକାରୀ ବିଦ୍ୟାଳୟମାନଙ୍କ ମଧ୍ୟରୁ ୮ଗୋଟି ବିଦ୍ୟାଳୟକୁ ପ୍ରଥମ ସୋପାନରେ ସରକାର ସଦୟ ମଞ୍ଜୁର ପ୍ରଦାନ କରିଛନ୍ତି। ଏହି ସ୍କୁଲଗୁଡ଼ିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବ୍ୟକ୍ତି ସୃଷ୍ଟି କରିବା ଦିଗରେ ସହାୟକ ହେବ। ଜିଲ୍ଲାର ପ୍ରତି ପିଲା ଏସବୁ ଯୋଜନାରୁ ଉପକୃତ ହୋଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମାଁ ସୁରେଶ୍ୱରୀ ସହାୟକ ହୁଅନ୍ତୁ।

ସ୍ୱା./- ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର
ସ୍ୱା./- ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର



# ସୁବର୍ଣ୍ଣପୁରର ସାଂସ୍କୃତିକ ଐତିହ୍ୟ

ସର୍ବଧର୍ମ ସମନ୍ୱୟ ସ୍ଥଳୀର ଏକ ପବିତ୍ର ସ୍ଥାନ ହେଉଛି ସୁବର୍ଣ୍ଣପୁର। ଦ୍ୱିତୀୟ ବାରାଣସୀ ଭାବେ ଏହା ଖ୍ୟାତି ଲାଭ କରିଛି। ପ୍ରାଚୀନ ସଂସ୍କୃତି, ପରମ୍ପରା ତଥା ଏଠାକାର ଶତାଧିକ ମନ୍ଦିର ଅଞ୍ଚଳର ମହନୀୟତାକୁ ସୂଚିତ କରିଥାଏ। ସୁବର୍ଣ୍ଣପୁର ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବରେ ପ୍ରତିଷ୍ଠା ପାଇଛି। ଏହା ପ୍ରାକୃତିକ ଦୃଷ୍ଟିରୁ ଯେତିକି ମନୋରମ, ଉତ୍କୃଷ୍ଟ କଳା ଓ ସଂସ୍କୃତି ଦୃଷ୍ଟିରୁ ସେତିକି ମହତ୍ତ୍ୱପୂର୍ଣ୍ଣ। ପଶ୍ଚିମ ଓଡ଼ିଶାର ଜଙ୍ଗଲ, ପାହାଡ଼ ଝରଣାଘେରା ଏହି ଭୂସ୍ୱର୍ଗରେ ପ୍ରଭୁ ଶ୍ରୀ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇ ତାଙ୍କର ଗୁପ୍ତଲୀଳା ସମ୍ପାଦନ କରିଥିଲେ। ତେଣୁ ସୁବର୍ଣ୍ଣପୁର ଯଥାର୍ଥରେ ଏକ ଦେବଭୂମି।

ମହିମାଧର୍ମର ପ୍ରବକ୍ତା ବିଶ୍ୱପୁରୁଷ ସନ୍ଥକବି ଭୀମ ଭୋଇ ଜିଲାର ଖଲିଆପାଲିଠାରେ ଆଶ୍ରମ ସ୍ଥାପନ କରି ସାହିତ୍ୟ ସାଧନା କରିଥିଲେ। ସନ୍ଥକବିଙ୍କର ବିଶ୍ୱପ୍ରସିଦ୍ଧ ଧାଡ଼ି ସବୁ ଏହି ମାଟିରୁ ହିଁ ନିଃସୃତ ହୋଇଛି। ଏଠାରେ ଥିବା ଭୀମ ଭୋଇଙ୍କର ସମାଧିପୀଠ ଅନେକ ମହିମାପନ୍ଥୀ ଭକ୍ତ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ। ସୁଧାସାର ଗୀତାର ରଚୟିତା ସନ୍ଥକବି ଚନ୍ଦ୍ରମଣି ଦାସଙ୍କ ସିଦ୍ଧି ଓ ସାଧନାର କ୍ଷେତ୍ର ଭାବରେ ସୁବର୍ଣ୍ଣପୁର ଜିଲାର ବାଘପାଲି ବିଦିତ। ଏହି ଅଞ୍ଚଳର ବରପୁତ୍ରମାନେ ଦେଶର ସ୍ୱାଧୀନତା ଆନ୍ଦୋଳନଠାରୁ ଆରମ୍ଭ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ନିୟୋଜିତ ରହି ଅଞ୍ଚଳର ତଥା ଦେଶମାତୃକାର ସେବା କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛନ୍ତି। ଏହି ମାଟିର କୃତୀ ସନ୍ତାନମାନେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ପାଇ ଅଞ୍ଚଳକୁ ମହିମାମଣ୍ଡିତ କରିଛନ୍ତି।

କଳା, ସାହିତ୍ୟ ଓ ସଂସ୍କୃତିକୁ ଭଲ ପାଉଥିବା ସୁବର୍ଣ୍ଣପୁରବାସୀ ଓ ଜିଲା ପ୍ରଶାସନର ମିଳିତ ପ୍ରୟାସରେ ସୁବର୍ଣ୍ଣ ଲୋକମହୋତ୍ସବ ପାଳିତ ହୋଇ ଆସୁଛି। ବର୍ଷକୁ ବର୍ଷ ତା'ର ଆକର୍ଷଣ ବୃଦ୍ଧି ପାଇବାରେ ଲାଗିଛି। ଏହି ମହୋତ୍ସବ ଜରିଆରେ ଲୁପ୍ତପ୍ରାୟ ସ୍ଥାନୀୟ ଲୋକକଳା, ସଂସ୍କୃତିର ପୁନର୍ବିନ୍ୟାସ ଓ ପୁନରୁତ୍‌ଥାନ ସମ୍ଭବ ହୋଇପାରିଛି। ପୁଣି ଦେଶର ବିଭିନ୍ନ ସ୍ଥାନର ଲୋକଗୀତ, ନୃତ୍ୟ ପରିବେଷିତ ହୋଇ ଏକ ସାଂସ୍କୃତିକ ବିନିମୟର ଧାରା ସୃଷ୍ଟି ହୋଇଛି। ଏହି ଲୋକ ମହୋତ୍ସବ ଆମ ଅଞ୍ଚଳରେ ଏକ ଜାଗରଣ ସୃଷ୍ଟି କରିଛି। ଏଠାକାର ଜନଜୀବନକୁ ଏକ ନୂତନ ମୂଲ୍ୟବୋଧ ଦେଇଛି।

ଡ. ଦେବାଶିଷ ପାଣ୍ଡିଆ
ସାହିତ୍ୟ ଓ ସଂସ୍କୃତି ଗବେଷକ, ସୁବର୍ଣ୍ଣପୁର




**ସୁବର୍ଣ୍ଣ ଲୋକ ମହୋତ୍ସବ - ୨୦୨୫**
**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର**
**ଶିଶୁ ହସିଲେ... ଦେଶ ହସିବ...**

ଆପଣ ଏକ ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ଚାହୁଁଛନ୍ତି କି ?

- ଫୋଷ୍ଟର କେୟାର ବା ପ୍ରତିପାଳନ ଯତ୍ନ ଯୋଜନା ମାଧ୍ୟମରେ ଆପଣ ଜଣେ ଶିଶୁର ଅଭିଭାବକ ହେବା ସହ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରିପାରିବେ।
- ୬ବର୍ଷ, ୧୮ବର୍ଷର ଶିଶୁ ଯେଉଁମାନେ ଶିଶୁ ମଙ୍ଗଳ କମିଟି ଦ୍ୱାରା ଆଇନଗତ ମୁକ୍ତ ଘୋଷିତ ହୋଇ ୩ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଅଛି, ସେମାନଙ୍କୁ ଫୋଷ୍ଟର କେୟାର ମଧ୍ୟରେ ଗ୍ରହଣ କରାଯିବ।
- ଉଭୟ ପତି ପତ୍ନୀ ଉକ୍ତ ଶିଶୁକୁ ପ୍ରତିପୋଷଣ କରିବାକୁ ଇଚ୍ଛୁକ ଥିବେ ଏବଂ ୩୫ ବର୍ଷରୁ ଅଧିକ ବୟସ ହୋଇଥିବ। ଶାରୀରିକ ମାନସିକ ଭାବେ ସୁସ୍ଥ ଥିବେ।

ଶ୍ରୀମତୀ ଅନ୍ୟା ଦାଶ, ଭା.ପ୍ର.ସେ.
ଜିଲ୍ଲାପାଳ ତଥା ଅଧ୍ୟକ୍ଷା
ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସୁବର୍ଣ୍ଣପୁର

ଶ୍ରୀ ଚତୁର୍ଭୁଜ ଦାଶ
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ
ସୁବର୍ଣ୍ଣପୁର









ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୦/୨୦୨୫ Bhubaneswar, Friday, January 10/ 2025



ଖୋ ଖୋ ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ମହିଳା ଓ ପୁରୁଷ ଦଳ କର୍ମକର୍ତ୍ତାଙ୍କ ଗହଣରେ।

## ଜ୍ୟୋତ୍ସ୍ନାଙ୍କୁ ସ୍ୱର୍ଣ୍ଣ, ତୁଳସୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ବ୍ରହ୍ମପୁରରେ ଗୁରୁବାର ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ଜାତୀୟ ଜୋନାଲ ଭାରୋତ୍ତୋଳନ ଲିଗ୍‌ର ମହିଳା ୟୁଥ୍ ୪୦ କେଜି ବର୍ଗରେ ଓଡ଼ିଶାର ଜ୍ୟୋତ୍ସ୍ନା ସବର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୩ ଏହିପରି ମୋଟ ୧୧୮ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ତାମିଲନାଡୁର କେ. ଈଶ୍ୱରିୟା (୧୧୨ କେଜି) ରୌପ୍ୟ ଓ ହରିୟାଣାର ହିମାଂଶି (୧୦୩) ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ୟୁଥ୍ ୪୫ କେଜିରେ ଓଡ଼ିଶାର ତୁଳସୀ ସବର ରୌପ୍ୟ ପଦକ ଜିତିଛନ୍ତି। ସେ ୧୨୦ (ସ୍ନାଚ୍-୫୫, କ୍ଲିନ୍ ଆଣ୍ଡ ଜର୍କ-୬୫) କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ମହାରାଷ୍ଟ୍ରର ଆକାଂକ୍ଷା ଭ୍ୟଭାରେ (୧୪୯) ସ୍ୱର୍ଣ୍ଣ ଓ ଗୁଜରାଟର ଗଜର ଜିଲ ଉମେଶଭାଇ (୧୧୫) ବ୍ରୋଞ୍ଜ ପଦକ ପାଇଛନ୍ତି।



ସ୍ୱର୍ଣ୍ଣ ପଦକ ସହ ଜ୍ୟୋତ୍ସ୍ନା ଶବର (ମଝି)।

# ଭାରତୀୟ ଦଳରେ ଓଡ଼ିଶାର ୩

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

**ଖୋ ଖୋ ବିଶ୍ୱକପ୍**

ଜାନୁଆରୀ ୧୩ରୁ ନୂଆଦିଲ୍ଲୀରେ ଆରମ୍ଭ ହେବାକୁ ଯାଉଥିବା ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ପାଇଁ ଗୁରୁବାର ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷିତ ହୋଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି। ମହିଳା ଦଳରେ ଶୁଭଶ୍ରୀ ସିଂ ଓ ମାଗାଇ ମାଝି ଏବଂ ପୁରୁଷ ଦଳରେ ପବନୀ ଶବର ସ୍ଥାନ ପାଇଛନ୍ତି। ପ୍ରତୀକ ୱାଇକର ପୁରୁଷ ଦଳ ଅଧିନାୟକ ଏବଂ ପ୍ରିୟଙ୍କା ମହିଳା ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟର ମ୍ୟାଚଗୁଡ଼ିକ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ୧୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ପ୍ରକାଶଯୋଗ୍ୟ ଯେ, ଜବାହରଲାଲ ନେହେରୁ ଷ୍ଟାଡିୟମରେ ୬୦ ବାଳକ ଓ ବାଳିକାଙ୍କୁ ନେଇ ପ୍ରସ୍ତୁତି କ୍ୟାମ୍ପର ଆୟୋଜନ କରାଯାଇଥିଲା। ଭାରତୀୟ ସମ୍ଭାବ୍ୟ ଦଳରେ ଓଡ଼ିଶାର ୭ ଖେଳାଳି ସାମିଲ ହୋଇ କ୍ୟାମ୍ପରେ ଯୋଗଦେଇଥିଲେ। ମହିଳା ଦଳରେ କିସ୍‌ର ଶୁଭଶ୍ରୀ ସିଂ, ଅର୍ଚ୍ଚନା ମାଝି, ମାଗାଇ ମାଝି ଏବଂ ପୁରୀର ଅନନ୍ୟା ପ୍ରଧାନ ଏବଂ ପୁରୁଷ ଦଳରେ କିସ୍‌ର ପବନି ଶବର, ପୁରୀର ଭରତ କୁମାର ପ୍ରଧାନ ଓ ଜଗତ୍‌ସିଂହପୁରର ଦେବେନ୍ଦ୍ର ନାଥ ସ୍ଥାନିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଏହି ୩ ଖେଳାଳି ବିଶ୍ୱକପ୍ ଖେଳିବାକୁ ମନୋନୀତ ହୋଇଛନ୍ତି। ମନୋନୀତ ୩ ଜଣ ଯାକ ଖେଳାଳି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ରେ ଅଧ୍ୟୟନ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, କିସ୍‌ର ମୁଖ୍ୟ କୋଚ୍ କାଳନ୍ଦୀ ଚରଣ ରାଉତ, ଓଡ଼ିଶା ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର କୋଚ୍ ସଞ୍ଜୀବ ଶର୍ମା ପ୍ରମୁଖ ମନୋନୀତ ୩ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିବସରେ ନେପାଳ ସହ ଭାରତ ମୁକାବିଲା କରିବ। ମହିଳା ଦଳ ୧୪ ତାରିଖରେ ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବ। ସୁମିତ ଭାଟିଆଙ୍କୁ ମହିଳା ଦଳର କୋଚ୍ ଏବଂ ଅଶ୍ୱିନୀ କୁମାର ପୁରୁଷ ଦଳର ମେଣ୍ଟର ରହିଛନ୍ତି। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ ଓ ଖୋ ଖୋ ବିଶ୍ୱକପ୍ ସିଇଓ ମେଜର ଜେନେରାଲ ବିକ୍ରମ ଦେବ ଡୋଗ୍ରା ମିଳିତ ଭାବେ ଦଳ ଘୋଷଣା କରିଛନ୍ତି। ଭାରତର ଉଭୟ ପୁରୁଷ ଓ ମହିଳା ଜର୍ସିରେ 'ଭାରତ' ଲୋଗୋ ସହ 'ଭାରତ କି ଟିମ୍' ଲେଖା ସ୍ଥାନ ପାଇବ। ଗୁରୁବାର ମହିଳା ଦଳର ବିଜେତାଙ୍କ ଲାଗି ଉଦ୍ଦିଷ୍ଟ ଟ୍ରଫି ଉନ୍ମୋଚନ ହୋଇଛି। **ଭାରତୀୟ ପୁରୁଷ ଦଳ:** ପ୍ରତୀକ ୱାଇକର (ଅଧିନାୟକ), ପବନି ଶବର, ମେହୁଲ, ସଚିନ ଭାର୍ଗୋ, ସୂୟାସ ଗର୍ଗାଟେ, ରାମଜି କଶ୍ୟପ, ଶିବା ପୁଥିର ରେଡ୍ଡୀ, ଆଦିତ୍ୟ ଗନପୁଲେ, ଗୋଥାମ ଏମ.କେ., ନିଖିଲ ବି., ଆକାଶ କୁମାର, ସୁବ୍ରମଣି ଭି., ସୁମନ ବର୍ମନ, ଅନିକେତ ପୋଟେ, ଏସ. ରୋକେସନ ସିଂ। ଷ୍ଟାଣ୍ଡବାଇ: ଅକ୍ଷୟ ବଙ୍ଗାରେ, ରାଜବର୍ଦ୍ଧନ ଶଙ୍କର ପାଟିଲ, ବିଶ୍ୱନାଥ ଜାନକିରାମ। **ଭାରତୀୟ ମହିଳା ଦଳ:** ପ୍ରିୟଙ୍କା ଇଙ୍ଗଲେ (ଅଧିନାୟିକା), ଅଶ୍ୱିନୀ ସିନ୍ଦେ, ରେଶମା ରାଠୋର, ଭିଲାର ଦେବଜୀଭାଇ, ନିର୍ମଳା ଭଟି, ନୀତା ଦେବୀ, ଚିତ୍ରା ଆର., ଶୁଭଶ୍ରୀ ସିଂ, ମାଗାଇ ମାଝି, ଅଂଶୁ କୁମାରୀ, ବୈଷ୍ଣବୀ ବଜରଙ୍ଗ, ନସରିନ ଶେଖ୍, ମୀନୁ, ମୋନିକା, ନାଜିଆ ବିବି। ଷ୍ଟାଣ୍ଡବାଇ: ସମ୍ପଦା ମୋରେ, ରିତିକା ସିଲୋରିୟା, ପ୍ରିୟଙ୍କା ଭୋପି।



ଭାରତୀୟ ଦଳରେ ମନୋନୀତ ଓଡ଼ିଶାର ୩ ଖେଳାଳି ମାଗାଇ ମାଝୀ, ପବନି ଶବର ଓ ଶୁଭଶ୍ରୀ ସିଂ।







## ଚେନ୍ନାଇନ ଏଫ୍‌ସି ସହ ଡ୍ର' ରଖିଲା ଓଡ଼ିଶା ଏଫ୍‌ସି

ଚେନ୍ନାଇ, ୯।୧ (ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ରେ ଡିଲମର ଜୋର୍ଡାନ ଗିଲ୍ (୪୮ତମ ଓ ୫୩ତମ ମିନିଟ)ଙ୍କ ଡବଲ ଗୋଲ ସତ୍ତ୍ୱେ ଓଡ଼ିଶା ଏଫ୍‌ସି ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଚେନ୍ନାଇନ ଏଫ୍‌ସି ବିପକ୍ଷ ମ୍ୟାଚ ୨-୨ ଗୋଲରେ ଡ୍ର ରଖିବାରେ ସମର୍ଥ ହୋଇଛି। ଚେନ୍ନାଇନ ଏଫ୍‌ସି ଚଳିତ ସିଜନରେ ୪ର୍ଥ ଥର ପାଇଁ ମ୍ୟାଚ ଜିତିବା ପରିସ୍ଥିତିରେ ଥାଇ ପଏଣ୍ଟ ହରାଇଛି। ତନ୍ମଧ୍ୟରୁ ତୃତୀୟ ଥର ହୋମ୍ ଗ୍ରାଉଣ୍ଡରେ। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ଓଡ଼ିଶା ଦଳ ତରଫରୁ ବ୍ରାଜିଲିଆନ ଡୋରି (୮୦ତମ ମିନିଟ) ଓ ମହମ୍ମଦ ନୱାଜ (୯୦+୭ମ ମିନିଟ) ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ ପରେ ଓଡ଼ିଶା ୧୫ଟି ମ୍ୟାଚରୁ ୨୧ ପଏଣ୍ଟ ସହ ଟେବୁଲରେ ୭ମ ସ୍ଥାନ ଅଧିକାର କରିଥିବା ବେଳେ ଚେନ୍ନାଇନ ସମାନ ସଂଖ୍ୟକ ମ୍ୟାଚରୁ ୧୬ ପଏଣ୍ଟ ସହ ୧୦ମ ସ୍ଥାନରେ ରହିଛି।

## ଭୁବନେଶ୍ୱରରେ ହୋଇପାରେ ଅଲିମ୍ପିକ ହକି

ନୂଆଦିଲ୍ଲୀ, ୯।୧

ଭାରତ ୨୦୩୬ ଅଲିମ୍ପିକ୍ସ ପାଇଁ ବିଡ୍ ଦାଖଲ କରିବା ଲାଗି ପ୍ରସ୍ତୁତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ମଧ୍ୟ ଏନେଇ ତାଙ୍କର ଆଗ୍ରହ ପ୍ରକାଶ କରିଛନ୍ତି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ବିଡ୍‌ରେ ଅହମଦାବାଦକୁ ଆୟୋଜକ ସହର ଉଲ୍ଲେଖ କରାଯାଇଛି। ଭୁବନେଶ୍ୱରରେ ଅଲିମ୍ପିକ ହକି ଆୟୋଜନ ପାଇଁ ପ୍ରସ୍ତାବ ରହିଛି। ସେହିପରି ମୁମ୍ବାଇରେ କ୍ରିକେଟ, ଭୋପାଳରେ ରୋଇଂ ପୁଣେରେ କାନୋଇଂ/କାୟାକିଂ ଆୟୋଜନର ଯୋଜନା ରହିଛି। ଆୟୋଜକ ସହର ଅହମ୍ମଦାବାଦରେ ଆଥଲେଟିକ୍ସ, ବାସ୍କେଟବଲ, ଭଲିବଲ, ଆକ୍ୱାଟିକ୍, ଟେନିସ, ସ୍ପୋର୍ଟ କ୍ଲାଇମ୍ବିଂ, ଅର୍ବାନ ସ୍ପୋର୍ଟ୍ସ ଓ ଶୁଟିଂ ଆଦି ଇଭେଣ୍ଟର ଆୟୋଜନ ପାଇଁ ପ୍ରସ୍ତାବ ରହିଛି। ତେବେ ଏନେଇ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଯାହା ନିଷ୍ପତ୍ତି ନେବ। ଅଲିମ୍ପିକ୍ସ ଆୟୋଜନ ନେଇ ଭାରତ ଗତ ଅକ୍ଟୋବରରେ ଏହାର ଆଗ୍ରହ ଦେଖାଇଥିଲା। ଆଇଓସିରେ ଖୁବ୍ ଶୀଘ୍ର ଭାରତ ଏହାର ବିଡ୍ ଦାଖଲ କରିବ।

## କଳିଙ୍ଗ ଲାନ୍ସର୍ସ ବିଜୟୀ

ଭୁବନେଶ୍ୱର, ୯।୧ (ବିଜୟ ରଣା)

**ହକି ଇଣ୍ଡିଆ ଲିଗ୍**

ରାଉରକେଲାସ୍ଥିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ)ର ଏକ ମ୍ୟାଚରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲ୍‌ରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି। ବିଜୟୀ ଦଳର ଆଣ୍ଟୋନି କିନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଖେଳର ୧୪ତମ ମିନିଟ୍‌ରେ ଏସ୍.ଭି. ସୁନିଲ ମ୍ୟାଚର ପ୍ରଥମ ଗୋଲ୍ ସ୍କୋର କରି ଗୋନସିକାକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ତେବେ ୨୮ତମ ମିନିଟିରେ ଆଣ୍ଟୋନି କିନାଙ୍କ ଗୋଲ ସହାୟତାରେ କଳିଙ୍ଗ ଲାନ୍ସର୍ସ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ପ୍ରଥମାର୍ଦ୍ଧ ଖେଳ ୧-୧ସ୍ତରରେ ରହିଥିଲା। ୩୩ତମ ମିନିଟ୍‌ରେ ଲାନ୍ସର୍ସ ଅଧିନାୟକ ତଥା ଅଷ୍ଟ୍ରେଲୀୟ ଆରାନ ଜାଲ୍ୟୁସ୍କି ସର୍କଲ ବାହାରୁ ପାଇଥିବା ଏକ ପାସ୍‌କୁ ଗୋଲରେ ପରିଣତ କରି ଲାନ୍ସର୍ସକୁ ୨-୧ରେ ଅଗ୍ରଣୀ କରାଇଥିଲେ। ମ୍ୟାଚର ଅବଶିଷ୍ଟାଂଶରେ କେହି ଗୋଲ ସ୍କୋର କରିବାରେ ସଫଳ ହୋଇ ନ ଥିଲେ। ଫଳରେ ଗତଥରର ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଚଳିତ ସିଜନରେ ଏହାର କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଦଳ ୫ଟି ମ୍ୟାଚରୁ ୭ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ୪ଟି ମ୍ୟାଚରୁ ୯ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ସମାନ ସଂଖ୍ୟକ ମ୍ୟାଚରୁ ୯ ପଏଣ୍ଟ ଅର୍ଜନ କରି ତାମିଲନାଡୁ ଡ୍ରାଗନ୍ସ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ